# ଧରିତ୍ରୀ
DHARITRI

୪୮ଶ ଭାଗ ୨୭ ସଂଖ୍ୟା | ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୦/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, December 20/2021 | ★★★★★★

www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-


## ଆଜିଠୁ ୪ ଜିଲାକୁ ଏୟାର ଆମ୍ବୁଲାନ୍ସ ସେବା

**ଭୁବନେଶ୍ୱର/ ସମ୍ବଲପୁର, ୧୯।୧୨(ବ୍ୟୁରୋ)**

ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଏୟାର ଆମ୍ବୁଲାନ୍ସ ସେବା ଆରମ୍ଭ କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ପ୍ରଥମ ପର୍ଯ୍ୟାୟରେ ୪ଟି ଜଲାରେ ଏହି ସେବା ଯୋଗାଇ ଦିଆଯିବ। ସେଗୁଡ଼ିକ ହେଲା ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡ଼ା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏହି ଏୟାର ଆମ୍ବୁଲାନ୍ସ ସେବାର ଉଦ୍‌ଘାଟନ କରିବେ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ରବିବାର ସମ୍ବଲପୁର ଗସ୍ତରେ ଆସି ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ☞ପୃଷ୍ଠା-୪

# ସ୍ୱତନ୍ତ୍ର ଓଜେଇଇ ଚିନ୍ତା

## ୬୦ ପ୍ରତିଶତ ସିଟ୍ ଖାଲି ପଡ଼ିଛି, ରାଜ୍ୟ ସରକାରଙ୍କୁ ଚିଠି ଲେଖିଲା ଓପେକା

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**



ରାଜ୍ୟରେ ଖାଲିପଡ଼ିଛି ୬୦%ରୁ ଊର୍ଦ୍ଧ୍ୱ ଇଞ୍ଜିନିୟରିଂ ସିଟ୍। ଏହି ଖାଲି ସିଟ୍‌ରେ ନାମ ଲେଖାଇବା ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ଓଜେଇଇ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ଏଯାଏ ସେଭଳି କୌଣସି ସ୍ୱତନ୍ତ୍ର ଓଜେଇଇ ପାଇଁ ସରକାର ଚିନ୍ତା କରି ନାହାନ୍ତି। ଫଳରେ ଆଶାୟୀ ଛାତ୍ରୀଛାତ୍ର ଆଶଙ୍କା ଭିତରେ ରହିଥିବାବେଳେ ସିଟ୍ ପୂରଣ ପାଇଁ ଅଡି ବସିଛି ଓଡ଼ିଶା ପ୍ରାଇଭେଟ୍ ଇଞ୍ଜିନିୟରିଂ କଲେଜ ଆସୋସିଏଶନ (ଓପେକା)।

ରାଜ୍ୟରେ ୮୦ ଘରୋଇ ଇଞ୍ଜିନିୟରିଂ କଲେଜ ଓ ୮ ସରକାରୀ ଇଞ୍ଜିନିୟରିଂ କଲେଜ ରହିଛି। ମିଳିଥିବା ସୂଚନାନୁସାରେ, ଘରୋଇ କଲେଜରେ ୩୦ ହଜାରରୁ ଊର୍ଦ୍ଧ୍ୱ ଓ ସରକାରୀ କଲେଜରେ ୪ହଜାରରୁ ଊର୍ଦ୍ଧ୍ୱ ସିଟ୍ ରହିଛି। ଏବେ ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ୬୦ ପ୍ରତିଶତରୁ ଅଧିକ ସିଟ୍ ଖାଲି ପଡ଼ିଛି। ତେବେ ସରକାରୀ କଲେଜରେ ପ୍ରାୟ ୧୦ ପ୍ରତିଶତ ସିଟ୍ ଖାଲି ପଡ଼ିଥିବାବେଳେ ଘରୋଇ କଲେଜରେ ଅଧିକ ସିଟ୍ ପଡ଼ିଛି। ତେଣୁ ଡିସେମ୍ବର ୩୧ ମଧ୍ୟରେ ସ୍ୱତନ୍ତ୍ର ଓଜେଇଇ କରିବା ପାଇଁ ଓପେକା ପ୍ରଥମେ ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସେଠାରୁ ନିରାଶ ହେବା ପରେ ସଂଘ ଏବେ ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି।

ଓପେକା ପକ୍ଷରୁ ସୁପ୍ରିମକୋର୍ଟରେ ଦୁଇଟି ପିଟିଶନ ଦାଖଲ କରାଯାଇଥିଲା। ଗୋଟିଏ ହେଉଛି ନାମଲେଖା ଅବଧି ବୃଦ୍ଧି କରିବା ଓ ଅନ୍ୟଟି ହେଉଛି ସ୍ୱତନ୍ତ୍ର ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଉଚ୍ଚସ୍ଥାନରୁ ଚିତ୍କାର**

### ଆଜିର ମନ୍ତବ୍ୟ

“ କୃଷି ଆଇନ ଉଚ୍ଛେଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଐତିହାସିକ ପଦକ୍ଷେପ। ତଥାପି ଏହି ଆଇନରେ ଥିବା ସୁବିଧାଗୁଡ଼ିକ ସମ୍ପର୍କରେ ନିର୍ବାଚନମୁହାଁ ରାଜ୍ୟର କୃଷକଙ୍କୁ ଭାଜପା କର୍ମୀମାନେ ଅବଗତ କରାଇବେ।

**-ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ**

# ସିଡିଏମ୍‌ଓଙ୍କ ପ୍ରମାଣପତ୍ରକୁ କାଟିଦେଲେ ୪ ଡାକ୍ତର

## ଶିକ୍ଷକ ନିଯୁକ୍ତିରୁ ବଞ୍ଚିତ ହେଲେ ୬୭ ଦିବ୍ୟାଙ୍ଗ

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ଗତ ୧୬ ତାରିଖରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ସରକାର ୬,୧୩୧ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଯୁକ୍ତିପତ୍ର ଦେଇଛନ୍ତି। ମୋଟ ୧୧,୪୦୦ ପଦବୀ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସବୁ ପ୍ରକାର ପରୀକ୍ଷା ପରେ ଉପରୋକ୍ତ ନିଯୁକ୍ତି ଦିଆଯାଇଛି। ହେଲେ ବହୁ ଆଶାୟୀ ଦିବ୍ୟାଙ୍ଗ ସରକାରୀ ବ୍ୟବସ୍ଥାରେ ଛନ୍ଦି ହୋଇ ନିଯୁକ୍ତିରୁ ବଞ୍ଚିତ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କଠାରୁ ସେମାନେ ପାଇଥିବା ଶାରୀରିକ ଅକ୍ଷମତା ପ୍ରମାଣପତ୍ରକୁ ନିଯୁକ୍ତିବେଳେ ୪ ଡାକ୍ତରଙ୍କ ଚୟନକାରୀ ବୋର୍ଡ କାଟିଦେଇ ଆଉ ଏକ ପ୍ରମାଣପତ୍ର ଦେଇଛି, ଯାହାକି ସେମାନଙ୍କ ନିଯୁକ୍ତି ସ୍ୱପ୍ନକୁ ଚୂରମାର କରିଦେଇଛି। ଦୁଇ ପ୍ରମାଣପତ୍ର ସରକାରୀ ବ୍ୟବସ୍ଥାରୁ ମିଳିଥିବାବେଳେ ସେଥିରେ ଥିବା ଭିନ୍ନତା ବିରୋଧରେ ଆଶାୟୀ ଦିବ୍ୟାଙ୍ଗମାନେ କୋର୍ଟର ଆଶ୍ରୟ ନେବାକୁ ଯାଉଛନ୍ତି।

ପୁରୀ ଜିଲା ହନ୍ତୁକ ପଞ୍ଚାୟତ ବାଣିଆକେରା ଗାଁର ସୁକାନ୍ତ ମହାପାତ୍ର ୧୧,୪୦୦ ଶିକ୍ଷକ ପଦବୀ ମଧ୍ୟରୁ ସଂସ୍କୃତ ଶିକ୍ଷକ ପାଇଁ ଆବେଦନ କରିଥିଲେ। ସୁକାନ୍ତ ହେଉଛନ୍ତି ଦିବ୍ୟାଙ୍ଗ। ☞ପୃଷ୍ଠା-୪







ବିଦାୟ ନେବ ୨୦୨୧। ନୂତନବର୍ଷକୁ ସ୍ୱାଗତ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ବିଦାୟୀ ବର୍ଷରେ ପଶ୍ଚିମଓଡ଼ିଶା ଅନେକ ଘଟଣାବଳୀକୁ ନେଇ ଚର୍ଚ୍ଚାରେ ରହିଥିଲା। ବିଶେଷକରି କଳାହାଣ୍ଡି ମହାଲିଙ୍ଗ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ଘଟଣାକୁ ନେଇ କେବଳ ପଶ୍ଚିମଓଡ଼ିଶା କାହିଁକି ସାରା ରାଜ୍ୟ ହୁଲସ୍ଥୂଲ୍ ହୋଇଥିଲା। କରୋନା ଯୋଗୁ ଜୀବନଯାତ୍ରା ସାମାନ୍ୟ ପ୍ରଭାବିତ ହୋଇଥିଲା। ବରଗଡ଼ ଧନୁଯାତ୍ରା ମହୋତ୍ସବ ବାତିଲ, ପୋଲିସ ହେପାଜତରେ ମୃତ୍ୟୁ, ହାତୀ ମୃତ୍ୟୁ ସହ ଚାଷୀ ଆତ୍ମହତ୍ୟା ପଶ୍ଚିମଓଡ଼ିଶାର ପ୍ରମୁଖ ଘଟଣାବଳୀ ଥିଲା। ଏଭଳି କିଛି ଘଟଣା ପ୍ରବାହକୁ ନେଇ ଏଥର ବର୍ଷାନ୍ତ ଆଲେଖ୍ୟ।

## ଏଥର ବି ଧନୁଯାତ୍ରାପ୍ରେମୀ ନିରାଶ



କରୋନା ଯୋଗୁ ଗତଥର ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ବନ୍ଦ ରହିଥିଲା। ଏଥର ଧନୁଯାତ୍ରା କରିବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲା। କିନ୍ତୁ ରାଜ୍ୟ ସରକାରଙ୍କ କୋଭିଡ ଗାଇଡଲାଇନକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଚଳିତବର୍ଷ ଧନୁଯାତ୍ରାକୁ ଅନୁମତି ଦେଇନାହିଁ। ଫଳରେ ଗତଥର ଭଳି ଏଥର ମଧ୍ୟ ଧନୁଯାତ୍ରା ପ୍ରେମୀ ନିରାଶ ହୋଇଛନ୍ତି। ଆସନ୍ତା ୨୦୨୨ ଜାନୁୟାରୀ ୭ରୁ ଆରମ୍ଭ ହେବାକୁ ଥିବା ୭୩ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ବନ୍ଦ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି।

## ଦୁର୍ଘଟଣା ନେଲା ପରିବାରର ୪ ଜୀବନ

ଝାଡ଼ଖଣ୍ଡ ରାଜ୍ୟ ଖୁଣ୍ଟି ଥାନା ତୋରପା ଚୁରାଗୀରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଭୀର ଖାତକୁ ଖସିପଡିବାରୁ ରାଉରକେଲାର ଗୋଟିଏ ପରିବାରର ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ହୋଇଥିଲେ। ଏଭଳି ଦୁଃଖଦ ଖବରକୁ ନେଇ ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା।

## ଆର୍‌ଏସ୍‌ପିରେ ଗ୍ୟାସ୍ ଲିକ୍
## ଅକାଳରେ ଝଡ଼ିଗଲା ୪ ଜୀବନ




ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) କୋଲ୍ କେମିକାଲ ଡିଭିଜନରେ ଗ୍ୟାସ୍ ଲିକ୍ ଯୋଗୁ କାର୍ଯ୍ୟରତ ୪ଜଣ ଠିକା ଶ୍ରମିକ ବ୍ରହ୍ମାନନ୍ଦ ପଣ୍ଡା(୫୧), ଅଭିମନ୍ୟୁ ସା(୩୩), ରବୀନ୍ଦ୍ର ସାହୁ(୫୯) ଓ ଗଣେଶ ଚାନ୍ଦ ପହିଲ(୫୫)ଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ୬ଜଣ ଅସୁସ୍ଥ ହୋଇଥିଲେ। କର୍ତ୍ତବ୍ୟରେ ଅବହେଳା କରିଥିବା ୨ ବିଭାଗୀୟ ଅଧିକାରୀ ଡିଜିଏମ୍ ଗୋପବନ୍ଧୁ ବାରିକ ଓ ନଭେନ୍ଦୁ ଦାସଙ୍କୁ ଆରଏସ୍‌ପି କର୍ତ୍ତୃପକ୍ଷ ନିଲମ୍ବନ କରିଥିଲେ। ପ୍ରତ୍ୟେକ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ଆରଏସ୍‌ପି ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ଅଢେଇ ଲକ୍ଷ ଟଙ୍କାର ଚେକ୍ ଏବଂ ଅନ୍ତିମ ସଂସ୍କାର ପାଇଁ ୧୦ ହଜାର ଟଙ୍କା ଲେଖାଏଁ ଦିଆଯାଇଥିଲା।



# ମମିତା ନିଆଁ



କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗ ସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେର ଅପହରଣ ଓ ହତ୍ୟା ଘଟଣା ବହୁଚର୍ଚ୍ଚିତ ହୋଇ ରହିଛି। ଏହି ଘଟଣା କେବଳ କଳାହାଣ୍ଡି କି ବଲାଙ୍ଗୀର ଜିଲା ନୁହେଁ ସାରା ଓଡିଶାରେ ଚହଳ ପକାଇଛି। ମମିତା ହତ୍ୟାକାଣ୍ଡରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଅଭିଯୋଗ ହେବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଛି। ମନ୍ତ୍ରୀଙ୍କ ବହିଷ୍କାର ଏବଂ ଘଟଣାର ସିବିଆଇ ତଦନ୍ତ ଦାବିରେ ବିରୋଧୀ ଦଳଗୁଡିକ ରାଜ୍ୟ ସରକାରଙ୍କୁ ନିଶାନା କରି ରାଜ୍ୟବ୍ୟାପୀ ଆନ୍ଦୋଳନ କରିଛନ୍ତି। ଉକ୍ତ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ, ସହଯୋଗୀ ରାଧେଶ୍ୟାମ ଚଣ୍ଡୀ ଏବେ କଣ୍ଟାବାଞ୍ଜି ସବ୍‌ଜେଲରେ ଅଛନ୍ତି।

## କୋର୍ଟ ନିର୍ଦ୍ଦେଶ ପରେ ଶ୍ରମିକ ସଂଘ ନିର୍ବାଚନ

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। କୋର୍ଟ ନିର୍ଦ୍ଦେଶ ଦେବା ପରେ ରାଉରକେଲା ଇସ୍ପାତ କାରଖାନାରେ ସ୍ୱୀକୃତି ଶ୍ରମିକ ସଙ୍ଗଠନ ନିର୍ବାଚନ ହୋଇଛି। ଦେଢ଼ ବର୍ଷ ହେଲା ଶ୍ରମିକ ସଙ୍ଗଠନର ଅବଧି ସରିଯାଇଥିଲେ ମଧ୍ୟ ନିର୍ବାଚନ ହେଉ ନ ଥିଲା। ଫଳରେ ରାଉରକେଲା ଶ୍ରମିକ ସଂଘ କୋର୍ଟର ଦ୍ୱାରସ୍ଥ ହୋଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନଭେମ୍ବର ୧୫ ତାରିଖରେ ସ୍ୱୀକୃତି ନିର୍ବାଚନ ଶେଷ ହୋଇଛି। କୋର୍ଟରେ ମାମଲା ଥିବାରୁ ଫଳାଫଳ ଘୋଷଣା କରାଯାଇନାହିଁ। ତେବେ ଏକ ଅସମର୍ଥିତ ସୂତ୍ର ଅନୁସାରେ, ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଏହି ନିର୍ବାଚନରେ ପ୍ରଥମ ସ୍ଥାନରେ ରହିଥିବା ଜଣାପଡିଛି।

## କର୍ଲାପାଟରେ ୬ ହାତୀ ମୃତ




କଳାହାଣ୍ଡି ଜିଲା କର୍ଲାପାଟ ଅଭୟାରଣ୍ୟରେ ୬ ହାତୀଙ୍କ ମୃତ୍ୟୁ ଘଟଣା ପରିବେଶପ୍ରେମୀଙ୍କୁ ବ୍ୟଥିତ କରିଥିଲା। ଏହି ଘଟଣାରେ ୩ଜଣିଆ କେନ୍ଦ୍ରୀୟ ଟିମ୍ କଳାହାଣ୍ଡି ଯାଇ ହାତୀ ମୃତ୍ୟୁର କାରଣ ଖୋଜିଥିଲେ।

## ରଙ୍ଗବତୀ ରଚୟିତା ମିତ୍ରଭାନୁ ଗୌନ୍ତିଆଙ୍କୁ ପଦ୍ମଶ୍ରୀ



ସମ୍ବଲପୁରୀ ରଙ୍ଗବତୀ ଗୀତର ରଚୟିତା କୁଚିଣ୍ଡା ଉପଖଣ୍ଡ ରଙ୍ଗବତୀ ବିଲୁଙ୍ଗ ଗ୍ରାମର ମିତ୍ରଭାନୁ ଗୌନ୍ତିଆଙ୍କୁ ୨୦୨୦ ବର୍ଷ ପାଇଁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଚଳିତବର୍ଷ ନଭେମ୍ବର ୭ରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସେ ଏହି ସମ୍ମାନ ଗ୍ରହଣ କରିଥିଲେ।

## କରୋନା ସଂକ୍ରମଣ ଶୀର୍ଷରେ ଥିଲା ସୁନ୍ଦରଗଡ଼



ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼ ଜିଲା କରୋନା ସଂକ୍ରମଣରେ ରାଜ୍ୟରେ ଶୀର୍ଷରେ ଥିଲା। ୨୦୨୧ରେ କରୋନାର ଦ୍ୱିତୀୟ ଲହର ପ୍ରଥମ ଲହର ତୁଳନାରେ ବେଶ ଘାତକ ସାଜିଥିଲା। ଏପ୍ରିଲଠାରୁ ପଡ଼ୋଶୀ ଛତିଶଗଡ଼-ଝାଡଖଣ୍ଡ ସୀମାକୁ ଲାଗିରହିଥିବା ସୁନ୍ଦରଗଡ ଜିଲାରେ କରୋନା ସଂକ୍ରମଣ ଲଗାତର ଶୀର୍ଷରେ ରହିଥିଲା। ଜିଲାର ବାଲିଶଙ୍କରା ବ୍ଲକ ବନଡେଗା ଗ୍ରାମପଞ୍ଚାୟତର ମୁରୁକିଆ ଗ୍ରାମରେ ପ୍ରଥମେ ୪୩ଜଣ କରୋନା ସଂକ୍ରମିତ ଚିହ୍ନଟ ହେବାପରେ ସମ୍ପୃକ୍ତ ଅଞ୍ଚଳକୁ ପ୍ରଶାସନ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଥିଲା। ଜିଲାରେ ନାଇଟ୍ କର୍ଫ୍ୟୁକୁ କଡାକଡି ଭାବେ ଆରମ୍ଭ ସହ ପର୍ଯ୍ୟାୟ କ୍ରମେ ଲକ୍‌ଡାଉନ, ଶଟଡାଉନ୍ ପରେ ଜୁଲାଇ ଶେଷକୁ ଜିଲାରେ ପରିସ୍ଥିତି ସ୍ୱାଭାବିକ ଆଡକୁ ଗତି କରିଥିଲା। ଏପ୍ରିଲରୁ ଜୁଲାଇ ମଧ୍ୟରେ ଜିଲାରେ କରୋନାର ସ୍ଥିତି ବେଶ ଗମ୍ଭୀର ଥିଲା।

## କୋଭିଡ୍ ଟିକା ନେଇ ପ୍ରଥମ ମୃତ୍ୟୁ

କରୋନାରୁ ରକ୍ଷା ପାଇବା ପାଇଁ ଟିକା ନେଲେ । ଟିକା ନେବାର ୨ଦିନ ପରେ ମୃତ୍ୟୁ ଘଟିଲା। ଏଭଳି ଏକ ଘଟଣା ଘଟିଥିଲା ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ। ହସ୍ପିଟାଲରେ କାର୍ଯ୍ୟରତ ସୁରକ୍ଷା କର୍ମୀ ନାନକରାମ କେଉଁଟ (୨୬) ଟିକା ନେଇ ମୃତ୍ୟୁ ବରଣ କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଟଣା ଓଡ଼ିଶାରେ ପ୍ରଥମ ଥିଲା।

## ପରଲୋକରେ ଜଣାଶୁଣା ଶ୍ରମିକ ନେତା



ବଲାଙ୍ଗୀର ଜିଲାର ବିଶିଷ୍ଟ ସାମାଜିକ କର୍ମୀ ତଥା ଜଣାଶୁଣା ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ପରଲୋକ ଯୋଗୁ ଶ୍ରମିକ ଆନ୍ଦୋଳନ ପ୍ରଭାବିତ ହୋଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟର ପ୍ରତିଷ୍ଠାତା ସଦସ୍ୟ ତଥା ଉପସଭାପତି ଭାବେ ଶେଷ ଜୀବନ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିଥିଲେ। ଲଳିତ ଏଥିସହିତ ପଶ୍ଚିମ ଓଡିଶା ଓ ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ତଥା ସାମାଜିକ ସଙ୍ଗଠନର ସଭାପତି, ସମ୍ପାଦକ, ଉପଦେଷ୍ଟା ରହିଥିଲେ।

## ଫସଲ ନଷ୍ଟରୁ ଜୀବନ ହାରିଲେ ୩ ଚାଷୀ

ବଲାଙ୍ଗୀର ଜିଲାରେ ଭୟଙ୍କର ମରୁଡିକୁ ନେଇ ଚାଷୀକୁଳ ଚିନ୍ତିତ ଥିବା ବେଳେ ତୁରେକେଲା ବ୍ଲକର ଜଣେ ଚାଷୀ ବିଷପାନ କରି ଆତ୍ମହତ୍ୟା କରିଥିଲେ। ସେ ହେଲେ ତୁରେକେଲା ଥାନା ଘୁନେସ ଗ୍ରାମପଞ୍ଚାୟତ ଅନ୍ତର୍ଗତ କାଦୋବେଡା ଗ୍ରାମର ରିଚେକ ବନ୍‌ଛୋର (୬୦)। ଭାଗଚାଷରେ ପ୍ରାୟ ଦୁଇ ଏକର ଜମିରେ କପା ଚାଷ କରିଥିବା ବନ୍‌ଛୋର କୀଟନାଶକ ପକାଇବାକୁ ଯାଇ ସେଠାରେ ବିଷପାନ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବର୍ଷାଭାବଜନିତ ମରୁଡି ଯୋଗୁଁ ଫସଲ ନଷ୍ଟ ହୋଇଯିବାରୁ ପାଟଣାଗଡ ବ୍ଲକ ଭଇଁଷା ନିକଟ ଭାଲୁଜୁରି ଗାଁର ଯୁଧିଷ୍ଠିର ଭୋଇ(୪୦) ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଖବର ସାରା ଜିଲାର ଚାଷୀକୂଳକୁ ଚିକିତ କରିଥିଲା। ସେହିପରି ବରଗଡ଼ ଜିଲା ଅତାବିରା ବ୍ଲକ ହିର୍ଲିପାଲି ପଞ୍ଚାୟତ ଟାଙ୍ଗରଟିକ୍ରା ଗ୍ରାମର ଚାଷୀ ବୃନ୍ଦାବନ ଭୁଏ(୬୨) କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।




## ପୋଲିସ ହେପାଜତରେ ମୃତ୍ୟୁ

ବରଗଡ଼ ଟାଉନ ଥାନା ପୋଲିସ ହେପାଜତରେ ଥିବାବେଳେ ସହର ଉପକଣ୍ଠ ତୋରା ଗ୍ରାମର ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ଘଟଣାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଶିଥିଳ ହୋଇପଡ଼ିଥିବା ବେଳେ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତୁମ୍ଭିତୋଫାନ କରାଯାଇଥିଲା। ଫଳରେ ପୋଲିସ ପ୍ରଶାସନ ଘଟଣାର ଏଚ୍‌ଆର୍‌ପିସି ତଦନ୍ତ ପାଇଁ ସୁପାରିଶ କରିଥିଲା। ଏହାସତ୍ତ୍ୱେ ତଦନ୍ତ ଅଗ୍ରଗତି ନ କରିବାରୁ ଘଟଣାର ସିବିଆଇ ତଦନ୍ତ ଦାବି ଜୋର୍ ଧରିଥିଲା।



## ମହାନଦୀରେ ଭାସି ଆସିଥିଲେ ସବାରିରେ ଫେରିଗଲେ

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ କୁଶମେଲ ଗ୍ରାମରେ ପାଳିତ ସୋନି ଯାଦବଙ୍କ ବିବାହ ଚର୍ଚ୍ଚିତ ଥିଲା। ସୋନିଙ୍କ ଘର ଛତିଶଗଡ଼ ରାଜ୍ୟ ସାରଙ୍ଗଗଡ଼ ଥାନା ଜୋବ୍ରା ଗ୍ରାମରେ। ୫ବର୍ଷ ତଳେ ମହାନଦୀକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଭାସି ଆସିଥିଲେ। କୁଶମେଲ ଗ୍ରାମର ସନ୍ୟାସୀ କାଲୋ ତାଙ୍କୁ ଉଦ୍ଧାର କରି ଝିଅ ଭାବେ ପାଳିଥିଲେ। ଏପ୍ରିଲ ୨୧ରେ ସେହି ଛତିଶଗଡ଼ର ଧରମଗଡ଼ରେ ଜଣେ ଯୁବକଙ୍କ ସହିତ ବିବାହ ହୋଇଛି। ବାହାଘରରେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ ଉପସ୍ଥିତ ରହି ସୋନିଙ୍କୁ ଝିଅ ଭାବେ ଗ୍ରହଣ କରି ବେଦୀରେ କନ୍ୟାଦାନ କରିଥିଲେ। ସୋନି ମହାନଦୀରେ ଭାସିଆସିଥିଲେ ଆଉ ସବାରିରେ ଛତିଶଗଡ଼ ଫେରିଗଲେ।



## ବନ ବିଭାଗ ପଞ୍ଝାରେ ବାଘଛାଲ ବେପାରୀ

କଳାହାଣ୍ଡି, ନୂଆପଡ଼ା, ଦେବଗଡ଼ ଜିଲାରେ ସକ୍ରିୟ ଥିବା ଆନ୍ତଃରାଜ୍ୟ ବାଘଛାଲ ର୍ୟାକେଟ୍ ବନ ବିଭାଗ ପଞ୍ଝାରେ ପଡିଥିଲା। ମଧ୍ୟପ୍ରଦେଶ ଜବଲପୁର ସ୍ଥିତ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ, ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗର ମିଳିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୯ ବାଘଛାଲ, ୨ ଦାନ୍ତ ଜବତ ସହ ଏଥିରେ ସମ୍ପୃକ୍ତ ୭ଜଣଙ୍କୁ ଗିରଫ କରିଥିଲା। ଜବତ ବାଘ ଛାଲରୁ ୮ କଲରାପତରିଆ ଓ ଗୋଟିଏ ମହାବଳ ବାଘର ବୋଲି ଜଣାପଡିଛି। ସବୁ ବାଘକୁ ଶିକାର କରାଯାଇଥିଲା ବୋଲି ଜଣେ ଅଧିକାରୀ କହିଥିଲେ। ଦେବଗଡ଼ ଜିଲାରେ ବର୍ଷକ ମଧ୍ୟରେ ବିକ୍ରି ଉଦ୍ୟମ ବେଳେ ୪ଟି ସ୍ଥାନରୁ ୪ଟି ବାଘଛାଲ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ୬ଜଣଙ୍କୁ ଗିରଫ କରାଯାଇଛି।



## ବାପାଙ୍କ ସହ ଝିଅପୁଅଙ୍କ ସଲିଳ ସମାଧି

ସମ୍ବଲପୁର ଟାଉନ ଥାନା ଦଲେଇପଡା ମହାନଦୀ ଘାଟରେ ଅକ୍ଟୋବର ୪ରେ ଗାଧୋଇବାକୁ ଯାଇ ଗୋଟିଏ ପରିବାରର ୩ ସଦସ୍ୟ ପାଣିରେ ଭାସିଯାଇ ସଲିଳ ସମାଧି ହୋଇଥିଲେ। ମୃତକମାନେ ହେଲେ ଧନୁପାଲି ଥାନା ପେନସନ୍‌ପଡାର ମହମ୍ମଦ ଅଲତାଫ (୪୫), ପୁଅ ମହମ୍ମଦ ଅଲତାଫ (୧୫) ଓ ଝିଅ ରୁକ୍‌ସାନା ବେଗମ (୧୩)। ସ୍ଥାନୀୟ ମତ୍ସ୍ୟଜୀବୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୪୮,୦୨,୩୧୮ | ୫୩,୬୯,୩୪୯ | ୨୪,୬୫,୬୮,୮୨୧ |
| ଭାରତ | ୩,୪୭,୪୦,୨୭୫ | ୪,୭୭,୪୨୨ | ୩,୪୧,୬୮,୯୪୦ |
| ଓଡ଼ିଶା | ୧୦,୫୨,୮୩୪ | ୮୪୪୪(+୫୩) | ୧୦,୪୨,୭୦୧ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜି ଉଦ୍‌ଘାଟନ ହେବ ଟି’ ସେତୁ

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ): କଟକ ଜିଲା ବଡ଼ମ୍ବା ଓ ନରସିଂହପୁରଠାରୁ ବାଙ୍କୀ-ଖୋର୍ଦ୍ଧାକୁ ଯାତାୟାତ ଆହୁରି ସୁଗମ ହେବ। ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ରାଜ୍ୟର ଦୀର୍ଘତମ ଗୋପୀନାଥପୁର-ସିଂହନାଥ ପୀଠ-ବୈଦ୍ୟେଶ୍ୱର ହାଇଲେବଲ ଟି’ସେତୁ ସୋମବାର ରାଜ୍ୟ ସରକାରଙ୍କ ଦ୍ୱାରା ଉଦ୍‌ଘାଟନ କରାଯିବ। ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ୨୦୧୪ ଫେବୃୟାରୀ ୨୮ରେ ମୁଖ୍ୟମନ୍ତ୍ରୀ ଏହି ସେତୁ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୧୩୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁର କାର୍ଯ୍ୟ ବର୍ତ୍ତମାନ ଶେଷ ହୋଇଯାଇଛି। ଏହାଦ୍ୱାରା କଟକ ଜିଲା ସମେତ ଖୋର୍ଦ୍ଧାର ଜନସାଧାରଣ ଓ ଲକ୍ଷ ଲକ୍ଷ ପର୍ଯ୍ୟଟକ ଉପକୃତ ହେବେ। ପ୍ରତ୍ୟେକ ବର୍ଷ ବଡ଼ମ୍ବା ବ୍ଲକ ଗୋପୀନାଥପୁରରେ ବାବା ସିଂହନାଥଙ୍କ ପ୍ରସିଦ୍ଧ ବାଲି ମକର ଯାତ୍ରା ପାଇଁ ମହାନଦୀ ମଧ୍ୟରେ ୩ କିମି ମାଟି ରାସ୍ତା ନିର୍ମାଣ ହେଉଥିଲା। ପରେ ଏହାର ଗୁରୁତ୍ୱକୁ ଦେଖି ଲୋକଙ୍କ ଅନୁରୋଧ ପରେ ସରକାର ଏହି ସେତୁ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ।

### ଜାନୁୟାରୀ ୨ରୁ ପର୍ଯ୍ୟଟକଙ୍କ ପାଇଁ ଭିତରକନିକା ବନ୍ଦ

ରାଜନଗର,୧୯।୧୨(ଡି.ଏନ.ଏ.): କୁମ୍ଭୀର ଗଣନା ପାଇଁ ଭିତରକନିକା ପର୍ଯ୍ୟଟକଙ୍କ ଲାଗି ୧୦ ଦିନ ବନ୍ଦ ରହିବ। ୨୦୨୨ ଜାନୁୟାରୀ ୨ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ହେବ। ଜାନୁୟାରୀ ୧୨ରୁ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ଖୋଲିବ। ଭିତରକନିକା ଜାତୀୟ ଉଦ୍ୟାନ ଓ ଏହା ବାହାରେ ଥିବା ନଦୀ ନାଳରେ ବି କୁମ୍ଭୀରଗଣନା କରାଯିବ। ସୂଚନାଯୋଗ୍ୟ, ଚଳିତବର୍ଷ ଜାନୁୟାରୀରେ ହୋଇଥିବା ଗଣନା ଅନୁଯାୟୀ ଭିତରକନିକାରେ ୧୭୬୮ ବଉଳା କୁମ୍ଭୀର ଥିଲେ।

### ମାଛ ବ୍ୟବସାୟୀଙ୍କୁ ହତ୍ୟା, ୨ଅଟକ

ବାଲେଶ୍ୱର ଅଫିସ,୧୯।୧୨: ବାଲେଶ୍ୱର ସହର ସହଦେବଖୁଣ୍ଟା ମଡ଼େଲ ଥାନା ନିକଟସ୍ଥ ଗଳାପୋଲଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମାଛ ବ୍ୟବସାୟୀଙ୍କୁ ନିର୍ମମ ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ଅଞ୍ଚଳର ରବି ସିଂ। ଏନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ପୋଲିସ ଏକ ହତ୍ୟା ମାମଲା (ନଂ.୨୬୪/୨୧) ରୁଜୁ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଗଳାପୋଲ ନିକଟରେ ରବିଙ୍କ ସହ ଦୁର୍ବୃତ୍ତମାନଙ୍କର ବଚସା ହୋଇଥିଲା। ପରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ତାଙ୍କ ପେଟ, ଛାତି ଓ ପିଠିକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରବି ସେଠାରେ ପଡ଼ିଥିବା ବେଳେ ଖବର ପାଇ ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ସେଠାରେ ଡାକ୍ତର ରବିଙ୍କୁ ମୃତ ଘୋଷଣା କରିଥିଲେ।

# ୭ ଆଟ୍ ରିସ୍କ ଦେଶ ଫେରନ୍ତା ପଜିଟିଭ୍

**ଓମିକ୍ରନ୍ ରୋକିବାକୁ ସର୍ଭେଲାନ୍ସକୁ ଗୁରୁତ୍ୱ**

■ ଜିନୋମ ସିକ୍ୱେନ୍ସିଂ ପାଇଁ ଯାଇଛି ଆଉ ୩ ନମୁନା

■ ଦେଶରେ ଏବେ ବି ଡେଲ୍‌ଟା ଭାରିଆଣ୍ଟ ପ୍ରଭାବ ବଳବତ୍ତର

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

‘ଓମିକ୍ରନ୍’ ସଂକ୍ରମିତ ଆଟ୍ ରିସ୍କ ଦେଶରୁ ରାଜ୍ୟକୁ ଫେରିଥିବା ଲୋକଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ୪ଜଣଙ୍କ ନମୁନା ଜିନୋମ ସିକ୍ୱେନ୍ସିଂ ହୋଇଥିଲା। ସେମାନେ ଓମିକ୍ରନ୍ ପୀଡ଼ିତ ନ ଥିବା ଜଣାପଡ଼ିଛି। ଏବେ ଆଉ ତିନିଜଣଙ୍କ ନମୁନା ସିକ୍ୱେନ୍ସିଂ ପାଇଁ ପଠାଯାଇଛି ବୋଲି ରବିବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓମିକ୍ରନ୍‌କୁ ନେଇ ବିଭିନ୍ନ ମଡେଲ ଦେଖାଉଥିବା ଭବିଷ୍ୟବାଣୀ ଗୋଟେ ପରିସଂଖ୍ୟାନ ଉପରେ ଆଧାରିତ। ଆଇଆଇଟି ମଡେଲ ଅନୁସାରେ, ରୋଗ ପ୍ରତିରୋଧକ ଶକ୍ତି ଯଦି ପର୍ଯ୍ୟାପ୍ତ ପରିମାଣର ନ ଥିବ, ତେବେ ଦିନକୁ ଦେଶରେ ଦେଢ଼ଲକ୍ଷ ପର୍ଯ୍ୟନ୍ତ ସଂକ୍ରମିତ ବାହାରିବାର ସମ୍ଭାବନା ରହିଛି। ସର୍ଭେଲାନ୍ସ କରିବା ସବୁଠାରୁ ଭଲ ଉପାୟ। କିନ୍ତୁ କରୋନା ସଂକ୍ରମଣକୁ ପୂରା ଶୂନ କରିପାରିବା ନାହିଁ। ଯଦି ତୁରନ୍ତ ଚିହ୍ନଟ କରି ପ୍ରତିକାର କରାଯିବ, ଆକ୍ରାନ୍ତଙ୍କ ସଂଖ୍ୟା କମିପାରିବ। ନିର୍ବାଚନ ହେଉ କିମ୍ବା ସ୍କୁଲ ଖୋଲିବା ହେଉ, ସଂକ୍ରମିତଙ୍କ ସଂଖ୍ୟା ଓ ପଜିଟିଭିଟି ହାର ଦେଖି କେନ୍ଦ୍ର ସରକାରଙ୍କ ନିୟମ ମୁତାବକ ପ୍ରତିବନ୍ଧକ ଲଗାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।



ସେପଟେ ସାରା ବିଶ୍ୱରେ ଏବେ କରୋନାର ଏହି ନୂଆ ଭାରିଆଣ୍ଟ ଓମିକ୍ରନ ଆତଙ୍କ ଖେଳାଇ ଥିବାବେଳେ ରାଜ୍ୟରେ ପୁଣି ଦୈନିକ ପଜିଟିଭ ସଂଖ୍ୟା ୨୦୦ ମୁହାଁହୋଇଥିବାରୁ ଚିନ୍ତା ବଢ଼ିଛି। ରାଜ୍ୟରୁ ଗତ ୨୪ ଘଣ୍ଟାରେ ୧୯୩ ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨ଜଣଙ୍କ ମୃତ୍ୟୁ ଘଟିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୩୪ ଜଣ ୧୮ ବର୍ଷରୁ କମ୍ ବୟସ ବର୍ଗର ଅଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୦୭ ଜଣ ଆକ୍ରାନ୍ତ ରହିଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୦,୫୨,୮୩୪ ଓ ମୃତ୍ୟୁ ସଂଖ୍ୟା ୮,୪୪୪କୁ ବୃଦ୍ଧି ପାଇଛି।

ଅନ୍ୟପଟେ ଦେଶରେ ଡେଲ୍‌ଟା ଭାରିଆଣ୍ଟର ପ୍ରଭାବ ଏବେ ବି ରହିଛି। ଆଇସିଏମ୍‌ଆର୍‌ର ଅତିରିକ୍ତ ନିର୍ଦ୍ଦେଶକ ସମୀରନ ପଣ୍ଡା କହିଛନ୍ତି, ଯଦିଓ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି, ତଥାପି ଏବେ ବି ଦେଶରେ ଅଧିକାଂଶ ଡେଲ୍‌ଟା ଦ୍ୱାରା ସଂକ୍ରମିତ ହେଉଛନ୍ତି। ଡେଲ୍‌ଟା ଭାରିଆଣ୍ଟବେଳେ ହସ୍ପିଟାଲରେ ଯେଉଁଭଳି ସ୍ଥିତି ଦେଖା ଦେଇଥିଲା, ଦେଶରେ ‘ଓମିକ୍ରନ’ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଲେ ହସ୍ପିଟାଲ ଉପରେ ସେଭଳି ଚାପ ପଡ଼ି ନ ପାରେ। ଏବେ ଯେଉଁମାନେ ଓମିକ୍ରନ ଦ୍ୱାରା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ସେମାନଙ୍କର ଯାତ୍ରା ବିବରଣୀ ହେଉଛି ବିଦେଶ ଗସ୍ତ। ତେଣୁ ଏପରି ସ୍ଥିତିରେ କରୋନା ନିୟମ ମାନିବା ଜରୁରୀ। ରାଜ୍ୟ ସରକାର ଜନ ଗହଳିକୁ ଦୂରେଇ ରଖିବା ସହିତ ବିଦେଶ ଫେରନ୍ତାଙ୍କୁ ଚିହ୍ନଟ କରିବା ଜରୁରୀ। ଏନେଇ ରାଜ୍ୟ ସରକାର ପ୍ରସ୍ତୁତ ରହିବା ସହିତ ହସ୍ପିଟାଲଗୁଡ଼ିକ ସତର୍କ ରହିବା ଆବଶ୍ୟକ। ଓମିକ୍ରନ୍ ଯେପରି ଗୋଷ୍ଠୀ ସଂକ୍ରମଣରେ ପରିଣତ ନ ହୁଏ, ସେଥିପ୍ରତି ସଜାଗ ରହିବାକୁ ହେବ। ଏହାକୁ ରୋକିବାକୁ ଜିଲା ସ୍ତରରେ ପ୍ରସ୍ତୁତ ରହିବାକୁ ହେବ ବୋଲି ଆଇସିଏମ୍‌ଆର୍ ପରାମର୍ଶ ଦେଇଛି।

# ପଞ୍ଚାୟତ ନିର୍ବାଚନ: ଆଦର୍ଶ ଆଚରଣ ବିଧି ପ୍ରକାଶିତ

**ତାରିଖ ଘୋଷଣା ଦିନଠାରୁ ଲାଗୁ ହେବ**

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ରାଜ୍ୟରେ ଖୁବ୍‌ଶୀଘ୍ର ଘୋଷଣା ହେବାକୁ ଯାଉଛି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତାରିଖ। ଏହାପୂର୍ବରୁ ରାଜ୍ୟ ନିର୍ବାଚନ କମିଶନ ପକ୍ଷରୁ ଗୋଟିଏ ପରେ ଗୋଟିଏ ପ୍ରସ୍ତୁତି କରାଯାଉଛି। ଶନିବାର କମିଶନ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଉଭୟ ଓଡ଼ିଆ ଏବଂ ଇଂଲିଶ୍‌ରେ ପ୍ରକାଶ ପାଇଛି। ଏହା ନିର୍ବାଚନ ତାରିଖ ଘୋଷଣା ପରଠାରୁ ସମଗ୍ର ରାଜ୍ୟରେ ଲାଗୁ ହେବ ଏବଂ ଭୋଟ ଗଣତି ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ରାଜନୈତିକ ଦଳ, କ୍ଷମତାସୀନ ଦଳ ସମେତ ପ୍ରାର୍ଥୀ, ପ୍ରଶାସନିକ ଅଧିକାରୀ କ’ଣ କରିବେ, କ’ଣ ନ କରିବେ ତାହା ଆଦର୍ଶ ଆଚରଣ ବିଧିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ବିଶେଷକରି ସଭାସମିତି, ଶୋଭାଯାତ୍ରା, ପ୍ରଚାର, ଭୋଟ ପାଇଁ ନିବେଦନ ସାଙ୍ଗକୁ ଭୋଟଗ୍ରହଣ ଅଞ୍ଚଳ ଏବଂ ଭୋଟ ଗ୍ରହଣ ଦିବସରେ ଦଳ ଓ ପ୍ରାର୍ଥୀଙ୍କ ଆଚରଣ କେଉଁଭଳି ରହିବା ଉଚିତ ବା ଅନୁଚିତ ତାହା ଦର୍ଶାଯାଇଛି। ସେହିପରି ନିର୍ବାଚନ ସମୟରେ ଦୁର୍ନୀତି ଏବଂ ତତ୍‌ସଂକ୍ରାନ୍ତ ଦଣ୍ଡବିଧି ବ୍ୟବସ୍ଥାକୁ ମଧ୍ୟ ଉଲ୍ଲେଖ କରାଯାଇଛି। ମୁକ୍ତ ଏବଂ ଅବାଧ ନିର୍ବାଚନ କରାଯିବା ନିମନ୍ତେ ଭାରତୀୟ ସମ୍ବିଧାନର ଧାରା ୨୪୩-କେ ଓ ପଞ୍ଚାୟତ ଆଇନ ଅନୁଯାୟୀ କମିଶନ ଏହି ଆଦର୍ଶ ଆଚରଣ ବିଧି ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଚଳିତ ଥର ଭୋଟ୍ ଗ୍ରହଣ ଦିନ ଗଣତି ହେବ ନାହିଁ। ଜୋନ୍ ତଥା ବ୍ଲକର ସାମଗ୍ରିକ ତ୍ରିସ୍ତରୀୟ ନିର୍ବାଚନ ସରିବା ପରେ ବ୍ଲକ ମୁଖ୍ୟାଳୟରେ ଗଣତି କରାଯିବ। ୫ଟି ପର୍ଯ୍ୟାୟରେ ପଞ୍ଚାୟତ ଭୋଟଗ୍ରହଣ ଏବଂ ୩ଟି ପର୍ଯ୍ୟାୟରେ ଗଣତି କରାଯିବ। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନିର୍ବାଚନୀ ଖର୍ଚ୍ଚ ରାଶି ସହ ବ୍ୟବହାର ହେବାକୁ ଥିବା ଗାଡ଼ି ସଂଖ୍ୟା ବୃଦ୍ଧି ନେଇ ଘୋଷଣା ସରିଛି। ନିକଟରେ ପଞ୍ଚାୟତ ନିର୍ବାଚନର ଖର୍ଚ୍ଚ ରାଶି ସହ ଗାଡ଼ି ବ୍ୟବହାର ନେଇ କମିଶନଙ୍କ ତରଫରୁ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଖୁବ୍‌ଶୀଘ୍ର ଆଉ ଏକ ସର୍ବଦଳୀୟ ବୈଠକ ଡକାଯାଇ ଚୂଡ଼ାନ୍ତ ଭୋଟର ତାଲିକାର ନକଲ ପ୍ରଦାନ କରାଯିବ। ଏହାପରେ ଅର୍ଥାତ୍ ଚଳିତ ମାସ ଶେଷସୁଦ୍ଧା ନିର୍ବାଚନ ତାରିଖ ଘୋଷଣା ହେବା ସମ୍ଭାବନା ରହିଛି।

# ଖିଅପାଉନି କ୍ରାଇମ୍‌ବ୍ରାଞ୍ଚ

■ ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପିଏ ଚିତ୍ତରଞ୍ଜନ ମୃତ୍ୟୁ ଘଟଣା

■ ବ୍ୟବଚ୍ଛେଦ ରିପୋର୍ଟ ଆସିଲା, ଜଗନ୍ନାଥଙ୍କ ଲାଏ ଡିଟେକ୍ସନ ଚର୍ଚ୍ଚା

ପୁରୀ ଅଫିସ,୧୯।୧୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଚିତ୍ତରଞ୍ଜନ ପଲେଇ ହତ୍ୟା ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତକୁ ୫ଦିନ ପୂରିଲାଣି। ମାତ୍ର ଏପର୍ଯ୍ୟନ୍ତ ଘଟଣା ଉପରୁ ପରଦା ହଟିପାରିନାହିଁ। ବାସ୍ତବରେ ଏହା ହତ୍ୟା ନା ଦୁର୍ଘଟଣା ତାହାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। ଶନିବାର କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଘଟଣାସ୍ଥଳ ଅନୁଧ୍ୟାନ କରି ଅଭିଯୁକ୍ତମାନଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯିବା ନେଇ ସୂଚନା ଦେଇଥିଲେ। ଏହାପରେ ଚିତ୍ତରଞ୍ଜନଙ୍କ ମୁଖ୍ୟ ସହଯୋଗୀ ଜଗନ୍ନାଥ ଷଡ଼ଙ୍ଗୀଙ୍କୁ ଭୁବନେଶ୍ୱର ନିଆଯାଇ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯାଇଥିବା ଜଣାପଡ଼ିଛି। ସେହିଭଳି ବ୍ୟବଚ୍ଛେଦ ରିପୋର୍ଟ ଆସି ପହଞ୍ଚିଛି। ମାତ୍ର ଏ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ଇତିମଧ୍ୟରେ ଫରେନ୍ସିକ୍ ଟିମ୍ ସହ କ୍ରାଇମବ୍ରାଞ୍ଚ ଟିମ୍ ଦୁଇ ଥର ଗଡ଼ମୃଗଶିରା ନୂଆଗାଁସ୍ଥିତ ଘଟଣାସ୍ଥଳ ଅନୁଧ୍ୟାନ କରିସାରିଲାଣି। ମାତ୍ର ଏପର୍ଯ୍ୟନ୍ତ ଏକ ନିଷ୍କର୍ଷରେ ପହଞ୍ଚି ପାରୁନାହିଁ। ମୋଟିଭ୍ ଅଫ୍ କ୍ରାଇମ (ହତ୍ୟାର ଉଦ୍ଦେଶ୍ୟ) ଜାଣିବାରେ ପ୍ରଥମେ ପୋଲିସ ବିଫଳ ହୋଇଥିବା ବେଳେ ଏବେ କ୍ରାଇମବ୍ରାଞ୍ଚ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଉଛି।



ଚିତ୍ତରଞ୍ଜନ ପଲେଇ

ବ୍ୟବଚ୍ଛେଦ ରିପୋର୍ଟ ଓ ଅଟକ ବ୍ୟକ୍ତିଙ୍କ ବୟାନକୁ ନେଇ କ୍ରାଇମବ୍ରାଞ୍ଚ ସାମଞ୍ଜସ୍ୟ ଖୋଜୁଛି। ଦାସବର୍ମାଙ୍କ ପିଏସ୍‌ଓ ସର୍ବେଶ୍ୱର ଜେନାଙ୍କୁ ଅଟକ ରଖି ଜେରା ଜାରି ରଖିଛି। ମାତ୍ର ତାଙ୍କ ବିରୋଧରେ ଠୋସ୍ ପ୍ରମାଣ ଯୋଗାଡ଼ କରିପାରିନାହିଁ। ଅନ୍ୟପକ୍ଷରେ ଚିତ୍ତରଞ୍ଜନଙ୍କ ପରିବାରବର୍ଗ କ୍ରାଇମବ୍ରାଞ୍ଚ ଉପରେ ଆସ୍ଥା ରଖିଥିବା କହିଛନ୍ତି। ଏହି ହତ୍ୟାକାଣ୍ଡରେ ଜଣେକା ମହିଳା ଓ ଯୁବତୀଙ୍କୁ ନେଇ ଗତ ଦୁଇଦିନ ହେଲା ଚର୍ଚ୍ଚା ଜୋର ଧରିଥିଲା। ସମ୍ପୃକ୍ତ ଯୁବତୀ ଓ ମହିଳାଙ୍କୁ ଲାଏ ଡିଟେକ୍ସନ୍ ଟେଷ୍ଟରେ ସାମିଲ କରାଯିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ସେଭଳି କିଛି କରିନାହିଁ। ଫଳରେ ତଦନ୍ତର ଦିଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ରାଜ୍ୟ ସଭା ୩୭.୬% ସଫଳ

ନୂଆଦିଲ୍ଲୀ, ୧୯।୧୨: ଚଳିତ ଶୀତ ଅଧିବେଶନର ତୃତୀୟ ସପ୍ତାହରେ ରାଜ୍ୟ ସଭାରେ ଗୃହକାର୍ଯ୍ୟ ୩୭.୬ ପ୍ରତିଶତ ସଫଳ ହୋଇଥିବାବେଳେ ୩ ସପ୍ତାହରେ ମୋଟ ୪୬.୭୦ ପ୍ରତିଶତ କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ଦୁଇ ସପ୍ତାହରେ ପାର୍ଲାମେଣ୍ଟର ଉଚ୍ଚ ସଦନ ଯଥାକ୍ରମେ ୪୯.୭୦% ଏବଂ ୫୨.୫୦% ସଫଳ ହୋଇଥିଲା। ତେବେ ୧୨ ଏମ୍‌ପିଙ୍କୁ ନିଲମ୍ବନ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ତୃତୀୟ ସପ୍ତାହରେ ମୋଟ ୨୭ ଘଣ୍ଟା ୧୧ ମିନିଟ କାର୍ଯ୍ୟ ସମୟ ମଧ୍ୟରୁ ୧୦ ଘଣ୍ଟା ୧୪ ମିନିଟ ଗୃହକାର୍ଯ୍ୟ ଚାଲିଛି। ବାରମ୍ବାର ମୁଲତବୀ ଯୋଗୁ ଗୃହର ୬୨.୪୦ ପ୍ରତିଶତ କାର୍ଯ୍ୟସମୟ ବରବାଦ ହୋଇଛି। ପ୍ରଶ୍ନୋତ୍ତର ସମୟରେ ୭୫ଟି ତାରକା ଚିହ୍ନିତ ପ୍ରଶ୍ନରୁ ସମ୍ପୃକ୍ତ ମନ୍ତ୍ରୀ ମାତ୍ର ୪ଟିର ମୌଖିକ ଉତ୍ତର ରଖିଥିଲେ ବୋଲି ରାଜ୍ୟସଭା ସଚିବାଳୟ ପକ୍ଷରୁ କୁହାଯାଇଛି। ତୃତୀୟ ସପ୍ତାହରେ ୩ ବିଲ୍ ଗୃହୀତ ହୋଇଛି। ବିଲ୍‌ଗୁଡ଼ିକ ଉପରେ ମୋଟ ୬ ଘଣ୍ଟା ୨୫ ମିନିଟ ଆଲୋଚନା ହୋଇଥିଲା।

# ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଇତିହାସର ଲୁକ୍କାୟିତ ଅଧ୍ୟାୟ ଲୋକଲୋଚନକୁ ଅଣାଯାଉ

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

ଓଡ଼ିଶାର ପ୍ରାଗ୍ ଓ ପରବର୍ତ୍ତୀ ଇତିହାସର ପୁନର୍ବିନ୍ୟାସ ସମ୍ପର୍କିତ ଏକ ଜାତୀୟ ସ୍ତରୀୟ ଆଲୋଚନାଚକ୍ର ରବିବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ପ୍ରଫେସର ସଦାଶିବ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶା ପ୍ରାଗ୍ ଇତିହାସ ଓ ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଏସ୍‌ଆଇର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ପଟେଲ ଯୋଗଦେଇ ବିଭିନ୍ନ ଅଞ୍ଚଳରେ ପ୍ରତ୍ନତାତ୍ତ୍ୱିକ ଖନନ ସ୍ଥାନ ସମ୍ପର୍କରେ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ ତଥା ଓଡ଼ିଶା ନୌବାଣିଜ୍ୟ ଓ ଦକ୍ଷିଣ ଏସୀୟ ଅଧ୍ୟୟନ ପ୍ରତିଷ୍ଠାନର ସଚିବ ଡ. ସୁନୀଲ କୁମାର ପଟ୍ଟନାୟକ ସମସାମୟିକ ଓଡ଼ିଶାରେ ଐତିହାସିକ ଗବେଷଣାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଏଥିସହ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ଓଡ଼ିଶା ଇତିହାସର ବହୁ ଲୁକ୍କାୟିତ ଅଧ୍ୟାୟକୁ କିପରି ଲୋକଲୋଚନକୁ ଅଣାଯାଇ ପାରିବ, ସେ ସମ୍ପର୍କରେ ଗଠନମୂଳକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ସଦାଶିବ ପ୍ରଧାନ, ଡ. ସୁନୀଲ କୁମାର ପଟ୍ଟନାୟକ, ଡ. ଜୀବନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।


ଧରିତ୍ରୀ DHARITRI

**ଆବଶ୍ୟକ କରୁଛି**

**ସହସମ୍ପାଦକ**

- ସାମ୍ବାଦିକତାରେ ଡିଗ୍ରୀ ରହିଥିବା ଆବଶ୍ୟକ।
- ପ୍ରାର୍ଥୀଙ୍କର ଡେସ୍କ କାର୍ଯ୍ୟରେ ଅନ୍ୟୁନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।
- ଖବରକୁ ବୁଝିବା, ଅନୁବାଦ, ସମ୍ପାଦନା ଏବଂ ଆକର୍ଷଣୀୟ ଶିରୋନାମା ଦେବାରେ ପ୍ରାର୍ଥୀଙ୍କର ବିଶେଷ ଜ୍ଞାନ ଥିବା ଆବଶ୍ୟକ।
- ଖବରଗୁଡ଼ିକୁ ୱେବ୍‌ସାଇଟ୍ ଏବଂ ସୋସିଆଲ ମିଡ଼ିଆରେ ଅପ୍‌ଲୋଡ୍ କରିବାରେ ଅଭିଜ୍ଞ ପ୍ରାର୍ଥୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ।

**ଖବରଦାତା**

- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ରହିବା ଆବଶ୍ୟକ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ଆବଶ୍ୟକ।

ଆବେଦନ କରନ୍ତୁ:-
recruitment@dharitri.com

ଅଭିଜ୍ଞତା ଆଧାରରେ ପାରିଶ୍ରମିକ ଦିଆଯିବ।


# ଅନ୍‌ଲାଇନ୍ ଗେମ୍ ଖେଳି ଘରୁ ପଳାଇଲେ ଯୁବକ

■ ବାପାଙ୍କ ଆକାଉଣ୍ଟରୁ ଗଲା ୨୩ ହଜାର

■ ପୋଷ୍ଟର ଧରି ଖୋଜୁଛନ୍ତି ପରିବାର ଲୋକେ

ଭଦ୍ରକ ଅଫିସ, ୧୯।୧୨

ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଏଭଳି ଗେମ୍ ଖେଳି ଜଣେ ଯୁବକ ତାଙ୍କ ବାପାଙ୍କ ଆକାଉଣ୍ଟ ଖାଲି କରି ଦେଇଛନ୍ତି। ଆଉ ଗାଳି ଭୟରେ ଘର ଛାଡ଼ି ପଳାଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦେହୁଡ଼ି ଆନନ୍ଦପୁରର ହାତିବାଡ଼ି ଗାଁରେ। ସୂଚନା ଅନୁଯାୟୀ, ଗ୍ରାମର ଖଗେଶ୍ୱର ନାୟକ(୧୯) ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ତାଙ୍କ ବାପା ପଦ୍ମନାଭ ନାୟକଙ୍କ ଆକାଉଣ୍ଟରୁ ୨୩, ୭୭୫ ଟଙ୍କା ହରାଇଛନ୍ତି। ପଦ୍ମନାଭଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଫୋନ ପେ’ ସହ ଲିଙ୍କ୍ କରାଇ ସେ ଏଭଳି ଟଙ୍କା ଖର୍ଚ୍ଚ କରି ଦେଇଛନ୍ତି। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ୩ ଦିନ ହେଲା ସେ କେଉଁଆଡ଼େ ଚାଲି ଯାଇଛନ୍ତି। ଏପଟେ ଚାଷବାସ କରି କଷ୍ଟ ଉପାର୍ଜିତ ଟଙ୍କା ହରାଇଥିବା ବେଳେ ଅନ୍ୟପଟେ ପୁଅର ପତ୍ତା ମିଳୁ ନ ଥିବାରୁ ମା’ ବାପା ଭାଙ୍ଗି ପଡ଼ିଛନ୍ତି। ପୁଅର ଫଟୋ ପୋଷ୍ଟର ଧରି ସେମାନେ ଚାରିଆଡ଼େ ଘୂରି ବୁଲୁଛନ୍ତି। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ପୁଅକୁ ପାଉ ନାହାନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ ଖଗେଶ୍ୱର ଏକ ଦୋକାନରେ ରହି କାମ କରୁଥିଲେ। ଘରେ ଜିଦ୍ ଧରିବାରୁ ଅଳ୍ପ ସଞ୍ଚୟରୁ ପଦ୍ମନାଭ ତାଙ୍କୁ ସ୍ମାର୍ଟଫୋନ୍ କିଣି ଦେଇଥିଲେ। କିଛିଦିନ ତଳେ ଏଭଳି ଗେମ୍ ଖେଳି ବାପାଙ୍କ ଆକାଉଣ୍ଟରୁ କିଛି ଟଙ୍କା ଚାଲିଯିବାରୁ ସମସ୍ତେ ତାଙ୍କୁ ତାଗିଦ୍ କରିଥିଲେ। ତଥାପି ତାଙ୍କର ଅନ୍‌ଲାଇନ ଗେମ୍ ନିଶା ଯାଇ ନ ଥିଲା। ସେ ଗେମ୍ ଖେଳିବା ଜାରି ରଖିଥିଲେ। ପ୍ରାୟ ମାସେ ଧରି ଏଭଳି ଗେମ୍ ଖେଳି ତାଙ୍କ ବାପାଙ୍କ ଆକାଉଣ୍ଟରୁ ଟଙ୍କା ସାରି ଦେଇଛନ୍ତି। ପଦ୍ମନାଭ ବ୍ୟାଙ୍କ ପାସ୍‌ବୁକ ଅପ୍‌ଡେଟ କରିବାରୁ ଏହି ବିଷୟରେ ଜାଣିବାକୁ ପାଇଥିଲେ। ଏପରିକି ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କଠାରୁ ମଧ୍ୟ ସେ ଟଙ୍କା ଆଣିଥିବା ଜଣାପଡ଼ିଛି। ଏତେ ଟଙ୍କା ହରାଇବା ପରେ ଖଗେଶ୍ୱର ଘରେ ମୋବାଇଲ ରଖି କେଉଁଆଡ଼େ ପଳାଇ ଯାଇଛନ୍ତି।




### ୫୫ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଗିରଫ କଲା ଶ୍ରୀଲଙ୍କା ନୌସେନା

ଚେନ୍ନାଇ, ୧୯।୧୨: ଶ୍ରୀଲଙ୍କା ନୌସେନା ରବିବାର ତାମିଲନାଡୁର ୫୫ ମତ୍ସ୍ୟଜୀବୀଙ୍କୁ ଗିରଫ କରିବା ସହ ସେମାନଙ୍କ ୮ ବୋଟ୍ ଜବତ କରିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏନେଇ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଫୋନ୍ ଯୋଗେ କଥା ହୋଇ ମତ୍ସ୍ୟଜୀବୀଙ୍କ ମୁକ୍ତି ଲାଗି ତୁରନ୍ତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ସେମାନଙ୍କ ତୁରନ୍ତ ମୁକ୍ତି ଦାବିକରି ତାମିଲନାଡୁର ମତ୍ସ୍ୟଜୀବୀ ସଂଘ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଡାକରା ଦେବ ବୋଲି କହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାହିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବାଣ ଫୁଟାଇବାବେଳେ ଯୁବକଙ୍କ ପାପୁଲି ଛିଣ୍ଡିଲା

**ଖୁଣ୍ଟୁଣୀ, ୧୯।୧୨(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ପାର୍ବତୀପୁର ଗ୍ରାମରେ ବିବାହ ଶୋଭାଯାତ୍ରାରେ ବାଣ ଫୁଟାଉଥିବାବେଳେ ଜଣେ ଯୁବକଙ୍କ ଦୁଇ ହାତର ପାପୁଲି ଛିଣ୍ଡି ଯାଇଛି। ସେ ହେଲେ ସେହି ଗ୍ରାମର ଦାନୀଏଲ ଜାରିକା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠଗଡ଼ ଡାକ୍ତରଖାନା ପରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦାନୀଏଲ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ବିବାହ ଶୋଭାଯାତ୍ରାରେ ବାଣ ଫୁଟାଇବା ଦାୟିତ୍ୱ ନେଇଥିଲେ। ସେ ବାଣ ଫୁଟାଉଥିବାବେଳେ ଅସାବଧାନତା ଯୋଗୁ ବାଣ ତାଙ୍କ ହାତରେ ଫୁଟି ଯାଇଥିଲା। ଏଥିରେ ତାଙ୍କ ଦୁଇ ହାତର ପାପୁଲି ଛିଣ୍ଡି ଯାଇଥିବାବେଳେ ଶରୀରର ବିଭିନ୍ନ ଅଂଶରେ କ୍ଷତ ସୃଷ୍ଟି ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗତକାଲିର ଟେନସନ୍ ଆଜି ବନ୍ଧୁମିଳନର କିଛି ମାତ୍ରାରେ କମିଯିବ। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ ଓ ଏକ ପ୍ରକାର ମନୋବଳ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ଚିଡା ସ୍ୱଭାବ ଏବଂ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ।

**ବୃଷ** ଆଜି ଆପଣ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବନ୍ଧୁଙ୍କ ସମ୍ମୁଖରେ ନିଜର ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବା ପାଇଁ ବାଧ୍ୟ ହେବେ। ଗତକାଲିଠାରୁ ମନରେ ଭାବୁଥିବା କାମଟି ଆଜି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ପରିବହନ, ବ୍ୟବସାୟ,ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ** ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ। ପ୍ରତିଟି କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟ ଦେଇ ଚଳିବାକୁ ପଡିବ। ଅଫିସ୍‌ରେ ମିଠା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** କର୍ମକ୍ଷେତ୍ରରେ କଠୋର ପରିଶ୍ରମଜନିତ ସ୍ୱାସ୍ଥ୍ୟ ହାନି ଘଟିପାରେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବ ଏବଂ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ମାତ୍ର ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଏବଂ ଆନୁଷ୍ଠାନିକ କାମରୁ ପ୍ରଶଂସିତ ହେବେ।

**ସିଂହ** ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା କେତେକାଂଶରେ ଆସିବ। ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ ଅନ୍ୟଥା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ବିଳାସ ବ୍ୟସନ ମଧ୍ୟରେ ସମୟକୁ ଅତିବାହିତ କରିବାକୁ ମନସ୍ଥ କରିବେ।

**କନ୍ୟା** ସମସ୍ୟାଗୁଡିକ ନିୟନ୍ତ୍ରଣାଧୀନ ରହିଥିଲେ ମଧ୍ୟ କେତେକ କାରଣରୁ ମନରେ ସରସତା ରହିବ ନାହିଁ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ଏକପ୍ରକାର ପରିସ୍ଥିତିକୁ ନିୟନ୍ତ୍ରଣ ମଧ୍ୟରେ ରଖିବ। ନିକଟସ୍ଥ ବନ୍ଧୁ ମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇଯିବ।

**ତୁଳା** ପାରିବାରିକ ପରିସ୍ଥିତି ପୂର୍ବପରି ରହିବ, ସାୟାହ୍ନେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ସଭାସମିତିରେ ଯୋଗ ଦେଲେ କିମ୍ବା ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିପାରିବେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ।

**ବିଛା** ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ହାତ ମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ନିଜ ପରିସରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କରିବା ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ।

**ଧନୁ** ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ ଏବଂ ଆପଣଙ୍କ ଚେଷ୍ଟା ମଧ୍ୟ ବେକାର ଯିବ ନାହିଁ। ମାତ୍ର ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ ଏବଂ ସାମୟିକ ମାନସିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**ମକର** କୌଣସି ଭୁଲ୍ ଖବରକୁ ସତ୍ୟ ମନେ କରି ଉତ୍‌କ୍ଷିପ୍ତ ହୋଇପାରନ୍ତି। ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ପଡୋଶୀ କେହି ପ୍ରତିବାଦର ସ୍ୱର ଉଠାଇପାରନ୍ତି। ପଡୋଶୀଙ୍କ ପ୍ରରୋଚନାରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରି ପାରନ୍ତି।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ମାତ୍ର ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ।

**ମୀନ** ଆଜିର କାମରେ ସାମାନ୍ୟ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ୍ ଦେବାକୁ ପଡିପାରେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବାର ଆଶଙ୍କା ରହିଛି। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି। ମତଭେଦ କାରଣରୁ ଆନୁଷ୍ଠାନିକ କାମରେ ବାଧାବିଘ୍ନ ଘଟିପାରେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯିଏ ଯେଉଁଠି ଥାଅ,**
**ଟିକେ ପଚାରୁ ଥାଅ।**

ଭଲମନ୍ଦରେ ପଚାରିବା ଦ୍ୱାରା ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ। ଯିଏ ଯେତେ ଦୂରରେ ରହୁଥିଲେ ମଧ୍ୟ ମନର ଭାବନା ପରସ୍ପର ମଧ୍ୟରେ ଆଦାନପ୍ରଦାନ କରାଗଲେ ସମ୍ପର୍କର ସ୍ଥାୟୀତ୍ୱ ବଜାୟ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯୋଡ଼ା ମାଇପରେ ଯେବଣ ଘର,**
**ବେଦିରେ ବରକୁ ଧଇଲେ ଜର,**
**ଅଣ୍ଡିରା ଚଣ୍ଡୀକୁ ନ ମିଳେ ବର,**
**ଏ ସବୁ ବଡ଼ ହରବର।**

ଦୁଇଟା ସ୍ତ୍ରୀ ଘରେ ଥିଲେ, ଉଭୟଙ୍କ ମଧ୍ୟରେ କଳିଝଗଡ଼ା ଲାଗିଥାଏ, ଫଳରେ ଘର ମଧ୍ୟରେ ଅଯଥାରେ ନାନା ଅଶାନ୍ତି ସୃଷ୍ଟି ହୁଏ। ବାହାବେଦୀରେ ବର ରୋଗଗ୍ରସ୍ତ ହେବା ଅମଙ୍ଗଳ ସୂଚକ ହୋଇଥାଏ, ମାଙ୍ଗଳିକ କାର୍ଯ୍ୟରେ ବିଘ୍ନ ଘଟିଥାଏ। ସେହିପରି ଉଗ୍ର ସ୍ୱଭାବର ଝିଅଙ୍କୁ ବାହା ହେବାପାଇଁ ସହଜରେ କେହି ରାଜି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଆକ୍ରୋଶର ମୁଖା ଖୋଲିଲେ ଏକତା ମଜଭୁତ ହେବ : ରାଜ୍ୟପାଳ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଇତିହାସ ସାକ୍ଷୀ ଅଛି, ବିଦେଶରୁ ମହାନ୍ ବ୍ୟକ୍ତିତ୍ୱମାନେ ଭାରତର ସୁନ୍ଦରତାରେ ନିଜକୁ ଉତ୍ସର୍ଗ କରି ନିଜ ଦେଶ ଛାଡି ଏଠାକୁ ଚାଲି ଆସିଛନ୍ତି। ଭାରତ ଏଭଳି ଏକ ଦେଶ ଯେଉଁଠି ଭାଇଚାରା ଓ କଳା ସଂସ୍କୃତି ଭରପୂର ରହିଛି। ଏହା ରାଷ୍ଟ୍ରୀୟ କଳାର ମଞ୍ଚ, ଅର୍ଥ ହେଉଛି ସମଗ୍ର ବିଶ୍ୱ ଏକତା। ଆଜି ଆମ ମୁହଁରେ ମୁଖା (ମାସ୍କ) ଲାଗିଛି। ଥରେ ସେ ମାସ୍କକୁ କାଢି ଦେଖିବେ ସମସ୍ତେ ଆପଣଙ୍କୁ ନିଜର ଲାଗିବେ। ଆମେ ନିଜ ନିଜ ଭିତରେ ଯେଉଁ ଆକ୍ରୋଶ ମନୋଭାବ ରଖିଛେ, ଆକ୍ରୋଶର ମାସ୍କ ପିନ୍ଧିଛେ, ତାକୁ ହଟେଇଲେ ହିଁ ଆମେ ଆମ ଏକତାକୁ ଆହୁରି ମଜଭୁତ କରିପାରିବା ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସାଂସ୍କୃତିକ ଗତିବିଧି ଓ ରାଷ୍ଟ୍ରୀୟ କଳା ମଞ୍ଚ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ୩ଦିନ ଧରି ଚାଲିଥିବା ରାଜ୍ୟସ୍ତରୀୟ ସାଂସ୍କୃତିକ ପ୍ରତିଯୋଗିତା 'ପ୍ରତିଭା ସଙ୍ଗମ'ର ରବିବାର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ୨ବର୍ଷରେ ଥରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗତ ୧୭ ତାରିଖରୁ ପଟିଆସ୍ଥିତ କୌସ୍ତୁଭ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପଡିଆରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ରାଜ୍ୟ ଓ ରାଜ୍ୟ ବାହାର ବିଭିନ୍ନ କଲେଜରୁ ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଭା ସମ୍ପନ୍ନ ଛାତ୍ରୀଛାତ୍ର ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟବକ୍ତା ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ଶ୍ରୀନିବାସ କହିଥିଲେ। ସେହିପରି ଅଭିନେତା ଅଶ୍ରୁମୋଚନ ମହାନ୍ତି, ସବ୍ୟସାଚୀ ମିଶ୍ର, ସ୍ୱରାଜ ବାରିକ, ଶ୍ରୀତମ ଦାସ, ଶୀତଳ ପାତ୍ର, ପ୍ରଯୋଜକ ଅକ୍ଷୟ ପରିଜା ପ୍ରମୁଖ ଯୋଗଦେଇଥିଲେ।



'ପ୍ରତିଭା ସଙ୍ଗମ'ର ରବିବାର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

# ଆନ୍ଦୋଳନକୁ ଓହ୍ଲାଇଲେ ୮୧୦୨ କନିଷ୍ଠ ଶିକ୍ଷକ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୨୦୧୫ରେ ନିଯୁକ୍ତି ପାଇଥିବା ୮୧୦୨ଜଣ କନିଷ୍ଠ ଶିକ୍ଷକଙ୍କ ଚୁକ୍ତି ସମୟ ପୂରଣ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଚାକିରି ନିୟମିତ କରୁ ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଏହି ଶିକ୍ଷକମାନେ ରବିବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୧୫ ବ୍ୟାଚ୍ ଓଡିଶା କନିଷ୍ଠ ଶିକ୍ଷକ ସଂଘ ଆହ୍ୱାନକ୍ରମେ କନିଷ୍ଠ ଶିକ୍ଷକମାନେ ଭୁବନେଶ୍ୱରସ୍ଥିତ ଗାନ୍ଧୀମାର୍ଗରେ ଧାରଣା ଦେଇଛନ୍ତି। ଚୁକ୍ତିଭିତ୍ତିରେ କାର୍ଯ୍ୟ କରୁଥିବା ଏହି ଶିକ୍ଷକମାନେ ୬ ବର୍ଷରେ ନିୟମିତ ହେବାର ସରକାରୀ ନିର୍ଦ୍ଦେଶନାମା

**ଚାକିରି ନିୟମିତ ନିୟମିତ ଦାବି**

ରହିଛି। ହେଲେ ଅବଧି ପୂରଣ ହୋଇ ୧୧ମାସ ଆତିକ୍ରାନ୍ତ ହୋଇଥିବା ଧାରଣାରତ ଶିକ୍ଷକମାନେ କ୍ଷୋଭର ସହ କହିଛନ୍ତି। ଏପରିକି ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ପାଇଁ ଓଡିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ କୁହାଯାଇଥିଲେ ମଧ୍ୟ ସରକାର ଏହାକୁ ଆବମାନନା କରିଚାଲିଥିବା ସେମାନେ ଅଭିଯୋଗ କରିଛନ୍ତି। ଯଦି ସରକାର ତତ୍କାଳ ନିୟମିତ ପ୍ରକ୍ରିୟାକୁ ମଞ୍ଜୁରୀ ନ ଦିଅନ୍ତି, ତେବେ ଶିକ୍ଷକମାନେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣାରେ ବସି ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ସିଡିଏମ୍‌ଓଙ୍କ ପ୍ରମାଣପତ୍ରକୁ ...

ସଂସ୍କୃତ ଶିକ୍ଷକ ଲାଗି ମୋଟ ୧,୨୬୦ ପଦବୀ ରହିଥିଲା। ଦିବ୍ୟାଙ୍ଗଙ୍କ ପାଇଁ ୧୪୩ ପଦବୀ ସଂରକ୍ଷିତ ରହିଥିଲା। ସୁକାନ୍ତ ଏଥିପାଇଁ ପ୍ରବେଶିକା ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବା ପରେ ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ୍‌ରୁ ଡାକରା ଆସିଲା। ପ୍ରବେଶିକା ପରୀକ୍ଷାଫଳ ଅନୁଯାୟୀ ତାଙ୍କୁ ଜିଲା ଏବଂ ସ୍କୁଲ ବାଛିବାକୁ ଦିଆଗଲା। ତାଙ୍କୁ ଗଞ୍ଜାମ ଜିଲାର ବେଗୁନିଆପଡ଼ାସ୍ଥିତ ଜନତା ନୋଡାଲ ହାଇସ୍କୁଲରେ ନିଯୁକ୍ତି ଲାଗି ଚୟନ କରାଗଲା। ସେହି ସମୟରେ ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍‌ରେ ସୁକାନ୍ତଙ୍କ ଶାରୀରିକ ଅକ୍ଷମ ଥିବାରୁ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ସିଡିଏମ୍‌ଓଙ୍କ ତରଫରୁ ମିଳିଥିବା ଦିବ୍ୟାଙ୍ଗ ସାର୍ଟିଫିକେଟ ଗ୍ରହଣ କରିବା ପରେ ଯାଇ ତାଙ୍କୁ ସ୍କୁଲ ବାଛିବାର ସୁଯୋଗ ମିଳିଥିଲା। ହେଲେ ଶିକ୍ଷକ ପଦବୀରେ ନିଯୁକ୍ତିପତ୍ର ଦେବା ପୂର୍ବରୁ ଗତ ଡିସେମ୍ବର ୧୫ରେ ଭୁବନେଶ୍ୱରସ୍ଥିତ ୟୁନିଟ୍-୧ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଚୟନ ହୋଇଥିବା ୧୪୩ ଆଶାୟୀ ଶିକ୍ଷକଙ୍କୁ ନେଇ ପୁଣି ପରୀକ୍ଷା କରାଗଲା। ୪ ଜଣିଆ ଡାକ୍ତରୀ ବୋର୍ଡ ବସି ସେମାନେ କେତେ ପ୍ରତିଶତ ଦିବ୍ୟାଙ୍ଗ ତାହାକୁ ନେଇ ସାର୍ଟିଫିକେଟ ଦେଲେ। ଫଳରେ ସୁକାନ୍ତ ସମେତ ୬୭ ଜଣ ଦିବ୍ୟାଙ୍ଗ ନିଯୁକ୍ତି ପାଇବାରୁ ବଞ୍ଚିତ ହେଲେ। ସୁକାନ୍ତ ଏଭଳି ଚୟନ ପଦ୍ଧତିକୁ ନେଇ ପ୍ରଶ୍ନ ଉଠାଇବା ସହିତ ସରକାରଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି, ଯଦି ସେ ୫୦% ପରମାନେଣ୍ଟ ଦିବ୍ୟାଙ୍ଗ ଥିବା ସିଡିଏମ୍‌ଓ ସାର୍ଟିଫିକେଟ ଦେଇଛନ୍ତି ଏବଂ ତାହାକୁ ଆଧାର କରି ୨୦୧୫ ମେ ୧ରୁ ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ଦିଆଯାଉଛି, ତେବେ ଏଠାରେ ବୋର୍ଡ ତାଙ୍କୁ କେମିତି କାଟିଲେ। ବୋର୍ଡ କେଉଁ ଆଧାରରେ ୨୦% ଟେମ୍ପରାରି ଦିବ୍ୟାଙ୍ଗ ବୋଲି ରିପୋର୍ଟ ଦେଲେ। ତେବେ ସିଡିଏମ୍‌ଓ ଏବଂ ଚୟନକାରୀ ବୋର୍ଡ ମଧ୍ୟରୁ କିଏ ଠିକ୍, କିଏ ଭୁଲ୍ ସରକାର ଉତ୍ତର ରଖନ୍ତୁ ବୋଲି ସୁକାନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭୁବନେଶ୍ୱରର ରେଣୁବାଳା ପ୍ରଧାନ ସମାନ ଅଭିଯୋଗ ଆଣିଛନ୍ତି। ସବୁ ମାନଦଣ୍ଡରେ ଉତ୍ତୀର୍ଣ୍ଣ ହେବା ସତ୍ତ୍ୱେ ଦିବ୍ୟାଙ୍ଗ ସାର୍ଟିଫିକେଟରେ ୬୦% ଅକ୍ଷମତା ଥାଇ ମଧ୍ୟ କିପରି ତାଙ୍କୁ ବାଦ୍ ଦିଆଗଲା। ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାରେ ତାଙ୍କୁ ୪୦% ଅକ୍ଷମତା ଦର୍ଶାଯାଇ କାହିଁକି ବାଦ୍ ଦିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଏଭଳି ଅନେକ ଦିବ୍ୟାଙ୍ଗ ଆଶାୟୀ ଏଥିରୁ ବାଦ୍ ପଡିଥିବା ସେ କହିଛନ୍ତି। ଏନେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଟେଲିଫୋନ୍ ଯୋଗେ କିଛି ଅଭିଯୋଗ ତାଙ୍କ ନିକଟରେ ପହଞ୍ଚିଛି। ଦିବ୍ୟାଙ୍ଗ ଆଶାୟୀଙ୍କ ଯେଉଁ ସମସ୍ୟା ହୋଇଛି ତାହା ଲିଖିତ ଆକାରରେ ଜଣାଇବା ପରେ ସମାଧାନ ଲାଗି ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନିଯୁକ୍ତି ପାଇଥିବା କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଦିବ୍ୟାଙ୍ଗ ଆଶାୟୀମାନେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ଚିହ୍ନଟ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଗଣଶିକ୍ଷା ବିଭାଗ ଏସ୍‌ଓପି ଜାରି କରିବା ସହ ଯେକୌଣସି ସୂତ୍ରରୁ ଅଭିଯୋଗ ଆସିଲେ ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରିବା ଲାଗି ଜିଲା ଶିକ୍ଷା ଅଧିକାରୀମାନଙ୍କୁ କଡ଼ାକଡ଼ି ନିର୍ଦ୍ଦେଶ ଦିଆଯାଇଛି।

### ସ୍ୱତନ୍ତ୍ର ଓଜେଇଇ ...

ଓଜେଇଇ କରିବା। ତେବେ ନାମଲେଖା ଅବଧିକୁ ସୁପ୍ରିମକୋର୍ଟ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିବାବେଳେ ଅନ୍ୟ ପିଟିଶନକୁ ଖାରଜ କରିଦେଇଛନ୍ତି। ଏ ନେଇ ଓପେକାର ଅବୈତନିକ ସଚିବ ବିନୋଦ ଦାସ କହିଛନ୍ତି, ସ୍ୱତନ୍ତ୍ର ଓଜେଇଇ କରିବା ପାଇଁ ଆମେ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲୁ। ସରକାରୀ ଓକିଲ ଏଥିପାଇଁ ସମୟ ନେଇଥିଲେ। କିନ୍ତୁ ସେହି ସମୟ ମଧ୍ୟରେ ସେ ରାଜ୍ୟ ସରକାରଙ୍କ ପାଖରୁ କୌଣସି ନିର୍ଦ୍ଦେଶ ପାଇଲେ ନାହିଁ। ଏଥିପାଇଁ ମାସେ ସମୟ ଲାଗିବ ବୋଲି ସରକାରୀ ଓକିଲ ସୁପ୍ରିକୋର୍ଟଙ୍କୁ ଜଣାଇଥିଲେ। ତେବେ ଗତ ଶନିବାରଠାରୁ ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ବନ୍ଦ ରହିବ। ଯେହେତୁ ସ୍ୱତନ୍ତ୍ର ଓଜେଇଇ ପାଇଁ ସମୟ ଗଡ଼ିଯାଉଛି, ତେଣୁ ସୁପ୍ରିମକୋର୍ଟ ଏହି ମାମଲାରେ ଆଉ ହସ୍ତକ୍ଷେପ କରିବେ ନାହିଁ ବୋଲି କହିବା ସହ ପିଟିଶନକୁ ଖାରଜ କରିଦେଇଥିଲେ। ଏଥିସହ କୋର୍ଟ ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ କହିଥିଲେ। ଏହାପରେ ଓପେକା ପକ୍ଷରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଭେଟି ସ୍ୱତନ୍ତ୍ର ଓଜେଇଇ କରିବା ପାଇଁ ଶନିବାର ଚିଠି ଲେଖିଛି। ଇଞ୍ଜିନିୟରିଂ ସିଟ୍ ଖାଲି ପଡ଼ିଲେ ସ୍ୱତନ୍ତ୍ର ଓଜେଇଇ କରିବା ପାଇଁ ସରକାରଙ୍କ ନିୟମ ରହିଛି। କିନ୍ତୁ ଏଥର କାହିଁକି କରାଯାଉ ନାହିଁ ବୋଲି ଓପେକା ସରକାରଙ୍କୁ ପ୍ରଶ୍ନ କରିଛି। ଏଥିସହିତ ଏହି ସମୟ ମଧ୍ୟରେ କିପରି ସ୍ୱତନ୍ତ୍ର ଓଜେଇଇ କରାଯିବ ସେନେଇ ସଂଘ ପକ୍ଷରୁ ସରକାରଙ୍କୁ ଏକ ପ୍ରସ୍ତାବ ମଧ୍ୟ ଦିଆଯାଇଛି। ପ୍ରସ୍ତାବ ଅନୁସାରେ ୨୧ରେ ସ୍ୱତନ୍ତ୍ର ଓଜେଇଇ ନେଇ ବିଜ୍ଞପ୍ତି ପ୍ରକାଶ, ୨୩ ଓ ୨୪ରେ ଅନ୍‌ଲାଇନ୍ ଆବେଦନ, ୨୫ରେ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍, ୨୬ କିମ୍ବା ୨୭ରେ ପରୀକ୍ଷା କରାଯାଇପାରିବ। ସେହିଭଳି ୨୯ ତାରିଖରେ ରେଜଲ୍ଟ ପ୍ରକାଶ ଓ ନାମଲେଖା ଶେଷ ପର୍ଯ୍ୟନ୍ତ ର୍ୟାଙ୍କ୍ କାର୍ଡ ଡାଉନ୍‌ଲୋଡ୍ ଏବଂ ନାମଲେଖା ପାଇଁ ୩୦ ଓ ୩୧ ଦୁଇଦିନ ସମୟ ଦେବା ପାଇଁ ଓପେକା ଅନୁରୋଧ କରିଛି।

### ଆଜିଠୁ ୪ ଜିଲାକୁ ...

ଯେତେବେଳେ ଏକ୍‌ମୋ ଚିକିତ୍ସାର ଆବଶ୍ୟକ ପଡ଼ିଥିଲା, ସେ ସମୟରେ ମୁଖ୍ୟମନ୍ତ୍ରୀ କଟକ ଏସ୍‌ସିବିରେ ଏକ୍‌ମୋ ସେବା ଉଦ୍‌ଘାଟନ କରିଥିଲେ। ଏବେ ଜନସାଧାରଣ ସୁବିଧାରେ ଚିକିତ୍ସା ପାଉଛନ୍ତି। ଏବେ ଏୟାର ଆମ୍ବୁଲାନ୍ସ ସେବା ଆବଶ୍ୟକ ପଡୁଛି। ତେଣୁ ମୁଖ୍ୟମନ୍ତ୍ରୀ ଏୟାର ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସେବା ଲାଗୁ ହେବା ଫଳରେ ରୋଗୀମାନଙ୍କୁ କମ୍ ସମୟ ମଧ୍ୟରେ ଡାକ୍ତରଖାନାରେ ପହଞ୍ଚା ଯାଇପାରିବ। ଏହି ସେବାକାର୍ଯ୍ୟ ଜିଲାପାଳମାନେ ପରିଚାଳନା କରିବେ। ଜିଲାପାଳମାନଙ୍କୁ ଏହି ଆମ୍ବୁଲାନ୍ସ ସେବାର ଆବଶ୍ୟକତା ନେଇ ଜଣାଇବା ପରେ ସୁବିଧା ଯୋଗାଇ ଦିଆଯିବ। ଯେଉଁମାନଙ୍କର ଏୟାର ଆମ୍ବୁଲାନ୍ସ ଆବଶ୍ୟକ ପଡ଼ିବ ସେମାନେ ଜିଲାପାଳଙ୍କ ମାଧ୍ୟମରେ ଆବେଦନ କରିବେ। ତେବେ ପୂର୍ବରୁ ଭୁବନେଶ୍ୱରରେ ଏୟାର ଆମ୍ବୁଲାନ୍ସ ସୁବିଧା ରହିଥିଲା। ଅନେକ ରୋଗୀଙ୍କୁ ସୁବିଧା ଯୋଗାଇ ଦିଆଯାଇଛି। ଏବେ ପ୍ରଥମ ପର୍ଯ୍ୟାୟରେ ୪ ଜିଲାକୁ ସାମିଲ କରାଯିବାର ଅଛି। ଆଗକୁ ସମସ୍ତ ଜିଲାରେ ଏହି ସୁବିଧା ଲାଗୁ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ପାଇଁ ଏହା ଏକ ଗୌରବ କଥା ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ସୂଚନା କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟର ଡାକ୍ତର ଅଭାବ ଥିବା ଅଭିଯୋଗକୁ ନେଇ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଆଗାମୀ ୨ ବର୍ଷରେ ଡାକ୍ତର ସଂଖ୍ୟାରେ ଓଡ଼ିଶା ବଳକା ହୋଇଯିବ। ରାଜ୍ୟରେ ପୂର୍ବରୁ ୩ ମେଡିକାଲ କଲେଜ ରହିଥିଲା। ଏବେ ୭ଟି ମେଡିକାଲ କଲେଜ ହୋଇସାରିଛି। ଆଉ ୭ଟି ପ୍ରକ୍ରିୟାରେ ରହିଛି। ମେଡିକାଲ କଲେଜ ହୋଇଥିବାରୁ ଡାକ୍ତର ସଂଖ୍ୟା ମଧ୍ୟ ଅଧିକ ହୋଇଯିବ ବୋଲି ନବ ଦାସ କହିଛନ୍ତି।


# classifieds Everyday
0674-2580101, 2549302




**SALE**

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

ଭୁବନେଶ୍ୱର ଚନ୍ଦକାରେ **Nalanda/BCCST College** ପାଖରେ **road, electricity, water, boundary** ଥାଇ ବାସୋପଯୋଗୀ **plot** ପୋଜେସନ ଥାଇ ମିଳୁଛି। **9348870771, 9090543542.** D-71742

**Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009.** D-71750

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

**Ready to move 1BHK Holiday apartment sale Jagannathdham Puri, Rate-14.5lakhs-18.5lakhs Bank Loan available with monthly rent facilities. 9040033905, 6372753860.** D-71749

ଘରବାଡ଼ି ପ୍ଲଟ୍ **30'road** ସହିତ **Sum Hospital**ରୁ **4k.m.** ଘଙ୍ଗାପାଟଣାରେ ମିଳୁଛି। **Owner- 9090963952.** D-71746




**Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239.** D-71757

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Bank/Office/Showroom Space 1100 & 900sft. each 1st floor Anima Complex, Pipili, Opp. Police Station. Phone. 9777662603. D-71612

4000sft for warehouse, Lewis Road, Bhubaneswar. Contact 7606895169. D-70986




Newly open full body massage ladies and gents. 8327740003, 8455985899. D-71831

Newly open spa New Year Dhamaka @699/-, Smart therapist. 7846814019. D-71456

Newly open Spa offer price @599/-, positively health benefits - 8455987557. D-71455

Monalisa massage Club: All types Body massage with hiprofile smart lady rooms service available. 9708545108. D-22601

Newly Open Saikrupa Panchakarma Spa positively health benefits with Expert. 8984068077. D-22470

@999 refreshing your mind, body with the best therapy - 7873794731. D-71921

**Astrology**

୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲ୍ଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

**AFFIDAVIT**

By an affidavit before the Executive Magistrate, Angul, I Swarnalaxmi Rout, W/o- Hadibandhu Rout, Sankhameri, Badamba, Cuttack, At Present MIG II/10 Tamrit Colony, Angul as per my all documents but I want to change my name from Swarnalaxmi Rout to Swarnalaxmi Mohanty. Henceforth I declare that Swarnalaxmi Rout and Swarnalaxmi Mohanty is the same and one person. D-22600

ସ୍ୱାର୍ଥପରତା ହିଁ ଏକମାତ୍ର ପାପ। ନୀଚତା ହିଁ ଏକମାତ୍ର କୁବୃତ୍ତି। ଘୃଣା ହିଁ ଏକମାତ୍ର ଅପକର୍ମ। ଆଉ ସବୁକୁ ସଦ୍‌ରୂପରେ ପରିବର୍ତ୍ତନ କରାଯାଇପାରେ। କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ। —ଶ୍ରୀଅରବିନ୍ଦ

# ଉଚ୍ଚସ୍ଥାନରୁ ଚିତ୍କାର

ଚଳିତ ମାସ ୧୫ ତାରିଖରେ କେନ୍ଦ୍ର କ୍ୟାବିନେଟ ଝିଅମାନଙ୍କ ବିବାହ ବୟସ ୧୮ରୁ ୨୧କୁ ବୃଦ୍ଧି କରିବା ଲାଗି ଅନୁମୋଦନ କରିବା ପରେ ଦେଶବ୍ୟାପୀ ଏହାର ସପକ୍ଷ ଓ ବିପକ୍ଷରେ ବହୁ ମତ ପ୍ରକାଶ ପାଉଛି। ସରକାର କହୁଛନ୍ତି, ଏହି ନିଷ୍ପତ୍ତି ଦ୍ୱାରା ନାରୀଙ୍କୁ ଅଧିକ ସଶକ୍ତ କରାଯାଇପାରିବ ଏବଂ ଝିଅମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଆଯିବ। କମ୍ ବୟସର ଝିଅମାନେ ଶାରୀରିକ ଦୃଷ୍ଟିରୁ ବିବାହ ପାଇଁ ଉପଯୁକ୍ତ ହୋଇ ନ ଥାଆନ୍ତି। ଅଳ୍ପ ବୟସରେ ବିବାହ ହୋଇଗଲେ ସେମାନେ ଶୀଘ୍ର ଗର୍ଭଧାରଣ କରିଥାଆନ୍ତି। ଫଳରେ ମାଆ ଓ ଶିଶୁଙ୍କ ପୋଷଣ ସ୍ତର ପ୍ରଭାବିତ ହୋଇଥାଏ। ତେଣୁ ସେମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବା ହେଉଛି ଝିଅମାନଙ୍କ ବିବାହ ବୟସ ବୃଦ୍ଧିର ପ୍ରାରମ୍ଭିକ ଲକ୍ଷ୍ୟ। ପୁଅଙ୍କ ଭଳି ସେମାନଙ୍କ ବୟସ ୨୧ ହୋଇଗଲେ ଲିଙ୍ଗଗତ ସମାନତା ଆସିପାରିବ ବୋଲି ମଧ୍ୟ ସରକାର ଯୁକ୍ତି ବାଢ଼ୁଛନ୍ତି। ଏଠାରେ ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିବାର ଅନେକ କାରଣ ରହିଛି। ତନ୍ମଧ୍ୟରୁ ଅନ୍ୟତମ ହେଲା ୧୮ ବର୍ଷୀୟା ଝିଅଙ୍କୁ ବିବାହ କରାଇଦେଲେ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ସେଥିପାଇଁ ବହୁଜଣ ସର୍ବନିମ୍ନ ସ୍ନାତକ ପୂର୍ବରୁ ପାଠ ଛାଡ଼ିବାକୁ ବାଧ୍ୟ ହୋଇଥାଆନ୍ତି। ୨୧ ବର୍ଷରେ ବିବାହ କରୁଥିବା ଯୁବତୀ କେତେକାଂଶରେ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ପାଇପାରନ୍ତି। ସେ ଦିଗରୁ ଦେଖିଲେ ଏହି ନିଷ୍ପତ୍ତି ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ।

ସ୍ୱାଗତ କରିବା ବେଳେ ବାସ୍ତବତାକୁ ମଧ୍ୟ ଦେଖାଯିବା ଦରକାର। କେବଳ ରାଜସ୍ଥାନ ନୁହେଁ, ଭାରତବ୍ୟାପୀ ବାଲ୍ୟବିବାହ ଏବେ ମଧ୍ୟ ପ୍ରବଳ ଭାବେ ଦେଖାଯାଉଛି। ଏହି ସାମାଜିକ ବ୍ୟାଧିରୁ ଓଡ଼ିଶା ବାଦ୍ ପଡୁନାହିଁ। ଏହାର କେତୋଟି ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ହେଲା ପରିବାରର ଆର୍ଥିକ ସ୍ଥିତି ଓ ଶାରୀରିକ ପରିପକ୍ୱତା ଲାଭ କରିବା ପରେ ଝିଅକୁ ସୁରକ୍ଷିତ ରଖିବାର ଭୟ। ଏଭଳି ଚିନ୍ତାଧାରାକୁ ସମ୍ପୂର୍ଣ୍ଣ ଭାବେ ଏଡ଼ାଇ ହେବ ନାହିଁ। କାରଣ ଭାରତୀୟ ସମାଜରେ ନାରୀ ସୁରକ୍ଷା ଏକ ବିରାଟକାୟ ସମସ୍ୟା ଭଳି ରହିଆସିଛି ଏବଂ ତାହା ଏକ ଜଘନ୍ୟ ରୂପ ଧାରଣ କଲାଣି। ସାଧାରଣରେ ଆଶା କରାଯିବା କଥା ଯେ ସମାଜ ଯେତିକି ଆଧୁନିକ ହେବ ସେତିକି ପରିମାଣରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଭାରସାମ୍ୟ ବଜାୟ ରହିବ। ଏହା ପରିବର୍ତ୍ତେ ଭାରତରେ ଯାହା ହେଉଛି ସେ ବିଷୟରେ ଏଠାରେ ଆଲୋଚନା କରିବାର ବିଶେଷ ପ୍ରୟୋଜନ ନାହିଁ। ଏକ କ୍ଷୁଦ୍ର ଉଦାହରଣ ଭାବେ ଉତ୍ତର ଭାରତର କେତେକ ରାଜ୍ୟକୁ ଦେଖାଯାଇପାରେ। ମହିଳାଙ୍କ ସଂଖ୍ୟା ଯଥେଷ୍ଟ ପରିମାଣରେ ହ୍ରାସ ପାଉଥିବା ହେତୁ ଗୋଟିଏ ପରିବାରରେ ଗୋଟିଏ ବୋହୂ ରହିପାରୁଛି। ଅର୍ଥାତ୍ ସେଠାରେ ଗୋଟିଏ ପାଣ୍ଡବ ପରିବାରର ସ୍ଥିତି ସୃଷ୍ଟି ହେଉଛି। ଏଭଳି ମନ୍ତବ୍ୟ କେତେକଙ୍କୁ ବ୍ୟସ୍ତ କରିପାରେ। କିନ୍ତୁ ଏହାର ସତ୍ୟାସତ୍ୟ ପ୍ରତି ଆଖିବୁଜିଦେବା ହେଉଛି ବାସ୍ତବ ସମସ୍ୟାକୁ ଅଣଦେଖା କରିବା। ଆଶ୍ଚର୍ଯ୍ୟର ବିଷୟ, ଯେତେବେଳେ ସମାଜରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ହ୍ରାସ ପାଉଥିବା ହେତୁ ଯୁବକମାନେ ଅବିବାହିତ ରହିବାକୁ ବାଧ୍ୟ ହେଉଛନ୍ତି, ସେହି ସମାଜରେ ଶିଶୁକନ୍ୟାଙ୍କୁ ହତ୍ୟା କରିବା ପଛରେ କେଉଁ ପ୍ରକାରର ମାନସିକତା ରହିଛି ତାହା ବୁଝିବା କଷ୍ଟକର। ଏହା ବ୍ୟତୀତ ଝିଅଙ୍କ ବିବାହ ପାଇଁ ୨୧ ବର୍ଷ ସର୍ବନିମ୍ନ ସୀମାକୁ ସାମାଜିକ ଅନୁମୋଦନ ମିଳିବା କଷ୍ଟକର ହେଉଥିବା ବେଳେ ସରକାର କିଭଳି ଏହି ଆଇନକୁ କାର୍ଯ୍ୟକାରୀ କରିବେ ତାହା ଏକ ବିରାଟ ପ୍ରଶ୍ନ। ଉଦାହରଣ ସ୍ୱରୂପ, ଗଣମାଧ୍ୟମରେ ଅନେକ ଥର ଖବର ପ୍ରକାଶ ପାଇଛି; ଯେଉଁଥିରେ ଉଲ୍ଲେଖ ରହିଛି ଯେ ରାଜସ୍ଥାନର ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ଭୋଜିରେ ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷ ଭାଗ ନେଉଛନ୍ତି। କେବଳ ଖାକି ପୋଷାକ ପିନ୍ଧିଦେଲେ ମାନସିକତା ବଦଳେ ନାହିଁ। ପୋଲିସ ମାଧ୍ୟମରେ ପିସିଏମ୍ଏ ବା ବାଲ୍ୟବିବାହ ପ୍ରତିରୋଧ ଆଇନ ଲାଗୁ ହେବା କଥା। ଭାରତର ପୁରୁଷ ପ୍ରଧାନ ସମାଜରେ ଝିଅପିଲାକୁ ନିଜସ୍ୱ ଇଚ୍ଛାରେ ବିବାହ କରିବାର ସୁଯୋଗ ଦିଆଯାଏ ନାହିଁ। ଯଦି କୌଣସି ଯୁବତୀ ନିଜ ପସନ୍ଦରେ ଜୀବନସାଥୀ ବାଛିବାକୁ ନିଷ୍ପତ୍ତି ନେଉଛି, ତାହାକୁ ବାଧାଦେବା ପାଇଁ ପରିବାର ତରଫରୁ ଏହି ଆଇନର ଆଶ୍ରୟ ନେଇ ପୋଲିସକୁ ବ୍ୟବହାର କରାଯାଉଛି। ଅନ୍ୟପଟେ ସେହିଭଳି ଯୁବତୀଙ୍କୁ ପରିବାର ଇଚ୍ଛା କରୁଥିବା ବ୍ୟକ୍ତି ସଙ୍ଗେ ବିବାହ କରିବାକୁ ବାଧ୍ୟ କରାଯାଉଥିବା ବେଳେ ସରକାରୀ କଳ ନୀରବଦ୍ରଷ୍ଟା ହୋଇରହୁଛି। କେନ୍ଦ୍ରର ଏହି ଆଇନ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ଅନ୍ତର୍ଜାତୀୟ ସଙ୍ଗଠନ 'ଅକ୍ସଫାମ୍' ଏଭଳି ଭିନ୍ନ ମତ ଦେଇଛି।

ଏଠାରେ ମନେପକାଇ ଦିଆଯାଇପାରେ, ଅଗଷ୍ଟ ୨୦୨୧ରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଥିଲେ ଯେଉଁ ଦମ୍ପତିଙ୍କର ୨ରୁ ଅଧିକ ସନ୍ତାନ ହେବେ ସେମାନେ ଅନେକ ସରକାରୀ ସୁବିଧାରୁ ବଞ୍ଚିତ ହୋଇଯିବେ। ଏହାର କିଛିଦିନ ପୂର୍ବରୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ ସମାନ ପ୍ରକାର ଜନସଂଖ୍ୟା ନିୟନ୍ତ୍ରଣ ନିୟମ ପାଳନ କରିବାକୁ ଯାଇ ଦୁଇ ସନ୍ତାନ ନୀତି ଆପଣେଇବେ ବୋଲି ଘୋଷଣା କରିଥିଲେ। ଏହିଭଳି ଘୋଷଣା ବିରୋଧରେ ବିରୋଧ ସୃଷ୍ଟି ହେବାରୁ ଉଭୟେ ରାଜ୍ୟ ସରକାର ନୀରବ ରହିଗଲେ। ହୁଏତ କେନ୍ଦ୍ରର କନ୍ୟାଙ୍କ ବିବାହ ବୟସ ବୃଦ୍ଧି ନିଷ୍ପତ୍ତି ଯୋଗୀ ଆଦିତ୍ୟନାଥ ଓ ହିମନ୍ତଙ୍କ ଦ୍ୱାରା ଦର୍ଶାଯାଇଥିବା ପଥର ଅନ୍ୟ ଏକ ରୂପାନ୍ତର।

ଭାରତର ସମସ୍ୟା ଖୋଦ୍ ସରକାର ଗଢ଼ିତୋଳୁଛନ୍ତି। ଯେତେ ମଙ୍ଗଳକାରୀ ଆଇନ ତିଆରି କଲେ ମଧ୍ୟ ତାହାର ସାମାଜିକ ପ୍ରଥା ସହିତ ତାଳମେଳ ରହୁନାହିଁ। ଏହାର ମୁଖ୍ୟ କାରଣ ହେଲା, ତଥାକଥିତ ଉଚ୍ଚକୋଟୀର ନିଷ୍ପତ୍ତି ନେବା ପୂର୍ବରୁ ଆଜିର ସରକାର କୌଣସି ହିତଧାରକ ବା ସମ୍ପୃକ୍ତ ବର୍ଗ ଓ ଗୋଷ୍ଠୀ ସହିତ ଆଲୋଚନା କରିବାକୁ ଉଚିତ ମଣୁନାହାନ୍ତି। କନ୍ୟାଙ୍କ ପାଇଁ ବିବାହ ବୟସ ନିର୍ଦ୍ଧାରଣ କରିବା ପୂର୍ବରୁ ମନେରଖିବା କଥା ଯେ ବାଲ୍ୟବିବାହ କେବଳ ହିନ୍ଦୁଧର୍ମରେ ସୀମିତ ନୁହେଁ। ଏଥିସହିତ ପରିବାରର ଆର୍ଥିକ ସ୍ଥିତି ଓ ଜାତିର ପ୍ରଭାବ ମଧ୍ୟ ଗୁରୁତ୍ୱ ଧାରଣ କରୁଛି। ସବୁବେଳେ ଉଚ୍ଚସ୍ଥାନରୁ ଚିତ୍କାର କରି ସମାଜମଙ୍ଗଳ କରାଯାଇପାରେ ବୋଲି ଭାବିବା ତ୍ରୁଟିପୂର୍ଣ୍ଣ।

# ଗଣତନ୍ତ୍ର ବଦଳିଗଲାଣି



ସହଦେବ ସାହୁ

ସ୍ୱଚ୍ଛତା ଓ ଦାୟିତ୍ୱବୋଧ ଗଣତନ୍ତ୍ରର ଦୁଇଟି ଉର୍ବରକ ;– କଞ୍ଚା ଓଡ଼ିଆରେ କହିଲେ ଶାସନରେ ଖୋଲାପଣିଆ ଚାଲୁରଖିବା ଓ ଶାସନ ଚଳାଉଥିବା ଲୋକେ ସେମାନଙ୍କ ପ୍ରତ୍ୟେକ କାମ ପାଇଁ ଉତ୍ତରଦାୟୀ ହେବା– ଏ ଦୁଇଟି ଗଣତନ୍ତ୍ର ବୃକ୍ଷର ସବୁଜ ସାର ଭଳି କାମ କରେ। ସ୍ୱଚ୍ଛତାର ଗୋଟିଏ ବ୍ୟତିକ୍ରମ ହେଉଛି ଭୋଟ୍ ଦେବା ପ୍ରକ୍ରିୟା ; ଭୋଟ ଗୋପନୀୟ ନ ରହିଲେ କିଏ ଶାସକ ଦଳର ପ୍ରାର୍ଥୀକୁ ଭୋଟ ଦେଇନଥିବା ଲୋକ ଜଣାପଡ଼ିଯିବ, ସରକାରୀ ଦଳର ରୋଷର ଶିକାର ହୋଇପାରିବ। ତେଣୁ ଭୋଟ୍‌ର ଗୋପନୀୟତା ଗଣତନ୍ତ୍ରର ସହାୟକ, କିନ୍ତୁ ଗୋପନୀୟତା ରକ୍ଷାରେ ବି ସ୍ୱଚ୍ଛତା ଦରକାର। ଭୋଟ ଗ୍ରହଣ ପ୍ରକ୍ରିୟା ନିରପେକ୍ଷ ହେବା କଥା, ଗଣାହେବାଯାଏ ବାଲଟ୍ ବାକ୍ସ ସୁରକ୍ଷିତ ରହିବା କଥା ଏବଂ ପ୍ରାର୍ଥୀ ବା ତାଙ୍କ ପ୍ରତିନିଧିଙ୍କ ସାମ୍ନାରେ ଓ ରୁଣ୍ଡ ହୋଇଥିବା ଲୋକଙ୍କ ଜ୍ଞାତସାରରେ ଭୋଟ ଗଣନା ହେବା କଥା– ଏସବୁ ଗଣତନ୍ତ୍ରରେ ଲୋକଙ୍କ ଆସ୍ଥା ବଢ଼ାଇଥାଏ। ଗଣତାନ୍ତ୍ରିକ ନିର୍ବାଚନ ପଦ୍ଧତି ଭିତରେ ଏକ ଅଙ୍ଗୀକାର–ବଦ୍ଧତା ନିହିତ ଅଛି, ନିର୍ବାଚନରେ ହାର୍–ଜିତ୍ ଥିଲେ ମଧ୍ୟ ଶାସକ ଦଳ ଓ ବିରୋଧୀ ଦଳ ପରସ୍ପର ପ୍ରତି ସୌଜନ୍ୟପୂର୍ଣ୍ଣ ଓ ସହନଶୀଳ ହେବା କଥା, ଯେଉଁ ଦଳ ଜିତୁନା କାହିଁକି ସମାଜର ସାଧାରଣ ସମସ୍ୟାଗୁଡ଼ିକର ସମାଧାନ କରିବାରେ ସବୁ ଦଳ, ଶାସକ ଓ ବିରୋଧୀମାନେ ସହଯୋଗ କରିବେ। ୧୯୭୬ର ଏମର୍ଜେନ୍ସି ଜାରି ପରଠାରୁ କଂଗ୍ରେସ ଦଳ ସମ୍ବିଧାନର ଏହି ମର୍ମକୁ ଜାଣିଶୁଣି ଦଳିଦେଲା। ପରବର୍ତ୍ତୀ କାଳରେ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ପ୍ରଗ୍ରେସିଭ୍ ଆଲାୟାନ୍ସ (ଉପା) ଶାସନ କାଳରେ ଏହା ଆମ ଦେଶର ରାଜନୈତିକ ଆଚରଣରେ ପଡ଼ିଗଲା, କାରଣ କାଲିର ବିରୋଧୀ ଆଜିର ଶାସକ ହୋଇ ତାର ଫାଇଦା ପାଉଛି।

ଆମ ଦେଶରେ ୧୯୫୬ଯାଏ କୌଣସି ଆଇନରେ 'ରାଜନୈତିକ ଦଳ'ର ଉଲ୍ଲେଖ ନଥିଲା, ବ୍ରିଟିଶ୍ ସଂସଦୀୟ ବ୍ୟବସ୍ଥା ଅନୁକରଣରେ ଆମ ଦେଶରେ ନିର୍ବାଚନ ପ୍ରକ୍ରିୟାରେ ଦଳଗୁଡ଼ିକ ଭାଗ ନେଉଥିଲେ ବି ରିପ୍ରେଜେଣ୍ଟେସନ୍ ଅଫ୍ ପିପୁଲ୍ସ ଆକ୍ଟ (ଲୋକ ପ୍ରତିନିଧି ଆଇନ)ରେ ରାଜନୈତିକ ଦଳକୁ ଆଇନଗତ ମାନ୍ୟତା ଦେବାକୁ ୧୯୮୪ଯାଏ ଅପେକ୍ଷା କରିବାକୁ ପଡ଼ିଲା। ସେତେବେଳକୁ ନେଡ଼ିଗୁଡ଼ କହୁଣିକୁ ବୋହିଗଲାଣି। ରାଜନୈତିଦଳଗୁଡ଼ିକ ଲୋକ–ପ୍ରତିନିଧିଙ୍କୁ ଦଳ–ପ୍ରତିନିଧି କରିଦେଲେ ; ଦଳର ଆଭିମୁଖ୍ୟରେ ପରିବର୍ତ୍ତନ ଆସିଗଲା। ଲୋଭର ବଶବର୍ତ୍ତୀ ହୋଇ ଅନେକ ସମୟରେ କିଛି କିଛି ଲୋକ–ପ୍ରତିନିଧି ଦଳବଦଳ କରୁଥିଲେ ବୋଲି, ଅର୍ଥାତ୍ ନିଜର ବିବେକ ଲଗାଉଥିଲେ ବୋଲି ଦଳଗୁଡ଼ିକ, ବିଶେଷତଃ ଜାତୀୟ କଂଗ୍ରେସ ଦଳ ଅସ୍ୱସ୍ତି ଅନୁଭବ କଲା, କାରଣ ଦଳ–ବଦଳ ପ୍ରବୃତ୍ତି ସରକାରରେ ଅସ୍ଥିରତା ଆଣିଲା। ପ୍ରବଳ ବହୁମତରେ ଗାଦିନସୀନ ହୋଇଥିଲେ ମଧ୍ୟ ରାଜୀବ ଗାନ୍ଧୀ ୧୯୮୪ରେ ଦଳବଦଳ ନିରୋଧ ବିଲ୍ ଆଣିଲେ। ୧୯୮୫ରେ ସମ୍ବିଧାନରେ ୧୦ମ ତଫସିଲ ଯୋଡ଼ା ହେଲା, ତଦନୁଯାୟୀ ଲୋକପ୍ରତିନିଧି ଆଇନରେ ପରିବର୍ତ୍ତନ କରାଗଲା। ୨୦୦୩ରେ ତାହାକୁ ସମ୍ବିଧାନର ଅଙ୍ଗ କରିଦିଆଗଲା କହିଲେ କଥାଟା ବଡ଼ ସରଳ ମନେହେଉଛି, କିନ୍ତୁ ୧୦ମ ସିଡ୍ୟୁଲଟି ସମ୍ବିଧାନ ପେଟରେ ଆଉ ଗୋଟିଏ ସମ୍ବିଧାନ ଭଳି ରହିଲା, କଙ୍ଗାରୁ ପେଟରେ ପୂର୍ଣ୍ଣାବୟବ କଙ୍ଗାରୁ ଛୁଆ ଯେମିତି ଥାଏ। କେଉଁ କେଉଁ କାରଣରୁ ଲୋକ–ପ୍ରତିନିଧିଙ୍କୁ ଅଯୋଗ୍ୟ ଘୋଷିତ କରାଯାଇପାରିବ, ସେ ତାଲିକାରେ ଆଉ ଗୋଟିଏ ଫର୍ଦ୍ଦ ଯୋଡ଼ାଗଲା, ଯାହା ୧୦ମ ତଫସିଲର ଶିରୋନାମା କହୁଛି, 'ଦଳବଦଳ କାରଣରୁ ଅଯୋଗ୍ୟ ହେବାର ବ୍ୟବସ୍ଥା'। ରାଜନୈତିକ ଦଳର ପ୍ରାର୍ଥୀ ଦଳପତିଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି (ସଂସଦୀୟ ଭାଷାରେ ହ୍ୱିପ୍ ବା ଛାଟକୁ ବେଖାତିର କରି) ଆଲୋଚନାରେ ଭୋଟ ଦେଲେ ଦଳପତି ତାଙ୍କୁ ବିଧାନସଭା ହେଉ କି ସଂସଦ ହେଉ ସେ ଗୃହର ସଦସ୍ୟ ପଦରୁ ବହିଷ୍କାର କରିବା ପାଇଁ ବାଚସ୍ପତିଙ୍କୁ ଲେଖିପାରିବେ ଓ ବାଚସ୍ପତି ତାହା ଗ୍ରହଣ କଲେ ସମ୍ପୃକ୍ତ ଲୋକପ୍ରତିନିଧି ଗୃହର ସଦସ୍ୟ ପଦ ପାଇଁ ଅଯୋଗ୍ୟ ଘୋଷିତ ହେବେ। ଲୋକେ ତାଙ୍କୁ ବାଛିଛନ୍ତି, କିନ୍ତୁ ଦଳ ତାଙ୍କୁ ବହିଷ୍କାର କରିଦେବ– ଏ ତ ଆମ ସମ୍ବିଧାନ–ପ୍ରଣେତାମାନଙ୍କ ଚିନ୍ତାରେ ବି ନ ଥିଲା। ଯେଉଁ ଲୋକେ ତାଙ୍କୁ ଭୋଟ ଦେଇଥିବେ, ସେମାନେ ବି କିଛି କରିପାରିବେ ନାହିଁ ; ତାକୁ ଆଉ ଥରେ ପ୍ରତିନିଧି ହେବାର ଅବସର ମିଳିନପାରେ, କାରଣ ସେହି ଦଳପତି ତା'ର ପ୍ରାର୍ଥିପତ୍ରକୁ ସୁପାରିସ୍ କରିବେ ନାହିଁ।

୨୦୦୩ରେ ପୁଣି ସମ୍ବିଧାନରେ ଓ ଲୋକପ୍ରତିନିଧି ଆଇନରେ ସଂଶୋଧନ ଅଣାଗଲା ଯେ, ପ୍ରାର୍ଥୀ ହେବା ଲାଗି ସମ୍ପୃକ୍ତ ନିର୍ବାଚନମଣ୍ଡଳୀର ଭୋଟର ହେବା ଦରକାର ନାହିଁ, ଅର୍ଥାତ୍ ନିଜ ଲୋକଙ୍କ ଭିତରୁ ଆସିବା ଦରକାର ନାହିଁ, ପ୍ରାଦେଶିକ ସ୍ତରରେ ବିଧାୟକ ପଦ ପାଇଁ ପ୍ରଦେଶର ଯେ କୌଣସି ଅଞ୍ଚଳର ଭୋଟର ହୋଇଥିଲେ ଚଳିବ ଏବଂ ସଂସଦର ଉଭୟ ଗୃହ ପାଇଁ ସଦସ୍ୟ ହେବା ଲାଗି ଦେଶର ଯେ କୌଣସି ଅଞ୍ଚଳର ଭୋଟର ହୋଇଥିଲେ ବି ଯେ କୌଣସି ରାଜ୍ୟରୁ ପ୍ରାର୍ଥୀ ହୋଇପାରିବେ। ଓଡ଼ିଶାର ଏମ୍ଏଲ୍ଏ ନିଖିଳ ଓଡ଼ିଶାର ଭୋଟର ଏବଂ ଓଡ଼ିଶାର ସାଂସଦମାନେ ଅଖିଳ ଭାରତୀୟ ଭୋଟର ହୋଇଥିଲେ ଚଳିବ। ତେଣୁ ଏମ୍ଏଲ୍ଏ ଓ ଏମ୍ପି ଅଚିହ୍ନା ଲୋକଙ୍କ ବା ରାଜ୍ୟର ପ୍ରତିନିଧି ହୋଇପାରିବେ। ପ୍ରତିନିଧି ଶବ୍ଦର କି ଅପବ୍ୟବହାର! ଲୋକ ନୁହେଁ, ରାଜନୈତିକ ଦଳ ହିଁ ନିର୍ବାଚିତ ବ୍ୟକ୍ତିଙ୍କ ମାଲିକ। ତେଣୁ ଦିଲ୍ଲୀର ଭୋଟର–ତାଲିକାରେ ନାମ ଥିବା ବ୍ୟକ୍ତି କେରଳର କୌଣସି ସଂସଦୀୟ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇପାରେ (ଯେପରି କେରଳର ୱାୟାନାଡ୍ ସଂସଦୀୟ ନିର୍ବାଚନମଣ୍ଡଳୀର ଗୋଟିଏ ହେଲେ ଭୋଟରକୁ ଚିହ୍ନିନଥିଲେ ବି ରାହୁଲ ଗାନ୍ଧୀ ସେଠାକାର ଏମ୍ପି, ତାଙ୍କୁ ଆମେ ୱାୟାନାଡ୍‌ର ଲୋକପ୍ରତିନିଧି କହିବା ନା କଂଗ୍ରେସ୍ ଦଳର ପ୍ରତିନିଧି କହିବା ?)। ସେହିଭଳି ଓଡ଼ିଶାର ଯେକୌଣସି ସ୍ଥାନର ଭୋଟର ଓଡ଼ିଶାର ଯେକୌଣସି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇପାରିବ (ନାଁ ନେବା ଦରକାର ନାହିଁ, ବିଜେଡି ଜଣେ ଭୁବନେଶ୍ୱରବାସୀଙ୍କୁ କୋରାପୁଟର ନିର୍ବାଚନମଣ୍ଡଳୀରେ ଏମ୍ଏଲ୍ଏ ପ୍ରାର୍ଥୀ କରିପାରେ, ସେ ଜିତିଲେ କୋରାପୁଟର ଲୋକଙ୍କର କି ପ୍ରକାରର ପ୍ରତିନିଧି ହେବ ? ସିଏ ତ କୋରାପୁଟରେ ବିଜେଡିର ପ୍ରତିନିଧି ହେବ।) ଆଉ ଗୋଟିଏ ବିଚିତ୍ର କଥା ହେଲା, ରାଜ୍ୟ ସଭାର ମେମ୍ବର ହେବା ପାଇଁ ରାଜ୍ୟର ଭୋଟର ହୋଇଥିବା ଦରକାର ନାହିଁ, ଭାରତର ଯେ କୌଣସି ଅଞ୍ଚଳର ଭୋଟର ହୋଇଥିଲେ ଚଳିବ। ଏପରି ବ୍ୟକ୍ତି ରାଜ୍ୟର ସ୍ୱାର୍ଥ ତୁଳନାରେ ଦଳର ସ୍ୱାର୍ଥକୁ ବେଶି ନଜର ଦେବ ନାହିଁ କି? ସୁତରାଂ ଆମ ଶାସନ–ପଦ୍ଧତିରେ ଆଉ ଲୋକ–ପ୍ରତିନିଧି ନାହାନ୍ତି, କେବଳ ଦଳ–ପ୍ରତିନିଧି ଅଛନ୍ତି।

ଦଳବଦଳ ରୋକିବା ଚେଷ୍ଟାରେ ଆରମ୍ଭ ହୋଇଥିବା ସମ୍ବିଧାନ ସଂଶୋଧନ ପ୍ରଚେଷ୍ଟା ଏବେ ଗଣତନ୍ତ୍ରକୁ ଦଳତନ୍ତ୍ର ବା ଫାସିଜିମ୍‌ରେ ପରିଣତ କରିବାରେ ଲାଗିଗଲାଣି। ଯଦି ଏମ୍ଏଲ୍ଏ ଓ ସାଂସଦମାନେ କ୍ରୀତଦାସତୁଲ୍ୟ ହେବେ, ତେବେ ପୋଲିସ୍ ଓ ସାମରିକ ବାହିନୀ ସହ ଅମଲାତନ୍ତ୍ର କାହିଁକି ଗୋଡ଼ାଣିଆ ନ ହେବେ ? ରାଜନୈତିକ ଦଳଗୁଡ଼ିକ ନିଜକୁ ସୁହାଇବା ଭଳି ଲୋକକୁ ପ୍ରାର୍ଥୀ କରିବା ପାଇଁ କିମ୍ବା ଦଳପତିଙ୍କ ଅନୁଗ୍ରହରେ ଥିବା ବ୍ୟକ୍ତିଙ୍କୁ ଥଇଥାନ କରିବା ପାଇଁ ଏପରି କରିଛନ୍ତି ସିନା, ପ୍ରକୃତରେ ସେମାନେ ସଲାସୁତରା କରି ଗଣତନ୍ତ୍ରରୁ 'ଗଣ'କୁ ହଟାଇ ଦେଇ 'ଦଳ'କୁ ଭର୍ତ୍ତି କରିଦେଲେଣି। ତେଣୁ ରୁଡ୍ୟାର୍ଡ କିପ୍ଲିଂ ବଖାଣିଥିବା ଜଙ୍ଗଲ ଆଇନ ଏଣିକି ଚାଲୁହେବ, ଗୋଠର ଆଲ୍ଫା ମେଲ୍ ବା ଫିମେଲ୍ ଯାହା କହିବ ତାହା ହିଁ ନୈତିକ ହେବ ଓ ଆଇନରେ ପରିଣତ ହେବ।

ଲୋକର ଗୁଣ ପରଖି ଏମ୍ଏଲ୍ଏ ବା ଏମ୍ପି ପ୍ରାର୍ଥୀ କରିବା ସମୟ ଗଲାଣି। କିଏ ବେଶି ଦଳପତିଙ୍କୁ ତୋଷାମୋଦ କରିବ ସେ ହିଁ ବିଧାୟକ ବା ସାଂସଦ ହେବ ସେ ଦେଶର ବିକାଶ ପାଇଁ ତାହାର ଚିନ୍ତା ନଥାଉ ପଛେ। ଆମ ଦେଶର ଭୋଟିଂ ପ୍ରଥା ତ ଦୌଡ଼ରେ ପ୍ରଥମ ହେବା ଭଳି ବ୍ୟବସ୍ଥା, ଯିଏ ଅନ୍ୟମାନଙ୍କଠାରୁ ବେଶି ଭୋଟ୍ ପାଇଲା ସିଏ ଜିତିଲା, ଅନ୍ୟମାନଙ୍କର ମିଳିତ ଭୋଟସଂଖ୍ୟା ଅର୍ଥାତ୍ ତାକୁ ପସନ୍ଦ କରୁନଥିବା ଭୋଟସଂଖ୍ୟା ଶତକଡ଼ା ୭୮ ହେଲେ ବି। (୧୦୦ ଭୋଟର ଥିବା ନିର୍ବାଚନମଣ୍ଡଳୀରେ ୫ ଜଣ ପ୍ରାର୍ଥୀଙ୍କ ଭିତରେ ଯିଏ ୨୨ ପାଇଲା, ଅନ୍ୟମାନେ ଯଥାକ୍ରମେ ୨୧, ୨୦, ୧୯ ଓ ୧୮ ପାଇଥିବାରୁ, ସିଏ ଜିତିବ।) ତେଣୁ ରାଜନୈତିକ ଦଳଗୁଡ଼ିକ ଦେଶର ବିକାଶ ପ୍ରତି ନଜର ନ ରଖି ଭୋଟରମାନଙ୍କ ଭିତରୁ ଯେଉଁମାନଙ୍କୁ ସହଜରେ ଫୁସୁଲାଇ ହେବ ସେମାନଙ୍କୁ ଦେଖନ୍ତି, ଟଙ୍କିକିଆ ଚାଉଳ ସାଙ୍ଗରେ ଲୋକଙ୍କ ହାତରେ ସ୍ୱାସ୍ଥ୍ୟସେବା–ଆଶ୍ୱାସନାର ସ୍ମାର୍ଟ କାର୍ଡ ଧରାଇଦେଲେ ଅନ୍ତତଃ ତିରିଶ ଚାଳିଶ ଶତାଂଶ ଲୋକ ତ 'ଆମେ ଖୁସି' ବୋଲି କହିବେ, ଖୁସି ମାନେ ତ ଭୋଟ୍! ବିରୋଧୀ ଦଳଗୁଡ଼ିକ କୋଳାହଳକୁ ଦବାଇବାକୁ ଆଇନ–ଶୃଙ୍ଖଳାରକ୍ଷାକାରୀ କର୍ମଚାରୀ ନାହାନ୍ତି କି?

sahadevas@yahoo.com

# ଧାର୍ମିକ ଭିନ୍ନତା ମଧ୍ୟରେ ଏକତା



ବୈକୁଣ୍ଠନାଥ ମିଶ୍ର

ମୃତ୍ୟୁ ଏକ ରହସ୍ୟମୟ ଚିନ୍ତନ। କେବଳ ମୃତ୍ୟୁ ନୁହେଁ, ମୃତ୍ୟୁ ପରବର୍ତ୍ତୀ କାଳରେ ଆତ୍ମାର ଗତି, ସ୍ଥିତି ମଧ୍ୟ ଅନୁରୂପ ଭାବେ ରହସ୍ୟମୟ। ମୃତ୍ୟୁକୁ କେହି କେହି ଜୀବନର ଅନ୍ତିମ ପରିଣତି ବୋଲି ଅଭିହିତ କରୁଥିବାବେଳେ ଅନ୍ୟ କେହି ମୃତ୍ୟୁ ହିଁ ନୂତନ ସୃଷ୍ଟିର ପ୍ରାରମ୍ଭ ବୋଲି ମତ ଦିଅନ୍ତି। ଋଷି ଚାର୍ବାକ ଓ ତାଙ୍କ ଅନୁଗାମୀଙ୍କ ମତରେ 'ଭସ୍ମିଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ।' ଅର୍ଥାତ୍ ମୃତ୍ୟୁ ହିଁ ସବୁର ଶେଷ ଓ ପୁନର୍ଜନ୍ମ ବୋଲି କିଛି ନାହିଁ। କିନ୍ତୁ ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତରେ 'ପୁନରପି ଜନନମ୍ ପୁନରପି ମରଣଂ ପୁନରପି ଜନନୀ ଜଠରେ ଶୟନମ୍।' ଶଙ୍କରାଚାର୍ଯ୍ୟଙ୍କ ଅନୁଗାମୀଙ୍କ ମତରେ ଜନ୍ମ ମୃତ୍ୟୁ ଚକ୍ରାକାରରେ ଘୂର୍ଣ୍ଣାୟମାନ। ଶ୍ରୀମଦ୍‌ଭଗବଦ୍ ଗୀତା ମଧ୍ୟ 'ଜନ୍ମପରେ ମୃତ୍ୟୁ ଓ ମୃତ୍ୟୁପରେ ଜନ୍ମ' ଭଳି ସିଦ୍ଧାନ୍ତକୁ ଧ୍ରୁବୀକରଣ କରିଛନ୍ତି।

ମୃତ୍ୟୁ ଏକ ସହଜ ଓ ସରଳ ପ୍ରକ୍ରିୟା, ଦିବସର କର୍ମକ୍ଳାନ୍ତ ଶରୀର ଯେପରି ନିଦ୍ରାରୂପକ ବିଶ୍ରାମ ପାଇଁ ବ୍ୟଗ୍ର ହୁଏ, ଠିକ୍ ସେହିପରି ତମାମ ଜୀବନର କର୍ମକ୍ଳାନ୍ତି ପରେ ମୃତ୍ୟୁରୂପକ ମହାବିଶ୍ରାମକୁ ସ୍ୱାଗତ କରିବା ପାଇଁ ଜୀବ ଆତୁର ହୋଇଉଠେ। ଅବଶ୍ୟ ପ୍ରାକ୍ ବାର୍ଦ୍ଧକ୍ୟ ମୃତ୍ୟୁ ଏକ ଭିନ୍ନକଥା। ଦୁର୍ଘଟଣା ଓ ଅନ୍ୟ ଆକସ୍ମିକ ମୃତ୍ୟୁ ବ୍ୟତୀତ ସାଧାରଣ ମୃତ୍ୟୁ ଅଭିଳଷିତ ଓ ଏସବୁ ସତ୍ତ୍ୱେ ମଣିଷ ମୃତ୍ୟୁକୁ ଯେତେ ସତ୍ୟ ବୋଲି ଗ୍ରହଣ କରିଛି ମୃତ୍ୟୁ ପରେ ଜୀବନକୁ ସେତେ ସତ୍ୟ ବୋଲି ଗ୍ରହଣ କରିପାରି ନାହିଁ। ତେବେ ଏସବୁ ଶାସ୍ତ୍ରାନୁମୋଦିତ କଥା ଯାହା ବିଶ୍ୱାସ ଉପରେ ପର୍ଯ୍ୟବସିତ। ବିଶ୍ୱାସ ଏଭଳି ଏକ ପ୍ରକ୍ରିୟା ଯାହା କୌଣସି ବିରୋଧଭାବ ଦ୍ୱାରା ପ୍ରତିହତ ହୁଏନାହିଁ। ବିଶ୍ୱାସର ବିପରୀତ ହେଉଛି ସନ୍ଦେହ। ମଣିଷର ସନ୍ଦେହ ବିମୋଚନ ଓ ବିଶ୍ୱାସ ଉପରେ ଦୃଢ଼ତା ସ୍ଥାପନ ପାଇଁ ବିଭିନ୍ନ ଧର୍ମର ଧର୍ମଶାସ୍ତ୍ର ମାନଙ୍କରେ ମୃତ୍ୟୁ ଓ ପୁନର୍ଜନ୍ମ ଉପରେ ଆଲୋକପାତ କରାଯାଇଛି। ଇସ୍‌ଲାମ ଧର୍ମରେ ଇହଲୋକ ଓ ପରଲୋକର ବିଶ୍ୱାସ ରହିଛି। ଦିବ୍ୟ କୁରୁଆନ ଗ୍ରନ୍ଥର 'ଅଲବଖରହ'୨୧–୨୨ ସୁକ୍ତ କହେ ''ଇହଲୋକରେ ଭ୍ରମାତ୍ମକ ଧାରଣା ଓ ଦୁଷ୍କାର୍ଯ୍ୟରୁ ଏବଂ ପରଲୋକରେ ଖୁଦାଙ୍କର ଦୁଃଖ ଦୁର୍ଦ୍ଦଶାଭରା ଯନ୍ତ୍ରଣାପଦ ଶାସ୍ତିରୁ ରକ୍ଷାପାଇବାର ଉପାୟ ହେଲା–ତୁମେ ସେହି ସର୍ବଶକ୍ତିମାନ ଖୁଦାଙ୍କର ଶରଣାପନ୍ନ ହୋଇ ଦାସତ୍ୱ ଅବଲମ୍ବନ କର। ଏହାଦ୍ୱାରା ତୁମେ ଉଭୟ ଇହ ଓ ପରଲୋକରେ ପାଇବାକୁ ଥିବା ଯନ୍ତ୍ରଣାରୁ ମୁକ୍ତିଲାଭ କରିବା।'' ପୁନର୍ଜନ୍ମର ଚନ୍ତନ ନାରୀ ପୁରୁଷ ନିର୍ବିଶେଷରେ ପରିଲକ୍ଷିତ ହୁଏ। ଇଣ୍ଡୋନେସିଆର ନେନେଙ୍ଗ ହାତିଦ୍‌ଜା ନାମକ ଜଣେ ୭୭ବର୍ଷୀୟା ବୃଦ୍ଧା ନିଜ ମୃତ କନ୍ୟା ଓ ସ୍ୱାମୀଙ୍କର ଆତ୍ମା ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଶରୀର ପ୍ରବେଶ କରିବାର ବିଶ୍ୱାସ ରଖି ଶବ ଦୁଇଟିକୁ ନିଜ ଘରେ କର୍ପୁରଗୁଣ୍ଡ ଓ ପର୍ଫ୍ୟୁମ୍ ପ୍ରୟୋଗ କରି ପ୍ରାୟ ଦୁଇ ବର୍ଷ ସାଇତି ରଖିଥିଲେ। ପରେ ଜଣେ ଡାକ୍ତରଙ୍କ ଉଦ୍ୟମ କ୍ରମେ ମୃତଦେହ ଆବିଷ୍କାର କରାଯାଇ ସଂସ୍କାର କରାଯାଇଥିଲା।

ବୌଦ୍ଧ ଧର୍ମ ତ ପୁନର୍ଜନ୍ମ ଉପରେ ସ୍ଥାପନ କରିଥାଏ। ତଥାଗତ ତାଙ୍କର ବୁଦ୍ଧତ୍ୱ ପ୍ରାପ୍ତି ପୂର୍ବରୁ ଅନେକ ଜନ୍ମ ନେଇସାରିଥିଲେ। ଏକଦା ଉଇବିଲ୍ଲ ଗ୍ରାମର ଛୋଟ ଶିଶୁମାନଙ୍କୁ ହିତୋପଦେଶ ଛଳରେ କହିଥିଲେ, ''ବାଳକେ! ଆମେ ବର୍ତ୍ତମାନର ଜନ୍ମ ପୂର୍ବରୁ ଅନେକ ଜନ୍ମ ନେଇସାରିଛେ। ବହୁ ସହସ୍ର ବର୍ଷ ପୂର୍ବେ ମୁଁ ମୃଗ ଭାବେ ଜନ୍ମ ନେଇଥିଲି। ମୁଁ ଘାସ, ପକ୍ଷୀ ଏବଂ ଏକ ବିଶାଳ ବୃକ୍ଷଭାବେ ଅନେକ ଶହ ବର୍ଷ ବଞ୍ଚିଥିଲି। ଇତର ଜନ୍ମମାନଙ୍କରେ ସୁକର୍ମ ଯୋଗୁ କ୍ରମ ବିକାଶ ଘଟି ମାନବ ଦେହ ପ୍ରାପ୍ତ ହୋଇଛି।'' (ନିର୍ବାଣ–ପୃ–୬୦)। ଖ୍ରୀଷ୍ଟଧର୍ମରେ ମଧ୍ୟ ପୁନର୍ଜନ୍ମର ବିଶ୍ୱାସ ରହିଛି। ମହାତ୍ମା ଯିଶୁଙ୍କୁ କ୍ରୁଶବିଦ୍ଧ କରାଯିବାର ୪୦ଦିନ ପରେ ସେ କବରରୁ ଉଠିଆସିଥିଲେ। ଏହି ଦିନକୁ ପୁନରୁତ୍‌ଥାନ ଦିବସ (ଡେ ଅଫ୍ ରେସୁରେକ୍ସନ) କୁହାଯାଏ ଏବଂ ଉକ୍ତ ଦିବସକୁ ଖ୍ରୀଷ୍ଟିୟାନମାନେ 'ଇଷ୍ଟର' ପର୍ବ ରୂପେ ପାଳନ କରନ୍ତି। ଉପରୋକ୍ତ ତଥ୍ୟ ସବୁକୁ ବିଚାରକୁ ନେଲେ ଜଣାଯାଏ ଯେ ଧର୍ମ ସଂସ୍କୃତି ଓ ପରମ୍ପରା ନିର୍ବିଶେଷରେ ପୁନର୍ଜନ୍ମ ଓ ପାପଫଳ ଭୋଗ ସବୁ ଧର୍ମରେ ରହିଛି । ଏ ସଂସାରରେ ନାସ୍ତିକତା ଏକ ଆଭିଧାନିକ ଶବ୍ଦ। ଜଣେ ମହାପୁରୁଷଙ୍କ ମତରେ ନିଜକୁ ନାସ୍ତିକ କହୁଥିବା ବ୍ୟକ୍ତିଙ୍କ ମତରେ ମୃତ୍ୟୁ ହିଁ ସବୁକିଛିର ଶେଷ। ପୁନର୍ଜନ୍ମ, ପାପ, ପୁଣ୍ୟ ଏସବୁ କାଳ୍ପନିକ। ମୃତ୍ୟୁପରେ ଯାହା କିଛି କରାଯାଏ, ତାହା 'କଳାକର୍ମ' (ବ୍ଲାକ୍ ଆକ୍ସନ)। କିନ୍ତୁ ସେହି ବ୍ୟକ୍ତିଙ୍କୁ ନିଜ ମୃତ ମାତାପିତା ଓ ପୂର୍ବ ପୁରୁଷ ତଥା ଅନ୍ୟାନ୍ୟ ଗୁରୁଜନଙ୍କ ଫଟୋ ଚିତ୍ରରେ ପାଦ ଥାପିବାକୁ କୁହାଗଲେ, ସେମାନେ ତାହା କରିପାରନ୍ତି ନାହିଁ। ଏପରି କ୍ଷେତ୍ରରେ ମୃତ ବ୍ୟକ୍ତିର ଫଟୋଚିତ୍ରରେ ପାଦରଖିଲେ ଅସୁବିଧା କେଉଁଠି ? ଏଥିରୁ ପ୍ରମାଣିତ ହୁଏ ଯେ ନାସ୍ତିକତା କେବଳ ଏକ ବାହ୍ୟ ଭାବନା ; ଏହା ଆଦୌ ଆନ୍ତରିକ ନୁହେଁ।

ଜୀବାତ୍ମା ଶରୀର ତ୍ୟାଗକଲେ ଶରୀର ମୃତ ହୋଇଯାଏ। ହିନ୍ଦୁଶାସ୍ତ୍ର ଅନ୍ତର୍ଗତ ବୈଦିକ କର୍ମକାଣ୍ଡ ଅନୁସାରେ ଜୀବାତ୍ମା ପ୍ରାଣ ତ୍ୟାଗ କରିବା ମାତ୍ରେ ଶରୀର ମଧ୍ୟରେ ପୁନଃ ପ୍ରବେଶ ପାଇଁ ଉଦ୍ୟମ କରେ। ଯେଉଁ ଶରୀରରେ ସେ ଦୀର୍ଘଦିନ ଧରି ଆଶ୍ରିତ ଥିଲା ସେଥିରୁ ବିଚ୍ଛେଦ ହେବା ପରେ ସେ ଶୋକ ଜର୍ଜରିତ ହୋଇପଡ଼େ। ଶ୍ମଶାନରେ ଶ୍ମଶାନାଧିପତି ରୁଦ୍ର ଜୀବାତ୍ମାକୁ ସମାଦର ପୂର୍ବକ କୋଳେଇ ନିଅନ୍ତି। ଶରୀରରେ ଅଗ୍ନି ସଂଯୋଗ ଓ ମୁଖାଗ୍ନି ପ୍ରଦାନ ସମୟରେ ରୁଦ୍ର ଜୀବାତ୍ମାକୁ ପ୍ରବୋଧନା ଦିଅନ୍ତି ଯେ ଏସବୁ ତା'ର ଅନ୍ତିମ ପ୍ରାପ୍ୟ ଓ ଏସବୁ ପ୍ରାପ୍ତି ପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରିଆସିଛି ଯେ ତା' ଶରୀରକୁ ଯଥାରୀତି ପରିଜନଙ୍କ ଦ୍ୱାରା ଦାହ କରାଯାଉ ଓ ଆତ୍ମଜଙ୍କ ଦ୍ୱାରା ମୁଖାଗ୍ନି ପ୍ରଦାନ କରାଯାଉ। ମୃତ୍ୟୁର ଦଶମ ଦିନ ପର୍ଯ୍ୟନ୍ତ ଶୀତଳୀକରଣ ବିଧିମାନ କରାଯାଇ ଶେଷରେ ଜଳରେ ଦଗ୍ଧାସ୍ଥି ବିସର୍ଜନ କରାଗଲା ପରେ ଆତ୍ମାକୁ ଶାନ୍ତିମିଳେ। ଦ୍ୱାଦଶଦିନ ସମାନି ଶ୍ରାଦ୍ଧ ଦ୍ୱାରା ଜୀବାତ୍ମା ପ୍ରେତତ୍ୱରୁ ମୁକ୍ତିଲାଭ କରି ପିତୃଲୋକ ଗମନ କରେ। ଅତିଥି ବ୍ରାହ୍ମଣ ଓ ଆତ୍ମୀୟଙ୍କୁ ଭୂରି ଭୋଜନରେ ଅପ୍ୟାୟିତ କରାଯାଏ। ଜୀବାତ୍ମା ପିତୃଲୋକରେ ରହି ପରବର୍ତ୍ତୀ ଜନ୍ମ ପାଇଁ ପରମପିତାଙ୍କ ନିର୍ଦ୍ଦେଶକୁ ଅପେକ୍ଷାରଖେ। ପୂର୍ବଜନ୍ମର କର୍ମକୁ ବିଚାରକୁ ନେଇ ତା' ପାଇଁ ଜନ୍ମସ୍ଥିର କରି ଈଶ୍ୱର ତା'ର ଅନୁରୂପ ଯୋନିରେ ଜନ୍ମ ପ୍ରବନ୍ଧ କରନ୍ତି।

କ୍ଷିତି ଆପ ତେଜ ମରୁତ ବ୍ୟୋମ– ମାତୃଗର୍ଭରେ ସଞ୍ଚାରିତ ଭ୍ରୂଣ ଏହି ପଞ୍ଚମହାଭୂତରେ ଗଠିତ। ଏମାନଙ୍କ ମଧ୍ୟରେ ମରୁତର ସ୍ଥାନ ସ୍ୱତନ୍ତ୍ର। ଏହା ଭ୍ରୂଣ ମଧ୍ୟକୁ ଶେଷରେ ପ୍ରବେଶକରି ଭ୍ରୂଣ ମଧ୍ୟରେ ପ୍ରାଣ ସଞ୍ଚାର କରେ ଓ ପ୍ରାଣୀର ଶରୀରରୁ ପ୍ରଥମେ ନିଷ୍କ୍ରାନ୍ତ ହୋଇ ଶରୀରକୁ ଜଡ଼ରେ ପରିଣତ କରେ। ଏହା ସବୁ ଧର୍ମ ଓ ମତବାଦ ନିର୍ବିଶେଷରେ ଏକ ମହାସତ୍ୟ। ଧର୍ମ ମାନବିକ ପ୍ରକ୍ରିୟାର ଅଂଶବିଶେଷ ହୋଇଥିବା ବେଳେ ଜନ୍ମ ମୃତ୍ୟୁ ଅତ୍ୟନ୍ତ ପ୍ରାକୃତିକ। ସେହିପରି ଜନ୍ମ ମୃତ୍ୟୁ ନେଇ ଭିନ୍ନ ଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ରୀତିନୀତି ପ୍ରଚଳିତ ଥିଲେ ମଧ୍ୟ ଜନ୍ମପରେ ମୃତ୍ୟୁ ଓ ମୃତ୍ୟୁପରେ ଜନ୍ମକୁ ସବୁ ଧର୍ମରେ ଗ୍ରହଣ କରାଯାଇଛି। ଧାର୍ମିକ ବିଦ୍ୱେଷ, ଧର୍ମାନ୍ଧତା ଯୋଗୁ ସୃଷ୍ଟ ଧ୍ୱଂସଲୀଳାରୁ ନିବୃତ୍ତ ରହି ମାନବୀୟ ସ୍ନେହ ପ୍ରେମ ପ୍ରତିଷ୍ଠା ଦ୍ୱାରା ଶାନ୍ତିପୂର୍ଣ୍ଣ ବୈଶ୍ୱିକ ସହାବସ୍ଥାନର ଆବଶ୍ୟକତା ରହିଛି। ଉଦ୍ୟାନଟିଏ ଯେପରି ଭିନ୍ନଭିନ୍ନ ପୁଷ୍ପ ସମ୍ଭାରରେ ଶୋଭିତ ସେହିପରି ଈଶ୍ୱରଙ୍କ ଏ ସୃଷ୍ଟିରୂପକ ଉଦ୍ୟାନରେ ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିୟାନ ଗୋଟିଏ ଗୋଟିଏ ପୁଷ୍ପରାଜିର ସମାହାର ହୋଇ ଉଦ୍ୟାନର ଶୋଭା ବର୍ଦ୍ଧନ କରନ୍ତି। ଏହା ଦ୍ୱାରା ସୃଷ୍ଟି କର୍ତ୍ତାଙ୍କୁ ମିଳେ ଅପାର ଆନନ୍ଦ। ତେଣୁ ଧର୍ମ ଧର୍ମ ମଧ୍ୟରେ କୌଣସି ବିଦ୍ୱେଷ ରହିବା ଉଚିତ ନୁହେଁ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ–୯୯୩୭୪୫୦୫୪୦

## ଏଇ ଭାରତରେ

ଛତିଶଗଡ଼ର ବସ୍ତର ଅଞ୍ଚଳ ନାଁ ଶୁଣିଲେ ମାଓବାଦୀ ଭୟ ଆସେ, କିନ୍ତୁ ଜଣେ ସାମାଜିକ କର୍ମୀଙ୍କ ହାତତିଆରି ବାଉଁଶ ସାଇକେଲ ସେଠାକାର ଲୁକ୍କାୟିତ ହସ୍ତକଳା ପରିଚୟକୁ ସାମ୍ନାକୁ ଆଣିଛି। ୩୦ ବର୍ଷୀୟ ଆସିଫ୍ ଖାନ୍‌ଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ଆସିଫ୍ କମ୍ୟୁନିଟି ଡେଭ୍‌ଲପ୍‌ମେଣ୍ଟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସୋସିଆଲ ସର୍ଭିସ୍ ସେଣ୍ଟରରେ କାର୍ଯ୍ୟ କରୁଥିଲେ। ୨୦୧୯ରେ ଚାକିରି ଛାଡ଼ି ଆଦିବାସୀଙ୍କ ହସ୍ତକଳା ବିକାଶ ଓ ସେମାନଙ୍କୁ ରୋଜଗାର ଦେବା ଲକ୍ଷ୍ୟରେ 'ଚେନରସ୍କେପ୍' ଏନ୍‌ଜିଓ ଗଠନ କରି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରିବା ଆରମ୍ଭ କରିଥିଲେ। ଏଥିରେ ସେ ଅନେକ ଆଦିବାସୀ ପରିବାରକୁ ଯୋଡ଼ିଛନ୍ତି। ସେହି କାରିଗରଙ୍କ ସହଯୋଗରେ ସେ ପରିବେଶ ଉପଯୋଗୀ ବାଉଁଶ ସାଇକେଲ ନିର୍ମାଣ କରିଛନ୍ତି। ଏହାର ନାମ 'ବେମ୍ବୁକା' ରଖିଛନ୍ତି। ଆଫ୍ରିକାର ଘାନାରେ ଏଭଳି ସାଇକେଲ ନିର୍ମାଣ କରାଯାଉଥିବାରୁ ତାହାକୁ ଦେଖି ସେ ତାହା ତିଆରି କରିବାକୁ ପ୍ରୟାସ କରି ସଫଳ ହୋଇଛନ୍ତି। ଘାନାର ଲୋକଙ୍କ ଭଳି ବାଉଁଶ ସାଇକେଲ ନିର୍ମାଣ କରି ବସ୍ତର ଆଦିବାସୀମାନେ ଭଲ ରୋଜଗାର କରିବାରିବେ ବୋଲି କହନ୍ତି ଅସିଫ୍। ବାଉଁଶ ସାଇକେଲ ନିର୍ମାଣ କରିବାକୁ ସେ ମୁମ୍ବାଇର ବାମ୍ବୁଚି ନାମକ ଏଜେନ୍ସିର ସହାୟତା ନେଇଛନ୍ତି। ଏବେ ସୁଦ୍ଧା ଅସିଫ୍ ଦୁଇଟି ବାଉଁଶ ସାଇକେଲ ନିର୍ମାଣ କରି ଦିଲ୍ଲୀ ଓ ରାୟପୁର ପ୍ରଦର୍ଶନୀରେ ଏହାକୁ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସେ ବସ୍ତର ଅଞ୍ଚଳର ୮ ଜଣ କାରିଗରଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ଆଗକୁ ସାଇକେଲ ସାଇକେଲ ଚାହିଦା ବଢ଼ିଲେ ଅଧିକରୁ ଅଧିକ କାରିଗର ରୋଜଗାର କରିପାରିବେ ବୋଲି କହନ୍ତି ଅସିଫ୍।

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୬

- ଦିଲ୍ଲୀର ହାଇକମାଣ୍ଡଙ୍କ ନିର୍ଦ୍ଦେଶ ମତେ କଂଗ୍ରେସ ସଂସଦୀୟ ଦଳର ନେତୃତ୍ୱ ପଦରୁ ପି.ଭି. ନରସିଂହ ରାଓ ଇସ୍ତଫା ଦେଇଛନ୍ତି।
- ଉତ୍ତର ପ୍ରଦେଶରେ ପୁନର୍ବାର ରାଷ୍ଟ୍ରପତି ଶାସନ ଜାରି ସଂକ୍ରାନ୍ତ ରାଷ୍ଟ୍ରପତୀୟ ଘୋଷଣାନାମାକୁ ଆହ୍ଲାହାବାଦ ହାଇକୋର୍ଟର ଏକ ସ୍ୱତନ୍ତ୍ର ବେଞ୍ଚ ଖାରଜ କରିଦେଇଛନ୍ତି।

## ଚିରନ୍ତନୀ

କେବଳ ଏଥି ନାଚଇ ଶୂନ୍ୟ
ପରାଣ ତହିଁ ରହଇ ଲାଖି,
ଯେତେ ମୁଁ ଚାହେଁ ଜୋଛନା ପଥେ
ତୃପତି ମୋର ନ ମାନେ ଆଖି।
–(ନିଜ ଭୁଲ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 4 | | | | | |
| | | | 3 | | | | | |
| 4 | 7 | | | | | | 6 | 5 |
| | 8 | | | | 4 | | | |
| | | | | | 9 | 8 | | 6 |
| 7 | 5 | | | | | 2 | 3 | |
| | | | | | 2 | | | 8 |
| | | | | 7 | | | 5 | 9 |
| | 3 | | 8 | | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 5 | 9 | 8 | 7 | 4 | 2 | 3 |
| 4 | 8 | 7 | 6 | 3 | 2 | 5 | 1 | 9 |
| 9 | 3 | 2 | 5 | 4 | 1 | 6 | 8 | 7 |
| 5 | 9 | 3 | 8 | 7 | 6 | 1 | 4 | 2 |
| 6 | 2 | 1 | 4 | 5 | 9 | 7 | 3 | 8 |
| 8 | 7 | 4 | 1 | 2 | 3 | 9 | 5 | 6 |
| 2 | 1 | 6 | 3 | 9 | 4 | 8 | 7 | 5 |
| 7 | 5 | 9 | 2 | 1 | 8 | 3 | 6 | 4 |
| 3 | 4 | 8 | 7 | 6 | 5 | 2 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓସିଏମ୍ ପୁନରୁଦ୍ଧାର ହେଉ

ମହାଶୟ,

ଟାଙ୍ଗିସ୍ଥିତ ଓଡ଼ିଶା କଟନ୍ ମିଲ (ଓସିଏମ୍)କୁ ପୁନରୁଦ୍ଧାର କରାଯାଉ। ଏହା ଦୀର୍ଘ ଦିନରୁ ବନ୍ଦ ହେବା ଫଳରେ ଉତ୍ପାଦନ ବ୍ୟାହତ ହୋଇଛି। ଓସିଏମ୍‌ର ପୁନରୁଦ୍ଧାର ହେଲେ ଏଥିରୁ କର୍ମଚ୍ୟୁତ ହୋଇଥିବା ଲୋକଙ୍କୁ ପୁନଃ ନିଯୁକ୍ତି ମିଳିପାରିବ। ବହୁ କଷ୍ଟରେ ଚଳୁଥିବା କର୍ମଚାରୀଙ୍କ ଅର୍ଥାଭାବ ଦୂର ହୋଇପାରିବ। ସ୍ଥାନୀୟ ଲୋକଙ୍କର ସମସ୍ୟା ସୁଧୁରିପାରିବ। ସରକାର ଶିଳ୍ପସଂସ୍ଥାକୁ ଅଣଦେଖା ନ କରି ତୁରନ୍ତ ଏହା ଉପରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨ ବଡ଼ ରାଷ୍ଟ୍ରାୟତ୍ତ କମ୍ପାନୀ ଘରୋଇକରଣ

ଭାରତରେ ଶେଷ ଥର ପାଇଁ ହୋଇଥିବା ଘରୋଇକରଣର ପ୍ରାୟ ୨୦ ବର୍ଷ ପରେ ପୁଣି ଥରେ ୨ ବୃହତ୍ ରାଷ୍ଟ୍ରାୟତ୍ତ କମ୍ପାନୀର ଘରୋଇକରଣ ଚଳିତ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି। ଏହି ୨ କମ୍ପାନୀ ହେଲେ କ୍ଷତିରେ ଚାଲୁଥିବା ଜାତୀୟ ବିମାନ ସେବା ପ୍ରଦାନ ସଂସ୍ଥା 'ଏୟାର ଇଣ୍ଡିଆ' ଓ ତୈଳ ବିପଣନ କମ୍ପାନୀ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ) ପ୍ରମୁଖ। ନିକଟରେ ଟାଟା ଏୟାର ଇଣ୍ଡିଆକୁ କିଣି ନେଇଥିବା ବେଳେ ବିପିସିଏଲର ବିକ୍ରି ପ୍ରକ୍ରିୟା ସରକାରୀ ସ୍ତରରେ ଆରମ୍ଭ ହୋଇଛି। ଦେଶର ଏହି ତୈଳ କମ୍ପାନୀକୁ କ୍ରୟ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ୩ଟି କମ୍ପାନୀ ଆଗ୍ରହୀ ଥିବା ସୂଚନା ମିଳିଛି।

**ସଂକ୍ଷେପରେ**

## ଲାଗୁ ହୋଇପାରେ ଶ୍ରମ ଆଇନ

**ନୂଆଦିଲ୍ଲୀ,୧୯।୧୨:** କେନ୍ଦ୍ର ସରକାର ୨୦୨୨ ଜାନୁୟାରୀରେ ୪ ଶ୍ରମ ଆଇନ (ୱେଜ୍ କୋଡ୍) ଲାଗୁ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିଛି। ଏହି ନୂତନ ଆଇନ ଲାଗୁ ପାଇଁ ୧୫ରୁ ଅଧିକ ରାଜ୍ୟ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ରାଜ୍ୟଗୁଡ଼ିକ ମଧ ସହମତି ପ୍ରକାଶ କଲା ପରେ ଏହା ଉପରେ ସରକାର ବିଚାର କରିବେ। ଯଦି ସବୁ କିଛି ହୋଇଯାଏ, ତା'ହେଲେ ଦେଶରେ ଆଗାମୀ ଆର୍ଥିକ ବର୍ଷ ସୁଦ୍ଧା ଉକ୍ତ ଆଇନ ଲାଗୁ ହୋଇ ଯାଇପାରେ। ଏହି ଆଇନ ଲାଗୁ ହେବା ପରେ କର୍ମଚାରୀଙ୍କ କାମ କରିବାର ଅଭ୍ୟାସ ସାଙ୍ଗକୁ ଅନେକ କିଛି ବଦଳିଯିବ ବୋଲି ଆକଳନ କରାଯାଉଛି। ଏଥିରେ ଦୈନିକ କାର୍ଯ୍ୟ ନିର୍ଘଣ୍ଟ ସମେତ ମାସିକ ଆୟରେ ମଧ ପରିବର୍ତ୍ତନ କରାଯିବ।

## ୪୦% ବୃଦ୍ଧି ଘଟିଛି ଟିକସ ଆଦାୟ

**ନୂଆଦିଲ୍ଲୀ,୧୯।୧୨:** ଚଳିତବର୍ଷ ଡିସେମ୍ବର ମଧଭାଗ ସୁଦ୍ଧା ଦେଶର ଆଭ୍ୟନ୍ତରୀଣୟ ପ୍ରତ୍ୟକ୍ଷ ଟିକସ ଆଦାୟ ୪୦% ବୃଦ୍ଧି ଘଟି ୯.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଫଳରେ ବଜେଟରେ ଆକଳନ କରାଯାଇଥିବା ଧାର୍ଯ୍ୟଲକ୍ଷ୍ୟ ଅନୁସାରେ ସରକାର ଅଧିକ ପରିମାଣର ଟିକସ ସଂଗ୍ରହ କରିପାରନ୍ତି ବୋଲି ଆଶା କରାଯାଉଛି। ଚଳିତବର୍ଷର ଏପ୍ରିଲ-ଡିସେମ୍ବର ଅବଧି ମଧରେ ମୋଟାମୋଟି ଭାବେ ଟିକସ ଆଦାୟ ୪୮% ବୃଦ୍ଧି ଘଟି ୧୦.୩ ଲକ୍ଷ କୋଟି ଟଙ୍କା ଛୁଇଁଛି। ୨୦୨୦-୨୧ରେ ସଂଗ୍ରହ କରାଯାଇଥିବା ମୋଟ ପ୍ରତ୍ୟକ୍ଷ ଟିକସ ତୁଳନାରେ ବର୍ତ୍ତମାନର ଆଦାୟ ପରିମାଣ ପ୍ରାୟ ୬୦%ରୁ ଅଧିକ ରହିଛି। ଗତବର୍ଷ କୋଭିଡ-୧୯ ଯୋଗୁ ସାରା ଦେଶର ଅର୍ଥନୀତି ବ୍ୟାପକ ପରିମାଣରେ ହ୍ରାସ ଘଟି ସଙ୍କଟ ଆଡ଼କୁ ଚାଲିଯାଇଥିଲା। ଏହା ଫଳରେ ସାରା ଦେଶରେ ନିଯୁକ୍ତି ହ୍ରାସ ସହ ଲୋକଙ୍କ ବେତନ କାଟ କରାଯାଇଥିଲା। ବର୍ତ୍ତମାନ ଅନେକ କ୍ଷେତ୍ରରେ ସୁଧାର ପରିଲକ୍ଷିତ ହୋଇଛି, ଫଳସ୍ୱରୂପ ଦେଶର ଅର୍ଥନୀତିରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି।

# ବଜେଟ ପରେ ବଦଳୁନାହିଁ ସ୍ୱାସ୍ଥ୍ୟସେବା

■ନୀତି ଆୟୋଗ ଓ ଏମ୍‌ସର ରିପୋର୍ଟ
■ବିପଦରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ର

**ନୂଆଦିଲ୍ଲୀ,୧୯।୧୨**

ଦେଶବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସରକାର ପ୍ରତିବର୍ଷ ବଜେଟରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି। ହେଲେ ବାସ୍ତବରେ ଉକ୍ତ ଅର୍ଥ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ବିନିଯୋଗ ହେଉଛି, ସେ ସବୁ ବିଷୟରେ କାହା ପାଖରେ ସଠିକ ସୂଚନା ନାହିଁ। ଫଳରେ କୋଭିଡ୍ ସମୟରେ ଦେଶର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅସଲ ଚିତ୍ର ସମ୍ପର୍କରେ ଦେଶବାସୀ ଏପରିକି ସରକାର ଅବଗତ ହୋଇଛନ୍ତି। ଏଭଳି ସମୟରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଓ ନୀତି ଆୟୋଗଙ୍କ ଏକ ରିପୋର୍ଟ ଦେଶର ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥାର ବାସ୍ତବ ସତକୁ ପରିପ୍ରକାଶ କରିଛି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଚିକିତ୍ସା ଅଭାବ ଓ ଆବଶ୍ୟକତା ସମୟରେ ଚିକିତ୍ସା ନ ପାଇବା ଯୋଗୁ ୩୦%ରୁ ଅଧିକ



ରୋଗୀ ମୃତ୍ୟୁଙ୍କ ହେଉଥିବା କୁହାଯାଇଛି। ନିକଟରେ ଦିଲ୍ଲୀ ଏମ୍‌ସ ଓ ନୀତି ଆୟୋଗ ଦେଶର ୨୯ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ବଡ଼ ହସ୍ପିଟାଲ ଓ ଜିଲା ହସ୍ପିଟାଲରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଏବଂ ବିଭିନ୍ନ ସୁବିଧା ପ୍ରଦାନକୁ ନେଇ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ରିପୋର୍ଟରେ ଏହିସବୁ ହସ୍ପିଟାଲମାନଙ୍କ ଜରୁରିକାଳୀନ ୱାର୍ଡକୁ ଆସିଥିବା ୩୦% ରୋଗୀ ଆବଶ୍ୟକ ସମୟରେ ଚିକିତ୍ସା ନ ପାଇ ମୃତ୍ୟୁମୁଖରେ ପଡିଥିବା ଜଣାପଡିଛି। ଏହା ଛଡା ଜରୁରିକାଳୀନ ବିଭାଗରେ ଅଧିକାଂଶ ଚିକିତ୍ସା ଅର୍ଥପେଡିକ୍ ସର୍ଜନଙ୍କ ଦ୍ୱାରା କରାଯାଉଛି। ସେହିପରି ଦୁର୍ଘଟଣା ଓ ସଡ଼କ ଦୁର୍ଘଟଣାରେ ଆହତ ରୋଗୀ ମଧ ଜରୁରିକାଳୀନ ଚିକିତ୍ସା ପ୍ରଦାନ ପରେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ସ୍ୱାସ୍ଥ୍ୟଗତ ଜଟିଳତା ଲାଗି ଆସୁଥିବା ରୋଗୀ ମଧ ଡାକ୍ତରଙ୍କ ଅଭାବରୁ ମୃତ୍ୟୁମୁଖରେ ପଡୁଥିବା ଜଣାପଡିଛି। ଏତଦ୍‌ବ୍ୟତୀତ ଦେଶର ମାତ୍ର ୯% ହସ୍ପିଟାଲରେ ଜରୁରିକାଳୀନ ବିଭାଗରେ ଆବଶ୍ୟକ ଔଷଧ ଉପଲବ୍ଧ ରହୁଥିବା ବେଳେ ଅନ୍ୟ ହସ୍ପିଟାଲମାନଙ୍କରେ ରହୁନଥିବା ଜଣାପଡିଛି। ଏପରିକି ଅନେକ ହସ୍ପିଟାଲରେ ଟ୍ରମା ସର୍ଜନ ମଧ ନାହାନ୍ତି। ତେବେ ୯୧% ହସ୍ପିଟାଲରେ ଜରୁରିକାଳୀନ ସେବା ଯୋଗାଇବା ଲାଗି ଆମ୍ବୁଲାନ୍ସ ଉପଲବ୍ଧ ହେଉଥିବା ବେଳେ ଏଥିରୁ ୩୪% ଗାଡ଼ିରେ ପ୍ରଶିକ୍ଷିତ ଅର୍ଦ୍ଧ ଚିକିତ୍ସକୀୟ କର୍ମଚାରୀ ରହୁଛନ୍ତି। ରିପୋର୍ଟରେ ହସ୍ପିଟାଲଗୁଡ଼ିକ ଲାଗି ଜରୁରୀ ମେଡିସିନ ୱାର୍ଡ ଲାଗି ମଧ ପରାମର୍ଶ ଦିଆଯାଇଛି। ଏହି ରିପୋର୍ଟ ଅନୁସାରେ ଦେଶର ଅଧିକାଂଶ ଜରୁରିକାଳୀନ ମାମଲା ଏବେ ଘରୋଇ ହସ୍ପିଟାଲକୁ ଯାଉଛି। ଘରୋଇ ହସ୍ପିଟାଲମାନଙ୍କୁ ୩୧ରୁ ୩୯% ମାମଲା ପହଞ୍ଚୁଥିବା ବେଳେ ସରକାରୀ ହସ୍ପିଟାଲକୁ ମାତ୍ର ୧୯ରୁ ୨୪% ମାମଲା ପହଞ୍ଚୁଛି। ଦେଶର ହସ୍ପିଟାଲଗୁଡ଼ିକରେ ଉପଲବ୍ଧ ବେଡ୍ ମଧ୍ୟରୁ ମାତ୍ର ୩% ଜରୁରିକାଳୀନ ରୋଗୀଙ୍କ ଲାଗି ସଂରକ୍ଷିତ ରଖିବାକୁ ଏହା ପୂର୍ବରୁ ଏମ୍‌ସ ତାଙ୍କର ଏକ ରିପୋର୍ଟରେ ସୂଚିତ କରିଥିଲେ।

## ଓଡିଏମ୍ ବିଜ୍‌ନେସ୍ ସ୍କୁଲର ଦୀକ୍ଷାନ୍ତ ସମାରୋହ



**ଭୁବନେଶ୍ୱର,୧୯।୧୨**

ରାଜ୍ୟର ଜଣାଶୁଣା ବି-ସ୍କୁଲ 'ଓଡିଏମ୍ ବିଜ୍‌ନେସ୍ ସ୍କୁଲ' ର ଦୀକ୍ଷାନ୍ତ ସମାରୋହ ଉତ୍ସବ ନିକଟରେ ସମାପନ ହୋଇଯାଇଛି। ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସ୍ୱୟଂ ସତ୍ୟେନ୍ଦୁ ସମାରୋହରେ ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ଓଡିଏମ୍- ବି' ସ୍କୁଲ୍‌ର ମହତ୍ ଲକ୍ଷ୍ୟ ଓ ଆଭିମୁଖ୍ୟ ହେଉଛି ଆମର ପ୍ରାଥମିକ ଦାୟିତ୍ୱ। ଉକ୍ତ ଲକ୍ଷ୍ୟ ପୂରଣ ସମ୍ବନ୍ଧରେ ସେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜୟ କୁମାର ସିଂହ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ସ୍ମରଣିକା ପ୍ରଦାନ କରିଥିଲେ। ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବି) ସନ୍ତୋଷ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳକାରଖାନା, ଟେକନିକି, ଶିଳ୍ପ, ମାନବ ସଂସାଧନ ଓ ବିତ୍ତୀୟ କ୍ଷେତ୍ରରେ ଉପଯୁକ୍ତ ବିକାଶ ପାଇଁ ଦକ୍ଷ ପ୍ରବନ୍ଧକମାନଙ୍କର ଆବଶ୍ୟକତା ସମ୍ବନ୍ଧରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡିଏମ୍. ବିଜ୍‌ନେସ୍ ସ୍କୁଲ୍‌ର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଡକ୍ଟର ସତ୍ୟବ୍ରତ ମୀନକେତନ ଯୋଗ ଦେଇ ପ୍ରତିଷ୍ଠାନର ଦୀର୍ଘ ୧୧ବର୍ଷର ଗୌରବମୟ ସଫଳତା ସମ୍ପର୍କରେ ଅନୁଭୂତି ବର୍ଣ୍ଣନା କରିଥିଲେ। ସେହିଭଳି ଅନୁଷ୍ଠାନର ଛାତ୍ରୀଛାତ୍ର ତଥା ଅଧ୍ୟାପକମାନଙ୍କ ପାଖରେ ସେ କୃତଜ୍ଞତା ଜ୍ଞାପନ ସହିତ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ସେମାନଙ୍କର ଅମୂଲ୍ୟ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷାନୁଷ୍ଠାନର ଡିନ୍ ସତ୍ୟବ୍ରତ ଭୂୟାଁ ପ୍ରତିଷ୍ଠାନର ସଫଳତା ଓ ଭବିଷ୍ୟତର ଯୋଜନାଗୁଡିକ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପରିଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଗୋବିନ୍ଦ ଚନ୍ଦ୍ର ଦାଶ ଉପସ୍ଥିତ ଅତିଥି, ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଫିକିର ଉପସଭାପତି ହେଲେ ଶୁଭ୍ରକାନ୍ତ ପଣ୍ଡା




**ଶିଳ୍ପ ସଂଘର ନିର୍ବାଚନ**

**ନୂଆଦିଲ୍ଲୀ,୧୯।୧୨**

ଦେଶର ଶିଳ୍ପ ଓ ବାଣିଜ୍ୟ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଉଥିବା ସଂସ୍ଥା ଫେଡେରେଶନ ଅଫ ଇଣ୍ଡିଆନ୍ ଚ୍ୟାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି ଇଣ୍ଡିଆ)ର ୯୪ତମ ବାର୍ଷିକ ଅଧିବେଶନ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ଧରି ଆୟୋଜିତ ହୋଇଥିବା ଫିକିର ବାର୍ଷିକ ଅଧିବେଶନରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ 'ଫିକି'ର ସଭାପତି ଭାବେ ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ମେହେଟ୍ଟା ମନୋନୀତ ହୋଇଛନ୍ତି। ସେହିଭଳି ଫିକି ଇଣ୍ଡିଆର ବରିଷ୍ଠ ଉପସଭାପତି ଭାବେ ଓଡ଼ିଆ ଶିଳ୍ପପତି ତଥା ଇମ୍ଫା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ନିର୍ବାଚିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଆଗାମୀ ଦିନରେ ଭାରତୀୟ ଉଦ୍ୟୋଗଜଗତର ବିକାଶ ପାଇଁ କାର୍ଯ୍ୟ କରିବେ। ବିଶେଷକରି ଓଡ଼ିଶା ଶିଳ୍ପାୟନରେ ରହିଥିବା ସମ୍ଭାବନାର ସଫଳ ରୂପାୟନରେ ତାଙ୍କର ଯୋଗଦାନ ରହିବ। ୧୯୯୩ରେ ପଣ୍ଡା ଇଣ୍ଡିଆନ୍ ମେଟାଲ ଆଣ୍ଡ ଫେରୋ ଆଲୟଜ୍ (ଇମ୍ଫା)ରେ ଯୋଗଦାନ କରିଥିବା ବେଳେ ବର୍ତ୍ତମାନ ସେ ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଉଛନ୍ତି। ତୃତୀୟ ଭାରତୀୟ ଭାବେ ଆନ୍ତର୍ଜାତିକ ଚାମ୍ବର ଅଫ କମର୍ସର ଭାରତୀୟ ଚାପ୍ଟର ସଭାପତି (୨୦୧୭-୧୮) ଏବଂ ପ୍ୟାରିସସ୍ଥିତ ଇଣ୍ଟରନ୍ୟାଶନାଲ କ୍ରୋମିଅମ ଡେଭଲପ୍‌ମେଣ୍ଟ ଆସୋସିଏଶନ (ଆଇସିଡିଏ)ର ସଭାପତି (୨୦୧୩-୧୫) ଭାବେ କାର୍ଯ୍ୟ କରିଛନ୍ତି। ଆମେରିକାସ୍ଥିତ ବୋଷ୍ଟନ ବିଶ୍ୱବିଦ୍ୟାଳୟ କ୍ୱେଷ୍ଟ୍ରମ ସ୍କୁଲ ଅଫ ବିଜ୍‌ନେସ୍‌ରୁ ଫାଇନାନ୍ସ ଏବଂ ଅପରେଶନ ମ୍ୟାନେଜ୍‌ମେଣ୍ଟରେ ଶୁଭ୍ରକାନ୍ତ ସମ୍ମାନଜନକ ଡିଗ୍ରୀ ହାସଲ କରିଛନ୍ତି। ସେହିପରି ଡ. ଅନୀଶ ଶାହ ସଂଘର ଉପସଭାପତି ହୋଇଛନ୍ତି।

## ପହିଲାରୁ ବଢ଼ିବ ସ୍କୋଡାର ଦର

**ନୂଆଦିଲ୍ଲୀ,୧୯।୧୨**

ଦେଶର ପ୍ରମୁଖ ଅଟୋନିର୍ମାତା କମ୍ପାନୀ 'ସ୍କୋଡା' ଜାନୁୟାରୀ ପହିଲାରୁ ତା'ର ସମସ୍ତ ଗାଡ଼ି ଉପରେ ୩% ପର୍ଯ୍ୟନ୍ତ ଦର ବୃଦ୍ଧି କରିବ ବୋଲି ଜଣାପଡ଼ିଛି। ନିକଟରେ କମ୍ପାନୀ ପକ୍ଷରୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ବର୍ତ୍ତମାନ ବଜାରରେ କମ୍ପାନୀର କୁସାକ୍, କୋଡିଆକ୍, ଅକ୍ଟାଭିଆ ଭଳି ପ୍ରମୁଖ ଗାଡ଼ି ବିକ୍ରି ଜାରି ରହିଛି। ସ୍କୋଡା ଅଟୋର ବ୍ରାଣ୍ଡ ନିର୍ଦ୍ଦେଶକ ଜ୍ୟାକ୍ ହୋଲିସ୍ କହିଛନ୍ତି ଯେ, ଏହାର ଉତ୍ପାଦନ ଖର୍ଚ୍ଚଜନିତ ସମସ୍ୟାର ସମାଧାନ ପାଇଁ ଆମକୁ ଦର ବୃଦ୍ଧି କରିବାକୁ ପଡୁଛି। କୋଭିଡ୍ ପରଠାରୁ ଅଟୋଶିଳ୍ପରେ ଅନେକ ପ୍ରକାରର ସମସ୍ୟା ଦେଖାଦେଇଥିବା ବେଳେ ଇସ୍ପାତ, ଆଲୁମିନିୟମ, କପର ଏବଂ ଅନ୍ୟାନ୍ୟ ଧାତୁଗୁଡିକ ମହଙ୍ଗା ହୋଇଯାଇଛି। ଏହାର ସିଧା ପ୍ରଭାବ କମ୍ପାନୀଗୁଡ଼ିକ ଉପରେ ପଡ଼ିଛି। ଏହିଭଳି କିଛି ଗୁରୁତ୍ୱପୂର୍ଣ୍ଣ କାରଣ ଯୋଗୁ କମ୍ପାନୀ ଦର ବଢ଼ାଇବାକୁ ନିଷ୍ପତ୍ତି ନେଇଛି।

## ଉମରକୋଟରେ ଟ୍ରେଣ୍ଡ୍‌ସର ଏକ୍ସକ୍ଲୁସିଭ ଷ୍ଟୋର

**ଭୁବନେଶ୍ୱର,୧୯।୧୨**

TRENDS GET THEM TALKING

ସାରା ଦେଶରେ ନିଜର ବ୍ୟବସାୟିକ ଶାଖା ସମ୍ପ୍ରସାରଣ କରୁଥିବା ରିଲାଏନ୍ସ ରିଟେଲର ଆପାରେଲ ଏବଂ ଆସେସୋରି ସ୍ପେଶାଲିଟି ଚେନ୍ 'ଟ୍ରେଣ୍ଡ୍‌ସ' ଓଡ଼ିଶାର ନବରଙ୍ଗପୁର ଜିଲା ଉମରକୋଟ ସହରରେ ଶୁଭାରମ୍ଭ ହୋଇଛି। ନିକଟରେ ଉମରକୋଟ ସହରରେ ଟ୍ରେଣ୍ଡ୍‌ସ'ର ପ୍ରଥମ ଏକ୍ସକ୍ଲୁସିଭ ଷ୍ଟୋର ଉଦ୍‌ଘାଟନ ହୋଇଯାଇଛି। ୯୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏହି ଷ୍ଟୋର ସହରବାସୀଙ୍କ ପାଇଁ ଆକର୍ଷଣୀୟ ଫ୍ୟାଶନ ଓ ଲୋଭନୀୟ ମୂଲ୍ୟ ସହିତ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ପ୍ରଦାନ କରୁଛି। ୩,୪୯୯ ଟଙ୍କାର କ୍ରୟ କରି ୧୯୯ ଟଙ୍କାର ଏକ ଆକର୍ଷଣୀୟ ଉପହାର ପାଆନ୍ତୁ। ସେହିଭଳି ୨,୯୯୯ ଟଙ୍କାର ସାମଗ୍ରୀ କ୍ରୟ ଉପରେ ଗ୍ରାହକମାନେ ୩୦୦୦ ଟଙ୍କା ମୂଲ୍ୟର କୁପନ୍ ମାଗଣାରେ ପାଇପାରିବେ। ଟ୍ରେଣ୍ଡ୍‌ସ ବାସ୍ତବରେ ଦେଶର ଫ୍ୟାଶନ କ୍ଷେତ୍ରରେ ଅନେକ କିଛି ବିକାଶ କରିଛି। ଏହା ଭାରତର ଗ୍ରାହକଙ୍କ ସହିତ ସମ୍ପର୍କ ସୁଦୃଢ଼ ସହ ମେଟ୍ରୋ, ମିନି ମେଟ୍ରୋଠାରୁ ଆରମ୍ଭ କରି ଟିୟର ୧, ଟିୟର ୨ ଭଳି ସହର ଏବଂ ଆହୁରି ଅନେକ ସ୍ଥାନରେ ଭାରତୀୟ ଉପଭୋକ୍ତାଙ୍କ ନିକଟରେ ପହଞ୍ଚିଛି।

**ଫୁର୍‌ସତ୍**

## ବୁର୍ଜ ଖଲିଫାରେ '୮୩'ର ଟ୍ରେଲର

**ଖୁସିରେ କାନ୍ଦି ପକାଇଲେ ଦୀପିକା**

**ମୁମ୍ବାଇ:** କବିର ଖାଁଙ୍କ ନିର୍ଦ୍ଦେଶିତ ଫିଲ୍ମ '୮୩'ର ଟ୍ରେଲର ଦର୍ଶକଙ୍କ ଏକ୍ସାଇଟମେଣ୍ଟକୁ ବଢାଇ ଦେଇଛି। ସମସ୍ତେ ଟ୍ରେଲର ଦେଖିବା ପରେ ଫିଲ୍ମ ନିଶ୍ଚୟ ହିଟ ହେବ ବୋଲି ମତ ଦେଉଛନ୍ତି। ଫିଲ୍ମର ଷ୍ଟାର କାଷ୍ଟ ଦୀପିକା ପାଦୁକୋନ, ରଣବୀର ସିଂ ବି ପ୍ରମୋଶନ ପାଇଁ ସବୁ ଶକ୍ତି ଲଗାଇ ଦେଇଛନ୍ତି। ନିକଟରେ ଦୁବାଇର ବୁର୍ଜ ଖଲିଫାରେ ୮୩ର ଟ୍ରେଲର ଦେଖାଯାଇଥିଲା। ଏହି ଅବସରରେ ଦୀପିକା, ରଣବୀର ଓ କବିର ଖାଁ ସେଠାରେ ଉପସ୍ଥିତ ଥିଲେ। ତେବେ ବୁର୍ଜ ଖଲିଫାରେ ଫିଲ୍ମର ଟ୍ରେଲର ଦେଖି ଦୀପିକା ଭାବପ୍ରବଣ ହୋଇ ପଡିଥିଲେ। ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରିପଡିଥିଲା। ନିକଟରେ ସୋସିଆଲ୍ ମିଡିଆରେ ରଣବୀର ସିଂ ବୁର୍ଜ ଖଲିଫାରେ ଦେଖାଯାଇଥିବା ଟ୍ରେଲରର ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ଦୀପିକା ଇମୋଶନାଲ ନଜର ଆସିଛନ୍ତି, ଯେଉଁଥିରେ ତାଙ୍କ ଆଖିରୁ ଖୁସିର ଲୁହ ଝରିଯାଇଛି। ବୁର୍ଜ ଖଲିଫାରେ '୮୩'ର ଟ୍ରେଲର ଦେଖିବାକୁ ହଜାର ହଜାର ସଂଖ୍ୟାରେ ଲୋକ ଏକଜୁଟ ହୋଇଥିଲେ। ଏହି ଗ୍ରାଣ୍ଡ ଅକେଜନରେ ଫିଲ୍ମର କାଷ୍ଟ ଓ ପୂର୍ବତନ କ୍ରିକେଟର ସୁନିଲ ଗାଭାସ୍କର, କପିଲ ଦେବ ବି ଏହି ସ୍ୱତନ୍ତ୍ର ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ।



## ଶୁଟିଂସେଟ୍‌କୁ ଫେରିବେ କ୍ୟାଟ୍ରିନା



**ମୁମ୍ବାଇ:** ଭିକି କୌଶଲଙ୍କ ସହିତ ଜୀବନର ଦ୍ୱିତୀୟ ଇନିଂସ ଆରମ୍ଭ କରିବା ପରେ ପୁଣିଥରେ ଶୁଟିଂ ସେଟ୍‌କୁ ଫେରିବାକୁ ସଜବାଜ ହେଉଛନ୍ତି ବଲିଉଡ୍‌ର ଭର୍ସାଟାଇଲ୍ ଆକ୍ଟ୍ରେସ୍ କ୍ୟାଟ୍ରିନା କୈଫ୍। ହନିମୁନ୍ ଟ୍ରିପ୍‌ରୁ ଫେରିବା ପରେ ଭିକି ଶୁଟିଂ ସେଟ୍‌କୁ ଫେରିଛନ୍ତି। ଏହାପରେ କ୍ୟାଟ୍ରିନା ମଧ ଅଧାରେ ଅଟକିଥିବା ପ୍ରୋଜେକ୍ଟଗୁଡ଼ିକୁସାରିବା ଲାଗିମନବଳାଇଛନ୍ତି। ସେ ଖୁବ୍‌ଶୀଘ୍ର ସଲମାନ ଖାନ୍‌ଙ୍କ ସହିତ ତାଙ୍କର ଅପ୍‌କମିଂ ଫିଲ୍ମ ଟାଇଗର-୩ର ଶୁଟିଂ ଆରମ୍ଭ କରିବେ ବୋଲି ଜଣାପଡ଼ିଛି।

**ଜନ୍ମଦିନ ଶୁଭେଚ୍ଛା**



(ସାହିଲ୍)
ସାଇସ୍ୱରୂପ
ୟୁନିଟ୍-୯, ଭୁବନେଶ୍ୱର
ଆଜି ତୋର ଜନ୍ମ ଦିନରେ ପ୍ରଭୁ ସତ୍ୟସାଇଙ୍କ ନିକଟରେ କାମନା ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ଜେଜେବାପା, ଜେଜେମାଆ, ଅଜା, ଆଈ, ପାପା, ମାମା, ମାମୁ, ମାଇଁ, ମଉସା, ମାଉସୀ, ବଡ଼ପାପା, ବଡ଼ମାମା, ଦାଦା, ଖୁଡୀ, ଦିଦି, ଇସା, ସୋନୁ ଓ ପରିବାରବର୍ଗ ।
ଧ-୨୨୫୫୭

**ମନେ ପଡ଼ନ୍ତି**

**ତୃତୀୟ ମାସିକ ଶ୍ରାଦ୍ଧ ଉପଲକ୍ଷେ**



**୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ**
ଆବିର୍ଭାବ: ୧୩।୦୮।୧୯୪୦
ତିରୋଧାନ: ୨୧।୦୯।୨୦୨୧
ତୁମେ ଛାଡ଼ି ଯାଇଥିବା ତୁମର ପରିବାର ଜ୍ୟେଷ୍ଠ ପୁତ୍ର: ଜୀତେନ୍, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି/ନାତୁଣୀ: ରୀମା, ସିତୁନ୍, ପପଲି, ପୀୟୁଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମର ଆତ୍ମାର ସଦ୍‌ଗତି ହେଉ।
ଧ-୬୮୮୪

**ଶ୍ରଦ୍ଧାଞ୍ଜଳି**
ତା ୨୦.୧୨.୨୧- ଦଶାହ
ସ୍ଥାନ: ବିନ୍ଦୁସାଗର



**୰ ବାବାଜୀ ତ୍ରିପାଠୀ**
ଶ୍ରୀରାମଚନ୍ଦ୍ରପୁର ଶାସନ, ସାକ୍ଷୀଗୋପାଳ
ଆବିର୍ଭାବ : ୨୫.୦୨.୧୯୩୫
ତିରୋଧାନ : ୧୧.୧୨.୨୦୨୧
(ମାର୍ଗଶୀର ମାସ, ଶୁକ୍ଳପକ୍ଷ, ଅଷ୍ଟମୀ ତିଥୀ)
ନନା, ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ନିମନ୍ତେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚରଣ କମଳରେ ଆନ୍ତର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ
ଧ-୫୯୮୮୫

## ବସୁଧୈବ କୁଟୁମ୍ବକମ୍ ଆଣେ ଏକତା



**ଅନ୍ତର୍ଜାତୀୟ ମାନବ ଏକତା ଦିବସ**

**ସ**ମସ୍ତଙ୍କର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିଲେ ସମୃଦ୍ଧ ପୃଥିବୀ ଲକ୍ଷ୍ୟ ସମ୍ଭବ ହୋଇପାରିବ । ଏହାଦ୍ୱାରା ବସୁଧୈବ କୁଟୁମ୍ବକମ୍ ଲକ୍ଷ୍ୟ ପୂରଣ ହେବା ସହିତ ଲୋକଙ୍କ ମଧରେ ଭ୍ରାତୃତ୍ୱ ବନ୍ଧନ ସୁଦୃଢ଼ ହୋଇ ଏକତାଭାବ ବୃଦ୍ଧି ପାଇଥାଏ। ଗରିବ ଲୋକମାନଙ୍କର ବିଶ୍ୱସ୍ତରୀୟ ମୂଲ୍ୟବୋଧକୁ ଚିହ୍ନିବା ଏବଂ ବିଭିନ୍ନ ଦେଶରେ ଦାରିଦ୍ର୍ୟ ହ୍ରାସ କରିବା ବିଷୟରେ ବିକଶିତ ଦେଶଙ୍କୁ ଅବଗତ କରାଇବା ଏବଂ ସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୨୦ରେ ଅନ୍ତର୍ଜାତୀୟ ମାନବ ଏକତା ଦିବସ ପାଳନ କରାଯାଇଥାଏ । ୨୦୦୫ରେ ଜାତିସଂଘର ସାଧାରଣ ମହାସଭାରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏକତା ପାଣ୍ଠି ଗଠନ ଏବଂ ଏହାଦ୍ୱାରା ପୃଥିବୀର ବିଭିନ୍ନ ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଲକ୍ଷ୍ୟ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସମସ୍ତଙ୍କ ପାଇଁ ଉତ୍ତମ ଭବିଷ୍ୟତକୁ ସୁଗମ କରିବା ଲାଗି ପରିକଳ୍ପିତ ସ୍ଥାୟୀ ବିକାଶ ଲକ୍ଷ୍ୟ ମାଧ୍ୟମରେ ଦାରିଦ୍ର୍ୟ ତଥା ଅନ୍ୟାନ୍ୟ ପ୍ରତିବନ୍ଧକ ହଟାଇବାର ଉଦ୍ୟମ ସମ୍ପର୍କରେ ଏହି ଦିବସରେ ସଚେତନତା ସୃଷ୍ଟି କରାଯାଇଥାଏ ।ବିବିଧତାମୟ ପୃଥିବୀରେ ଏକତାକୁ ପାଳନ କରିବା ଲାଗି ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଏହି ଅବସରରେ ଆୟୋଜନ କରାଯାଇଥାଏ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍‌ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧରେ ଯୋଗାଇ ଦିଆ ଯାଉଛି ।
DK Small Finance Ltd
Navi Mumbai
www.dksfl.in
7684939383

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**FINANCE**
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

**କେମିତି ମଦ ଛାଡିବେ**
ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମୟ ପୂର୍ବାହ୍ନ ୧୦ଘଟିକାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍‌ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ଼, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ଼, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ, ବିଶ୍ରାରୋଡ଼, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍‌ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାକ, ବସ୍‌ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍‌ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍‌ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍‌ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୂଜା ହେଲ୍‌ଥ ସେଣ୍ଟର।
ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଭାରତ ୬-୦ରେ ଜାପାନକୁ ହରାଇଲା



ଗୋଲ ସ୍କୋର କରିବାପରେ ଭାରତୀୟ ଖେଳାଳିମାନେ ଖୁସି ମନାଉଛନ୍ତି।

### ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

**ଢାକା, ୧୯।୧୨ (ପି.ଟି.):** ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଗତଥରର ଚାମ୍ପିୟନ ଭାରତ ଏଥର ଅପରାଜେୟ ଭାବେ ରାଉଣ୍ଡ ରବିନ ପର୍ଯ୍ୟାୟ ଶେଷ କରିଛି। ରବିବାର ଅନୁଷ୍ଠିତ ଏହାର ଶେଷ ଲିଗ୍ ମ୍ୟାଚରେ ଭାରତ ୬-୦ ଗୋଲରେ ଜାପାନକୁ ହରାଇ ଦେଇଛି। ମୌଲାନା ଭସାନୀ ହକି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଭାରତ ପକ୍ଷରୁ ହରମନପ୍ରୀତ ସିଂ ୧୦ ଓ ୫୩ତମ ମିନିଟରେ ୨ଟି ଏବଂ ଦିଲପ୍ରୀତ୍ ସିଂ ୨୩, ଜରମନପ୍ରୀତ ସିଂ ୩୪, ସୁମିତ ୪୬ ଓ ସମସେର ସିଂ ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରି ସାରିଥିବା ଭାରତ ରାଉଣ୍ଡ ରବିନ ପର୍ଯ୍ୟାୟରେ ୪ ମ୍ୟାଚରୁ ୩ ବିଜୟ ଓ ୧ ଡ୍ର ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନରେ ଅପରିବର୍ତ୍ତିତ ରହିଛି। ଦକ୍ଷିଣ କୋରିଆ ୪ ମ୍ୟାଚରୁ ୧ ବିଜୟ ଓ ୩ ଡ୍ର ଏବଂ ଜାପାନ ୧ ବିଜୟ, ୨ଡ୍ର ଓ ୧ ପରାଜୟ ସହ ୫ ପଏଣ୍ଟ ପାଇଛି। ଚଳିତ ଟୁର୍ନାମେଣ୍ଟରେ ଭାରତର ଏହାଥିଲା କ୍ରମାଗତ ତୃତୀୟ ବିଜୟ। ଦକ୍ଷିଣ କୋରିଆ ବିପକ୍ଷରେ ୨-୨ରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ମନପ୍ରୀତ ସିଂଙ୍କ ଦଳ ପରେ ବାଂଲାଦେଶକୁ ୯-୦, ପାକିସ୍ତାନକୁ ୩-୧ ଓ ଜାପାନକୁ ୬-୦ ଗୋଲରେ ପରାସ୍ତ କରିଛି।

ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଜାପାନ ବିପକ୍ଷରେ ଦମ୍‌ଦାର ବିଜୟ ଭାରତୀୟ ଦଳର ମନୋବଳକୁ ଦୃଢ଼ କରିଛି। ସବୁ ବିଭାଗରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ପ୍ରଥମ ୬ ମିନିଟରେ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ତାହା ମିସ୍ ହୋଇଥିଲା। ଜାପାନ ମଧ୍ୟ ଗୋଟିଏ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୧୦ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଡ୍ରାଗ୍‌ଫ୍ଲିକ୍ ଜରିଆରେ ହରମନପ୍ରୀତ ଗୋଲରେ ପରିଣତ କରିଥିଲେ। ଦ୍ୱିତୀୟ କ୍ୱାର୍ଟରର ୫ମ ମିନିଟରେ ଜାପାନକୁ ପେନାଲ୍ଟି କର୍ନର ମିଳିଥିଲା। ମାତ୍ର ଭାରତ ରେଫରାଲ ମାଗିବାରୁ ଟିଭି ଅମ୍ପାୟର ଏହାକୁ ନାକଚ କରି ଦେଇଥିଲେ। ୨୩ତମ ମିନିଟରେ ମନଦୀପ ସିଂ, ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଓ ଦିଲପ୍ରୀତ ମିଳିତଭାବେ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ଶେଷରେ ଦିଲପ୍ରୀତ୍ ପ୍ରଥମାର୍ଦ୍ଧ ଶେଷ ବେଳକୁ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ୩୪ତମ ମିନିଟରେ ଜରମନପ୍ରୀତ ସିଂ ଗୋଲ ଦେଇ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଅଗ୍ରଣୀକୁ ୩-୦ରେ ପରିଣତ କରିଥିଲେ। ୩୬ତମ ମିନିଟରେ ଜାପାନ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଗୋଲକିପର ସୂରଜ କରକେରା ତାହାକୁ ଚମତ୍କାରଭାବେ ସେଭ୍ କରିଥିଲେ। ଶେଷ କ୍ୱାର୍ଟରରେ ୩ଟି ଗୋଲ ହୋଇଥିଲା। ସୁମିତ, ହରମନପ୍ରୀତ ଓ ସମସେର ସିଂ ଏହାକୁ ଗୋଲରେ ପରିଣତ କରି ଭାରତକୁ ବୃହତ୍ ବ୍ୟବଧାନରେ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଜାପାନ ଗୋଲ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ହେଁ ଭାରତର ଦୃଢ଼ ରକ୍ଷଣଭାଗ ତାହାକୁ ହେବାକୁ ଦେଇ ନ ଥିଲେ।

# ସାକ୍ସ, ସହିଦ ନଗର ବିଜୟୀ

ଭୁବନେଶ୍ୱର, ୧୯।୧୨
(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳ ପଡ଼ିଆରେ ଚାଲିଥିବା ୧୩ତମ ହାଡ଼ିବନ୍ଧୁ ଏବଂ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସାକ୍ସ ଓ ସହିଦ ନଗର ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ସାକ୍ସ ୭୯ ରନରେ ଜାଗମରାକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ସାକ୍ସ ୬ ଉଇକେଟ ହରାଇ ୧୯୮ ରନ କରିଥିଲା। ସିପୁନ ଶ୍ରୀଚନ୍ଦନ ସର୍ବାଧିକ ୫୭ ଓ ବିପୁଲ ପ୍ରଧାନ ୫୦ ରନ କରିଥିଲେ। ବିପକ୍ଷ ଦଳର କୁନା ଗୋଛାୟତ ୩ଟି ଉଇକେଟ ନେଇଥିଲେ। ଜାଗମରା ୧୧୯ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ବାଦଲ ସାହୁ ସର୍ବାଧିକ ୩୮ ରନ କରିଥିବାବେଳେ ସାକ୍ସର ଜୟନ୍ତ ପ୍ରଧାନ ଓ ଏସ୍.କେ. ରହିମ ୨ଟି ଲେଖାଏ ଉଇକେଟ ନେଇଥିଲେ। ବିପୁଲ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ସହିଦ ନଗର ୪୫ ରନରେ ଇଟରନାଲକୁ ହରାଇ ଦେଇଛି। ସହିଦ ନଗର ୧୬ ଓଭରରେ ୧୪୬ ରନରେ ଅଲଆଉଟ ହୋଇଥିଲା। ପ୍ରଶାନ୍ତ ରାଉତରାୟ ସର୍ବାଧିକ ୪୭ ରନ କରିଥିଲେ। ଜବାବରେ ଇଟରନାଲ ୧୦୧ରେ ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ଶୁଭ୍ରଜିତ ମୁଳିଆ ୫ ଉଇକେଟ ସଫଳତା ପାଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ବିଜୟ ପଥରେ ଅଷ୍ଟ୍ରେଲିଆ



ସ୍ଲିପ୍‌ରେ ଇଂଲଣ୍ଡର ରୋରି ବର୍ନ୍ସଙ୍କ କ୍ୟାଚ ନେଉଛନ୍ତି ଅଷ୍ଟ୍ରେଲିଆର ଷ୍ଟିଭେନ ସ୍ମିଥ୍।

**ଆଡିଲେଡ୍, ୧୯।୧୨ (ଏପି)**

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେଷ କ୍ରିକେଟ ଟେଷ୍ଟରେ ଅଷ୍ଟ୍ରେଲିଆ ରେକର୍ଡ ୪୮୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଭ୍ରମଣକାରୀ ଦଳ ରବିବାର ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୪ ଇକେଟ ବିନିମୟରେ ମାତ୍ର ୮୨ ରନ କରି ସଙ୍କଟରେ ପଡ଼ିଛି। ଆଉଟ ହୋଇଥିବା ବ୍ୟାଟରମାନଙ୍କ ମଧ୍ୟରେ ରହିଛନ୍ତି ଦୁଇ ଓପନର ରୋରି ବର୍ନ୍ସ (୩୪ ରନ), ହସିବ ହମିଦ (୦), ଅଧିନାୟକ ଜୋ ରୁଟ୍ (୨୪) ଓ ଦାଉିଦ ମଲାନ (୨୦)। ଝେ ରିଚାର୍ଡସନ ୨ଟି ଉଇକେଟ ନେଇଥିବା ବେଳେ ମାଇକେଲ ନେସେର ଓ ମିଚେଲ ଷ୍ଟାର୍କ ଗୋଟିଏ ଲେଖାଏ ଉଇକେଟ ସଫଳତା ପାଇଛନ୍ତି। ରବିବାର ପୂର୍ବଦିନର ଅସମାପ୍ତ ସ୍କୋର ୪୫/୧ରୁ ଖେଳ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଚତୁର୍ଥ ଦିବସ ଖେଳ ମିଡଲ ସେସନରେ ୨୩୦/୯ରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ପ୍ରଥମ ଇନିଂସ ସେଞ୍ଚୁରିଅନ ମାର୍ନସ ଲାବୁସେନ୍ ଓ ଟ୍ରାଭିସ୍ ହେଡ୍ ଦଳର ଟପ୍ ସ୍କୋରର ଥିଲେ। ଉଭୟେ ୫୧ ରନ ଲେଖାଏ ସ୍କୋର କରିଥିଲେ। କାମେରନ ଗ୍ରୀନ୍ ୩୩ ରନ କରି ଅପରାଜିତ ରହିଥିଲେ। ମ୍ୟାଚ ଜିତିବା ଲାଗି ଇଂଲଣ୍ଡ ଆହୁରି ୩୮୬ରନ ଆବଶ୍ୟକ କରୁଛି। ଭ୍ରମଣକାରୀ ଦଳ ହାତରେ ଆଉ ୬ଟି ଉଇକେଟ ଓ ଗୋଟିଏ ଦିନର ଖେଳ ବାକି ରହିଛି। ଇଂଲଣ୍ଡ ପକ୍ଷେ ବର୍ତ୍ତମାନ ଏହା ଅସମ୍ଭବ ମନେ ହେଉଛି। ଦଳ ଯଦିବା ସଫଳ ହୁଏ ତେବେ ଏକ ଟେଷ୍ଟ ମ୍ୟାଚର ଚତୁର୍ଥ ଇନିଂସରେ ସର୍ବାଧିକ ବିଜୟ ଲକ୍ଷ୍ୟ ଚେଜ୍ କରିବାରେ ଏକ ନୂଆ ରେକର୍ଡ କରିବ। ବର୍ତ୍ତମାନ ୱେଷ୍ଟଇଣ୍ଡିଜ ଏହି ରେକର୍ଡର ଅଧିକାରୀ ଅଛି। ଦଳ ୨୦୦୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ୪୧୮/୭ ସ୍କୋର କରି ମ୍ୟାଚରେ ବିଜୟ ଲାଭ କରିଥିଲା। ଆଡିଲେଡ୍‌ରେ ଚତୁର୍ଥ ଇନିଂସରେ ସର୍ବାଧିକ ରନ୍ ଚେଜ୍ କରିବା ରେକର୍ଡ ଅଷ୍ଟ୍ରେଲିଆ ନାମରେ ରହିଛି। ଦଳ ୧୯୦୧-୦୨ରେ ଇଂଲଣ୍ଡ ବିପକ୍ଷରେ ୩୧୫/୬ ସ୍କୋର କରି ମ୍ୟାଚ ଜିତି ଥିଲା।

**ସଂକ୍ଷିପ୍ତ ସ୍କୋର**

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୪୭୩
**ଇଂଲଣ୍ଡ ପ୍ରଥମ ଇନିଂସ:** ୨୩୬
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ:** ୨୩୦/୯, ଘୋଷଣା (ଲାବୁସେନ-୫୧, ହେଡ୍-୫୧, ଗ୍ରୀନ୍-୩୩*; ଓଲି ରବିନସନ-୨/୫୪, ରୁଟ୍-୨/୨୭, ମଲାନ-୨/୩୩)।
**ଇଂଲଣ୍ଡ ଦ୍ୱିତୀୟ ଇନିଂସ:** ୮୨/୪ (ରୋରି ବର୍ନ୍ସ-୩୪, ଅଧିନାୟକ ଜୋ ରୁଟ୍ (୨୪) ଓ ଦାଉିଦ ମଲାନ (୨୦), ଝେ ରିଚାର୍ଡସନ-୨/୧୭)।

# ରାଜ୍ୟସ୍ତରୀୟ ଚେସ୍ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୯।୧୨:** ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୦ ବର୍ଷରୁ କମ୍ ବାଳକ ଓପନ ଓ ବାଳିକା ରାଜ୍ୟସ୍ତରୀୟ ମନୋନୟନ ଚେସ୍ ଚାମ୍ପିୟନଶିପ୍ ରବିବାର ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାକୁ ରାଜ୍ୟ ଚେସ୍ ସଂଘ ସଭାପତି ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିବାବେଳେ ଶିଳ୍ପ ଉଦ୍ୟୋଗୀ ଗଙ୍ଗାଧର ସାମଲ ଉପସ୍ଥିତ ଥିଲେ। ଜିଲା ସଭାପତି ଶାନ୍ତନୁ କୁମାର ସର ସଭାପତିତ୍ୱ କରିଥିଲେ। ବାଳକ ବର୍ଗରେ ୩୧ ଜଣ ଓ ବାଳିକା ବର୍ଗରେ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ୩ ରାଉଣ୍ଡ ଖେଳ ଶେଷ ହୋଇଛି। ଏଥିରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଜାନୁୟାରୀ ୯ ରୁ ୧୫ ଯାଏ ନୂଆଦିଲ୍ଲୀରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ।





ପୁରୁଷ ସିଙ୍ଗଲ୍ସ ରୌପ୍ୟ ବିଜେତା ଭାରତର କିଡାମ୍ବି ଶ୍ରୀକାନ୍ତ, ସ୍ୱର୍ଣ୍ଣ ବିଜେତା ସିଙ୍ଗାପୁରର ଲୋ କିନ୍ ୟେ ଏବଂ ବ୍ରୋଞ୍ଜ ବିଜେତା ଡେନ୍ମାର୍କର ଆଣ୍ଡର୍ସ ଆଣ୍ଟନସେନ୍ ଓ ଭାରତର ଲକ୍ଷ୍ୟ ସେନ୍।

# ଶ୍ରୀକାନ୍ତଙ୍କୁ ରୌପ୍ୟ ପଦକ

### ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍

**ହୁଏଲ୍‌ଭା (ସ୍ପେନ୍), ୧୯।୧୨ (ଏପି)**

ସ୍ପେନର ହୁଏଲ୍‌ଭାଠାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତର କିଡାମ୍ବି ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ରୌପ୍ୟ ପଦକ ପାଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ସିଙ୍ଗାପୁରର ଲୋ କିନ୍ ୟେଙ୍କଠାରୁ ୧୫-୨୧, ୨୦-୨୨ରେ ହାରିଯାଇଥିଲେ। ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିବାରେ ୨୮ ବର୍ଷୀୟ ଶ୍ରୀକାନ୍ତ ପ୍ରଥମ ପୁରୁଷ ଭାରତୀୟ ଖେଳାଳି। ପୂର୍ବରୁ କିମ୍ବଦନ୍ତୀ ପ୍ରକାଶ ପାଦୁକୋନ୍ (୧୯୮୩), ବି. ସାଇ ପ୍ରଣିଥ୍ (୨୦୧୯) ଓ ଲକ୍ଷ୍ୟ ସେନ୍ ( ଏହି ସଂସ୍କରଣ) କେବଳ ବ୍ରୋଞ୍ଜ ପଦକ ଲାଭ କରିବାରେ ସମର୍ଥ ହୋଇଥିଲ। ଏଠାରେ ସେମିଫାଇନାଲରେ ଲକ୍ଷ୍ୟଙ୍କୁ ପରାସ୍ତ କରି ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ଅକାନେ ୟାମାଗୁଚି ମହିଳା ସିଙ୍ଗଲ୍ସ ଟାଇଟଲ ସହ ସ୍ୱର୍ଣ୍ଣ ଜିତିଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲରେ ଜାପାନର ବ୍ୟାଡ୍‌ମିଣ୍ଟନ ଖେଳାଳି ୨୧-୧୪, ୨୧-୧୧ରେ ବିଶ୍ୱର ନମ୍ବର ୱାନ ଚାଇନିଜ ତାଇପେର ତାଇ ଜୁ ୟିଙ୍ଗଙ୍କୁ ପରାସ୍ତ କରିଥିଲେ। ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଇତିହାସରେ ଟାଇଟଲ ଜିତିବାରେ ସେ ଦ୍ୱିତୀୟ ଜାପାନିଜ ମହିଳା ଖେଳାଳି। ଅନ୍ୟପକ୍ଷରେ ଡେଚାପଲ ପୁଆଭାରାନୁକ୍ରୋ ଓ ସାପ୍‌ସିରିତାଏରାତାନାଚାଇ ମିକ୍ସଡ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେମାନେ ୨୧-୧୩, ୨୧-୧୪ରେ ଜାପାନିଜ ଯୋଡ଼ି ୟୁଟା ୱାଟାନାବେ ଓ ଆରିସା ହିଗାସିନୋଙ୍କୁ ପରାସ୍ତ କରିଥିଲେ।





# ଭାରତର ନେତୃତ୍ୱ ନେବେ ୟାଶ

### ୧୯ବର୍ଷରୁ କମ୍ ବିଶ୍ୱକପ୍

**ନୂଆଦିଲ୍ଲୀ, ୧୯।୧୨ (ପି.ଟି.):** ଜାନୁୟାର ୧୪ରୁ ଫେବୃୟାରୀ ୫ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜରେ ୧୯ ବର୍ଷରୁ କମ୍ ଆଇସିସି କ୍ରିକେଟ ବିଶ୍ୱକପ୍ ହେବ। ଦିଲ୍ଲୀ ବ୍ୟାଟର ୟାଶ ଧୂଲ ୧୭ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ତରଫରୁ ରବିବାର ଘୋଷଣା କରାଯାଇଛି। ୪ଥର ବିଜେତା ଭାରତ ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା, ଆୟର୍ଲାଣ୍ଡ ଓ ଉଗାଣ୍ଡା ସହ ସ୍ଥାନ ପାଇଛି। ଆନ୍ଧ୍ରର ଏସ୍.କେ. ରସିଦଙ୍କୁ ତାଙ୍କ ଡେପୁଟି ଭାବେ ନିଯୁକ୍ତି ମିଳିଛି। ଧୂଲ ହେଉଛନ୍ତି ଜଣେ ଡାହାଣହାତୀ ମିଡ୍‌ଲ ଅର୍ଡର ବ୍ୟାଟର। ଚଳିତବର୍ଷ ପ୍ରଥମ ଭାଗରେ ଅନୁଷ୍ଠିତ ଭିନୁ ମଙ୍କଡ ଟ୍ରଫିରେ ସେ ଜଣେ ଅଗ୍ରଣୀ ରନ ସଂଗ୍ରହକାରୀ ବ୍ୟାଟର ଥିଲେ। ସେ ଦିଲ୍ଲୀ ଡିଷ୍ଟ୍ରିକ୍ଟ ଆଣ୍ଡ କ୍ରିକେଟ ଆସୋସିଏଶନ (ଡିଡିସିଏ) ତରଫରୁ ଖେଳି ୭୫.୫୦ ଆଭରେଜରେ ମୋଟ ୩୦୨ରନ ସଂଗ୍ରହ କରିଥିଲେ। **ଭାରତୀୟ ଦଳ:** ୟାଶ ଧୂଲ (ଅଧିନାୟକ), ହାର୍ନୁର ସିଂ, ଅଙ୍ଗକ୍ରିଶ ରଘୁବଂଶୀ, ଏସ୍.କେ. ରସିଦ୍ (ଉପଅଧିନାୟକ), ନିଶାନ୍ତ ସିନ୍ଧୁ, ସିଦ୍ଧାର୍ଥ ଯାଦବ, ଅନିଶ୍ୱର ଗୌତମ, ଦୀନେଶ ବାନା (ଉଇକେଟକିପର), ଆରାଧ୍ୟା ଯାଦବ (ଉଇକେଟକିପର), ରାଜ ଅଙ୍ଗଦ ବାୱା, ମାନବ ପ୍ରକାଶ, କୌଶଲ ଟାମ୍ବେ, ଆର.ଏସ୍. ହାଙ୍ଗରଗେକର, ବସୁ ବସ୍ତ, ଭିକି ଓସ୍ୱାଲ, ରବିକୁମାର, ଗର୍ବ ସାଙ୍ଗୱାନ। **ଷ୍ଟାଣ୍ଡବାଇ ଖେଳାଳି:** ରିଶିତ ରେଡ୍ଡୀ, ଉଦୟ ସହରନ, ଅଂଶ ଗୋସାଇ, ଅମ୍ରିତ ରାଜ ଉପାଧ୍ୟାୟ, ପି.ଏମ୍. ସିଂ ରାଠୋର୍।

# ନେପାଳକୁ ହରାଇ ଫାଇନାଲରେ ଭାରତ

**ଢାକା, ୧୯।୧୨ (ପି.ଟି.):** ଏଠାରେ ଚାଲିଥିବା ୧୯ ବର୍ଷରୁ କମ୍ ମହିଳା ସାଫ୍ (ସାଉଥ୍ ଏସିଆନ ଫୁଟ୍‌ବଲ ଫେଡେରେଶନ) ଚାମ୍ପିୟନଶିପ୍‌ର ଫାଇନାଲରେ ଭାରତ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ୧-୦ ଗୋଲରେ ନେପାଳକୁ ପରାସ୍ତ କରିଛି। ଖେଳର ୬୬ତମ ମିନିଟ୍‌ରେ ପ୍ରିୟଙ୍କା ଦେବୀ ବିଜୟ ସୂଚକ ଗୋଲ୍‌ଟିକୁ ସ୍କୋର କରିଥିଲେ। ଫାଇନାଲ ବୁଧବାର ଖେଳାଯିବ।





BHUBANESWAR: Narayani Motors: 7381000406, 7381093625, Sky Automobiles: 9078080819, Jyote Motors: 7064499354, 7064499032 PURI: Narayani Motors: 7381000168 PARADEEP: Narayani Motors: 9583022097 KEONJHAR/NAYAGARH/BALUGAON: Jyote Motors: 7064499354.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୦/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Monday, December 20/2021 | ପୃଷ୍ଠା-୧



**କିମ୍‌ଙ୍କ ଭଉଣୀଙ୍କୁ ପଦୋନ୍ନତି**

ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ଭଉଣୀ କିମ୍ ୟୋ ଜୋଙ୍ଗଙ୍କୁ ୱାର୍କର୍ସ ପାର୍ଟି ସେଣ୍ଟ୍ରାଲ କମିଟିର ପଲିଟିକାଲ ବ୍ୟୁରୋ ସଦସ୍ୟ ଭାବେ ପଦୋନ୍ନତି ମିଳିଛି।

୦୨

୦୮

**ରାହୁଲ ବୋଷଙ୍କୁ ନୂଆ ଦାୟିତ୍ୱ**

ଅଭିନେତା ରାହୁଲ ବୋଷ ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ ବା ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି।



# କେରଳରେ ୨ ନେତାଙ୍କୁ ହତ୍ୟା

## ପରସ୍ପର ଉପରେ ଦୋଷ ଲଦିଲେ ଭାଜପା-ଏସ୍‌ଡିପିଆଇ

ଥିରୁଭାନନ୍ତପୁରମ୍, ୧୯।୧୨

କେରଳର ଆଲାପୁଝାରେ ୧୨ ଘଣ୍ଟା ଭିତରେ ୨ ଜଣ ନେତାଙ୍କୁ ହତ୍ୟା କରାଯାଇଛି। ହତ୍ୟାର ଶିକାର ହୋଇଥିବା ନେତା ଦ୍ୱୟ ହେଲେ ଭାଜପାର ରେଜନିଥ ଶ୍ରୀନିବାସନ ଓ ସୋସିଆଲ ଡେମୋକ୍ରାଟିକ୍ ପାର୍ଟି ଅଫ୍ ଇଣ୍ଡିଆ (ଏସ୍‌ଡିପିଆଇ)ର କେ.ଏସ୍. ଶାନ୍। ଏହି ରାଜନୈତିକ ହତ୍ୟା ପାଇଁ ଭାଜପା ଏବଂ ଏସ୍‌ଡିପିଆଇ



ରେଜନିଥ ଶ୍ରୀନିବାସନ



କେ.ଏସ୍. ଶାନ୍

ପରସ୍ପର ଉପରେ ଦୋଷ ଲଦିଛନ୍ତି।

ଏସ୍‌ଡିପିଆଇ ରାଜ୍ୟ ସମ୍ପାଦକ ଶାନ୍ ଶନିବାର ରାତିରେ ବାଇକ୍‌ରେ ନିଜ ଘରକୁ ଯାଉଥିବାବେଳେ କାର୍‌ରେ ଏକ ଗ୍ୟାଙ୍ଗ୍ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ଶାନ୍‌ଙ୍କ ବାଇକ୍‌କୁ ଧକ୍କା ଦେଇ ତାଙ୍କୁ ଛୁରାମାଡ଼ କରିଥିଲେ। ତାଙ୍କୁ କୋଚି ହସ୍ପିଟାଲକୁ ନିଆଯାଇଥିବାବେଳେ ମଧ୍ୟରାତ୍ରିରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାର ୧୨ ଘଣ୍ଟା ନ ବିତୁଣୁ ରବିବାର ଭୋର ସମୟରେ ଦୁର୍ବୃତ୍ତମାନେ ଭାଜପା ଓବିସି ୟୁନିଟ୍ ସମ୍ପାଦକ ତଥା ଆଇନଜୀବୀ ରେଜନିଥ ଶ୍ରୀନିବାସନଙ୍କ ଘରେ ପଶି ମା' ଓ ☞ପୃଷ୍ଠା-୬

# ୨୪ ଘଣ୍ଟାରେ ୨ ଜଣଙ୍କୁ ପିଟି ମାରିଦେଲେ

## ସ୍ୱର୍ଣ୍ଣ ମନ୍ଦିର ଲିଞ୍ଚିଂ ମାମଲାର ଏସ୍‌ଆଇଟି ତଦନ୍ତ

ଅମୃତସର/କପୁରଥାଲା, ୧୯।୧୨

ପଞ୍ଜାବ ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିରରେ ଉତ୍ତ୍ୟକ୍ତ ଲୋକେ ଜଣକୁ ପିଟି ମାରିଦେବା ଘଟଣାର ୨୪ ଘଣ୍ଟା ନ ପୂରୁଣୁ କପୁରଥାଲା ଜିଲାରେ ଅନ୍ୟ ଜଣେ ଯୁବକଙ୍କୁ ପିଟି ହତ୍ୟା କରିଛନ୍ତି। ସ୍ୱର୍ଣ୍ଣ ମନ୍ଦିରରେ ଶନିବାର ସନ୍ଧ୍ୟାରେ ପ୍ରାର୍ଥନା ଚାଲିଥିବା ବେଳେ ଯୁବକ ଜଣକ ରେଲିଂ ଡେଇଁ ମନ୍ଦିର ମଧ୍ୟରେ ପ୍ରବେଶ କରି ଗୁରୁଗ୍ରନ୍ଥ ସାହିବା ସମ୍ମୁଖରେ ଥିବା ଖଣ୍ଡାକୁ ଛୁଇଁବାକୁ ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଗୁରୁଗ୍ରନ୍ଥ



ସାହିବାକୁ ଅସମ୍ମାନ ଅଭିଯୋଗରେ ଉତ୍ତ୍ୟକ୍ତ ଲୋକେ ଯୁବକଙ୍କୁ ପିଟି ପିଟି ମାରିଦେଇଥିଲେ। ସେହିପରି ରବିବାର ଭୋର ସମୟରେ କପୁରଥାଲା ଜିଲା ଅନ୍ତର୍ଗତ ନିଜାମପୁର ଗ୍ରାମର ଜଣେ ଯୁବକ ଗୁରୁଦ୍ୱାରରେ ପ୍ରବେଶ କରି ନିଶାନ ସାହିବ (ଶିଖ୍ ପତାକା) ଚୋରି କରିଥିବା ଅଭିଯୋଗ ହୋଇଥିଲା। ଏହି ଖବର ପ୍ରଚାରିତ ହୋଇଯିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ☞ପୃଷ୍ଠା-୬

# ଶୀତରେ ଥରୁଛି ଉତ୍ତର ଭାରତ

- ରାଜସ୍ଥାନରେ ବିୟୁକ୍ତ ୩.୩ ଡିଗ୍ରୀ
- ଦିଲ୍ଲୀରେ ପାରଦ ୪.୬° ସେଲ୍‌ସିୟସ୍



ନୂଆଦିଲ୍ଲୀ, ୧୯।୧୨

ଉତ୍ତର ଭାରତରେ ପ୍ରବଳ ଶୀତ ଲହରି ଜାରି ରହିଛି। ଶନିବାର ରାଜସ୍ଥାନର ଫତେପୁର ଏବଂ ଚୁରୁରେ ତାପମାତ୍ରା ଶୂନ ଡିଗ୍ରୀ ତଳକୁ ଖସିଯାଇଥିଲା। ସିକର ଜିଲାର ଫତେପୁରରେ ତାପମାତ୍ରା ବିୟୁକ୍ତ ୩.୩ ଡିଗ୍ରୀରେ ପହଞ୍ଚିଥିବାବେଳେ ପଡୋଶୀ ଚୁରୁରେ ପାରଦ ବିୟୁକ୍ତ ୧.୧ ଡିଗ୍ରୀ ସେଲ୍‌ସିୟସ୍ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜୟପୁରରେ ସକାଳର ତାପମାତ୍ରା ୪.୯ ଡିଗ୍ରୀ ଥିଲା, ଯାହାକି ଡିସେମ୍ବର ମାସର ସ୍ୱାଭାବିକ ତାପମାତ୍ରାଠାରୁ ୪ ଡିଗ୍ରୀ କମ୍। ଜାତୀୟ ରାଜଧାନୀ ଦିଲ୍ଲୀରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ☞ପୃଷ୍ଠା-୬

## ୧୨ ଡିଗ୍ରୀ ତଳେ ରାଜ୍ୟର ୯ ସହର

### ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୮.୫

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଶୀତରେ ଥରୁଛି ଓଡ଼ିଶା। ଦକ୍ଷିଣରୁ ପଶ୍ଚିମ, ଉପକୂଳରୁ ଆଭ୍ୟନ୍ତର ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଦିନ ତମାମ କୋହଲା ପବନ ବହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ଶୁଷ୍କ ଥଣ୍ଡା ବାୟୁ ପ୍ରବାହିତ ହେବା ଫଳରେ ରାଜ୍ୟରେ ପାରଦ ଖସୁଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଆଗାମୀ ୩-୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ। ଆଉ ଏହି ସମୟରେ ରାଜ୍ୟରେ ତାପମାତ୍ରା ସାଧାରଣଠାରୁ ୨ରୁ ୩ ଡିଗ୍ରୀ କମ୍ ରହିବ। ସେପଟେ ରବିବାର ରାଜ୍ୟର ୯ଟି ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି। ରାଜ୍ୟର ସବୁଠାରୁ ଥଣ୍ଡା ସହର ଭାବେ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୮.୫ ଡିଗ୍ରୀ ସେଲ୍‌ସିୟସ ରହିଛି। ସେହିପରି ବଲାଙ୍ଗୀର ୯, କୋରାପୁଟ ୯.୫, ଫୁଲବାଣୀ ୯.୫, ସୁନ୍ଦରଗଡ଼ ୧୦, ସୋନପୁର ୧୦.୮, ଟିଟିଲାଗଡ଼ ୧୦.୮, ଝାରସୁଗୁଡ଼ା ୧୧.୨, ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୧.୬ ଡିଗ୍ରୀ ରହିଥିବାବେଳେ ନୟାଗଡ଼ ଓ ତାଳଚେର ୧୨, ମାଲକାନଗିରି ୧୨.୫, କେନ୍ଦୁଝର ୧୨.୬, ଚାନ୍ଦବାଲି ୧୩.୬, ବାଲେଶ୍ୱର ୧୪, କଟକ ୧୫, ଭୁବନେଶ୍ୱର ୧୫.୧, ପାରଳାଖେମୁଣ୍ଡି ୧୫, ଗୋପାଳପୁର ୧୫.୯, ପୁରୀ ୧୭.୬, ଅନୁଗୋଳ ୧୪, ବାରିପଦା ୧୪, ସମ୍ବଲପୁର ୧୩.୭, ହୀରାକୁଦ ୧୩.୨, ବୌଦ୍ଧ ୧୫, ଛତ୍ରପୁର ୧୫ ଓ ପାରାଦୀପରେ ୧୬.୯ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।






ନିଶା କାରବାର, ଅସ୍ତ୍ରଶସ୍ତ୍ର ଚାଲାଣ, ଜାଲ୍ ନୋଟ ଓ ଅନୁପ୍ରବେଶ ଭଳି ବେଆଇନ କାର୍ଯ୍ୟ ଭାରତର ଆଭ୍ୟନ୍ତରୀଣ ସୁରକ୍ଷା ଆଗରେ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଫରେନ୍‌ସିକ୍ ସାଇନ୍ସ ସହାୟତାରେ ଅପରାଧର ଦଣ୍ଡପ୍ରଦାନ ହାର ବୃଦ୍ଧି ସହ ଅନେକ କିଛି ସଫଳତା ହାସଲ କରାଯାଇପାରିବ।
-ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ

# ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ ଜମି ହଡ଼ପକାରୀ



**ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ପରିବାର ବିରୋଧରେ ଆସିଛି ସାଂଘାତିକ ଅଭିଯୋଗ। ହିମନ୍ତଙ୍କ ସ୍ତ୍ରୀ ରିଙ୍କି ଭୂୟାଁଶର୍ମା ସହ-ପ୍ରତିଷ୍ଠାତା ଥିବା ରିୟଲ ଇଷ୍ଟେଟ୍ କମ୍ପାନୀ ଆର୍‌ବିଏସ୍ ରିୟଲ୍‌ଟର୍ସ ଭୂମିହୀନଙ୍କ ପାଇଁ ଉଦ୍ଦିଷ୍ଟ ୧୮ ଏକର ଜମି ହଡ଼ପ କରିଛନ୍ତି। କେତେକ ଆଗଧାଡ଼ିର ଗଣମାଧ୍ୟମ ଦ୍ୱାରା କରାଯାଇଥିବା ଅନୁସନ୍ଧାନରୁ ଏହି ବିଷୟ ଜଣାପଡ଼ିଛି। ବିରୋଧୀ କଂଗ୍ରେସ ରବିବାର ଏହାର ଏସ୍‌ଆଇଟି ତଦନ୍ତ ଦାବି କରିଛି।**

## ଏସ୍‌ଆଇଟି ତଦନ୍ତ ଦାବି କଲା କଂଗ୍ରେସ

ନୂଆଦିଲ୍ଲୀ/ଗୁଆହାଟୀ,୧୯।୧୨

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁଶର୍ମା ଜମି ଦୁର୍ନୀତିରେ ଜଡ଼ିତ। ହିମନ୍ତଙ୍କ ପରିବାର ସଦସ୍ୟମାନେ ବହୁ ଏକର ସରକାରୀ ଜମିକୁ ଜବରଦଖଲ କରି ରଖିଛନ୍ତି। ରିଙ୍କିଙ୍କ ମାଲିକାନାରେ ଥିବା ଆର୍‌ବିଏସ୍ ରିୟଲ୍‌ଟର୍ସ ରିୟଲ ଇଷ୍ଟେଟ୍ ୧୮ ଏକର ଜମିକୁ ହଡ଼ପ କରିଛି, ଯାହାକି ଭୂମିହୀନ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ ପାଇଁ ସଂରକ୍ଷିତ। କଂଗ୍ରେସ ରବିବାର ଏଭଳି ସାଂଘାତିକ ଅଭିଯୋଗ ଆଣି ଜମି ଦୁର୍ନୀତିର ସମୟବଦ୍ଧ ଭାବେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଯାଞ୍ଚ ଦାବି କରିଛି। କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇଙ୍କ ସହ ନେତା ଗୌରଭ ବଲ୍ଲଭ, ରିପୁନ ବୋରା, ଜିତେନ୍ଦ୍ର ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୋଟିଏ ପଟେ ସରକାରୀ ଜମିରେ ଗରିବଙ୍କ ଅଧିକାର ନ ଥିବା ଦର୍ଶାଇ ସେମାନଙ୍କୁ ବାସଚ୍ୟୁତ କରିବାରେ ଲାଗିଛନ୍ତି, ଅନ୍ୟପଟେ ନିଜ ପରିବାର ଜରିଆରେ କୋଟି କୋଟି ଟଙ୍କାର ଜମି ଉପରେ ମାଡ଼ିବସିଛନ୍ତି। କେତେକ ଆଗଧାଡ଼ିର ମିଡିଆ ହାଉସ୍ ପକ୍ଷରୁ କରାଯାଇଥିବା ତଦନ୍ତରୁ ଏହି ଦୁର୍ନୀତି ପଦାକୁ ଆସିଛି। ଆର୍‌ବିଏସ୍ ରିୟଲ୍‌ଟର୍ସ ପ୍ରାଇଭେଟ ଲିମିଟେଡ୍ ଦୁଇଟି ପର୍ଯ୍ୟାୟ (୨୦୦୬-୦୭ ଏବଂ ୨୦୦୯)ରେ ୧୮ ଏକର ଜମି ହାସଲ କରିଛି। ଗରିବ ଓ ଅଭାବୀ ଲୋକଙ୍କୁ ଆସାମ ସରକାର ସିଲିଂ ବଳକା ଜମି ଦେଇ ତା'ର ବିକ୍ରି ଉପରେ ୧୦ ବର୍ଷ ପାଇଁ କଟକଣା ଲଗାଇଛନ୍ତି। ୨୦୦୯ରେ ବୋଙ୍ଗୋରାରେ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ମୋଟ ୧୧ ବିଘା ତିନି ଖାତା ଓ ଚାରି ଲେସା (୩,୦୧,୬୭୪ ବର୍ଗଫୁଟ୍ ବା ୬.୯୨ ଏକର) ଜମିକୁ ବିଶ୍ୱଶର୍ମାଙ୍କ ସ୍ତ୍ରୀଙ୍କ କମ୍ପାନୀ କିଣି ୧୦ ବର୍ଷିଆ ଲକ୍-ଇନ୍ ପିରିୟଡ୍ ନିୟମ ଉଲ୍ଲଂଘନ କରିଥିଲା। ମୁଖ୍ୟମନ୍ତ୍ରୀ କ୍ଷମତାରେ ରହିବା ଅଧିକାର ହରାଇଥିବାରୁ ତାଙ୍କୁ ତୁରନ୍ତ ବହିଷ୍କାର ସହ ବେଆଇନ ଜମି ହସ୍ତାନ୍ତରଣକୁ ତୁରନ୍ତ ବାତିଲ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷେ ଏ ସମ୍ପର୍କିତ ଖବର ପ୍ରକାଶ କରିଥିବା କେତେକ ଗଣମାଧ୍ୟମକୁ ଆର୍‌ବିଏସ୍ (ବଶିଷ୍ଠ) ରିୟଲ୍‌ଟର୍ସ ପ୍ରାଇଭେଟ ଲିଃ ଲିଗାଲ ନୋଟିସ ପଠାଇଛି।

"ଅନ୍ୟ ଦଳଗୁଡ଼ିକରେ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇଥିବା ନେତାମାନଙ୍କୁ ନେଇ ଧୋଉଥିବା ଭାଜପା କେଉଁ ୱାଶିଂ ମେଶିନ ବ୍ୟବହାର କରୁଛି? ସେମାନେ ନିଜ ନେତାଙ୍କ ବିରୋଧରେ ମଧ୍ୟ ଇଡି, ସିବିଆଇ, ଆଇଟିକୁ ଲଗାନ୍ତୁ।
-ଜିତେନ୍ଦ୍ର ସିଂ,
କଂଗ୍ରେସର ଆସାମ ପ୍ରଭାରୀ

### ରିଙ୍କି ଭୂୟାଁଶର୍ମା

ହିମନ୍ତ ବିଶ୍ୱଶର୍ମାଙ୍କ ସ୍ତ୍ରୀ ରିଙ୍କି ଭୂୟାଁଶର୍ମା ପେସାରେ ଜଣେ ଆଇନଜୀବୀ, ଉଦ୍ୟୋଗୀ, ସାମାଜିକ କର୍ମୀ ଓ ବିଜ୍‌ନେସ ଓମେନ୍। ସେ ନର୍ଥଇଷ୍ଟ ଇଣ୍ଡିଆ ଓ ପ୍ରାଇଡ୍ ଇଷ୍ଟ ଏଣ୍ଟରଟେନ୍‌ମେଣ୍ଟ ମିଡିଆ ହାଉସ୍‌ର ପରିଚାଳନା ନିର୍ଦ୍ଦେଶିକା। ବିଶିଷ୍ଟ ଶିଳ୍ପପତି ଯାଦବ ଚନ୍ଦ୍ର ଭୂୟାଁଙ୍କ ଝିଅ ରିଙ୍କି ୧୭ ବର୍ଷ ବୟସରେ କଟନ କଲେଜରେ ପଢ଼ିବାବେଳେ ହିମନ୍ତଙ୍କ ପ୍ରେମରେ ପଡ଼ିଥିଲେ। ନନ୍ଦିଲ ଓ ସୁକନ୍ୟା ନାମରେ ସେମାନଙ୍କ ପୁଅଝିଅ ଅଛନ୍ତି।



ହିମନ୍ତ ବିଶ୍ୱଶର୍ମା

## କିମ୍‌ଙ୍କ ଭଉଣୀଙ୍କୁ ପଦୋନ୍ନତି



ସିଓଲ,୧୯।୧୨

ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ପ୍ରଭାବଶାଳୀ ଭଉଣୀ କିମ୍ ୟୋ ଜୋଙ୍ଗ୍ ଉଚ୍ଚ ପଦକୁ ଉନ୍ନୀତ ହୋଇଥିବା ନେଇ ଦେଶର ଏକ ସରକାରୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବତନ ଶାସକ କିମ୍ ଜୋଙ୍ଗ୍ ଇଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ୱାର୍କର୍ସ ପାର୍ଟି ସେଣ୍ଟ୍ରାଲ କମିଟିର ପଲିଟିକାଲ ବ୍ୟୁରୋ ସଦସ୍ୟମାନଙ୍କ ସହ କୋରିଆନ୍ ସେଣ୍ଟ୍ରାଲ ନ୍ୟୁଜ୍ ଏଜେନ୍ସି କିମ୍ ୟୋ ଜୋଙ୍ଗ୍‌ଙ୍କୁ ସ୍ଥାନ ଦେଇଛି। ବ୍ୟୁରୋର ୮ ଜଣିଆ ସଦସ୍ୟ ଟିମ୍‌ରେ ତାଙ୍କୁ ସାମିଲ କରାଯାଇଥିବା ଏଥିରେ ଉଲ୍ଲେଖ କରାଯାଇଛି। କିମ୍ ୟୋ ଜୋଙ୍ଗ୍ ବର୍ତ୍ତମାନ ଷ୍ଟେଟ୍ ଆଫେୟାର୍ସ କମିଟି ସଦସ୍ୟ ଏବଂ ଶାସକ ଦଳର ଭାଇସ୍ ଡିପାର୍ଟମେଣ୍ଟ ଡାଇରେକ୍ଟର ଅଛନ୍ତି।

## କର୍ନାଟକ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚା

ହାଭେରି, ୧୯।୧୨

କର୍ନାଟକ ମୁଖ୍ୟମନ୍ତ୍ରୀ ବଦଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ରବିବାର ନିଜ ନିର୍ବାଚନ ମଣ୍ଡଳୀ ଶିଗାଓଁରେ ଦେଇଥିବା ଆବେଗଭରା ଭାଷଣରୁ ଏଭଳି କଳ୍ପନାଜଳ୍ପନା ପ୍ରକାଶ ପାଇଛି। ବିଶ୍ୱରେ ପଦବୀ ଓ ପ୍ରତିଷ୍ଠା ସମେତ କିଛି ସ୍ଥାୟୀ ନୁହେଁ, ଏପରିକି ଜୀବନ ମଧ୍ୟ ସବୁଦିନ ରହିବ ନାହିଁ ବୋଲି ବୋମାଇ କହିଥିଲେ। ଏଭଳି ସ୍ଥିତିରେ ଆମେ କେତେଦିନ ଏଠାରେ ରହିବା ତାହା ଜଣାନାହିଁ। ପ୍ରତି ମୁହୂର୍ତ୍ତରେ ସେ ଏଥିପ୍ରତି ସଚେତନ ଥିବା କହିଛନ୍ତି। ନିଜ ନିର୍ବାଚନ ମଣ୍ଡଳୀର ଭୋଟରମାନଙ୍କୁ କୃତଜ୍ଞତା ଜଣାଇବା ସହ ସେ ସେମାନଙ୍କ ନିକଟରେ ସବୁବେଳେ ବାସବରାଜ ଭାବେ ପରିଚିତ, ମୁଖ୍ୟମନ୍ତ୍ରୀ ନୁହନ୍ତି ବୋଲି କହିଥିଲେ। ଊନବିଂଶ ଶତାବ୍ଦୀରେ କିତ୍ତୁରର ରାଣୀ ଚେନ୍ନାମ୍ମାଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିବା ଅବସରରେ ବୋମାଇ ଏକ ଜନସଭାକୁ ସମ୍ବୋଧିତ କରିଥିଲେ।

## ସଂକ୍ଷେପରେ

### ଖାଦ୍ୟରେ ବିଷକ୍ରିୟା
### ଫକ୍ସକନ୍‌ର ୧୫୦ କର୍ମଚାରୀ ହସ୍ପିଟାଲରେ ଭର୍ତ୍ତି

**ଚେନ୍ନାଇ, ୧୯।୧୨:** ଆପଲ୍ କମ୍ପାନୀର ଆଇଫୋନ୍ ତିଆରି କରୁଥିବା ଫକ୍ସକନ୍ ଇଣ୍ଡିଆ ୟୁନିଟ୍‌ର ହଷ୍ଟେଲରେ ପରିବେଷିତ ଖାଦ୍ୟରେ ବିଷକ୍ରିୟା ଯୋଗୁ ୧୫୦ ଜଣରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହାର ପ୍ରତିବାଦରେ ଶହ ଶହ କର୍ମଚାରୀ ଓ ସେମାନଙ୍କ ସମ୍ପର୍କୀୟମାନେ ଚେନ୍ନାଇ-ବେଙ୍ଗାଲୁରୁ ଜାତୀୟ ରାଜପଥକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅବରୋଧ କରିଥିଲେ। ରାସ୍ତା ଅବରୋଧ କରିଥିବା ୭୦ ମହିଳା ଓ ୨୨ ପୁରୁଷଙ୍କୁ ପୋଲିସ ଅଟକ ରଖିଛି।

### ଏନ୍‌କାଉଣ୍ଟରରେ ଲଶ୍କର କମାଣ୍ଡର ନିହତ

**ଶ୍ରୀନଗର, ୧୯।୧୨(ଆଇଏଏନ୍‌ଏସ୍):** ଜମ୍ମୁ-କଶ୍ମୀରର ଶ୍ରୀନଗର ଜିଲା ଉପକଣ୍ଠରେ ରବିବାର ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଲଶ୍କର-ଇ-ତୋଇବା ସଂଗଠନର ଶୀର୍ଷ କମାଣ୍ଡର ସୈଫୁଲ୍ଲା ଓରଫ ଅବୁ ଖଲିଦ ନିହତ ହୋଇଛନ୍ତି। ହରୱାନ୍ ଅଞ୍ଚଳରେ ଏହି ଏନ୍‌କାଉଣ୍ଟର ହୋଇଥିବା କଶ୍ମୀର ପୋଲିସ ଆଇଜି ବିଜୟ କୁମାର କହିଛନ୍ତି। ପାକିସ୍ତାନର କରାଚୀ ବାସିନ୍ଦା ଖଲିଦ ୨୦୧୬ରୁ ହରୱାନ୍-ଧାରା ବେଲ୍ଟରେ ଆତଙ୍କବାଦୀ କାର୍ଯ୍ୟରେ ସକ୍ରିୟ ରହିଥିଲେ। ଏହି ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ହରୱାନ୍ ଅଞ୍ଚଳରେ ଥିବା ଖବର ପାଇ ପୋଲିସ ଓ ସିଆର୍‌ପିଏଫ୍‌ର ମିଳିତ ଟିମ୍ ରବିବାର ଭୋର ସମୟରେ ତଲାସି ଅଭିଯାନ ଆରମ୍ଭ କରିଥିଲା। ଖଲିଦ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା।

### ବଳାତ୍କାର ମାମଲାରେ ଗଡ୍‌ମ୍ୟାନ ଗିରଫ



**ଚେନ୍ନାଇ, ୧୯।୧୨(ଆଇଏଏନ୍‌ଏସ୍):** ଜଣେ ମହିଳା ଭକ୍ତଙ୍କୁ ବଳାତ୍କାର କରିବା ଅଭିଯୋଗରେ ଆତ୍ମଘୋଷିତ ଗଡ୍‌ମ୍ୟାନ ସାଥିୟା ନାରାୟଣନନ ଗିରଫ ହୋଇଛନ୍ତି। ଏହି କାର୍ଯ୍ୟରେ ତାଙ୍କୁ ସ୍ତ୍ରୀ ପୁଷ୍ପଲତା ସହାୟତା କରୁଥିଲେ। ଏଥିସହ ଗଡ୍‌ମ୍ୟାନ ପୀଡ଼ିତାଙ୍କ ଆପତ୍ତିଜନକ ଫଟୋ ସଂଗ୍ରହ କରି କାହାକୁ ଅଭିଯୋଗ କଲେ ଉକ୍ତ ଫଟୋ ସାଧାରଣରେ ପ୍ରକାଶ କରିଦେବେ ବୋଲି ଧମକ ଦେଇଥିଲେ। ଅଭିଯୁକ୍ତ ସାଥିୟା ଓ ତାଙ୍କ ସ୍ତ୍ରୀଙ୍କର ଚେନ୍ନାଇରେ 'ଶିରିଡିପୁରମ ସର୍ବଶକ୍ତି ପୀଠମ୍ ସାଇ ବାବା କୋଇଲ' ନାମରେ ଏକ ମନ୍ଦିର ରହିଛି। ପୀଡ଼ିତା ଦ୍ୱାଦଶ ଶ୍ରେଣୀରେ ପଢୁଥିବାବେଳେ ତାଙ୍କ ଜେଜେମା'ଙ୍କ ସହ ଉକ୍ତ ମନ୍ଦିରକୁ ଅନେକ ସମୟରେ ଆସୁଥିଲେ। ୨୦୧୬ ଏପ୍ରିଲ ୧୨ରେ ସେ ଏକାକୀ ମନ୍ଦିର ଯାଇଥିବାବେଳେ ପୁଷ୍ପଲତା ତାଙ୍କୁ ନିଶା ଜୁସ୍ ପିଇବାକୁ ଦେଇଥିଲେ। ପରେ ସାଥିୟା ଓ ପୁଷ୍ପଲତା ଉକ୍ତ ଛାତ୍ରୀଙ୍କୁ ଉଲଗ୍ନ କରି ଫଟୋ ନେବା ସହ ସାଥିୟା ବଳାତ୍କାର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଥିବା ତାମିଲନାଡୁ ପୋଲିସ କହିଛି।

### ଫିଲିପାଇନ୍ସ ବାତ୍ୟା ମୃତ୍ୟୁସଂଖ୍ୟା ୧୧୩

**ମାନିଲା, ୧୯।୧୨:** ଫିଲିପାଇନ୍ସରେ ବାତ୍ୟା ମୃତ୍ୟୁସଂଖ୍ୟା ରବିବାର ସୁଦ୍ଧା ୧୧୩ରେ ପହଞ୍ଚିଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଗୁରୁବାର ଓ ଶୁକ୍ରବାର ପ୍ରଳୟଙ୍କରୀ ବାତ୍ୟା ରାଇ ପ୍ରଭାବରେ ଉପକୂଳ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି। ବହୁ ଘରଦ୍ୱାର ଭାଙ୍ଗିଥିବାବେଳେ ଗଛ ପଡ଼ି ଓ ଖୁଣ୍ଟ ଉପୁଡ଼ି ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି। ବାତ୍ୟା ପୂର୍ବରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏହା ସତ୍ତ୍ୱେ କେନ୍ଦ୍ରୀୟ ଫିଲିପାଇନ୍ସର ବୋହୋଲ ପ୍ରଦେଶରେ ଅନ୍ୟୂନ ୭୨ ଜଣଙ୍କ ଜୀବନ ଯାଇଛି। ଅନ୍ୟ ଅଞ୍ଚଳରେ ୩୧ ଜଣଙ୍କ ମୃତ୍ୟୁ ଘଟିଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ ଭାଗରେ ଥିବା ଡିନାଗାଟ ଆଇଲାଣ୍ଡରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଅଧିକାଂଶ ମୃତ୍ୟୁ ଗଛ ପଡ଼ିବା କାରଣରୁ କିମ୍ବା ପାଣିରେ ବୁଡ଼ିଯିବା ଯୋଗୁ ହୋଇଛି। ବାତ୍ୟା ରାଇ ୯ ଥର ଲ୍ୟାଣ୍ଡଫଲ୍ କରିଥିଲା। ଏହା ଦ୍ୱାରା ୩ଟି ପ୍ରଦେଶ ଏବଂ ଡିନାଗାଟ ଦ୍ୱୀପପୁଞ୍ଜରେ ବ୍ୟାପକ କ୍ଷୟକ୍ଷତି ହୋଇଛି।

## ନେଦରଲାଣ୍ଡ୍‌ସରେ ୧୪ ଯାଏ ଲକ୍‌ଡାଉନ

ଆମଷ୍ଟରଡାମ୍, ୧୯।୧୨



ନେଦରଲାଣ୍ଡସ୍‌ରେ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ଏହାକୁ ରୋକିବା ଲାଗି ସରକାର ସେଠାରେ ଜାନୁୟାରୀ ମଧ୍ୟଭାଗ ପର୍ଯ୍ୟନ୍ତ ଲକ୍‌ଡାଉନ୍ କଟକଣା ଲଗାଇଛନ୍ତି। ରବିବାରଠାରୁ ଜାନୁୟାରୀ ୧୪ ପର୍ଯ୍ୟନ୍ତ ନେଦରଲାଣ୍ଡସ୍‌ରେ ସମସ୍ତ ଅଣଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବସାୟ ପ୍ରତିଷ୍ଠାନ, ବାର୍, ରେଷ୍ଟୁରାଣ୍ଟ ବନ୍ଦ ରଖିବା ଲାଗି କାମଚଳା ପ୍ରଧାନମନ୍ତ୍ରୀ ମାର୍କ ରୁଟେ ଘୋଷଣା କରିଛନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ଜାନୁୟାରୀ ୯ ପର୍ଯ୍ୟନ୍ତ ବନ୍ଦ ରହିବ। ଏହି ସମୟରେ ଉତ୍ସବ ସମାବେଶକୁ ବାରଣ କରାଯାଇଛି। ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଳନରେ ୪ ଜଣଙ୍କୁ ଏକାଠି ହେବା ଲାଗି ଅନୁମତି ଦିଆଯାଇଥିବାବେଳେ ଅନ୍ୟାନ୍ୟ ଘରୋଇ ଉତ୍ସବରେ ୨ ଜଣଙ୍କୁ ଅନୁମତି ମିଳିଛି। ଓମିକ୍ରନ୍ ନେଦରଲାଣ୍ଡସ୍‌ରେ ସଂକ୍ରମଣର ପଞ୍ଚମ ଲହର ଆଣିବା ସମ୍ଭାବନା ସୃଷ୍ଟି ହୋଇଛି।

ବ୍ରିଟେନ୍ ସମେତ ବିଭିନ୍ନ ୟୁରୋପୀୟ ରାଷ୍ଟ୍ରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଫ୍ରାନ୍ସ, ସାଇପ୍ରସ୍, ଅଷ୍ଟ୍ରିଆ ଆଦି ଦେଶ ଯାତାୟାତରେ କଟକଣା ଲଗାଇଛନ୍ତି। ପ୍ୟାରିସ୍ ନୂଆବର୍ଷରେ ଆତସବାଜି କାର୍ଯ୍ୟକ୍ରମକୁ ବାତିଲ କରିଛି। ସେହିପରି ଡେନ୍‌ମାର୍କରେ ଥିଏଟର, କନସର୍ଟ ହଲ୍, ପ୍ରମୋଦ ଉଦ୍ୟାନ ଓ ମ୍ୟୁଜିୟମକୁ ବନ୍ଦ କରିଦିଆଯାଇଛି। ଆୟରଲାଣ୍ଡରେ ରାତି ୮ଟା ପରେ ପବ୍ ଏବଂ ବାର୍ ଉପରେ କର୍ଫ୍ୟୁ ଜାରି ହୋଇଥିବାବେଳେ ସୀମିତ ଲୋକରେ ଇନ୍‌ଡୋର ଏବଂ ଆଉଟ୍‌ଡୋର କାର୍ଯ୍ୟକ୍ରମ ଆୟୋଜନ ପାଇଁ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ୮୯ ଦେଶକୁ ଓମିକ୍ରନ୍ ବ୍ୟାପିଲାଣି। ଗୋଷ୍ଠୀ ସଂକ୍ରମଣ ଅଞ୍ଚଳରେ ୧.୫ରୁ ୩ ଦିନ ମଧ୍ୟରେ ସଂକ୍ରମଣ ଦୁଇଗୁଣ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଥିଲା।



ଲକ୍ଷ୍ନୌ ପ୍ରାଣୀ ଉଦ୍ୟାନ ଏନ୍‌କ୍ଲୋଜର ଭିତରେ ରବିବାର ଶୀତୁଆ ସକାଳରେ ବାଘଟି ଖେଳୁଛି।

## ତିହାର ଜେଲରେ ସୁକେଶଙ୍କୁ ଭେଟିଥିଲେ ୧୨ ଅଭିନେତ୍ରୀ

ନୂଆଦିଲ୍ଲୀ, ୧୯।୧୨



- ଜେଲ କର୍ମଚାରୀଙ୍କୁ ମାସକୁ କୋଟିଏ ଟଙ୍କା ଲାଞ୍ଚ ଦେଉଥିଲେ ଠକ ବ୍ୟବସାୟୀ
- ନିଜକୁ ପିଏମ୍‌ଓ ଅଧିକାରୀ ପରିଚୟ ଦେଇଥିଲେ

କୋଟିପତି ଠକ ବ୍ୟବସାୟୀ ସୁକେଶ ଚନ୍ଦ୍ରଶେଖର ତିହାର ଜେଲରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୂତ୍ରରୁ ଜଣାପଡ଼ିଛି। ସେ ଜେଲରୁ ବଟି ଆଦାୟ ର୍‍ୟାକେଟ ଚଳାଉଥିଲେ। ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ସମେତ ଏକାଧିକ ମାମଲାରେ ତଦନ୍ତର ସମ୍ମୁଖୀନ ହୋଇଥିବା ସୁକେଶ ତିହାର ଜେଲ ଅଧିକାରୀମାନଙ୍କୁ ମାସିକ ୧ କୋଟି ଟଙ୍କା ଉତ୍କୋଚ ଦେଉଥିଲେ। ଏଥିପାଇଁ ତାଙ୍କୁ ବିଳାସପୂର୍ଣ୍ଣ ଜୀବନ ବିତାଇବା ଓ ମହିଳା ଗେଷ୍ଟମାନଙ୍କୁ ଭେଟିବାର ସୁଯୋଗ ମିଳୁଥିଲା। ବଲିଉଡ୍ ଅଭିନେତ୍ରୀ ଜାକ୍‌ଲିନ ଫର୍ନାଣ୍ଡିଜ୍, ନୋରା ଫତେହିଙ୍କ ସମେତ ୧୨ ଜଣ ଅଭିନେତ୍ରୀ ଓ ସୁପର ମଡେଲ ଜେଲରେ ସୁକେଶଙ୍କୁ ଭେଟିଥିବା ଜଣାପଡ଼ିଛି।

ପ୍ରଲୋଭନ ଦେଖାଇ ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇ ସେମାନଙ୍କୁ ଠକିବା ସୁକେଶଙ୍କ ପେସା। ସେ ୨୦୨୦ ଜୁନ୍‌ରୁ ୨୦୨୧ ମେ' ମଧ୍ୟରେ ରାନବାକ୍ସିର ପୂର୍ବତନ ମାଲିକ ଶିବିନ୍ଦର ସିଂଙ୍କ ସ୍ତ୍ରୀ ଅଦିତି ସିଂଙ୍କଠାରୁ ୨୦୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଦିଲ୍ଲୀର ତିହାର ଜେଲରେ ଥିବା ସୁକେଶଙ୍କ ବିରୋଧରେ ଇଡି ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଛି। ସୁକେଶ ଏବଂ ଅଦିତିଙ୍କ ଭଉଣୀ ଅରୁନ୍ଧତୀ ଖାନ୍ନାଙ୍କୁ ଇଡି ଜେରା ପରେ କେତେକ ତଥ୍ୟ ସାମନାକୁ ଆସିଛି। ଅରୁନ୍ଧତୀଙ୍କ ସୂଚନା ଅନୁଯାୟୀ ସୁକେଶ ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ର ସ୍ୱତନ୍ତ୍ର ଡ୍ୟୁଟିରେ ଥିବା ଅଧିକାର ଅଭିନବ ବୋଲି ପରିଚୟ ଦେବା ସହ ଆୟକର ବିଭାଗ, ଗୋଇନ୍ଦା ବ୍ୟୁରୋ ଏବଂ ଆଇନ ବିଭାଗର ପ୍ରମୁଖ ଅଧିକାରୀମାନେ ତାଙ୍କ ଅଧୀନରେ ବୋଲି କହିଥିଲେ। ସୁକେଶ ମୋବାଇଲ ଆପ୍ଲିକେଶନ ଏବଂ ଭଏସ୍ ମଡ୍ୟୁଲେଶନ ସଫ୍ଟୱେର ସହାୟତାରେ ବିଭିନ୍ନ ବରିଷ୍ଠ ଅଧିକାରୀମାନଙ୍କ ସ୍ୱରରେ ଅଦିତିଙ୍କୁ ଫୋନ୍ କରୁଥିଲେ। ଗିରଫ ହୋଇଥିବା ତାଙ୍କ ସ୍ୱାମୀଙ୍କୁ ଜାମିନ ମଞ୍ଜୁର କରାଇଦେବାର ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଥିଲେ। ୨୦୦୭ରୁ ସୁକେଶ ଲୋକଙ୍କୁ ଠକି ଟଙ୍କା ଆଦାୟ କରିବା କାର୍ଯ୍ୟ କରିଆସୁଛନ୍ତି।

## ଚର୍ଚ୍ଚରେ ଫାଦରଙ୍କ ଆତ୍ମହତ୍ୟା ଉଦ୍ୟମ

ନାଶିକ,୧୯।୧୨

ମହାରାଷ୍ଟ୍ରର ନାଶିକସ୍ଥିତ ଏକ ଚର୍ଚ୍ଚରେ ଫାଦର ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେଣ୍ଟ ଥୋମାସ୍ ଚର୍ଚ୍ଚରେ ପ୍ରାର୍ଥନା ଚାଲିଥିବାବେଳେ ଫାଦର ଅନନ୍ତ ଆପ୍ତେ(୬୧) ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିବାବେଳେ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅନନ୍ତଙ୍କ ଶରୀରର ୧୫ ଭାଗ ପୋଡ଼ିହୋଇଯାଇଛି। ଫାଦରଙ୍କୁ ତାଙ୍କର କେତେଜଣ ସିନିୟର ହଇରାଣ କରୁଥିବା ନେଇ ସେ ଅଭିଯୋଗ ଆଣିଥିଲେ। ଭଦ୍ରକାଳୀ ଥାନାରେ ଏନେଇ ଏକ ମାମଲା ରୁଜୁ କରାଯାଇଛି।

## ୧୫୦ ଟପିଲା ଓମିକ୍ରନ୍ ସଂକ୍ରମଣ

ନୂଆଦିଲ୍ଲୀ, ୧୯।୧୨

ଭାରତରେ ଓମିକ୍ରନ୍ ସଂକ୍ରମଣ ରବିବାର ୧୫୦ ଅତିକ୍ରମ କରିଛି। ମହାରାଷ୍ଟ୍ରରେ ୬ ନୂଆ ଭାରିଆଣ୍ଟ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେଠାରେ ସଂଖ୍ୟା ୫୪ରେ ପହଞ୍ଚିଛି। ରାଜକୋଟସ୍ଥିତ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ୨୩ ବର୍ଷୀୟ ତାଞ୍ଜାନିଆ ଛାତ୍ର ଓମିକ୍ରନ୍ ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ପିଡିୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁମ୍ବାଇ ବିମାନବନ୍ଦରରେ ପରୀକ୍ଷା କରାଯାଇଥିବା ୪ ଜଣଙ୍କଠାରେ ନୂଆ ଭାରିଆଣ୍ଟ ଦେଖାଯାଇଛି। ଏହା ବ୍ୟତୀତ ପିମ୍ପ୍ରି ଚିଞ୍ଚୱାଡ଼ା ଏବଂ ପୁଣେରୁ ଜଣେ ଲେଖାଏଁ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଗୁଜରାଟରେ ମଧ୍ୟ ଆଉ ୨ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଛନ୍ତି। ଶନିବାର ମହାରାଷ୍ଟ୍ର, ତେଲଙ୍ଗାନା, କର୍ନାଟକ ଓ କେରଳରେ ୩୦ ନୂଆ ସଂକ୍ରମିତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୪୩ରେ ପହଞ୍ଚିଥିଲା। ଶୁକ୍ରବାର ୨୬ ଜଣ ସଂକ୍ରମିତ ହୋଇଥିଲେ।

## ପୁଣି ଲାଭା ଓକାଳିଲା ସୁମେରୁ

**ଜାକର୍ତ୍ତା,୧୯।୧୨:** ଇଣ୍ଡୋନେସିଆର ଜାଭା ଦ୍ୱୀପରେ ଥିବା ସୁମେରୁ ଆଗ୍ନେୟଗିରି ପୁଣିଥରେ ଲାଭା ଓକାଳିଛି। ଗତମାସରେ ଏହି ଆଗ୍ନେୟଗିରି ଉଦ୍‌ଗିରଣ ହେବାରୁ ୪୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଥିଲେ। ରବିବାର ସକାଳେ ପୁଣି ଉଦ୍‌ଗିରଣ ହେବାରୁ ପ୍ରାୟ ୨ କି.ମି. ଅଞ୍ଚଳ ପାଉଁଶରେ ଆଚ୍ଛାଦିତ ହୋଇଛି। ଧୂସର ପାଉଁଶରେ ଆକାଶ ଛାଇହୋଇଯାଇଥିବା ଇଣ୍ଡୋନେସିଆର ସେଣ୍ଟର ଫର୍ ଭଲ୍‌କାନୋଲୋଜି ଆଣ୍ଡ ଜିଓଲୋଜିକାଲ ହାଜାର୍ଡ ମିଟିଗେଶନ ପକ୍ଷରୁ କୁହାଯାଇଛି। ସମ୍ପୃକ୍ତ ଅଞ୍ଚଳକୁ ନ ଯିବା ପାଇଁ ସ୍ଥାନୀୟ ଅଧିକାରୀମାନେ ଲୋକଙ୍କୁ ବାରଣ କରିଛନ୍ତି।



## ଭୋଟ ବେଳେ ବୋମା ଫିଙ୍ଗିଲେ

କୋଲକାତା,୧୯।୧୨

ପଶ୍ଚିମବଙ୍ଗରେ ପୁଣି ରାଜନୈତିକ ହିଂସା ଦେଖିବାକୁ ମିଳିଛି। ରବିବାର ଅନୁଷ୍ଠିତ କୋଲକାତା ମହାନଗର ନିଗମ (କେଏମ୍‌ସି) ନିର୍ବାଚନ ବେଳେ ବିଭିନ୍ନ ସ୍ଥାନରେ ଭଙ୍ଗାରୁଜା, ଜଳାପୋଡ଼ା ସହ ବୋମା ଫିଙ୍ଗିବା ଭଳି ଘଟଣା ଘଟିଛି। ଏଥିରେ କେତେଜଣ କର୍ମୀ ଓ ଭୋଟର ଆହତ ହୋଇଛନ୍ତି। ବୋମା ଫିଙ୍ଗିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନର ସୌରଭ ଦାସ ଶାନ୍ତିପୂର୍ଣ୍ଣ ମତଦାନ ହୋଇଥିବା କହୁଥିବାବେଳେ ଭାଜପା ହିଂସା ପ୍ରଭାବିତ ନିର୍ବାଚନକୁ ରଦ୍ଦ କରାଯାଉ ବୋଲି ଦାବି କରିଛି। କେଏମ୍‌ସି ପାଇଁ ପ୍ରାୟ ୪୦.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୩.୬୩% ମତଦାନ କରିଛନ୍ତି। ମତଦାନ ବେଳେ କୋଲକାତାର ଖାନ୍ନା ଅଞ୍ଚଳରେ ଥିବା ଡାକି ସ୍କୁଲ ଆଗରେ ବୋମା ଫିଙ୍ଗାଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥିତି ଆୟତ୍ତକୁ ଆଣିଥିଲା। ଶାନ୍ତିଭଙ୍ଗ ଅଭିଯୋଗରେ ୭୨ ଜଣଙ୍କୁ ଗିରଫ କରାଯାଇଛି। ଗଣତନ୍ତ୍ରର ଉତ୍ସବରେ ଲୋକେ ଭାଗନେଇଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଖୁସି ବ୍ୟକ୍ତ କରିଛନ୍ତି। ମମତାଙ୍କ ପୁତୁରା ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଅଭିଷେକ ବାନାର୍ଜୀ କହିଛନ୍ତି, ଶାସକ ଦଳର କେହି ନେତା ହିଂସାରେ ସମ୍ପୃକ୍ତ ଥିଲେ ତାଙ୍କ ବିରୋଧରେ ୨୪ ଘଣ୍ଟା ମଧ୍ୟରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

### କେଏମ୍‌ସି ନିର୍ବାଚନ: ୬୩.୬୩% ମତଦାନ



କେଏମ୍‌ସି ନିର୍ବାଚନ ପାଇଁ ଏକ ବୁଥ୍‌ରେ ଭୋଟ ଦେଇ ଫେରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

ପ୍ରଦୂଷଣ ଅନିୟନ୍ତ୍ରିତ

# ସହରର ହେଲାଣି ବାତ୍ୟା, ବନ୍ୟା

**ଯାଜପୁର ଅଫିସ,୧୯।୧୨**

ରାଜ୍ୟର ପ୍ରମୁଖ ସହର ଓ ଶିଳ୍ପାଞ୍ଚଳଗୁଡ଼ିକରେ ବାୟୁ ଏବଂ ଜଳ ପ୍ରଦୂଷଣ ମାତ୍ରା ଅଣାୟତ୍ତ ହେବାରେ ଲାଗିଛି। ଏଭଳିସ୍ଥଳେ ରାଜ୍ୟବାସୀ ପ୍ରାୟ ଦୁଇ ଦଶନ୍ଧି ମଧ୍ୟରେ ଅନେକ ଥର ଜଳବାୟୁ ପରିବର୍ତ୍ତନଜନିତ ସଙ୍କଟରେ ହନ୍ତସନ୍ତ ହେଲେଣି। ଦିନକୁ ଦିନ ନୂଆ ନୂଆ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ପଡୁଛି। ଆଗାମୀ ଦିନରେ ଅଧିକରୁ ଅଧିକ ବାତ୍ୟା ଆଶଙ୍କା, ସମୁଦ୍ର ଜଳପତନରେ ବୃଦ୍ଧି, ଚରମ ମରୁଡ଼ି ପରିସ୍ଥିତି, ଗ୍ରୀଷ୍ମ ପ୍ରବାହ ବୃଦ୍ଧି, ଅନିୟମିତ ବୃଷ୍ଟିପାତ ଆଦି ବିପତ୍ତି ଦେଖିବାକୁ ମିଳିପାରେ। ଏହି କଥା ପରିବେଶବିତ୍ ଚେତାଇ ଆସୁଥିଲାବେଳେ ଏବେ ସରକାର ତାହା କହୁଛନ୍ତି। ଗତ ବିଧାନସଭା ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏଭଳି ଚେତେଇ ଦେଇଛନ୍ତି। ପ୍ରଦୂଷଣ, ପ୍ରକୃତି ବିପରୀତ ଜୀବନଶୈଳୀ ହିଁ ପରିବେଶକୁ ସଙ୍କଟ ମଧ୍ୟକୁ ଠେଲି ଦେଉଛି। ସାରା ବିଶ୍ୱ ଏବେ ଘୋର ପ୍ରାକୃତିକ ବିପତ୍ତିର ସୂତାଖିଅରେ ଝୁଲୁଥିବାବେଳେ ଓଡ଼ିଶାବାସୀ ତା'ର ପରିଣାମ ଭୋଗିଲେଣି।

ଗୋଟିଏ ପଟେ ସରକାର ପରିବେଶର ସୁରକ୍ଷା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ, ଜଙ୍ଗଲ ସୃଷ୍ଟି ପ୍ରତି ଗୁରୁତ୍ୱାରୋପ କରୁଛନ୍ତି। ଅନ୍ୟପଟେ ଘରୋଇ କମ୍ପାନୀଗୁଡ଼ିକୁ ପରିବେଶର ବିପର୍ଯ୍ୟୟ ନିମନ୍ତେ ବାଟ ପ୍ରସ୍ତୁତ କରାଯାଉଛି, ଏଥିରେ ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଦି ସରକାରୀ କଳ ଭାଗୀଦାରି ସାଜୁଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର କେତେଜଣ ଅଧିକାରୀ ଶିଳ୍ପ ଓ ଖଣି କମ୍ପାନୀଠାରୁ ମାସିକ ଚାନ୍ଦା ନେଉଥିବା ସଂକ୍ରାନ୍ତରେ ନିକଟରେ ଏକ ଖଣି କମ୍ପାନୀର ଇ-ମେଲ୍ ଆଦାନପ୍ରଦାନରୁ ସ୍ପଷ୍ଟ ହୋଇସାରିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର ରିପୋର୍ଟ ଆଧାରରେ ଦେଶର ୧୦୬ ସହର ମଧ୍ୟରୁ ଓଡ଼ିଶାର ୭ଟି ଅତି ପ୍ରଦୂଷଣ ତାଲିକାଭୁକ୍ତ ହୋଇଛି। ଏହି ତାଲିକାରେ ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ପାରାଦୀପ, ତାଳଚେର, ଅନୁଗୋଳ, ସମ୍ବଲପୁର ରହିଛି। ୨୦୨୦ ଜାନୁୟାରୀରେ ଗ୍ରୀନ୍‌ପିସ୍ ପକ୍ଷରୁ ହୋଇଥିବା ସର୍ଭେ ଅନୁସାରେ ଦେଶର ୧୦୦ ପ୍ରଦୂଷିତ ସହର ମଧ୍ୟରେ ପାରାଦୀପ ୭୯ତମ ସ୍ଥାନରେ ରହିଥିବାବେଳେ କଳିଙ୍ଗନଗର ୮୪, ରାଉରକେଲା ୮୫, କଟକ ୮୮ ଓ ତାଳଚେର ୯୩ ତମ ସ୍ଥାନରେ ରହିଥିଲା।

ଏସ୍‌ପିସିବି ପକ୍ଷରୁ ଗତ ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ ଦାଖଲ ରିପୋର୍ଟରେ କଳିଙ୍ଗନଗର, ତାଳଚେର, ରାଜଗାଙ୍ଗପୁର ଓ ରାଉରକେଲାରେ ବାୟୁରେ ପାର୍ଟିକୁଲେଟ୍ ମେଟର ବା ପିଏମ୍(୧୦) ମାତ୍ରା ଅନୁମତିଯୋଗ୍ୟଠାରୁ ଅଧିକ ରହିଛି। ତେବେ ସଲ୍‌ଫର ଡାଏଅକ୍ସାଇଡ(ଏସ୍‌ଓ୨), ନାଇଟ୍ରୋଜେନ୍ ଅକ୍ସାଇଡ(ଏନ୍‌ଓ୨) ଓ ପିଏମ୍୨.୫(ଫାଇନ୍ ପାର୍ଟିକୁଲେଟ ମେଟର) ମାତ୍ରା ଅନୁମତିଯୋଗ୍ୟ ସ୍ତରରେ ରହିଥିବା ଦର୍ଶାଯାଇଛି। ସବୁଜ ଗୃହ ବାଷ୍ପ ନିରାକରଣ, କାର୍ବନ ଫୁଟପ୍ରିଣ୍ଟ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଯେତେସବୁ ପଦକ୍ଷେପ ଗ୍ରହଣ କରାଯାଉଛି ସବୁଥିରେ ଅନିୟମିତତା ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ନିମ୍ନମାନର ଯନ୍ତ୍ରପାତି ସ୍ଥାପନ, ରିପୋର୍ଟରେ ରଫାଦଫା, କେତେକ ଶିଳ୍ପ କାରଖାନାକୁ ଅନୁକମ୍ପା ପ୍ରଦର୍ଶନ, ଇଟିପି(ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) ବାହାରେ ବର୍ଜ୍ୟଜଳ ଛଡାଯିବା, ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ ନ କରିବା ଆଦି ଅଭିଯୋଗ ସାଧାରଣ କଥା ହୋଇଛି। ଏହିସବୁ କାରଣରୁ ଜଳବାୟୁ ପରିବର୍ତ୍ତନ ଘଟି ରାଜ୍ୟର ପ୍ରାୟତଃ ଉପକୂଳ ଅଞ୍ଚଳରେ ବନ୍ୟା ଓ ବାତ୍ୟା ଚିର ସହଚର ହେବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

## ପ୍ରେମ ପାଇଁ ସମୟ ପାଇନି



**ଶିଶୁ କଳାକାର ଓ ପରେ ଚଳଚ୍ଚିତ୍ର ନାୟିକା ସାଜି ଅଗଣିତ ଦର୍ଶକଙ୍କ ହୃଦୟରେ ରାଜ୍ କରୁଥିବା ଅଭିନେତ୍ରୀ ହେଉଛନ୍ତି ଭୂମିକା ଦାଶ। ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହୀ ଥିଲେ। ପ୍ରଥମ ଚଳଚ୍ଚିତ୍ର 'ଝୁମ୍‌କୁ ଝୁମାନା'ରେ ଶିଶୁ କଳାକାର ଭାବେ ସୁନ୍ଦର ଅଭିନୟ ତାଙ୍କୁ ସଫଳତାର ଶିଡ଼ି ଚଢ଼ାଇଥିଲା। ସେ ଅନେକ ଚଳଚ୍ଚିତ୍ର, ମ୍ୟୁଜିକ୍ ଭିଡିଓରେ ନଜର ଆସିଛନ୍ତି। ଆଗକୁ ମଧ ତାଙ୍କର କେତୋଟି ଚଳଚ୍ଚିତ୍ର ରିଲିଜ୍ ହେବାର ଅଛି। ୨୦୦୩ ଜାନୁୟାରୀ ୨୨ରେ ଜନ୍ମଗ୍ରହଣ କରିଥିବା ଭୂମିକା ଏବେ ଭୁବନେଶ୍ୱରରେ ନିଜ ପରିବାର ସହିତ ରହୁଛନ୍ତି। ତାଙ୍କର କିଛି ଜଣା ଅଜଣା କଥାକୁ ନେଇ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**

ଭୂମିକା ଦାଶ

ଧରିତ୍ରୀ ଆଳାପ

***ପ୍ରଶ୍ନ- ଅଭିନୟ କରିବାର ସୁଯୋଗ କିପରି ପାଇଲେ?***

ଉତ୍ତର- ଓଡ଼ିଶୀ ନୃତ୍ୟର ଏକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଇଥିଲି। ସେଠାରେ ମୋର ଜଣେ ପରିଚିତ ଭାଇ ଦେଖା ହୋଇଥିଲେ। 'ଝୁମ୍‌କୁ ଝୁମାନା' ଫିଲ୍ମର କାହାଣୀ ବିଷୟରେ ସେ ମୋ ମା' ବାପାଙ୍କ ସହ ଆଲୋଚନା କରି ଅଭିନୟ କରିବାକୁ କହିଥିଲେ। ବାପା ହଁ ମାରି ଦେଇଥିଲେ। ତା'ର ୧୦ଦିନ ପରେ ହରିହର ମହାପାତ୍ର ମତେ ଫୋନ୍ କରିଥିଲେ। ମୋ ପୂର୍ବରୁ ୨ଶହ ଝିଅଙ୍କର ଅଡିସନ୍ ସରିଥିଲା। ମୁଁ ଅଡିସନ୍ ଦେବା ପରେ ସିଲେକ୍ଟ ହୋଇଥିଲି। ଆଉ ଫିଲ୍ମରେ ଅଭିନୟ ଯାତ୍ରା ଆରମ୍ଭ ହେଲା।

***ପ୍ରଶ୍ନ- ଶିଶୁ କଳାକାରରୁ ହଠାତ୍ ଲିଡ୍ କ୍ୟାରେକ୍ଟର କରିବା କେତେ ଚ୍ୟାଲେଞ୍ଜ ଥିଲା?***

ଉତ୍ତର- 'ତୁ ମୋ ଲଭ୍ ଷ୍ଟୋରୀ'ର ଅଫର ଆସିବା ପରେ ମତେ ଲାଗିଥିଲା କି ଶିଶୁ କଳାକାର ଭାବେ କାମ କରିବି। ସେତେବେଳେ ମୁଁ ନବମ ଶ୍ରେଣୀରେ ପଢୁଥିଲି। ତେଣୁ ପାଠ ଉପରେ ପ୍ରଭାବ ପଡ଼ିବ ଭାବି ପ୍ରଥମେ ମନା କରିଥିଲି। ପୁଣି ନାୟିକା ଭୂମିକାରେ ନଜର ଆସିବି ଜାଣି ଆହୁରି ନର୍ଭସ୍ ଲାଗିଥିଲା। ମାତ୍ର ନିର୍ଦ୍ଦେଶକ ମତେ ଓ ବାପାଙ୍କୁ କାମ କରିବା ପାଇଁ ରାଜି କରିଥିଲେ। ସୌଭାଗ୍ୟବଶତଃ ସବୁକିଛି ଭଲରେ ହୋଇଗଲା।

***ପ୍ରଶ୍ନ- ଫିଲ୍ମକୁ ନେଇ କ୍ୟାରିୟର କରିବେ ନା ଆଉ କିଛି ଯୋଜନା ଅଛି?***

ଉତ୍ତର- ଏବେ ମୁଁ ମେଡିକାଲ ପଢୁଛି। ଦୁଇଟି ଯାକ ମ୍ୟାନେଜ୍ କରିବା କଷ୍ଟକର। ସେଥିପାଇଁ ବାଛି ବାଛି ଫିଲ୍ମ କରୁଛି। ଆଗକୁ ମୋର ୪/୫ଟି ଫିଲ୍ମ ରିଲିଜ୍ ହେବାର ଅଛି। ଏବେ ପାଠ ପ୍ରତି ଅଧିକ ଧ୍ୟାନ ଦେଉଛି। ଜାନୁୟାରୀରେ ପରୀକ୍ଷା ପରେ ଫିଲ୍ମ କରିବି। ଯାହା ବି କରେ, ପାଠକୁ ଛାଡ଼ିବାର ପ୍ରଶ୍ନ ଉଠୁନି।

***ପ୍ରଶ୍ନ- ତେବେ ଡାକ୍ତର ହେବେ?***

ଉତ୍ତର- ଘରେ ସମସ୍ତଙ୍କର ଇଚ୍ଛା ଥିଲା ମୁଁ ଡାକ୍ତର ହୁଏ। ବିଶେଷକରି ମୋ ଜେଜେ ମା'ଙ୍କର। ଦ୍ୱାଦଶ ସରିବା ପରେ ନିଟ୍ ପରୀକ୍ଷା ଦେଇଥିଲି। ସେଥିରେ ଭଲ କରିବା ପରେ ଡାକ୍ତରୀ ପାଠ ଆରମ୍ଭ ହେଲା। ଅଭିନୟ ମୋର ପ୍ୟାଶନ୍। ତେଣୁ ଦୁଇଟାଯାକ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଚେଷ୍ଟା କରିବି।

***ପ୍ରଶ୍ନ- କେଉଁ ଅଭିନେତାଙ୍କ ସହ କାମ କରିବାକୁ ଇଚ୍ଛା ଅଛି?***

ଉତ୍ତର- ପ୍ରାୟ ସମସ୍ତ ଅଭିନେତାଙ୍କ ସହ କାମ କରି ସାରିଲିଣି। ତେବେ ସିଦ୍ଧାନ୍ତ ମହାପାତ୍ରଙ୍କ ସହ ଅଭିନୟ କରିବାକୁ ବହୁତ ଇଚ୍ଛା ଥିଲା। ସେଇଟା ତୁ ମୋ ଲଭ୍‌ଷ୍ଟୋରୀ-୨ରେ ପୂରଣ ହୋଇଗଲା। ଏବେ କେବଳ ନାରୀ କୈନ୍ଦ୍ରିକ ଚଳଚ୍ଚିତ୍ରରେ ଅଭିନୟ କରିବାର ଆଶା ଅଛି। ଯେଉଁଥିରେ ହିରୋ ଏବଂ ହିରୋଇନ୍ ଦୁଇଟାଯାକ ମୁଁ ଥିବି।

***ପ୍ରଶ୍ନ- ଫ୍ରି ଥିଲେ କ'ଣ କରନ୍ତି?***

ଉତ୍ତର- ପଢ଼ା ବ୍ୟତୀତ ଆଉ କିଛି କରେନି। କଲେଜ ଗଲେ ଟିକେ ଆରାମ ମିଳେ ବୋଲି ଶୁଣିଥିଲି, ମାତ୍ର ମତେ ଲାଗୁଛି ସ୍କୁଲ ଅପେକ୍ଷା କଲେଜରେ ପାଠପଢା ବେଶି କଡ଼ା। ତେବେ ମଝିରେ ମଝିରେ ଚିତ୍ର ଆଙ୍କେ ଆଉ ବ୍ୟାଡମିଣ୍ଟନ ଖେଳେ।

***ପ୍ରଶ୍ନ-କଲେଜ ପାଠପଢ଼ା ବେଳେ ପ୍ରେମ ହୋଇଯାଏ, ଆପଣଙ୍କ କ୍ଷେତ୍ରରେ ସେଭଳି କିଛି?***

ଉତ୍ତର- ମତେ ଲାଗୁଛି ପ୍ରେମ କରିବାକୁ ଏବେ ବୟସ ହୋଇନି। ପୁଣି ଦେଖିବାକୁ ଗଲେ ଏତେ ବ୍ୟସ୍ତତା ଭିତରେ ପ୍ରେମ ପାଇଁ ସମୟ ପାଇନି।

***ପ୍ରଶ୍ନ- ଖାଇବାକୁ କ'ଣ ଭଲ ଲାଗେ?***

ଉତ୍ତର- ମୋମୋ, ଚିକେନ୍‌ରେ ଯେ କୌଣସି ଆଇଟମ୍ ଭଲଲାଗେ। ପଖାଳ ଓ ଟମାଟୋ ପୋଡ଼ା ମୋର ସବୁଠାରୁ ପ୍ରିୟ। ଖାଲି ଟମାଟୋ ପୋଡ଼ା ହୋଇଗଲେ ଆଉ କିଛି ଦରକାର ନାହିଁ। ସବୁ ପ୍ରକାର ଖାଇବା ଖାଏ, ହେଲେ ମୋ ଦେହରେ କିଛି ଲାଗେନି। ତେଣୁ ଡାଇଟିଂ କରିବାକୁ ପଡ଼େନି।

## ସଂକ୍ଷେପରେ

### ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

**ଦେବଗଡ଼,୧୯।୧୨(ଡି.ଏନ୍.ଏ.):** ଦେବଗଡ଼ ଜିଲା ଆଦର୍ଶ ଥାନା ଲଇମୁରା ଫାଣ୍ଡି ଅନ୍ତର୍ଗତ ସାଲୋହୀ ଗ୍ରାମରେ ରବିବାର ଭୋର ଦନ୍ତାହାତୀ ଆକ୍ରମଣରେ ଜୟରାମ କିଷାନ(୬୦)ଙ୍କ ମୃତ୍ୟୁ ଘଟିଛି। ଜୟରାମ ଶନିବାର ରାତିରେ ପରିବାର ଲୋକଙ୍କ ସହ ଘରେ ଶୋଇଥିଲେ। ଭୋର ପ୍ରାୟ ୪ଟାରେ ଏକ ଦନ୍ତାହାତୀ ଘର କାନ୍ଥ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଜାଣିପାରି ଜୟରାମ ଜୀବନ ବଞ୍ଚାଇବାକୁ ଘର ଅଗଣାକୁ ବାହାରି ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ମାତ୍ର ହାତୀ ତାଙ୍କୁ ଶୁଣ୍ଢରେ ଟେକି ତଳେ କଚାଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସମ୍ବଲପୁର ଜିଲାର କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାପାଇ ଫରେଷ୍ଟଗାର୍ଡ ପୂର୍ଣ୍ଣଚନ୍ଦ୍ର ଧଳ ଏବଂ ଅନ୍ୟ କର୍ମଚାରୀ କୁଚିଣ୍ଡା ଡାକ୍ତରଖାନାରେ ପହଞ୍ଚିଥିଲେ। ଲଇମୁରା ଫରେଷ୍ଟର ଛବିଳ ବେହେରା ତାଙ୍କ ଘରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବନବିଭାଗ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କ ପରିବାର ଲୋକଙ୍କୁ ନଗଦ ୪୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

### ଗୁଣିଗାରେଡ଼ିରୁ ବାଳକଙ୍କ ମୃତ୍ୟୁ ଅଭିଯୋଗ

**ଟିଟିଲାଗଡ଼, ୧୯।୧୨(ଡିଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଲୁଥୁରବନ୍ଧ ଗ୍ରାମରେ ନିଲାମ ବାଗ (୧୫)ଙ୍କର ଶନିବାର ମୃତ୍ୟୁ ଘଟିଥିଲା। ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଏହି ଘଟଣା ଘଟିଥିଲା। ତେବେ ଗୁଣିଗାରେଡ଼ିରୁ ନିଲାମଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଥିପାଇଁ ସେମାନେ ଗାଁର ଜଣେ ବ୍ୟକ୍ତିଙ୍କୁ ଦାୟୀ କରି ରବିବାର ସକାଳେ ତାଙ୍କ ଘର ପାଖକୁ ଯାଇ ପାଟିତୁଣ୍ଡ କରିଥିଲେ। ଖବର ପାଇ ଟିଟିଲାଗଡ଼ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଥିବା ବେଳେ ସେମାନେ ପୋଲିସ ଗାଡ଼ିକୁ ଅଟକ ରଖି ଗୁଣିଆଙ୍କୁ ଗିରଫ ଦାବି କରିଥିଲେ। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ଶତପଥୀ ପ୍ରତିଶ୍ରୁତି ଦେବା ପରେ ଲୋକେ ପୋଲିସ ଗାଡ଼ି ଛାଡ଼ିଥିଲେ।

### କ୍ରିକେଟ୍ ଖେଳୁଥିବାବେଳେ ଟଳିପଡ଼ିଲେ ଯୁବକ

**ବରୀ,୧୯।୧୨(ଡି.ଏନ.ଏ.):** କ୍ରିକେଟ୍ ଖେଳୁଥିବାବେଳେ ଯାଜପୁର ଜିଲା ବରୀ ବ୍ଲକ ବାଲିବିଲି ଗ୍ରାମର ଦାମୋଦର ପରିଡ଼ାଙ୍କ ପୁଅ କାହ୍ନୁଚରଣଙ୍କର ମୃତ୍ୟୁ ଘଟିଛି।। ସେ ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳକୁ ରବିବାର କ୍ରିକେଟ ଖେଳିବାକୁ ଯାଇଥିଲେ। ସେଠାରେ ଖେଳୁଥିବାବେଳେ ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ସାଙ୍ଗମାନେ ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବରୀ ବିଧାୟକା ସୁନନ୍ଦା ଦାସ ହସ୍ପିଟାଲରେ ପହଞ୍ଚିଥିଲେ। ବରୀ ଯୁବ ବିଜେଡି ଛାତ୍ର ସଭାପତି ସଦିଚ୍ଛା ସାମଲଙ୍କ ନେତୃତ୍ୱରେ ମୃତଦେହ ଗ୍ରାମକୁ ଅଣାଯାଇଛି। କାହ୍ନୁଙ୍କ ଅକାଳମୃତ୍ୟୁରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କାହ୍ନୁଚରଣଙ୍କ ମୃତ୍ୟୁରେ ବିଧାୟିକା ଦାସ, ବରୀ ଯୁବ ବିଜେଡି ନେତା ବିଶ୍ୱରଞ୍ଜନ ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ସୁବାସିନୀ ଶର୍ମା ଓ ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ତପସ୍ୱିନୀଙ୍କ ପିଟିଶନ ଶୁଣାଣି ଆଜି

**ଶାଶୁଘର ଦାଣ୍ଡରେ ରୋଷେଇ କରି ଖାଇଲେ**

**ବ୍ରହ୍ମପୁର ଅଫିସ,୧୯।୧୨**

ନ୍ୟାୟ ଓ ନିଜ ହକ୍ ପାଇଁ ବ୍ରହ୍ମପୁର ବ୍ରହ୍ମାନଗରସ୍ଥିତ ଶାଶୁ ଘର ଆଗରେ ବୋହୂ ତପସ୍ୱିନୀ ଦାଶଙ୍କ ଧାରଣା ଜାରି ରହିଛି। ତପସ୍ୱିନୀ ରବିବାର ବାହାରେ ରୋଷେଇ କରି ଖାଇଛନ୍ତି। ହୋଟେଲ ଖାଦ୍ୟ ଖାଇବାରୁ ସ୍ୱାସ୍ଥ୍ୟ ଖରାପ ହେଉଛି। ଶାଶୁଘର ଲୋକେ ଘର ଭିତରକୁ ଯିବାକୁ ଦେଉନାହାନ୍ତି। ତେଣୁ ରାସ୍ତା ଉପରେ ରୋଷେଇ କରି ଖାଇଲେ ବୋଲି ତପସ୍ୱିନୀ କହିଛନ୍ତି। ସୋମବାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ତପସ୍ୱିନୀଙ୍କ ମୂଳ ପିଟିଶନର ଶୁଣାଣି ହେବ। ଶୁଣାଣି ପରେ ସେ ଶାଶୁଘରେ ରହିବେ କି ନ୍ୟାୟ ନ ପାଇ ପୁଣି ଧାରଣା ଜାରି ରଖିବେ ତାହା ସ୍ପଷ୍ଟ ହେବ।

ପୂର୍ବାହ୍ନରେ ତପସ୍ୱିନୀଙ୍କ ଧାରଣାସ୍ଥଳରେ ଶତାଧିକ ଲୋକ ଜମା ହୋଇ ହୋହଲ୍ଲା କରିଥିଲେ। ତପସ୍ୱିନୀଙ୍କୁ ଘରକୁ ନ ନେଲେ ତାଙ୍କ ଶାଶୁଘର ଗ୍ରୀଲ ତାଲା ଭାଙ୍ଗି ଦେବେ ବୋଲି କହିଥିଲେ। ସ୍ଥିତି ଜଟିଳ ହେବା ପୂର୍ବରୁ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ସେଠାରୁ ହଟାଇଥିଲା। ଉକ୍ତ ଅଞ୍ଚଳରେ ଭିଡ ହେଉଥିବାରୁ ସନ୍ଧ୍ୟାରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶଚନ୍ଦ୍ର ସେଠୀ, ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ଟ୍ରାଫିକ ଥାନାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଭିଡ଼ ହଟାଇଥିଲେ। ଅନ୍ୟପକ୍ଷରେ ତପସ୍ୱିନୀ ଓ ତାଙ୍କ ସ୍ୱାମୀ ଡା.ସୁମିତ ସାହୁଙ୍କ କଥାବାର୍ତ୍ତାର ଏକ ଅଡିଓ ଭିଡିଓ ଭାଇରାଲ ହେଉଛି। ସେଥିରେ ଡା.ସୁମିତଙ୍କୁ ତପସ୍ୱିନୀ ୮ଲକ୍ଷ ଟଙ୍କା ମାଗୁଛନ୍ତି। ସେ ସୁମିତଙ୍କୁ ଛାଡ଼ପତ୍ର ଦେଇଦେବାକୁ କହୁଛନ୍ତି। ତେବେ ଏହା ଏକ ପୁରୁଣା ଭିଡିଓ ବୋଲି ତପସ୍ୱିନୀ ଗଣମାଧ୍ୟମ ଆଗରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ଏମ୍‌ବିବିଏସ୍ ଆଡମିଶନ ପାଇଁ ତାଙ୍କ ବାପାଙ୍କଠାରୁ ସୁମିତଙ୍କ ପରିବାର ଲୋକେ ୧୫ ଲକ୍ଷ ଟଙ୍କା ନେଇଥିଲେ। ସେଥିରୁ ୮ ଲକ୍ଷ ଟଙ୍କା ଫେରାଇବାକୁ ବାକି ଅଛି। ସେହି ଟଙ୍କା ମାଗୁଥିଲେ ବୋଲି ତପସ୍ୱିନୀ କହିଛନ୍ତି।



ବ୍ରହ୍ମାନଗରସ୍ଥିତ ଶାଶୁଘର ଆଗରେ ତପସ୍ୱିନୀ ରୋଷେଇ କରୁଛନ୍ତି।

## 'ରାଜ୍ୟ ସ୍ୱାର୍ଥ ପାଇଁ ଓଡ଼ିଆ ନେତୃତ୍ୱ ଜାଗ୍ରତ ହେଉ'

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ଦିଲ୍ଲୀ ଦରବାରରେ ଓଡ଼ିଆମାନେ ପ୍ରତିନିଧିତ୍ୱ କରୁଛନ୍ତି, ନେତୃତ୍ୱ ନେଉଛନ୍ତି। ବହୁ ଓଡ଼ିଆ ଭିନ୍ନ ଭିନ୍ନ ଉଚ୍ଚ ପଦବୀରେ ଥିଲେ ମଧ୍ୟ ରାଜ୍ୟର ସ୍ୱାର୍ଥରକ୍ଷା ପାଇଁ ସମସ୍ତେ ନୀରବ ହୋଇଯାଇଛନ୍ତି। ଦିନକୁ ଦିନ ଆମ ରାଜ୍ୟର ସୀମା ସମସ୍ୟା ଅଧିକରୁ ଅଧିକ ଜଟିଳ ଆକାର ଧାରଣ କରୁଛି। ଏପରି ସମୟରେ ନିଜ ମାଟି ପାଇଁ ସମସ୍ତ ଓଡ଼ିଆ ଜାଗ୍ରତ ହେବାକୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଆହ୍ୱାନ ଦିଆଯାଇଛି। ରବିବାର ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ସଭାପତି ଦିଲୀପ ଦାଶଶର୍ମା କହିଲେ, ଓଡ଼ିଶାର ସୀମା ଆଜି ସଙ୍କଟରେ ରହିଛି। ଓଡିଶାରୁ ଆରମ୍ଭ ହୋଇଥିବା ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ, ମଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦରେ ସ୍ଥାପନା, ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ, ବଙ୍ଗୋପସାଗରର ନାମ ପରିବର୍ତ୍ତନ କରି କଳିଙ୍ଗ ସାଗର ରଖିବା ଓ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଭଳି ବହୁ ନ୍ୟାଯ୍ୟ ଦାବିକୁ ଅଣଦେଖା କରାଯାଉଛି। ଏଥିପାଇଁ ଠିକ୍ ଭାବେ ସ୍ୱର ଉଠୁ ନ ଥିବାରୁ ଆମେ ଆମ ହକ୍ ପାଇପାରୁ ନାହୁଁ ବୋଲି ସେ କହିଛନ୍ତି। ବୈଠକରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଗତବର୍ଷର ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିଥିଲେ। ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ନିମାଇଁ ଚରଣ ଦାସ, ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର, ସମ୍ପାଦକ ରାଜେଶ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ପୋଲ ତଳେ ପଡ଼ିଲା ସାର, ବିହନ

**ତଦନ୍ତ ଦାବିରେ ଚାଷୀଙ୍କ ରାସ୍ତାରୋକୋ**

**ବାଙ୍କୀ,୧୯।୧୨(ସ୍ୱ.ପ୍ର.)**

କଟକ ଜିଲା ବାଙ୍କୀ ଉପଖଣ୍ଡର ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ପଞ୍ଚାୟତସ୍ଥିତ ବାଙ୍କୀ-ଖୋର୍ଦ୍ଧା ରାସ୍ତାର ଭୋକାଶଙ୍ଖ ପୋଲ ତଳୁ ରବିବାର ବିପୁଳ ପରିମାଣର କୃଷି ସାର, ଔଷଧ, ବିହନ ଓ ଅନ୍ୟାନ୍ୟ କୃଷି ସାମଗ୍ରୀ ମିଳିଛି। ଢଁସର ପଞ୍ଚାୟତର ଚାଷୀମାନେ ଏହାକୁ ଫୋପଡ଼ା ହୋଇଥିବା ଦେଖି ଭୋକାଶଙ୍ଖ ପୋଲ ପାଖରେ ରାସ୍ତାରୋକୋ କରିଥିଲେ। ଚାଷ କାର୍ଯ୍ୟରେ ବ୍ୟବହାର ପାଇଁ ଉପରୋକ୍ତ ସାମଗ୍ରୀ ଆସିଥିବାବେଳେ କେତେଜଣ ଅସାଧୁ ବ୍ୟବସାୟୀ ଏହାକୁ ଲୁକ୍କାୟିତ ଭାବେ ଆଣି ପୋଲ ତଳେ ଫିଙ୍ଗିଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଏହା ବଣ୍ଟନ କରା ନ ଯାଇ କିପରି ଫିଙ୍ଗି ଦିଆଯାଇଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ବାଙ୍କୀ କୃଷି ଜିଲା ଅଧିକାରୀ ଶୈଳେନ୍ଦ୍ର ମହାନ୍ତି କହିଛନ୍ତି, ଫୋପଡ଼ା ଯାଇଥିବା ସାମଗ୍ରୀଗୁଡ଼ିକ କୃଷି ବିଭାଗର ନୁହେଁ, ଏହା ଉଦ୍ୟାନ ବିଭାଗର। ବାଙ୍କୀ ଉଦ୍ୟାନ ବିଭାଗ ଅଧିକାରୀ ସୌମେନ୍ଦ୍ର ପାଣିଗ୍ରାହୀଙ୍କୁ ପଚାରିବାରେ, ଏହା ଆମ ବିଭାଗର ନୁହେଁ ବୋଲି କହିଛନ୍ତି। ଏ ପର୍ଯ୍ୟନ୍ତ ପୋଫଡ଼ା ଯାଇଥିବା ସାମଗ୍ରୀ କେଉଁ ବିଭାଗର ସ୍ପଷ୍ଟହୋଇ ନ ଥିବା ବେଳେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ବାଙ୍କୀ କୃଷି ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚାଷୀ ନକୁଳ ପ୍ରଧାନ, ଅଜୟ ପଣ୍ଡା, ଜିତେନ୍ଦ୍ର କୁମାର ସାହୁ, ଭାବ ସ୍ୱାଇଁ, ରାମ ଜେନା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି।



କୃଷି ସାମଗ୍ରୀକୁ ଫୋପଡ଼ା ଯାଇଥିବାରୁ ଚାଷୀମାନେ ରାସ୍ତାରୋକୋ କରିଛନ୍ତି।

## ଏସ୍‌ଟିଏଫ୍ କବ୍‌ଜାରେ ଚୋରା ବନ୍ଧୁକ ବେପାରୀ

**ଛେଣ୍ଡିପଦା,୧୯।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କେର୍ଜେଙ୍ଗ ଗ୍ରାମ ନିକଟରୁ ଶନିବାର ରାତିରେ ଜଣେ ଚୋରା ବନ୍ଧୁକ ବେପାରୀଙ୍କୁ ଗିରଫ କରାଯାଇଛି। ଭୁବନେଶ୍ୱରରୁ ଯାଇଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଓ ଛେଣ୍ଡିପଦା ପୋଲିସ ଏହି ଗିରଫଦାରି କରିବା ସହ ଘଟଣାସ୍ଥଳରୁ ୮ଟି ଚୋରା ଦେଶୀ ପିସ୍ତଲ ଏବଂ ୭ଟି ଗୁଳି ଜବତ କରିଛି। ଗିରଫ ବେପାରୀ ଜଣଙ୍କ ହେଲେ ସମ୍ବଲପୁର ଜିଲା ନାକଟିଦେଉଳ ଥାନା ସରାପାଲି ଗ୍ରାମର ରତ୍ନାକର କାଲଟା (୨୮)।

ଦେବଗଡ଼ ଜିଲା ରିଆମାଳ ବ୍ଲକର ବୁଢ଼ାପାଳ ଓ ଛେଣ୍ଡିପଦା ବ୍ଲକ କେର୍ଜେଙ୍ଗକୁ ଯାଇଥିବା ରାସ୍ତାରେ ଚୋରା ବନ୍ଧୁକ କାରବାର ହେଉଥିବା ଏସ୍‌ଟିଏଫ୍‌କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ତେଣୁ ଏସ୍‌ଟିଏଫ୍‌ର ଏକ ଟିମ୍ ଛେଣ୍ଡିପଦା ପୋଲିସ ସହାୟତାରେ ଉକ୍ତ ରାସ୍ତାରେ ଚଢ଼ାଉ କରିଥିଲା। ଏହି ସମୟରେ ଅଭିଯୁକ୍ତ ରତ୍ନାକର ପିସ୍ତଲ ଦେଖାଇ ସେଠାରୁ ଖସିଯିବାକୁ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ଏସ୍‌ଟିଏଫ୍ ଟିମ୍ ତାଙ୍କ ନିକଟରୁ ୮ ଦେଶୀ ପିସ୍ତଲ, ୭ ଗୁଳି ଓ ଏକ ମୋବାଇଲ ଫୋନ ଜବତ କରିଥିଲା। ଏହାପରେ ଅଭିଯୁକ୍ତଙ୍କୁ ଛେଣ୍ଡିପଦା ପୋଲିସ ଜିମା ଦେଇଥିଲା। ଥାନା ଅଧିକାରୀ ଧୀରେନ କୁମାର ବେହେରା ନଂ. ୫୮୯/୨୧ରେ ମାମଲା ରୁଜୁ କରିବା ସହିତ ତଦନ୍ତ ଦାୟିତ୍ୱ ବାଗଡିଆ ଫାଣ୍ଡି ଅଧିକାରୀ ଆଶିଷ କୁମାର ଦାସଙ୍କୁ ଦେଇଛନ୍ତି। ତଦନ୍ତ ପରେ ଚୋରା ବନ୍ଧୁକ ବେପାର ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି ଛେଣ୍ଡିପଦା ପୋଲିସ ପକ୍ଷରୁ କୁହାଯାଇଛି।



**୮ ପିସ୍ତଲ, ୭ ଗୁଳି ଜବତ**



ଗିରଫ ବନ୍ଧୁକ ବେପାରୀ ରତ୍ନାକର କାଲଟା।

## ଦୁର୍ଘଟଣାରେ ମାମୁ, ଭାଣିଜୀ ମୃତ

**ଅନୁଗୋଳ ଅଫିସ, ୧୯।୧୨**

ସମ୍ପର୍କୀୟଙ୍କ ଘରୁ ବାଇକ୍‌ରେ ଫେରୁଥିବା ବେଳେ ରବିବାର ଅପରାହ୍ଣରେ ଅନୁଗୋଳ ସଦରଥାନା ବାଲୁଅକଟାଠାରେ ଅଟୋ ଧକ୍କାରେ ମାମୁ ଓ ଭାଣିଜୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଅନୁଗୋଳ ରାଣୀଗୁଡ଼ା ଅଞ୍ଚଳର ସୁଜନ ସାହୁ(୩୨) ଓ ଭାଣିଜୀ ହୁଲୁରିସିଂହାର ଗାୟତ୍ରୀ ସାହୁ(୨୦)। ସୁଜନଙ୍କ ଭଉଣୀ ନୟନା ସାହୁ ଓ ସାନ ଭାଣିଜୀ ବର୍ଷା ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସୁଜନ ସକାଳେ ଭଉଣୀ ଓ ଦୁଇ ଭାଣିଜୀଙ୍କୁ ନେଇ ହୁଲୁରିସିଂହାରୁ ବାଲୁଆକଟାସ୍ଥିତ ସମ୍ପର୍କୀୟଙ୍କ ଘରୁ ଫେରୁଥିବାବେଳେ ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ୨ ଜଣଙ୍କ ମୃତ୍ୟୁ ହୋଇଥିଲା।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ୨୧ ମାସର ରୁଦ୍ରାଂଶୀ

**ଖୋର୍ଦ୍ଧା ଅଫିସ,୧୯।୧୨**

ବୟସ ମାତ୍ର ୨୧ ମାସ। ଏତେ କମ୍ ବୟସରେ ସେ ନିଜ ପ୍ରତିଭା ବଳରେ ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଧୂଳି ଖେଳ ବୟସରେ ଏଭଳି ବିରଳ କୃତିତ୍ୱ ହାସଲ କରିଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ସହର ବାସିନ୍ଦା ଜ୍ୟୋତି ପ୍ରକାଶ ପାତ୍ର ଓ ପଙ୍କଜିନୀଙ୍କ ଏକମାତ୍ର କନ୍ୟା ରୁଦ୍ରାଂଶୀ। ୨୦୨୦ ମାର୍ଚ୍ଚ ୨୯ରେ ରୁଦ୍ରାଂଶୀଙ୍କ ଜନ୍ମ। ତୁଳସୀ ଦୁଇପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭାର ବିକଶିତ ହୋଇଥିଲା। ମାତ୍ର ୯ମାସ ବୟସରୁ ସେ କଥା କହିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଅନେକ କିଛି ଶିଖି ମନେ ରଖି କହି ଦେଉଛନ୍ତି। ମଣିଷ ଶରୀରର ଅଙ୍ଗପ୍ରତ୍ୟଙ୍ଗ, ଦେବଦେବୀ, ପଶୁପକ୍ଷୀଙ୍କୁ ଦେଖି ନାମ କହିପାରନ୍ତି। ସେହିପରି ଭାରତ ମାନଚିତ୍ର ଦେଖି ବିଭିନ୍ନ ରାଜ୍ୟ ଚିହ୍ନିପାରନ୍ତି। ଏଥିସହ ବାର, ତିଥି, ନକ୍ଷତ୍ର, ସାତଦିନ, ଜାତୀୟ ପଶୁ ପକ୍ଷୀ ଏବଂ ଫୁଲ ଏପରିକି ଅନେକ ବିଷୟକୁ ଥରେମାତ୍ର ଦେଖି ଓ ଶୁଣି ମନେରଖି କହିପାରନ୍ତି।

ଜ୍ୟୋତିପ୍ରକାଶ କହିଛନ୍ତି, ରୁଦ୍ରାଂଶୀ ପିଲାବେଳେ ଜେଜେବାପା ଜିତେନ୍ଦ୍ର ଓ ଜେଜେମା'ଙ୍କଠାରୁ ଗୀତ ଶୁଣି ତାହାକୁ ମନେ ରଖି ଗାଉଥିଲେ। ପରେ ଆମେ ତାଙ୍କୁ ବିଭିନ୍ନ ଜିନିଷ ଦେଖାଇ ଶିଖାଇବା ସହ ପଚାରିଲେ ସେ ସବୁ ଠିକ୍ ଉତ୍ତର କହିଦେଉଥିଲେ। ଏହି ପ୍ରତିଭା ସମ୍ପର୍କରେ ଆମେ ଜାଣିବା ପରେ ଅନଲାଇନ ମାଧ୍ୟମରେ ପ୍ରଦର୍ଶନ ପାଇଁ ତାଙ୍କ ନାମ ପଞ୍ଜୀକୃତ କରିଥିଲୁ। ୨୦୨୧ ନଭେମ୍ବର ୮ରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସର ବିଚାରକ ମଣ୍ଡଳୀ ତାଙ୍କ ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ। ଶେଷରେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସର ମୁଖ୍ୟ ସମ୍ପାଦକ ଡ. ବିଶ୍ୱରୂପ ରାୟ ଚୌଧୁରୀଙ୍କ ଦ୍ୱାରା ଅନୁମୋଦିତ ସାର୍ଟିଫିକେଟ ମିଳିଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମାଗଣା ଫିଜିଓଥେରାପି ଶିବିର, ରସୁଲଗଡ଼ ଜିଜିପି କଲୋନୀ ନିକଟ ଲକ୍ଷ୍ମୀନାରାୟଣ ମନ୍ଦିର, ସକାଳ ୮ଟା।
- ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ଶିଳାଶ୍ରୀ ୧୪ତମ ସ୍ୱନକ୍ଷତ୍ର ଉତ୍ସବ, ବୁଦ୍ଧମନ୍ଦିର ସଭାକକ୍ଷ, ଅପରାହ୍ନ ୪ଟା।
- ତ୍ରିଧାରା ପକ୍ଷରୁ ଦେବସ୍ମୃତି-୨୦୨୧ ନୃତ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ବ୍ରାହ୍ମଣବସ୍ତ ଜଙ୍ଗଲରେ ହାତୀ ଗୋଡ଼ରେ କ୍ଷତ

ଖୁଣ୍ଟୁଣୀ, ୧୯।୧୨(ଡି.ଏନ୍.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲ ନିକଟ ବରଦେଇ ଠାକୁରାଣୀ ପାଟରେ ଏକ କ୍ଷତାକ୍ତ ମାଈହାତୀକୁ ଠାବ କରାଯାଇଛି। ହାତୀଟିର ପଛପଟ ଡାହାଣ ଗୋଡ଼ରେ ବଡ଼ କ୍ଷତଚିହ୍ନ ଥିବା ଜଣାପଡିଛି। ଏହି ହାତୀକୁ ଅନ୍ୟ ଦନ୍ତାହାତୀ ଭୁସିଥିବା ଅଥବା ଜଙ୍ଗଲରେ ଖୁଣ୍ଟା ବାଜି କ୍ଷତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର, ଆଠଗଡ଼ ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବ, ଏସିଏଫ ଘନଶ୍ୟାମ ମୁଦୁଲି, ଫରେଷ୍ଟର ରାକେଶ ଦଳେଇ, ସରୋଜ ପଣ୍ଡା ଓ ଦିବ୍ୟସିଂହ ପରିଡା ପ୍ରମୁଖ ହାତୀ ଟ୍ରାକରମାନଙ୍କ ସହ ଯାଇ ସତର୍କତାର ସହ ହାତୀକୁ ଠାବ କରିଥିଲେ। ହାତୀଟିର ଚିକିତ୍ସା ପାଇଁ ରବିବାର ଡ. କିଶୋର କୁମାର ସାହୁଙ୍କ ନେତୃତ୍ୱରେ ସାତକୋଶିଆ ଅଭୟାରଣ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞ ଦଳର ୪ ଜଣିଆ ଟିମ୍ ଖୁଣ୍ଟୁଣୀ ବନାଞ୍ଚଳରେ ପହଞ୍ଚିଛନ୍ତି। ହେଲେ ହାତୀଟି ଅନ୍ୟ ହାତୀମାନଙ୍କ ମଧ୍ୟରେ ରହିଥିବାରୁ ଟ୍ରାଙ୍କୁଲାଇଜ କରିବା କଷ୍ଟକର ହୋଇପଡୁଛି। ଅସୁସ୍ଥ ହାତୀଟି ଅନ୍ୟମାନଙ୍କଠାରୁ ଅଲଗା ହେବା ପାଇଁ ବିଶେଷଜ୍ଞ ଦଳ ଓ ଜଙ୍ଗଲ ବିଭାଗ କର୍ମଚାରୀ ଉଦ୍ୟମ ଜାରି ରଖିବେ ବୋଲି ଡିଏଫଓ ଯାଦବ କହିଛନ୍ତି।

### 'ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ୍'

କଟକ ଅଫିସ,୧୯।୧୨: କଟକ ସାରଳା ଭବନରେ କବି ସଚ୍ଚି ରାଉତରାୟ୍ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅରୁଣ କୁମାର ପରିଚ୍ଛା ଯୋଗଦେଇ କହିଥିଲେ, ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ଥିଲେ ସଚ୍ଚି ରାଉତରାୟ୍। ତାଙ୍କ ରଚିତ 'ଛୋଟ ମୋର ଗାଁଟି' କବିତା ଓଡ଼ିଆ ସାହିତ୍ୟରେ ଏକ କାଳଜୟୀ କୃତୀ ବୋଲି ପରିଚ୍ଛା କହିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ, ସଚ୍ଚି ରାଉତରାୟଙ୍କ କାବ୍ୟପ୍ରତିଭା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ। ସମ୍ମାନିତ ଅତିଥି ଇଂ. ପ୍ରଭାକର ସ୍ୱାଇଁ କହିଥିଲେ, ସଚ୍ଚି ରାଉତରାୟ୍ ବିଶ୍ୱ ସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ଓଡ଼ିଆ ଭାଷାରେ ଯେଉଁ କବିତା ରଚନା କରିଛନ୍ତି, ତାହା ତାଙ୍କୁ ଚିରଦିନ ଅମର କରି ରଖିବ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀହର୍ଷ ରାଉତରାୟ୍, ସ୍ୱର୍ଣ୍ଣ ମିଶ୍ର, ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ, ଉପସଭାପତି ଡ. ସଂଗ୍ରାମ ଜେନା, ସଦସ୍ୟା ଡ. ସୁନୀତି ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।

# ଶିଥିଳତା ପଛରେ ସମନ୍ୱୟ ଅଭାବ

## ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ

- ନକ୍ସା ପ୍ରସ୍ତୁତି ଓ ହସ୍ତାନ୍ତରରେ ବିଳମ୍ବ, ଡିପିଆର୍ ପ୍ଲାନ୍ ବାଧକ
- କେନ୍ଦ୍ର ପକ୍ଷରୁ ଆବେଦନପତ୍ର ବିଳମ୍ବକୁ ନେଇ ଅସନ୍ତୋଷ
- ପ୍ରସ୍ତାବିତ ଜମି ବିନା ମୂଲ୍ୟରେ ଯୋଗାଇବାକୁ ଦାବି

ଖୋର୍ଦ୍ଧା ଅଫିସ,୧୯।୧୨

୧୮୧୭ ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ବରୁଣେଇ ପାହାଡ଼ ପାଦଦେଶରେ ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସକୁ ଦୁଇବର୍ଷ ବିତିଲାଣି ଅଥଚ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ବୋଲି ଖୋର୍ଦ୍ଧା ନାଗରିକ ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଶିଳାନ୍ୟାସର ଦୁଇ ବର୍ଷ ପରେ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଡିସେମ୍ବର ୧୫ରେ ଜମି ହସ୍ତାନ୍ତର ଲାଗି ଜିଲା ପ୍ରଶାସନକୁ ଚିଠି ଲେଖାଯାଇଥିବା ଜଣାପଡ଼ିଛି। ପୂର୍ବରୁ ପ୍ରସ୍ତାବିତ ୧୦ଏକର ଜମିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦୀୟ ଜମି ରାଜସ୍ୱ ବିଭାଗର ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ତେବେ ପ୍ରସ୍ତାବିତ ଜମିରେ ସ୍ମାରକୀ ନିର୍ମାଣ ପାଇଁ ଦୁଇବର୍ଷ ମଧ୍ୟରେ କେନ୍ଦ୍ର ପକ୍ଷରୁ ପ୍ରାଧିକୃତ ସଂସ୍ଥା ଦ୍ୱାରା କୌଣସି ଆବେଦନ ଜିଲା ପ୍ରଶାସନ ନିକଟରେ କରାଯାଇ ନ ଥିଲା। ଜମି ବିଡିଏ ଅଧୀନରେ ରହିଛି। ବିଡିଏ ପକ୍ଷରୁ ଜମି କ୍ଲିୟରାନ୍ସ ପାଇବାକୁ ହେଲେ ସ୍ମାରକୀ ନିର୍ମାଣର ଡିପିଆର୍ ଦାଖଲ କରାଯିବା ଆବଶ୍ୟକ। ମାତ୍ର କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଡିପିଆର୍ ପ୍ରସ୍ତୁତ କରାଯାଇ ନ ଥିବା ଜଣାପଡ଼ିଛି। ଦ୍ୱିତୀୟତଃ ପ୍ରସ୍ତାବିତ ୧୦ ଏକର ଜମିର ସମ୍ପୂର୍ଣ୍ଣ ନକ୍ସା ପ୍ରସ୍ତୁତିରେ ବିଳମ୍ବ ଆଉ ଏକ କାରଣ। ଏହି ନକ୍ସା ପ୍ରାଧିକୃତ ସଂସ୍ଥାର ହସ୍ତଗତ ହୋଇ ନ ଥିବାରୁ ଡିପିଆର୍ ପ୍ଲାନ୍ ପ୍ରସ୍ତୁତ କରାଯାଇପାରିନାହିଁ ବୋଲି କୁହାଯାଉଛି। ତୃତୀୟତଃ ପ୍ରସ୍ତାବିତ ଜମିର ମୂଲ୍ୟ ୩୦ କୋଟି ରହିଛି। ଜମି ହସ୍ତାନ୍ତର ଲାଗି ଏକ ନିର୍ଦ୍ଦିଷ୍ଟ ଲିଜ୍ ଆବେଦନପତ୍ରରେ କେନ୍ଦ୍ର ସରକାର ରାଜ୍ୟକୁ ଆବେଦନ କରିବେ। କେନ୍ଦ୍ର ପକ୍ଷରୁ ଜମି ହସ୍ତାନ୍ତର ଲାଗି ଅଦ୍ୟାବଧି ଲିଜ୍ ଫର୍ମରେ ଆବେଦନ କରାଯାଇନାହିଁ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ବିନା ମୂଲ୍ୟରେ ଏହି ଜମି ଯୋଗାଇ ଦେବା ପାଇଁ ଖୋର୍ଦ୍ଧା ନାଗରିକ ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ଗବେଷକ ସତ୍ୟବାଦୀ ବଳିଆରସିଂ, ଭୀମସେନ ପ୍ରଧାନ, ବିଶ୍ୱାମିତ୍ର ଜନକଲ୍ୟାଣ ଟ୍ରଷ୍ଟ ସଭାପତି ରାମଶଙ୍କର, ନ୍ୟୁ ଥିଙ୍କିଙ୍ଗ ଫୋରମ ସଭାପତି ନରେନ୍ଦ୍ର ପୃଷ୍ଟି, ଗବେଷକ ଗୋପାଳକୃଷ୍ଣ ଦାସ, ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର, ଓକିଲ ସଂଘ ସଭାପତି ଅଜିତ ପଟ୍ଟନାୟକ, ଗ୍ରନ୍ଥକାର ଉମାଶଙ୍କର ପ୍ରସାଦ, ସାମାଜିକ କର୍ମୀ ଶୋଭନ ଘୋଷ, ଆଇନଜୀବୀ ଶିଶିର ପରିଡ଼ା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ପ୍ରଭାତ ମିଶ୍ରଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଦାବି କରିଛନ୍ତି।

ଏ ନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜମି ହସ୍ତାନ୍ତର ଲାଗି ଆବେଦନ ଆସିଛି। ନିର୍ଦ୍ଦିଷ୍ଟ ଲିଜ୍ ଫର୍ମରେ ଆବେଦନ ପରେ ତର୍ଜମା କରାଯାଇ ପରବର୍ତ୍ତୀ ନିଆଯିବ।



କଟକ ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟ ମଣ୍ଡଳ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

## ସାହିତ୍ୟର ଆଭିମୁଖ୍ୟ ଭାଙ୍ଗିବା ନୁହେଁ, ଗଢ଼ିବା

### ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଭାଷାଗତ ସଙ୍କୀର୍ଣ୍ଣତା ଦୂର କରି ଅନୁବାଦ ମାଧ୍ୟମରେ ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ସୁସମ୍ପର୍କ ସ୍ଥାପନା କରି ଓଡ଼ିଆ ଭାଷା, ସାହିତ୍ୟକୁ ସର୍ବବ୍ୟାପୀ ଓ ସର୍ବଗ୍ରାହୀ କରିବା ଆବଶ୍ୟକ। ସାହିତ୍ୟର ଆଭିମୁଖ୍ୟ ଭାଙ୍ଗିବା ନୁହେଁ ଗଢ଼ିବା, ନେବା ନୁହେଁ ଦେବା। ରବିବାର ଭାରତୀୟ ବିଦ୍ୟାଭବନରେ କବି ତଥା ଅନୁବାଦକ ନାରାୟଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ୨୪ତମ ବାର୍ଷିକୋତ୍ସବର ଭାଷା, ସାହିତ୍ୟ ଓ ଅନୁବାଦ ସମାରୋହ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ମାଧୁର୍ଯ୍ୟର ଶ୍ରୀବୃଦ୍ଧି କରିବାରେ ରାଜଭାଷା ବିକାଶ ପରିଷଦର ପ୍ରୟାସକୁ ପ୍ରଶଂସା କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ତ୍ରିପାଠୀ, ସାହିତ୍ୟ ସମାଜର ସଭାପତି ସୂର୍ଯ୍ୟ ମିଶ୍ର, ପୂଜ୍ୟ ପୂଜା ସଂସ୍କୃତି ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷାର ମୌଳିକତା, ଶବ୍ଦଶକ୍ତି, ଭାଷା ଶୈଳୀର ସ୍ୱତନ୍ତ୍ର ପରିଚୟ ସହ ହିନ୍ଦୀ ଭାଷା ସହିତ ସମନ୍ୱୟ ରକ୍ଷା କରି ଓଡ଼ିଆ ଭାଷା ସାହିତ୍ୟକୁ ବିକାଶ କରିବା ଦିଗରେ ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୧୨୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇଥିବାବେଳେ ୨୬ଜଣ କବିଙ୍କୁ ସମ୍ମାନିତ କରାଯାଇଥିଲା।

## ବଙ୍କିମ ଚନ୍ଦ୍ର ନାୟକଙ୍କୁ 'ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)



ଭୁବନେଶ୍ୱର ଏକାମ୍ର ଶିଶୁ ସାହିତ୍ୟ ସଂସଦର ଷୋଡ଼ଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସାହିତ୍ୟିକ ଜୟନ୍ତ ଦାସ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଷ୍ଣୁପ୍ରିୟା ହୋତା ଓ ଶିଶୁ ସାହିତ୍ୟିକ ରବୀନ୍ଦ୍ର ନାଥ ମାଝି ଯୋଗଦେଇଥିଲେ। ଏହି ଅବସରରେ ବଙ୍କିମ ଚନ୍ଦ୍ର ନାୟକଙ୍କୁ 'ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଡ. ଗୌତମ ମହାରଣାଙ୍କୁ 'ଫୁଲ- ନରହରି ସ୍ମୃତି ସମ୍ମାନ', ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ 'ସାଧୁ ଦୟାନିଧି ଦାସ ସ୍ମୃତି ସମ୍ମାନ', ପ୍ରଶାନ୍ତ କୁମାର ଦାଶଙ୍କୁ 'ଅନାମଭୂତି ସ୍ମୃତି ସମ୍ମାନ' ଏବଂ ବସନ୍ତ ମିଶ୍ରଙ୍କୁ 'ଶଶୀ ଶ୍ରୀଭୂଜ ସ୍ମୃତି ସମ୍ମାନ' ଦିଆଯାଇଥିଲା। ବୃନ୍ଦାବନ କୁମ୍ଭାରଙ୍କ 'ଝୁମୁରୁ ଝାଇଁ' ଓ ଡ. ରାମଚନ୍ଦ୍ର ଦେଓଙ୍କ 'ନୂତନ ପଥର ପଥିକ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଡ. ଶରତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅର୍ଜୁନ କୁମାର ସ୍ୱାଗତ ଭାଷଣ, ଡ. ଶରତଚନ୍ଦ୍ର ରଥ ସମ୍ପାଦକୀୟ ବିବରଣୀ ପାଠ, ସହଦେବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ପବିତ୍ର ମୋହନ ଦାସ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ବିଶ୍ୱପ୍ରକାଶ



@ ଶିଖା



@ ରାଜଶ୍ରୀ



@ ତୁଷାର



@ ବିକାଶ

# ୩ ରଙ୍ଗର ଷ୍ଟିକର ଲଗାଇ ସଚେତନ କଲା ବିଏମ୍‌ସି

## ପୃଥକ ବର୍ଜ୍ୟ ଦେବାକୁ ଅନୁରୋଧ

ଭୁବନେଶ୍ୱର,୧୬।୧୨(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରବିବାର ବର୍ଜ୍ୟ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ନିୟମିତ ପୃଥକ୍ ବର୍ଜ୍ୟ ଦେଉଥିବା ପରିବାର ସହରର ସ୍ୱଚ୍ଛତା ବଢାଇବାରେ ସହଯୋଗ କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଧନ୍ୟବାଦ ସନ୍ଦେଶ ଦିଆଯିବା ସହ ମିଶ୍ରିତ ବର୍ଜ୍ୟ ଦେଉଥିବା ପରିବାରକୁ ପୃଥକ୍ ବର୍ଜ୍ୟ ଦେବା ପାଇଁ ସହରବାସୀଙ୍କ ସହଯୋଗ ଲୋଡ଼ାଯାଇଛି। ସେମାନଙ୍କ ଘର କାନ୍ଥରେ ସ୍ୱତନ୍ତ୍ର ଷ୍ଟିକର ଲଗାଯାଇ ସଚେତନ କରାଯାଇଛି।

ବିଏମ୍‌ସିର ନିୟମିତ ସମୀକ୍ଷା ଅନୁସାରେ, କେତେକ ପରିବାର ମିଶ୍ରିତ ବର୍ଜ୍ୟ ଦେଉଥିବାବେଳେ ଆଉ କେତେକ ପରିବାର ସଫେଇ ଗାଡ଼ିକୁ ବର୍ଜ୍ୟ ନ ଦେଇ ଅନ୍ୟତ୍ର ଫିଙ୍ଗିବାର ନଜିର ରହିଛି। ଏ କ୍ଷେତ୍ରରେ ପୃଥକ୍ ବର୍ଜ୍ୟ ଦେଉଥିବା, ମିଶ୍ରିତ ବର୍ଜ୍ୟ ଦେଉଥିବା ଏବଂ ଆଦୌ ବର୍ଜ୍ୟ ଦେଉ ନ ଥିବା ଘରଗୁଡ଼ିକ ପାଇଁ ବିଏମ୍‌ସି ପୃଥକ ସନ୍ଦେଶ ଦେବା ସହିତ ସମସ୍ତଙ୍କୁ ପୃଥକ୍ ବର୍ଜ୍ୟ ଦେବାପାଇଁ ଅନୁରୋଧ ଜଣାଇଛି। ଏହି ସଚେତନତା ସନ୍ଦେଶ ରହିଥିବା ନାଲି, ନାରଙ୍ଗି ଓ ସବୁଜ ଷ୍ଟିକର୍ ଘର କାନ୍ଥରେ ଲଗାଯାଇଛି। ବର୍ଜ୍ୟବସ୍ତୁ ଆଦୌ ନ ଦେଇ ଫିଙ୍ଗୁଥିବା ଘର କାନ୍ଥରେ ନାଲି ଓ ବର୍ଜ୍ୟକୁ ପୃଥକ କରି ଦେଉ ନ ଥିବା ଲୋକଙ୍କ କାନ୍ଥରେ ନାରଙ୍ଗି ଷ୍ଟିକର ଲଗାଇ ସଚେତନ କରାଯାଇଥିବାବେଳେ ବର୍ଜ୍ୟକୁ ଠିକ୍ ଭାବେ ଦେଉଥିବାରୁ ସବୁଜ ଷ୍ଟିକର ମାଧ୍ୟମରେ ଧନ୍ୟବାଦ ଜ୍ଞାପନ କରାଯାଇଛି। ଅଭିଯାନର ପ୍ରଥମ ଦିନରେ ପ୍ରତ୍ୟେକ ଜୋନ୍‌ରୁ ଗୋଟିଏ ଲେଖାଏ ୱାର୍ଡ ଚୟନ ହୋଇ ଏହି ସଚେତନତା କରାଯାଇଛି। ଦକ୍ଷିଣ-ପୂର୍ବ ଜୋନର ୱାର୍ଡ ନଂ.୫୭ ଅନ୍ତର୍ଗତ ବଡଗଡ ବ୍ରିଟ୍‌କଲୋନୀ, ଦକ୍ଷିଣ-ପଶ୍ଚିମ ଜୋନ୍‌ର ୱାର୍ଡ ନଂ.୫୧ ଅନ୍ତର୍ଗତ ସୌଭାଗ୍ୟନଗର ଏବଂ ଉତ୍ତର ଜୋନ୍‌ର ୱାର୍ଡ ନଂ. ୧୨ ଅନ୍ତର୍ଗତ ଗଜପତି ନଗରରେ ଷ୍ଟିକର ମାଧ୍ୟମରେ ଅନୁରୋଧ ପୂର୍ବକ ସଚେତନତା ବାର୍ତ୍ତା ଦିଆଯିବା ସହ ପୃଥକୀକୃତ ବର୍ଜ୍ୟ ଦେବାପାଇଁ ପରିବାରଗୁଡିକୁ କୁହାଯାଇଛି।

## ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ

କଟକ ଅଫିସ,୧୯।୧୨

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ରବିବାର ହାଇକୋର୍ଟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ ଚିତ୍ରକର ରବିନାରାୟଣ ରଥଙ୍କ ସମେତ ଅନ୍ୟ ବିଚାରପତି ଉପସ୍ଥିତ ଥିଲେ। ଏହି ଅବସରରେ ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ଏହି କ୍ୟାଲେଣ୍ଡରରେ ରାଜ୍ୟର ବଛାବଛା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଦ୍ୱାରା ପରିବାର ଶୀର୍ଷକ ଚିତ୍ରାଙ୍କନ ସ୍ଥାନ ପାଇଛି। ଜଷ୍ଟିସ ଏସ୍.କେ. ସାହୁ ସ୍ୱାଗତ ଭାଷଣ ଓ ଜଷ୍ଟିସ ଶଶୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୪ ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲା ଓ ପରିବାର ଅଦାଲତ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତି ଜିଲାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଛାତ୍ରୀଛାତ୍ରୀଙ୍କୁ ଚୟନ କରାଯାଇଥିଲା। ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୧୨ଟି ଚିତ୍ରକୁ ଚୟନ କରାଯାଇ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଛି।





ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଲୱେ ହାଇସ୍କୁଲ ପୁରାତନ ଛାତ୍ର ସଂସଦ (ରୋଜା)ର ୧୪ତମ ବାର୍ଷିକ ଉତ୍ସବରେ ରବିବାର ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବଡ଼ଦିନର ଅବ୍ୟବହିତ ପୂର୍ବରୁ କଟକ ସୁତାହାଟ ଅଞ୍ଚଳର ବେକେରୀ କାରଖାନାରେ କେକ୍ ପ୍ରସ୍ତୁତ କରାଯାଉଛି।



ପୁରୀସ୍ଥିତ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବ ଫଳକ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ୫୫ ବ୍ୟାଟେରି ସହ ଗାଡ଼ି ଜବତ, ୨ ଗିରଫ

ବାଲକାଟୀ/ବାଲିଅନ୍ତା,୧୯।୧୨(ଡି.ଏନ.ଏ.): ବାଲିଅନ୍ତା ଥାନା ପୋଲିସ ଶନିବାର ରାତିରେ ପାହାଳ ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରି ୫୫ଟି ଚୋରା ଟାୱାର ବ୍ୟାଟେରି ସହ ଏକ ଟାଟା ଏସିଇ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲକାଟୀ ଫାଣ୍ଡି ଅନ୍ତର୍ଗତ ରଥିଯେମା ଗ୍ରାମର ପ୍ରେମାନନ୍ଦ ସାହୁ ଓ କଟକ ସଦର ତେନ୍ତୁଳିଆର ବୁଲୁ ଦାସ। ଏନେଇ ଥାନାରେ ଏକ ମାମଲା (ନଂ.୪୨୨/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ଅଭିଯୁକ୍ତ ବୁଲୁ ଏକ ଟାଟା ଏସିଇ(ଓଆର ୦୫ଏଏଚ୍ ୧୭୦୯)ରେ ୫୫ଟି ଚୋରା ଟାୱାର ବ୍ୟାଟେରି ବୋଝେଇ କରି ବିକ୍ରି ଲାଗି ନେଉଥିଲେ। ଖବରପାଇ ବାଲିଅନ୍ତା ପୋଲିସ ପହଞ୍ଚି ଚଢ଼ାଉ କରି ଗାଡି ଜବତ କରିବା ସହ ବୁଲୁଙ୍କୁ ଧରିଥିଲା। ପୋଲିସ ବୁଲୁଙ୍କୁ ପଚରାଉଚରା ବେଳେ ଏହି ବ୍ୟାଟେରି ପ୍ରେମାନନ୍ଦଙ୍କ ଠାରୁ କିଣିଥିବା କହିଥିଲେ। ଏହା ପରେ ପୋଲିସ ରଥିଯେମା ଗ୍ରାମରୁ ପ୍ରେମାନନ୍ଦଙ୍କୁ ଗିରଫ କରିଥିଲା।

### 'ପ୍ରାଚୀନ ଚିକିତ୍ସା ପରମ୍ପରାରୁ ଜ୍ଞାନ ଗ୍ରହଣ କରିବା ଉଚିତ'

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ): ଆସୋସିଏଶନ ଅଫ୍ ଦି ଫିଜିସିଆନ୍ସ ଅଫ୍ ଇଣ୍ଡିଆ, ଓଡ଼ିଶା ଚାପ୍ଟରର ୪୧ତମ ସମ୍ମିଳନୀ ଶନିବାର ରାଜଭବନରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରି କହିଲେ, ଆମର ପ୍ରାଚୀନ ଚିକିତ୍ସା ପରମ୍ପରା-ପଦ୍ଧତିରୁ ପ୍ରେରଣା ଓ ଜ୍ଞାନ ଗ୍ରହଣ କରିବା ଦରକାର। ଏହା ସହିତ ଆଧ୍ୟାତ୍ମିକ ଭାବର ପ୍ରୟୋଗ ମଧ୍ୟ ଏକାନ୍ତ ଜରୁରୀ। ପ୍ରକୃତି ସହିତ ମଣିଷ ଯେତିକି ଆତ୍ମୀୟ ହୋଇପାରିବ, ରୋଗଠୁ ସେତେ ଦୂରେଇ ରହିବ ବୋଲି ରାଜ୍ୟପାଳ କହିଛନ୍ତି। ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଡାକ୍ତରଙ୍କ ଉପରେ ଥିବା ଲୋକଙ୍କ ବିଶ୍ୱାସକୁ ବଜାୟ ରଖିବା ସହିତ ଗରିବଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ପଣ୍ଡା, ସଙ୍ଗଠନ ସମ୍ପାଦକ ଡ. ଲଲାଟେନ୍ଦୁ ମହାନ୍ତି, ଅବୈତନିକ ସମ୍ପାଦକ ଡ. ସନ୍ତୋଷ କୁମାର ସ୍ୱାଇଁ, ଓଡ଼ିଶା ଚାପ୍ଟରର ଅଧ୍ୟକ୍ଷ ଡ. ଭରତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଡ. ଏ. ମୁରୁଗନଥନ୍ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଜ୍ୟପାଳ ସ୍ମରଣିକା ଉନ୍ମୋଚନ କରିବା ସହ ପ୍ରଫେସର ଆର୍. ପଣ୍ଡା ଓ ଡ. ବି. ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ନରେନ୍ଦ୍ର ନାଥ ଦାଶଙ୍କ 'ପ୍ରୀତି ପ୍ରମୋଦିନୀ' ଲୋକାର୍ପିତ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ): ଆଶ୍ରା କ୍ଲବର ବିଂଶତମ ସ୍ୱନକ୍ଷତ୍ର ଦିବସ ରବିବାର ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କବି ନରେନ୍ଦ୍ର ନାଥ ଦାଶଙ୍କ ରଚିତ ଗୀତିକବିତା ପୁସ୍ତକ 'ପ୍ରୀତି ପ୍ରମୋଦିନୀ' ଲୋକାର୍ପଣ ହୋଇଥିଲା। ଏଥିସହ ୮ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମୁଖ୍ୟବକ୍ତା ସାହିତ୍ୟିକ ଦାଶ ବେନେହୁରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଲେଖକ ଦାଶଙ୍କର ଏହା ଦ୍ୱିତୀୟ କବିତା ପୁସ୍ତକ। ସେ ଆରକ୍ଷୀ ଅଧିକାରୀ ପଦରୁ ଅବସର ନେବା ପରେ ଟ୍ରାଫିକ ସଚେତନତା ସାଙ୍ଗକୁ ସାହିତ୍ୟ ଜଗତରେ ଅଧିକ ମନୋନିବେଶ କରିଛନ୍ତି। ସେ ଜଣେ ଟ୍ରାଫିକ ବିଶାରଦ ଭାବେ ସୁପରିଚିତ ବୋଲି ଅତିଥିମାନେ କହିଥିଲେ।

# ସଂରକ୍ଷଣ ତାଲିକାକୁ ନେଇ ତେଜୁଛି ଅସନ୍ତୋଷ

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

**ପୌର ନିର୍ବାଚନ**
- ଅଭିଯୋଗପତ୍ର ଦାଖଲ କଲେ ଅସନ୍ତୁଷ୍ଟ
- କ୍ଷମତା ଛଡ଼ାଇ ନେବାକୁ ଚକ୍ରାନ୍ତ ହୋଇଥିବା କହିଲେ
- ସୀମା ନିର୍ଦ୍ଧାରଣ ଓ ମାନଚିତ୍ରରେ ତଥ୍ୟ ଭିନ୍ନ

ପଞ୍ଚାୟତ ନିର୍ବାଚନ ପରେ ରାଜ୍ୟରେ ପୌର ନିର୍ବାଚନ ହେବ। ସମୟ ପାଖେଇ ଆସୁଥିବାବେଳେ ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ରାଜନୀତି ସରଗରମ ହେବାରେ ଲାଗିଛି। ଇତିମଧ୍ୟରେ ଗତ ୧୦ ତାରିଖରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକାକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଛି। ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଚଳାଇଥିବା ଆଶାୟୀ ପ୍ରାର୍ଥୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ସମୟର ଶେଷ ଦିବସରେ ରବିବାର ବିଭାଗ ନିକଟରେ ଏକାଧିକ ଅଭିଯୋଗପତ୍ର ଦାଖଲ ହୋଇଥିବା ସୂଚନା ମିଳିଛି। ପ୍ରକାଶ ପାଇଥିବା ତାଲିକାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳା ନ ଗଲେ ନ୍ୟାୟାଳୟର ଆଶ୍ରୟ ନେବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି।

ବିଭାଗ ପକ୍ଷରୁ ପ୍ରକାଶିତ ତାଲିକା ଅନେକଙ୍କ ରାଜନୈତିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଉଥିବା ପୂର୍ବତନ କର୍ପୋରେଟରମାନେ ଆଶଙ୍କା କରିଛନ୍ତି। ଉକ୍ତ ତାଲିକା ଅନୁଯାୟୀ ସଂରକ୍ଷଣ ହେଲେ ସମ୍ପୃକ୍ତ ୱାର୍ଡରେ ନିଜେ କିମ୍ବା ସମ୍ପର୍କୀୟ ନିର୍ବାଚନ ଲଢି ପାରିବେ ନାହିଁ। ତେଣୁ ସେମାନେ ବିବ୍ରତ ହୋଇପଡିଛନ୍ତି। ଏପରିକି ମହାନଗର ନିଗମରେ ଭଲ କାମ କରିଥିବା କେତେଜଣ ପୂର୍ବତନ କର୍ପୋରେଟରଙ୍କଠାରୁ କ୍ଷମତା ଛଡାଇ ନେବା ପାଇଁ ଏଭଳି ଚକ୍ରାନ୍ତ କରାଯାଇଥିବା ଅଭିଯୋଗ ହୋଇଛି। ୬୭ନଂ. ୱାର୍ଡ ଏଥର ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏ ସଂକ୍ରାନ୍ତରେ ପୂର୍ବତନ କର୍ପୋରେଟର ଦେବୀ ପ୍ରସାଦ ନନ୍ଦ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସ୍ୱାଧୀନ ଭାବେ ଠିଆ ହୋଇ ନିର୍ବାଚନ ଜିତିଥିଲି। ପରେ ସରକାରୀ ଦଳରେ ସାମିଲ ହୋଇ ବହୁ କାମ କରିଛି। ଅନ୍ୟ କୌଣସି ୱାର୍ଡରୁ ନିର୍ବାଚନ ଲଢିବି ନାହିଁ। ମୋ ଭଳି ଅନେକ ଏଭଳି ଅଭିଯୋଗ ପିଟିଶନ ଦାଖଲ କରିଛନ୍ତି। ଚୂଡ଼ାନ୍ତ ତାଲିକା ଆସିବା ପରେ ଆମେ କୌଣସି ନିଷ୍ପତ୍ତି ନେବୁ। ଆବଶ୍ୟକ ପଡିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ। ଅପରପକ୍ଷେ ଆଉ କେତେଜଣ କର୍ପୋରେଟର ନିଜର ପୂର୍ବ ୱାର୍ଡକୁ ଫେରିବାକୁ ମସୁଧା କରୁଛନ୍ତି। ଚଳିତଥର ୨୧ ନମ୍ବର ୱାର୍ଡ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ତେଣୁ ପୂର୍ବତନ କର୍ପୋରେଟର ପ୍ରେମାନନ୍ଦ ଜେନା ଏଥର ନିଜର ପୁରୁଣା ୱାର୍ଡ ୧୬ରୁ ନିର୍ବାଚନ ଲଢ଼ିବେ ବୋଲି ସଂକେତ ଦେଇଛନ୍ତି। ୨୨ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ହରେକୃଷ୍ଣ ନାଏକଙ୍କ କହିବା ଅନୁଯାୟୀ, ଗତଥର ଏଠାରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଏବେ ଏଠାରେ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ୱାର୍ଡରେ ଜନସଂଖ୍ୟାକୁ ଦେଖି ସଂରକ୍ଷଣ ତାଲିକା ପ୍ରକାଶ କରିବା କଥା, ଯାହାକି ହୋଇନାହିଁ। କେବଳ ସେତିକି ନୁହେଁ, ସଂରକ୍ଷଣ ତାଲିକା ସହିତ ସୀମା ନିର୍ଦ୍ଧାରଣକୁ ନେଇ ମଧ୍ୟ ବିବାଦ ଦେଖାଦେଇଛି। ମଳିପଡ଼ା ଓ ଗୋଠପାଟଣା ଗ୍ରାମ ପଞ୍ଚାୟତରେ ଥିଲେ ବି ତାହାକୁ ୨୨ନମ୍ବର ୱାର୍ଡ ସହ ମିଶାଯାଇଥିବା ନେଇ ରାଜ୍ୟ ସରକାରଙ୍କ ମାନଚିତ୍ରରେ ଦର୍ଶାଯାଇଛି। ଶାମପୁର ମୌଜା ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ଅନୁଯାୟୀ ୨୩ ନମ୍ବର ୱାର୍ଡ ଅଧୀନରେ ଆସୁଥିବାବେଳେ ମାନଚିତ୍ରରେ ୨୨ ନମ୍ବର ୱାର୍ଡରେ ଥିବା ଦର୍ଶାଯାଇଛି। ତେଣୁ ଏହାକୁ ବିରୋଧ କରି ହରେକୃଷ୍ଣ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଗତ ୩ବର୍ଷ ହେବ ପୌର ନିର୍ବାଚନ ହୋଇ ପାରୁ ନ ଥିବାରୁ ପ୍ରଶାସକଙ୍କ ଦ୍ୱାରା ବିଏମ୍‌ସି ପରିଚାଳିତ ହେଉଛି। ତେଣୁ ଏଥରର ନିର୍ବାଚନ ଉପରେ ସମସ୍ତଙ୍କର ନଜର ରହିଛି।



ଦେବଦାସୀ ନୃତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ରବିବାର ଅନୁଷ୍ଠିତ 'ପ୍ରତ୍ୟାବର୍ତ୍ତନ'ରେ କଳାକାରମାନେ ବାଘ ନୃତ୍ୟ ପରିବେଷଣ କରୁଛନ୍ତି।

## 'ନର୍ସିଂ ଶିକ୍ଷା ପ୍ରସାରର ଆବଶ୍ୟକତା ରହିଛି'

ପୁରୁଣା ଭୁବନେଶ୍ୱର, ୧୯।୧୨(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ପ୍ରତି ଭାରତ ବିଶ୍ୱର ୨୧୦ଦେଶ ମଧ୍ୟରୁ ତଳଆଡୁ ଦଶମ ସ୍ଥାନରେ ରହିଛି। ସରକାର ଏହି ଦିଗ ପ୍ରତି ଯତ୍ନଶୀଳ ହେବା ଦରକାର। ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାକୁ ସଶକ୍ତୀକରଣ କରିବା ଦିଗରେ ନର୍ସିଂ ଶିକ୍ଷାର ବହୁଳ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି ବୋଲି ଶନିବାର ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡା.ଅଶୋକ କୁମାର ମହାପାତ୍ର କହିଛନ୍ତି। ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ନେତାଜୀ ନର୍ସିଂ କଲେଜର ୧୦ମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ବିଜନ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଫେସର ଡ. ରଶ୍ମିତା ଜେନା ଧନ୍ୟବାଦ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ପ୍ରମୋଦ ପରିଡ଼ା ସଂଯୋଜନା କରିଥିଲେ।

## ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ ବେଳେ ଉତ୍ତେଜନା

ପୁରୁଣା ଭୁବନେଶ୍ୱର, ୧୯।୧୨(ଡି.ଏନ୍.ଏ.)

ଭୀମଟାଙ୍ଗୀସ୍ଥିତ ୬୧ନମ୍ବର ୱାର୍ଡରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ ବେଳେ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସି କାରଣ ନେଇ ଉପସ୍ଥିତ ପୂର୍ବତନ ମହିଳା କର୍ପୋରେଟର ଓ ଜଣେ କର୍ମୀ ତଥା ଚଳଚ୍ଚିତ୍ର କଳାକାର ବିକାଶଙ୍କ ମଧ୍ୟରେ ବଚସା ସହ ମାରପିଟ ହୋଇଥିଲା। ପରେ ପୂର୍ବତନ ମହିଳା କର୍ପୋରେଟରଙ୍କ ପରିବାର ଲୋକେ ବିକାଶଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବେଳେ ଜୀବନ ବଞ୍ଚାଇବାକୁ ଯାଇ ସେ ଥାନାରେ ପହଞ୍ଚିଥିଲେ। ପରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିବା ପୋଲିସ କହିଛି।

## ପୂର୍ବତନ ସରପଞ୍ଚ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଅନାବରଣ

ବାରଙ୍ଗ, ୧୯।୧୨(ଡି.ଏନ୍.ଏ)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ମଧୁବନ ଗ୍ରାମର ପୂର୍ବତନ ତଥା ପ୍ରଥମ ସରପଞ୍ଚ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ, ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚଙ୍କ ସମେତ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ନିଜ ଅଞ୍ଚଳ ପ୍ରତି ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେଶ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ସଂଯୋଗ ଅଭିଯାନ

ବାଲିପାଟଣା,୧୯।୧୨(ଡି.ଏନ୍.ଏ.)

ବାଲିପାଟଣା ବିଦ୍ୟୁତ୍ ବିଭାଗ ପକ୍ଷରୁ ଗାଁରେ କ୍ୟାମ୍ପ କରାଯାଇ ସମସ୍ତଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଇଛି। ଯେଉଁମାନଙ୍କର ଘରକୁ ବିଦ୍ୟୁତ ସଂଯୋଗ ହୋଇନାହିଁ, ସେମାନଙ୍କୁ ଚିହ୍ନଟ କରାଯାଇ ୬୫୦ଟଙ୍କା ବିନିମୟରେ ଘଟଣାସ୍ଥଳରେ ଡକ୍ୟୁମେଣ୍ଟ କରାଯାଉଛି। ଏହି ଯୋଜନା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏହାଦ୍ୱାରା ବିଦ୍ୟୁତ୍ ଚୋର ଉପରେ ରୋକ ଲାଗିପାରିବ ବୋଲି କନିଷ୍ଠଯନ୍ତ୍ରୀ ମଦନ ମୋହନ ଜେନା କହିଛନ୍ତି।

## ଗୁଣିଗାରେଡ଼ି ହିଂସା ବିରୋଧରେ 'ଭାମତିର ସ୍ୱର'

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

**୪ବର୍ଷରେ ରାଜ୍ୟରେ ୪୪୬ ମାମଲା ପଞ୍ଜୀକୃତ**

ଡାହାଣୀ ଓ ଗୁଣିଗାରେଡିକୁ ନେଇ ରାଜ୍ୟରେ ହିଂସାକାଣ୍ଡ ଘଟୁଛି। ଏପରି ଅନ୍ଧବିଶ୍ୱାସରେ ଅନେକ ଜୀବନ ବି ଯାଉଛି। ଏହାକୁ ରୋକିବାକୁ ରାଜ୍ୟ ସରକାର, ପୋଲିସ ପ୍ରଶାସନ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ପଦକ୍ଷେପ ସତ୍ତ୍ୱେ କିଛି ସୁଫଳ ମିଳିପାରୁନି। ଏପରିସ୍ଥଳେ ଏହି ହିଂସା ବିରୋଧରେ ସଚେତନତା ସହ ଆନ୍ଦୋଳନ ଆରମ୍ଭ କରିଛି 'ଭାମତିର ସ୍ୱର'। ଏହା ହେଉଛି ଏକ ସ୍ୱତନ୍ତ୍ର ଆପ୍, ଯାହା ଡାହାଣୀ ଏବଂ ଗୁଣି ଗାରେଡି ଆରୋପଜନିତ ଅପରାଧ ବିରୋଧରେ ସ୍ୱରକୁ ଶାଣିତ କରିଥାଏ। ସାଧାରଣତଃ ମହିଳା ଓ ଶିଶୁ ଏହାର ଅଧିକ ଶିକାର ହୋଇଥାନ୍ତି। ତେଣୁ ଭାମତିର ସ୍ୱର ବିଭିନ୍ନ ବ୍ଲଗ ମାଧ୍ୟମରେ ଘଟୁଥିବା ଘଟଣାକୁ ଲୋକଲୋଚନକୁ ଆଣିବା ସହ ସମାଜକୁ ବାର୍ତ୍ତା ଦେଉଛି। ଏପରି ହିଂସା ଆଇନଗତ ଦଣ୍ଡନୀୟ ଅଟେ। ୨୦୦୦ ବର୍ଷ ପୂର୍ବରୁ ଡାହାଣୀଜନିତ ଯେଉଁ ସବୁ ଘଟଣା ଘଟିଛି ସେଗୁଡିକ ଏଥିରେ ରହିଛି। ଏଥିସହ ଲୋକମାନେ ଏହି ବ୍ଲଗ ମାଧ୍ୟମରେ ନିଜ ମତାମତ ଦେଇପାରିବେ ଓ ରହିଥିବା ଆଇନ ସମ୍ବନ୍ଧରେ ଜ୍ଞାନ ଆହରଣ କରିପାରିବେ। ଏପରିକି ଲୋକେ ସିଧାସଳଖ http://medium.com.ra.swara@bhamati.ra.swaraରେ ନିଜ ଅଞ୍ଚଳର ଘଟଣା ଓ ରହିଥିବା ଅନ୍ଧବିଶ୍ୱାସକୁ ସ୍ଥାନିତ କରିପାରିବେ। ଏହାଦ୍ୱାରା ସମାଜରୁ ଏପରି ଅନ୍ଧବିଶ୍ୱାସ ଦୂରୀଭୂତ ହୋଇପାରିବ ବୋଲି କୁହାଯାଇଛି। କ୍ରାଇମବ୍ରାଞ୍ଚର ୨୦୧୬ ନଭେମ୍ବରରୁ ୨୦୨୦ ପରିସଂଖ୍ୟାନ ଅନୁସାରେ, ରାଜ୍ୟରେ ୪୪୬ ଡାହାଣୀ ଓ ଗୁଣିଗାରେଡିଜନିତ ହିଂସା ଘଟଣା ପଞ୍ଜୀକୃତ ହୋଇଛି। ଚେଙ୍କଜନିତ ଘଟଣାରେ ନବରଙ୍ଗପୁର ଏବଂ ଡାହାଣୀ ଆରୋପଜନିତ ମାମଲାରେ ମୟୂରଭଞ୍ଜ ଓ କେନ୍ଦୁଝର ଆଗରେ ରହିଛି।। ଭୁବନେଶ୍ୱର, କଟକ, ପୁରୀ, କେନ୍ଦ୍ରାପଡା ଏବଂ ଖୋର୍ଦ୍ଧାରେ ଏଭଳି ମାମଲା କ୍ରାଇମବ୍ରାଞ୍ଚ ରିପୋର୍ଟରେ ଉଲ୍ଲେଖ ନାହିଁ, ତଥାପି ଗଣମାଧ୍ୟମରେ ଏଭଳି ଅନେକ ଖବର ନଜରକୁ ଆସୁଛି। ତେବେ ଅନ୍ୟସବୁ ଜିଲାରେ ଏଭଳି ମାମଲା ସଂଖ୍ୟା ୨ରୁ୩ ମଧ୍ୟରେ ରହିଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଗଜପତି : ଏ କିଙ୍ଗ୍ ୱିଦାଉଟ୍ ଏ କିଙ୍ଗଡମ୍' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

ବରିଷ୍ଠ ଅର୍ଥନୀତିଜ୍ଞ ଅଶୋକ କୁମାର ବଳଙ୍କ ଲିଖିତ ପୁସ୍ତକ 'ଗଜପତି : ଏ କିଙ୍ଗ୍ ୱିଦାଉଟ୍ ଏ କିଙ୍ଗଡମ୍' ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜୁତି ବିସ୍ତାର କରିଥିବା ଗଙ୍ଗବଂଶ ରାଜା କପିଳେନ୍ଦ୍ର ଦେବଙ୍କଠୁ ଆରମ୍ଭ କରି ଚୋଡ଼ଗଙ୍ଗଦେବଙ୍କ ପର୍ଯ୍ୟନ୍ତ ମହାରାଜାମାନେ କେବେହେଲେ ନିଜକୁ ରାଜା ବୋଲି କହୁ ନ ଥିଲେ, ବରଂ ରାଜ୍ୟକୁ ପୁରୁଷୋତମ ରାଜ୍ୟ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରାଜାର ମାନ୍ୟତା ଦେଇଥିଲେ। ଓଡିଶା ଏବଂ ଓଡିଆ ସଂସ୍କୃତି ବିଶେଷକରି ଗଜପତି ମହାରାଜଙ୍କ ଏହି ସଂସ୍କୃତି, ପରମ୍ପରା ଓ ଇତିହାସକୁ ଆଧାର କରି ଲେଖାଯାଇଥିବା ଏହି ପୁସ୍ତକରେ ଗଜପତି କପିଳେନ୍ଦ୍ରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଗଜପତିଙ୍କ ବିଷୟରେ ଗବେଷଣା ତଥା ତଥ୍ୟ ଭିତ୍ତିକ ଲେଖା ସ୍ଥାନ ପାଇଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୁଙ୍କ ମୁଖ୍ୟ ସେବକ ଗଜପତି ମହାରାଜାଙ୍କ ସମ୍ପର୍କରେ ବହୁ ନୂତନ ତଥ୍ୟ ମଧ୍ୟ ଉଲ୍ଲେଖ ହୋଇଛି। ଓଡିଶା ଇତିହାସ ସମ୍ପର୍କରେ ଜାଣିବା ଲାଗି ପାଠକପାଠିକାଙ୍କ ପାଇଁ ଏହି ପୁସ୍ତକଟି ବହୁ ଉପାଦେୟ ହେବ। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣାଲବ୍ଧ ତଥ୍ୟରୁ ଇଂଲିଶ ଭାଷାରେ ଲିଖିତ ଏହି ପୁସ୍ତକ ଆଗାମୀ ଦିନରେ ଓଡିଆ ଏବଂ ହିନ୍ଦୀ ଭାଷାରେ ପ୍ରକାଶ ପାଇବ ବୋଲି ଲେଖକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଖକ ହରପ୍ରସାଦ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ଡ. ଯତୀନ ନାୟକ, ଅଧ୍ୟାପକ ଡ. ସଞ୍ଜୟ ଆଚାର୍ଯ୍ୟ ଏବଂ ଶିକ୍ଷାବିତ୍ ପ୍ରୀତିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଲୋକ ଅଦାଲତରେ ୮୧ ମାମଲା ଫଇସଲା

କଟକ ଅଫିସ,୧୯।୧୨

ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି ଆନୁକୂଲ୍ୟରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ହାଇକୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮୧ଟି ମାମଲାର ଫଇସଲା କରାଯାଇ ପୁରସ୍କାର ଓ କ୍ଷତିପୂରଣ ବାବଦକୁ ୩ କୋଟି ୮୯ ଲକ୍ଷ ୧୨ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପରାମର୍ଶଦାତା ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଯଶୱନ୍ତ ସିଂ, କମିଟି ଅଧ୍ୟକ୍ଷ ଜଷ୍ଟିସ ସି.ଆର. ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ଜଷ୍ଟିସ ଏସ.କେ. ସାହୁ, ଏସ୍.କେ. ପାଣିଗ୍ରାହୀ, ଆର୍.କେ. ପଟ୍ଟନାୟକ, ଶଶୀକାନ୍ତ ମିଶ୍ର ଓ ଜଷ୍ଟିସ ଏ.କେ. ମହାପାତ୍ର ପ୍ରମୁଖ ମାମଲାର ଶୁଣାଣି କରିଥିଲେ।

## ଝାମ୍ପିନେଲେ ସୁନା ଚେନ୍, ମହିଳା ଆହତ

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ରାଜଧାନୀର ରାଜରାସ୍ତାରେ ଲୁଟେରାଙ୍କ ଆତଙ୍କରାଜ ବଢ଼ିବାରେ ଲାଗିଛି। ଚଳନ୍ତା ବାଇକ୍ କିମ୍ବା ଅଟୋରେ ବସିଥିବା ଲୋକଙ୍କୁ ଲୁଟେରାମାନେ ଟାର୍ଗେଟ କରୁଛନ୍ତି। ରବିବାର ନୟାପଲ୍ଲୀ ଥାନା ବାଲିପାଟଣା ସାହିରେ ରହୁଥିବା ରାଧାରାଣୀ ପ୍ରଧାନ ସ୍ୱାମୀ କୃଷ୍ଣଚନ୍ଦ୍ରଙ୍କ ସହ ବାଇକରେ ବସି ଯାଉଥିବାବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ଦୁଇ ଲୁଟେରା ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିବାବେଳେ ରାଧାରାଣୀ ବାଇକ୍‌ରୁ ଖସି ଆହତ ହୋଇଛନ୍ତି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କର ପ୍ରାଥମିକ ଚିକିତ୍ସା ପରେ ସ୍ୱାମୀ କୃଷ୍ଣଚନ୍ଦ୍ର ପ୍ରଧାନ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୫୯୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଦିନ ପ୍ରାୟ ୧ଟା ୧୫ରେ ସେମାନେ ନୟାପଲ୍ଲୀରୁ ଜୟଦେବ ବିହାର ଆଡକୁ ଯାଉଥିବାବେଳେ ନାବାର୍ଡ ବ୍ୟାଙ୍କ୍ ସମ୍ମୁଖରେ ଏହି ଘଟଣା ଘଟିଥିଲା। ତେବେ ରାଧାରାଣୀ ଖସି ପଡ଼ିଥିବାବେଳେ ରାସ୍ତାରେ ଆସୁଥିବା ଗାଡ଼ିଗୁଡ଼ିକ ବ୍ରେକ୍ କରି ଅଟକିଯିବାରୁ ବଡ଼ ବିପଦ ଟଳିଯାଇଥିଲା।




ଭୁବନେଶ୍ୱର ବୁଦ୍ଧମନ୍ଦିର ପରିସରରେ ରବିବାର ଆଶ୍ରା କ୍ଲବର ବିଂଶତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିମାନେ କବି ନରେନ୍ଦ୍ର ନାଥ ଦାଶଙ୍କ ରଚିତ ଗୀତିକବିତା ପୁସ୍ତକ 'ପ୍ରୀତି ପ୍ରମୋଦିନୀ'କୁ ଲୋକାର୍ପଣ କରୁଛନ୍ତି।




ନିମାପଡ଼ା ଆଦର୍ଶ କଲଚରାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁକଳା ପ୍ରତିଯୋଗିତା ସମାରୋହ ଓ ଚିତ୍ରାଙ୍କନ ପ୍ରଦର୍ଶନୀରେ ଭାଗ ନେଇଥିବା ପିଲାମାନେ।



ପୁରୀ ସୁରଜ ମଲ୍ଲ ଶାହା କଲେଜ ଆନୁକୂଲ୍ୟରେ ବାରବାଟୀଜାଗା କଲ୍ୟାଣମଣ୍ଡପରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

# 'ସକାରାତ୍ମକ, ସମର୍ପିତ ବ୍ୟକ୍ତିତ୍ୱ'



ସମ୍ବଲପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ 'ଭାଗବତାୟନ' ପୁସ୍ତକ ଉନ୍ମୋଚନ କରାଯାଉଛି।

## ଭାଗବତଙ୍କୁ ଭାବାର୍ପଣ

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ଜଣେ ସକାରାତ୍ମକ, ନିଃସ୍ୱାର୍ଥପର ଓ ସମର୍ପିତ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା ଥିଲେ ସମ୍ବଲପୁରର ବିଶିଷ୍ଟ ସାମାଜିକ କର୍ମୀ ଭାଗବତ ପ୍ରସାଦ ନନ୍ଦ। ତାଙ୍କ ଭିତରେ ଈର୍ଷା କି ପରଶ୍ରୀକାତରତା ନ ଥିଲା। ସମସ୍ତଙ୍କୁ ଆଗକୁ ବଢିବାକୁ ଉତ୍ସାହିତ କରୁଥିଲେ। ତାଙ୍କ ପ୍ରେରଣା ମୋର ବ୍ୟକ୍ତିଗତ ଜୀବନରେ ମଧ୍ୟ ଆଗେଇବାରେ ସହଯୋଗ କରିଛି। ତାଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସମ୍ବଲପୁରର ଓଡ଼ିଶା ସଂସ୍କୃତି ସମାଜଭବନଠାରେକକ ରବିବାର ଆୟୋଜିତ ଭାଗବତଙ୍କୁ ଭାବାର୍ପଣ କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଯୋଗଦେଇ କହିଥିଲେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସାମାଜିକ କର୍ମୀ ଭାଗବତଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କହିଥିଲେ ଯେ, ଭାଗବତଙ୍କର ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନିଜର କରିବାର ସାମର୍ଥ୍ୟ ରହିଥିଲା। ତାଙ୍କୁ ଅଜାତଶତ୍ରୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟସଭା ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବିଭିନ୍ନ ମତବାଦକୁ ଏକାଠି କରିବାର ଦକ୍ଷତା ତାଙ୍କ ଠାରେ ଥିଲା। ଜଣେ ଅଭିଭାବକ ଭାବେ ସେ ମାର୍ଗଦର୍ଶନ ଦେଇ ଆସିଥିଲେ ବୋଲି ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର କହିଥିଲେ। ବରଗଡ ଏମ୍‌ପି ସୁରେଶ ପୂଜାରୀ କହିଥିଲେ ଯେ, ତାଙ୍କର ହସ ହସ ମୁଖରେ ଅଗ୍ନି ସ୍ଫୁଲିଙ୍ଗ ହେଉଥିଲା। ଛାତ୍ର ଆନ୍ଦୋଳନ ସମୟରେ ତାଙ୍କୁ ପରାମର୍ଶଦାତା ଭାବେ ମାନୁଥିଲେ। ଭାଗବତଙ୍କୁ ସକ୍ରିୟ, ସମ୍ବେଦନଶୀଳ ମଣିଷ ଭାବେ ପୂର୍ବତନ ଏମ୍‌ପି ବାଲଗୋପାଳ ମିଶ୍ର କହିଥିଲେ। ସେହିପରି ତାଙ୍କ ରାଜନୈତିକ ଜୀବନ ଉପରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ କହିଥିଲେ। ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ କହିଥିଲେ ଯେ, ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଭଲ ପାଉଥିଲେ। ସମସ୍ତଙ୍କୁ ଉତ୍ସାହିତ କରୁଥିଲେ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସ୍ମୃତିଚାରଣ କରିଥିଲେ। ତାଙ୍କ ଜୀବନୀ ଉପରେ ଏକ ଟେଲି ସିନେମା ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍ମୃତି ସଙ୍କଳନ 'ଭାଗବତାୟନ' ଉନ୍ମୋଚନ ହୋଇଥିଲା।

# ଉନ୍ନୟନ କାର୍ଯ୍ୟର ସ୍ୱତନ୍ତ୍ର ଅଡିଟ ଦାବି ଜୋର ଧରିଲା

**ଖଲ୍ଲିକୋଟ,୧୯।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ବାଦପଲ୍ଲୀ ପଞ୍ଚାୟତର ସରପଞ୍ଚ ହେମ ନାୟକଙ୍କୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସରପଞ୍ଚ ପଦବୀରେ ଥାଇ ବି ୬୨ ବର୍ଷୀୟା ହେମ ଭିକ୍ଷାବୃତ୍ତି କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ ସରପଞ୍ଚ ଏହାକୁ ଅସ୍ୱୀକାର କରୁଥିବା ବେଳେ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଖଲ୍ଲିକୋଟ ତହସିଲଦାର ରାଜକିଶୋର ପଟ୍ଟନାୟକ, ବିଡିଓ ମିତାଲି ପାତ୍ର ଏବଂ ଏପିଡି ଜ୍ୟୋତି ଶଙ୍କର ରାୟ ପ୍ରମୁଖ ସରପଞ୍ଚଙ୍କ ଘରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା, ୩୦ କେଜି ଚାଉଳ ଓ କମ୍ବଳ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚଙ୍କ କାର୍ଯ୍ୟକାଳ ମଧ୍ୟରେ ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ସ୍ୱତନ୍ତ୍ର ଅଡିଟ ପାଇଁ ସାଧାରଣରେ ଦାବି ହେଉଛି।

ଜଙ୍ଗଲ ପାହାଡ଼ ଘେରା ଆଦିବାସୀ ବହୁଳ ବାଦପଲ୍ଲୀ ପଞ୍ଚାୟତର ମୋଟ ୧୧ଟି ୱାର୍ଡରେ ଭୋଟର ସଂଖ୍ୟା ୩,୩୮୦। ଗତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିଲା। ପଞ୍ଚାୟତରେ କେବଳ ଗୋଟିଏ ପରିବାର ଏହି ବର୍ଗର ହୋଇଥିବାରୁ ହେମ ନାୟକ ସରପଞ୍ଚ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ୱାମୀ ଘନ ନାୟକ ପୂର୍ବରୁ ପଞ୍ଚାୟତର ପିଅନ ରୂପେ କାର୍ଯ୍ୟ କରୁଛନ୍ତି। ଦୁଇ ପୁଅ ଓ ବୋହୂ ମଧ୍ୟ ଅଛନ୍ତି। ସାନପୁଅ ସୁଶାନ୍ତ

### ବାଦପଲ୍ଲୀ ସରପଞ୍ଚଙ୍କୁ ପ୍ରଶାସନର ସହାୟତା



ସରପଞ୍ଚଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ଗାଁରେ ମାଟି କାମ କରୁଥିବା ବେଳେ ବଡ଼ପୁଅ ବସନ୍ତ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ହେମ ପାଠ ପଢ଼ି ନ ଥିବାରୁ ପଞ୍ଚାୟତରେ କ'ଣ କାମ ହେଉଛି, କେତେ ବିଲ୍ ହେଉଛି କିଛି ଜାଣନ୍ତିନି। ତେଣୁ ସରପଞ୍ଚଙ୍କୁ ହାତବାରିସି କରି ବ୍ୟାପକ ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ସ୍ୱତନ୍ତ୍ର ଅଡିଟ କରାଗଲେ କେଉଁମାନେ ଏଥିରେ ସମ୍ପୃକ୍ତ ଅଛନ୍ତି ଧରାପଡ଼ିବେ। ସ୍ୱାମୀ ପଞ୍ଚାୟତରେ କାମ କରୁଥିବାରୁ ବେଳେବେଳେ ତାଙ୍କ ଦରମା ଟଙ୍କା ଉଠାଇ ଆଣନ୍ତି ବୋଲି ହେମ ପ୍ରକାଶ କରିଛନ୍ତି। ଛୋଟିଆ ଟିଣ ଘରେ ହେମ ଓ ତାଙ୍କ ସ୍ୱାମୀ ରୁହନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ରେଡ୍ଡୀ କହିଛନ୍ତି, ପୂର୍ବରୁ ସରପଞ୍ଚଙ୍କ ପରିବାରକୁ ଏକ ଇନ୍ଦିରା ଆବାସ ମିଳିଥିଲା। ସ୍ୱାମୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି। ରାଶନ କାର୍ଡରେ ନିୟମ ପ୍ରକାରେ ଚାଉଳ ଦିଆଯାଉଛି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

# ପୋଲିସ ଟାର୍ଗେଟ୍‌ରେ ଖବରଦାତା

## ପ୍ରତିବାଦରେ ଥାନା ସମ୍ମୁଖରେ ଧାରଣା

**ମାଲକାନଗିରି,୧୯।୧୨(ଡି.ଏନ୍.ଏ.)**

ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭର କଣ୍ଠରୋଧ କରିବାକୁ ମାଲକାନଗିରି ପୋଲିସ ଉଦ୍ୟମ କରୁଛି। ମାଲକାନଗିରି ଜିଲା କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଖବର ସଂଗ୍ରହ କରିବାକୁ ଯାଇଥିବା ୫ ଖବରଦାତାଙ୍କ ବିରୋଧରେ ହୋଇଥିବା ଏକ ଅଭିଯୋଗକୁ ଭିତ୍ତି କରି ୫ ଜଣଙ୍କୁ ଉଠାଇ ନେଇ କୋର୍ଟଚାଲାଣ କରିଛି। ହେଲେ ଖବରଦାତାମାନେ ଦେଇଥିବା ଏତଲା ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ପୋଲିସର ଏପରି ପାତରଅନ୍ତର ନୀତିର ସମାଲୋଚନା କରି ରବିବାର ମାଲକାନଗିରି ଜିଲାର ଖବରଦାତାମାନେ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

ଖବରରୁ ଜଣାପଡ଼ିଛି କୋରୁକୋଣ୍ଡା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଏହାର ସ୍ଥିତି ପରଖିବା ସହ ଖବର ସଂଗ୍ରହ ପାଇଁ ୨ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମର ୫ଜଣ ପ୍ରତିନିଧି ଯାଇଥିଲେ। ଏହି ସମୟରେ ସେଠାରେ ସେମାନଙ୍କୁ ଦେଖି ସ୍ୱାସ୍ଥ୍ୟକେନ୍ଦ୍ରର ୩ ଜଣ ଡାକ୍ତର ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିସହିତ ପରଦିନ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ପୃକ୍ତ ଡାକ୍ତର ମାଲକାନଗିରି ଥାନାରେ ଉକ୍ତ ଖବରଦାତାଙ୍କ ବିରୋଧରେ





ଖବରଦାତାମାନେ ମାଲକାନଗିରି ଥାନା ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରୁଛନ୍ତି।

ଥାନାରେ ଅଭିଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ବିଳମ୍ବିତ ରାତିରେ ଖବରଦାତାମାନେ ଜୋର ଜବରଦସ୍ତ ପଶି ସେମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ୧୭ ତାରିଖ ବିଳମ୍ବିତ ରାତି ପ୍ରାୟ ୧ଟାରେ ଖବର ପ୍ରସାରଣ କରିଥିବା ବୈଦ୍ୟୁତିକ ଗଣମାଧ୍ୟମର ୨ଜଣ ପ୍ରତିନିଧି ଏବଂ ଅଭିଯୋଗରେ ନାମ ନ ଥିବା ଅନ୍ୟ ଗଣମାଧ୍ୟମର ୩ଜଣ ପ୍ରତିନିଧି ଏପରି ମୋଟ ୫ଜଣଙ୍କୁ ଜବରଦସ୍ତ ଘରୁ ଉଠାଇ ନେଇଥିଲା। ସେମାନଙ୍କୁ ଗାଳିଗୁଲଜ କରି ମାଲକାନଗିରି ଥାନାକୁ ଆଣି ରାତିସାରା ଅଟକ ରଖିଥିଲା। ଅନ୍ୟପକ୍ଷରେ ସେମାନଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ମିଥ୍ୟା ବୋଲି ସମ୍ପୃକ୍ତ ୫ ଖବରଦାତା କହିବା ସହ ୩ ଡାକ୍ତରଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରିଥିଲେ। ହେଲେ ପୋଲିସ ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ପୋଲିସର ଏପରି ପାତରଅନ୍ତର ନୀତିକୁ ମାଲକାନଗିରି ସାମ୍ବାଦିକ ସଂଘ, ଉତ୍କଳ ସାମ୍ବାଦିକ ସଂଘ, ରାଜ୍ୟ ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ଜିଲାର ସମସ୍ତ ଖବରଦାତା ଥାନା ସମ୍ମୁଖରେ ଧାରଣା ଦେବା ସହ ସମ୍ପୃକ୍ତ ୩ ଡାକ୍ତରଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ଏନେଇ ପୋଲିସ କୌଣସି ମତାମତ ଦେଇନାହିଁ।

# କଏନ ନେବାକୁ ବ୍ୟାଙ୍କ ଅରାଜି

## ରିଜର୍ଭ ବ୍ୟାଙ୍କକୁ ଚିଠି ଲେଖିଲେ ମା' ତାରିଣୀ ଟ୍ରଷ୍ଟ ବୋର୍ଡ ସଭାପତି

**ଘଟଗାଁ, ୧୯।୧୨ (ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠର ପ୍ରାୟ ୮୦ ଲକ୍ଷ ଟଙ୍କାର କଏନ୍ ବିଭିନ୍ନ ବ୍ୟାଙ୍କରେ ପଡ଼ି ରହିଛି। କିନ୍ତୁ ଏହି କଏନ୍‌କୁ କାମରେ ଲଗାଇବାରେ ଅସୁବିଧା ହେଉଥିବାରୁ ଆଗକୁ ଆଉ ଗ୍ରହଣ କରାଯିବନାହିଁ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଫଳରେ ମା' ତାରିଣୀ ଟ୍ରଷ୍ଟ ଏହା ବିରୋଧରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ତଥା ରାଜସ୍ୱ କମିଶନରଙ୍କୁ ଚିଠି ଲେଖି ଅବଗତ କରାଯାଇଛି।

ବହୁ ଭକ୍ତ ଦୈନିକ ମା' ତାରିଣୀଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି। ଦାନ ଆକାରରେ କଏନ ହୁଣ୍ଡିରେ ପକାଇଥାନ୍ତି। ସେହିପରି ବାହାରୁ ଭକ୍ତମାନେ ମାନସିକ ନଡ଼ିଆ ସହ କଏନ ପଠାଇଥାନ୍ତି। ସେସବୁକୁ ଗଣତି କରି ବ୍ୟାଙ୍କରେ ଜମା କରାଯାଇଥାଏ। ଦୈନିକ ପାଖାପାଖି ୧୫ ହଜାର ଟଙ୍କାର କଏନ ଏସ୍‌ବିଆଇ ଓ ବ୍ୟାଙ୍କ ଅଫ୍ ଇଣ୍ଡିଆର ଘଟଗାଁ ଶାଖାରେ ଜମା ହୋଇଥାଏ। ଏନେଇ ବ୍ୟାଙ୍କ ପକ୍ଷରୁ ଟ୍ରଷ୍ଟ ବୋର୍ଡକୁ ଚିଠି ଲେଖି ଉକ୍ତ କଏନ୍ ଗ୍ରହଣ କରିବାକୁ ଅସମର୍ଥ ପ୍ରକାଶ କରିଛନ୍ତି। ଏହି କଏନ୍ ଜରିରେ ବନ୍ଧା ହୋଇ ପ୍ରଦାନ କରାଯାଇଛି। କଏନ୍ ଗଣିବାରେ ସୁବିଧା ହେଉ ନ ଥିବା ଦର୍ଶାଇ ଗ୍ରହଣ କରିବାକୁ ମନା କରିବା ପରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ବୈଠକ ଡାକି ଏନେଇ ଆର୍‌ବିଆଇ ଓ ରାଜସ୍ୱ କମିଶନରଙ୍କୁ ଚିଠି ଲେଖାଯାଇଥିବା ଟ୍ରଷ୍ଟ ବୋର୍ଡ ସଭାପତି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ରବିନାରାୟଣ ମହାଲିକ କହିଛନ୍ତି, ଆର୍‌ବିଆଇର ଗାଇଡ୍‌ଲାଇନ୍ ରହିଛି କଏନ୍ ଗ୍ରହଣ କରିବାକୁ ବ୍ୟାଙ୍କ ମନା କରିପାରିବ ନାହିଁ।

# ସିଦ୍ଧଖଣ୍ଡି ଗାଁରେ ପହଞ୍ଚିଲା ୨ ମରଶରୀର

## ପଥର ଖାଦାନ ବିସ୍ଫୋରଣରେ ୨ ଶ୍ରମିକ ମୃତ ଘଟଣା

**ଦିଗପହଣ୍ଡି, ୧୯।୧୨(ଡି.ଏନ.ଏ.)**

ଆନ୍ଧ୍ରର ପଥର ଖାଦାନ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଗଞ୍ଜାମ ଜିଲାର ୨ ଓଡ଼ିଆ ଶ୍ରମିକ ପବିତ୍ର ବିଷୋୟୀ ଓ ମୁନା ସ୍ୱାଇଁଙ୍କ ମୃତଦେହ ରବିବାର ଦିଗପହଣ୍ଡି ବ୍ଲକ ସିଦ୍ଧଖଣ୍ଡି ଗ୍ରାମରେ ପହଞ୍ଚିଛି। ଆନ୍ଧ୍ରର ଘରୋଇ କମ୍ପାନୀ କର୍ତ୍ତୃପକ୍ଷ ୨ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଦୁଇଜଣଙ୍କ ମୃତଦେହ ଗ୍ରାମରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ଆନ୍ଧ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଥର ଖାଦାନ ପରିଚାଳନା କରୁଥିବା ଘରୋଇ କମ୍ପାନୀ କର୍ତ୍ତୃପକ୍ଷ ପ୍ରତି ମୃତକଙ୍କ ପରିବାର ବର୍ଗଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଯୋଗାଇଥିବା ଖବର ମିଳିଛି।

# ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗ ନେବେ ବୌଦ୍ଧର ବିଶ୍ୱନାଥ ମିଶ୍ର

**ବୌଦ୍ଧ, ୧୯।୧୨(ସ୍ୱ.ପ୍ର.)**

ଆସନ୍ତା ଜାନୁୟାରୀ ୧୯ ତାରିଖଠାରୁ ଦୁବାଇଠାରେ ହେବାକୁ ଥିବା ଏମିରେଟସ -୨୦୨୨ ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗ ନେବାକୁ ବୌଦ୍ଧର ଡାକଟିକଟ ସଂଗ୍ରାହକ ବିଶ୍ୱନାଥ ମିଶ୍ର ମନୋନୀତ ହୋଇଛନ୍ତି । ଅନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ଭାରତୀୟ ଫିଲାଟେଲିକ୍ସ କଂଗ୍ରେସ ପକ୍ଷରୁ ୧୬ ଜଣଙ୍କୁ ମନୋନୀତ କରାଯାଇଛି। ଓଡ଼ିଶାରୁ ମନୋନୀତ ହୋଇଥିବା ତିନିଜଣଙ୍କ ମଧ୍ୟରୁ ବୌଦ୍ଧ ବନ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବିଶ୍ୱନାଥ ମିଶ୍ର ଅନ୍ୟତମ। ଏହି ଡାକଟିକଟ ପ୍ରଦର୍ଶନୀରେ ୧୨ଟି



ଡାକଟିକଟ ସଂଗ୍ରହକାରୀ ବିଶ୍ୱନାଥ ମିଶ୍ର।

ବିଭାଗରେ ଡାକଟିକଟ ପ୍ରଦର୍ଶିତ ହେବ। ସେଥିମଧ୍ୟରୁ ଇକ୍ୱୋଡେ-ଦି ସିମ୍ବଲ ଅଫ୍ ସ୍କିଡ୍ ଘୋଡାର ଗତି ସଂପର୍କିତ ବିଭାଗରେ ବୌଦ୍ଧର ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ସଂଗୃହୀତ ବିଭିନ୍ନ ଦେଶର ବହୁ ପ୍ରକାରର ଡାକଟିକଟ, ଲଫାପା, ପୋଷ୍ଟକାର୍ଡ ଆଦି ରହିଛି।

**ପ୍ରଥମ ପୃଷ୍ଠାରୁ...**

## ଶୀତରେ ଥରୁଛି...

ସେଠାରେ ତାପମାତ୍ରା ୪.୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ସେହିପରି ମଧ୍ୟପ୍ରଦେଶର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ୪ ଡିଗ୍ରୀ ତଳେ ରହିଥିଲା। କଶ୍ମୀର, ହିମାଚଳପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ତୁଷାରପାତ ହେଉଥିବାବେଳେ ସେଠାରୁ ଥଣ୍ଡା ପବନ ପ୍ରବାହିତ ହେଉଥିବାରୁ ସମଗ୍ର ଉତ୍ତର ଭାରତ ଶୀତରେ ଥରୁଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଶ୍ରୀନଗରରେ ଶନିବାର ରାତି ତାପମାତ୍ରା ବିୟୁକ୍ତ ୬ ଡିଗ୍ରୀ ସେଲ୍‌ସିୟସ୍ ରହିଥିବାବେଳେ ଜମ୍ମୁରେ ପାରଦ ୨.୩ ଡିଗ୍ରୀ ଥିଲା। ସେହିପରି ପହଲଗାମ୍‌ରେ ବିୟୁକ୍ତ ୮.୩ ଡିଗ୍ରୀ, ଗୁଲ୍‌ମାର୍ଗରେ ବିୟୁକ୍ତ ୮.୫ ଡିଗ୍ରୀ, ଲଦାଖର ଡ୍ରାସ୍ ସହରରେ ବିୟୁକ୍ତ ୨୦.୩ ଏବଂ ଲେହରେ ମାଇନସ୍ ୧୫.୩ ଡିଗ୍ରୀ ଅନୁଭୂତ ହୋଇଛି। ଉତ୍ତରାଖଣ୍ଡରେ ଅତ୍ୟଧିକ ଥଣ୍ଡା ପଡ଼ିଥିବାରୁ ପାଣିପାଗ ବିଭାଗ ପକ୍ଷରୁ ୨୪ ତାରିଖ ପର୍ଯ୍ୟନ୍ତ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶୁକ୍ରବାର ରାଣୀଚୌରିରେ ତାପମାତ୍ରା ସର୍ବନିମ୍ନ ବିୟୁକ୍ତ ୨.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ସେହିପରି ମୁସୁରୀରେ ରାତିର ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସିଯାଇଥିଲା। ଶନିବାର ଉତ୍ତରାଖଣ୍ଡରେ ସର୍ବନିମ୍ନ ତାପମାତ୍ରା ୩.୮ ଡିଗ୍ରୀ ରହିଥିବା ପାଣିପାଗ ବିଭାଗ କହିଛି। ହିମାଚଳପ୍ରଦେଶର ମନାଲି, ଶିମ୍‌ଲା, ସୋଲାନ, କିନୌର, ଲହାଉଲ୍-ସ୍ପିଟି ଏବଂ ଡାଲହାଉସିରେ ତୁଷାରପାତ ହେଉଥିବାରୁ ଶୀତଲହରି ଜାରି ରହିଛି। ଚାମ୍ବା, ଲହାଉଲ୍-ସ୍ପିଟି, କିନୌର ଏବଂ ଶିମ୍‌ଲାରେ ପାଇପ୍‌ଲାଇନରେ ପାଣି ବରଫ ହୋଇଯାଉଛି।

ଉତ୍ତର-ପଶ୍ଚିମ ଦିଗରୁ କୋହଲା ପବନ ବହୁଥିବାରୁ ରାଜଧାନୀ ଦିଲ୍ଲୀର ଅଧିକାଂଶ ସ୍ଥାନରେ ଶନିବାର ତାପମାତ୍ରା ୬ ଡିଗ୍ରୀ ତଳେ ରହିଥିଲା, ଯାହାକି ଚଳିତ ଋତୁରେ ସର୍ବନିମ୍ନ। ଶୁକ୍ରବାର ଦିଲ୍ଲୀ ତାପମାତ୍ରା ୭.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏଥିସହିତ କୁହୁଡ଼ି ଯୋଗୁ ରାସ୍ତାଘାଟ ଦୃଶ୍ୟମାନ ହୋଇ ନ ଥିଲା। ରବିବାର ସକାଳ ବେଳା ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ୧୦ରୁ ୨୦ କିଲୋମିଟର ବେଗରେ କୋହଲା ପବନ ବହିଥିଲା, ଯାହା ଅପରାହ୍ନ ବେଳକୁ ୨୫ରୁ ୪୦ କିଲୋମିଟରରେ ପହଞ୍ଚିଥିଲା ବୋଲି ପାଣିପାଗ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର, ଲଦାଖ, ଗିଲ୍‌ଗିଟ୍-ବଲ୍ଟିସ୍ତାନ, ମୁଜାଫରାବାଦ, ହିମାଚଳପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର ଉତ୍ତର ଭାଗରେ ପ୍ରବଳ ଶୀତ ଲହରି ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ରାଜସ୍ଥାନ, ପଞ୍ଜାବ, ହରିୟାଣା ଓ ଚଣ୍ଡିଗଡ଼ରେ ମଧ୍ୟ ଏହି ସମୟରେ ପ୍ରବଳ ଶୀତ ଅନୁଭୂତ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## କେରଳରେ ୨...

ସ୍ତ୍ରୀଙ୍କ ସାମ୍ନାରେ ତାଙ୍କୁ ହତ୍ୟା କରିଛନ୍ତି। ପୋଲିସ ଉଭୟ ହତ୍ୟାକାଣ୍ଡର ତଦନ୍ତ କରୁଛି। ଜିଲାରେ ଦୁଇଦିନ ପାଇଁ ୧୪୪ ଧାରା ଜାରି କରାଯାଇଛି। ଅଯଥା ଭିଡ଼ ଜମାଇବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ଶାନ୍‌ଙ୍କ ମୃତଦେହକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆଲାପୁଝାର ମନ୍ନାନଚେରିସ୍ଥିତ ତାଙ୍କ ଭଡ଼ାଘରକୁ ଅଣାଯାଇଛି। ଡିଜିପି ଅନିଲ କାନ୍ତ ଏବଂ ସାଉଥ୍ ଜୋନ୍ ପୋଲିସ ଆଇଜି ହର୍ଷିତା ଅତ୍ତାଲୁରି ଗଣମାଧ୍ୟମକୁ କହିଛନ୍ତି, ଶାନ୍‌ଙ୍କ ଶବ ଶୋଭାଯାତ୍ରା ବେଳେ କୌଣସି ଉତ୍ତେଜନାମୂଳକ ସ୍ଲୋଗାନ ଦିଆଗଲେ ବରିଷ୍ଠ ନେତାମାନଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ବର୍ତ୍ତମାନ ସୁଦ୍ଧା ଏସ୍‌ଡିପିଆଇ, ପିଏଫ୍‌ଆଇ, ଆର୍‌ଏସ୍‌ଏସ୍ ଏବଂ ଭାଜପାର ୫୦ ଜଣଙ୍କୁ ଗିରଫ କରାଯାଇଛି। ବନ୍ଦନାମ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଶ୍ରୀନିବାସଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ରାତିରେ ହରିପ୍ପଡରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶ୍ରୀନିବାସଙ୍କ ହତ୍ୟାକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଭାଜପା ରାଜ୍ୟ ସଭାପତି କେ. ସୁରେନ୍ଦ୍ରନ୍ ଦାବି କରିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି, ଶ୍ରୀନିବାସନଙ୍କୁ ମୌଳବାଦୀ ତତ୍ତ୍ୱ ହତ୍ୟା କରିଛନ୍ତି। ଏଭଳି ଭୀରୁ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍‌ଙ୍କ ଅଧୀନରେ କେରଳ କ୍ରମଶଃ ଏକ ଆଇନବିହୀନ ରାଜ୍ୟ ପାଲଟିବାରେ ଲାଗିଛି। ଏହି ରାଜନୈତିକ ହତ୍ୟା ପାଇଁ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଲଜ୍ଜିତ ଅନୁଭବ କରୁଥିବା କହିଛନ୍ତି। ରାଜନେତାମାନେ ଏଭଳି ହତ୍ୟାରୁ କ୍ଷାନ୍ତ ରହିବା ସହ ଗଣତନ୍ତ୍ରରେ ବିଶ୍ୱାସ ରଖିବା ଉଚିତ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟପାଳ ଗୃହ ବିଭାଗର ରିପୋର୍ଟକୁ ଅପେକ୍ଷା କରିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟନ୍ ଏହାକୁ ନିନ୍ଦା କରିବା ସହ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଛନ୍ତି। ଏପରି ବର୍ବର ଓ ଅମାନବୀୟ ହିଂସାତ୍ମକ କାର୍ଯ୍ୟ ରାଜ୍ୟ ପାଇଁ ବିପଦ। ହତ୍ୟାକାରୀଙ୍କୁ ଚିହ୍ନଟ କରିବାରେ ଲୋକେ ସହଯୋଗ କରିବେ ବୋଲି ବିଜୟନ ଆଶାବ୍ୟକ୍ତ କରିଛନ୍ତି।

## ୨୪ ଘଣ୍ଟାରେ...

ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେଇଯାଇଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ଗୁରୁଦ୍ୱାରରେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ଜେରା କରିବା ଲାଗି ପୋଲିସ ଉପରେ ଚାପ ପକାଇଥିଲେ। ପୋଲିସ ତାଙ୍କୁ ନ ଛାଡ଼ିବାରୁ ଲୋକେ ଧସ୍ତାଧସ୍ତି କରିବା ସହ ଅଭିଯୁକ୍ତଙ୍କୁ ନେଇଯାଇ ପିଟି ମାରିଦେଇଥିଲେ। ଗୁରୁଦ୍ୱାର କେୟାରଟେକର ଅମରଜିତ୍ ସିଂଙ୍କ କହିବା ଅନୁଯାୟୀ, ସେ ଭୋର ୪ଟାରେ ପ୍ରାର୍ଥନା ପାଇଁ ଆସିବା ସମୟରେ ଅଭିଯୁକ୍ତ ନିଶାନ ସାହିବକୁ ଚୋରି କରୁଥିବା ଦେଖିଥିଲେ। ଯୁବକ ଜଣଙ୍କ ଅନ୍ଧାରରେ ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟମାନେ ତାଙ୍କୁ ଧରିନେଇଥିଲେ। ପଚରା ଉଚରା ବେଳେ ତାଙ୍କୁ ଦିଲ୍ଲୀରୁ ପଠାଯାଇଥିଲା ବୋଲି ଅଭିଯୁକ୍ତ ଯୁବକ କହିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଶନିବାର ସ୍ୱର୍ଣ୍ଣମନ୍ଦିର ଲିଞ୍ଚିଂ ମାମଲାର ତଦନ୍ତ ପାଇଁ ଆଇନ ଶୃଙ୍ଖଳା ବିଭାଗ ଡିସିପିଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଇଥିବା ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖଜିନ୍ଦର ସିଂ ରାନ୍ଧାୱା କହିଛନ୍ତି। ଉକ୍ତ ଟିମ୍ ୨ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବ। ଶ୍ରୀ ଦରବାର ସାହିବର ଅପବିତ୍ରକରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣା ପଛରେ କାହାର ଷଡ଼ଯନ୍ତ୍ର ରହିଛି, ତାହା ଜାଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ରାନ୍ଧାୱା କହିଛନ୍ତି। ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ରବିବାର ସ୍ୱର୍ଣ୍ଣ ମନ୍ଦିର ଗସ୍ତ କରିବା ସହ ଲୋକମାନଙ୍କୁ ଶାନ୍ତ ହେବା ଲାଗି ପରାମର୍ଶ ଦେଇଛନ୍ତି। ସବୁ ଧର୍ମର ଉପାସନା ସ୍ଥଳକୁ ସମ୍ମାନ ଦେବା ସହ ସୁରକ୍ଷା ଯୋଗାଇଦେବାକୁ ଓ ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଆଗକୁ ବିଧାନସଭା ନିର୍ବାଚନ ଥିବାରୁ ରାଜ୍ୟରେ ଶାନ୍ତି ଭଙ୍ଗ ପାଇଁ କେତେକ ତତ୍ତ୍ୱ ଏଭଳି କାର୍ଯ୍ୟ କରୁଛନ୍ତି। ଏହାର ତଦନ୍ତ କରାଯାଉଛି ବୋଲି ଚନ୍ନି ଗଣମାଧ୍ୟମକୁ କହିଛନ୍ତି।

# କେରାଣ୍ଡିମାଳ ଓ ଘଣ୍ଟଶିଳା ପାହାଡ଼ରୁ କୋଣାର୍କକୁ ଆସିଥିଲା ପ୍ରଥମ ପଥର

**ଡ. ସୁରେନ୍ଦ୍ର କୁମାର ମିଶ୍ର**

## ନିର୍ମାଣବେଳେ ଦିଆଯାଇଥିଲା ହାତୀଚିହ୍ନ ସ୍ୱର୍ଣ୍ଣମୁଦ୍ରା



ଘଣ୍ଟଶିଳା ପାହାଡ଼। *ଫଟୋ: ଯଜ୍ଞେଶ୍ୱର ମହାନ୍ତି, ପୁରୀ*

ଐତିହ୍ୟର ଓଡ଼ିଶା

ମନ୍ଦିର ନିର୍ମାଣର ଦାୟିତ୍ୱ ମୁଖିଆଙ୍କୁ ଦିଆଯିବା ପରେ ଗଜପତି ନରସିଂହ ଦେବ 'ବିଡ଼ାନାସୀ'କୁ ଫେରିଯାଇଥିଲେ। କଟକର ବିଡ଼ାନାସୀ ନଅରରେ ସେତେବେଳେ ସେ ରହୁଥିଲେ। ସେହିଦିନଠାରୁ ସମସ୍ତ କାର୍ଯ୍ୟ ଓ ଖର୍ଚ୍ଚର ବିବରଣୀ ଲିଖିତ ଆକାରରେ ପ୍ରସ୍ତୁତ ହେଲା। ମନ୍ଦିରର ଭୂମି ଶୁଦ୍ଧି ଓ ମଙ୍ଗଳାରୋପଣ କାର୍ଯ୍ୟ ଆରମ୍ଭ କରିଥିଲେ ରାଜଗୁରୁ ଭୁବନେଶ୍ୱର ମହାପାତ୍ର। ହାତୀଚିହ୍ନ ଥିବା ୧୪ଟି ସ୍ୱର୍ଣ୍ଣମୁଦ୍ରା ତାଙ୍କୁ ଦକ୍ଷିଣା ସ୍ୱରୂପ ଦିଆଯାଇଥିଲା। ପୋଥିରୁ ଜଣାପଡୁଛି, କାର୍ଯ୍ୟ ଆରମ୍ଭ ହେଲାବେଳକୁ ସ୍ୱତନ୍ତ୍ର ଭଣ୍ଡାର ପ୍ରତିଷ୍ଠା ହୋଇସାରିଥିଲା। ଭଣ୍ଡାରରେ କେତେ ଅସ୍ତ୍ରପି (ସୁନାଖଣ୍ଡ), ଚକିମାଢ଼ (ମୁଦ୍ରା) ଏବଂ ଶସ୍ୟ ଥିଲା ତାହା ମଧ୍ୟ ହିସାବ ହୋଇସାରିଥିଲା।

ଦସ୍ତାବିଜ୍‌ରୁ ଜଣାପଡୁଛି ସ୍ଥପତି ଏବଂ ଓଝାମାନେ ଏକ ଏକ ସ୍ୱତନ୍ତ୍ର ଶିବିରରେ ରହୁଥିଲେ। ମୁଖିଆମାନେ ସେମାନଙ୍କ ଖର୍ଚ୍ଚ ନେଇ କାର୍ଯ୍ୟ ତୁଲାଉଥିଲେ। ପାଇଟିଆଳମାନେ ଗୋଟିଏ ସ୍ୱତନ୍ତ୍ର ଶିବିରରେ ରହୁଥିଲେ। ନାରାୟଣ ନାୟକଙ୍କୁ ୫୦ଟି ଶଗଡ଼ଗାଡ଼ି ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଥିଲା। 'ହାତୀଆଳ'ମାନେ ହାତୀଙ୍କ ସହିତ କୋଣାର୍କରେ ପହଞ୍ଚି ସାରିଥିଲେ। ହାତୀଆଳଙ୍କର ମୁଖ୍ୟ ଭାବେ ବିଶୁନି ଦୁଆରୀ ସଭିଙ୍କ ଦାୟିତ୍ୱ ନେଇଥିଲେ। ବାଣପୁର ଦଳବେହେରା କୋଣାର୍କରେ ପହଞ୍ଚିବା ପରେ ପ୍ରଥମ କିସ୍ତିରେ ୧୫୦୦ କାଠକଡ଼ି ଦେବା ପାଇଁ ତାଙ୍କୁ ୧୦୦ ମାଢ଼ ସୁନା ଦିଆଯାଇଥିଲା।

ମନ୍ଦିର ନିର୍ମାଣର ପ୍ରସ୍ତୁତି ପର୍ବ କିପରି ହୋଇଥିଲା ତାହା ଆମେ ଆଲୋଚନା କରୁଛେ। ପ୍ରସ୍ତୁତି ସରିବା ପରେ ମନ୍ଦିର ନିର୍ମାଣ ହେବାକୁ ଥିବା ସ୍ଥାନର ମାପ ଆରମ୍ଭ ହୋଇଥିଲା। ମନ୍ଦିର ସ୍ଥାନ ସହିତ ଜଗମୋହନର ସ୍ଥାନ ମପା କାର୍ଯ୍ୟ କରିଥିଲେ ସ୍ଥପତି ଗଦାଧର ମହାପାତ୍ର। ସ୍ଥାନ ସିନା ନିରୂପଣ ହେଲା, ତାହା ସମାନ ହେବ କେମିତି! ସତର ଦିନ ଲାଗିଥିଲା ୧୨୪ ଜଣ ପାଇଟିଆଳଙ୍କୁ ସେହି ସ୍ଥାନକୁ ସମାନ କରିବା ପାଇଁ। ଠିକ୍ ଭାବରେ କାମ ମନକୁ ପାଇଲା ନାହିଁ ଶ୍ରୀରାମ ନାୟକଙ୍କର। ସେ ୨୨ ପାଇଟିଆଳ ଧରି ଦୁଇଦିନ ସେଠାରେ ଲାଗିବା ପରେ କାର୍ଯ୍ୟ ସରିଲା।

ଗଜପତି ନରସିଂହଦେବ ରାଜସିଂହାସନରେ ବସିଥିଲେ ମାର୍ଗଶିର ଶୁକ୍ଳପକ୍ଷ ଦଶମୀ ଦିନ। ସେଇ ଦିନକୁ ଧରାଗଲା ସପ୍ତମ ଅଙ୍କରେ। ସେଇଦିନ ପଡ଼ିଥିଲା ବୁଧବାର। ଶୁଭବେଳା ଦେଖି ମନ୍ଦିରର ଖସଡ଼ା ପ୍ରସ୍ତୁତ କରିଥିଲେ ସୂତ୍ରଧର ଶିବେଇ ସାମନ୍ତରାୟ।

ଓଡ଼ିଆ ପରମ୍ପରା ଅନୁଯାୟୀ ପ୍ରଥମେ ଶିଳ୍ପୀଙ୍କର ଅସ୍ତ୍ରପୂଜା ହୋଇଥିଲା। ଏଥିରେ ନୂତନ ଭାବରେ ୪୮୩ଟି ମୁନିଆଁ ନିହଣ, ୩୨୬ଟି ଦାନ୍ତିବାଲା ନିହଣ, ରମ୍ପା ନିହଣ, କୋରମୁଣ୍ଡା ଓ ସୂତାକାଠିସମୁଦାୟ ୧୨୯୪ଟି ହତିଆର ପୂଜାରେ ବସିଥିଲା। ଏହା ଥିଲା ଓଡ଼ିଶାର ପାରମ୍ପରିକ ଶିଳ୍ପୀକୁଳର ହତିଆର। ହତିଆର ପୂଜା ହୋଇ ସଜ ହେଲା ବେଳକୁ କେରାଣ୍ଡିମାଳ ଓ ଘଣ୍ଟଶିଳା ପାହାଡ଼ରୁ ପ୍ରଥମେ ପଥର ଆସିଥିଲା। ଏହି ଦୁଇଟି ଖଣିରୁ ପଥର ଆଣିବା ଦାୟିତ୍ୱରେ ଥିଲେ ବୁଢ଼ାଲେଙ୍କା ମହାଶୟ। ଶ୍ରୀକୂର୍ମ ପୀଠ କୋଷାଗାରରୁ ଏବାବଦ ଖର୍ଚ୍ଚ ହୋଇଥିଲା। ଶ୍ରୀକୂର୍ମ ପୀଠ ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ। ସେବେ କଳିଙ୍ଗର ଏହା ପ୍ରସିଦ୍ଧ ବିଷ୍ଣୁକ୍ଷେତ୍ର ଥିଲା। ଏଠାରେ ଗଜପତିଙ୍କର ଏକ ଦୁର୍ଗ ମଧ୍ୟ ରହିଥିଲା।

ଶିଳ୍ପୀଙ୍କର ହତିଆର ନିର୍ମାଣ ହୋଇଆସିଲା କଟକର ବିଡ଼ାନାସୀରୁ। ପଥରଚନ୍ଧା ପାଂସ (ଯାହା ସହାଯ୍ୟରେ ବଡ଼ପଥର ଉଠାଯାଏ ଉପରକୁ) ଯୋଗାଇଲେ ଦାମ ମହାରଣା। ବଡ଼ ଶିକାଦଉଡ଼ି ଓ ସାଙ୍ଗଦଉଡି ପ୍ରସ୍ତୁତ ହୋଇ ରହିଲା। ବିରିବାଟିରୁ ବିଭିନ୍ନ କିସମର ଫାଉଡ଼ା ତିଆରି ହୋଇଆସିଲା। ଏ ସବୁ ପ୍ରସ୍ତୁତି ମନ୍ଦିର ନିର୍ମାଣ ଆରମ୍ଭ ସମୟରେ ହୋଇଥିଲା। ବରାଦ ହୋଇଥିଲା ତାପଙ୍ଗ ଦଳବେହେରାଙ୍କୁ ମାଙ୍କଡ଼ା ପଥର ପଠାଇବାକୁ। ସେ ୧୬୩ଟି ବଳଦଗାଡ଼ିରେ ପଥର ପଠାଇଲେ। ପାଇକମାନେ ବଳଦଗାଡ଼ି ସୁରକ୍ଷିତ ଭାବରେ କୋଣାର୍କରେ ପହଞ୍ଚାଇ ଦେଇଥିଲେ। ତାକୁ ୧୨ଦିନ ଧରି ୮୨ ଜଣ ପଥର କାରିଗର ଚଉପଟ କରି ସଜେଇଲା ବେଳକୁ ଅଇଁଡିଆ (ନିମାପଡ଼ା ଅଞ୍ଚଳର) ଦଳବେହେରା ୪୦ ଶଗଡ଼ରେ କାଠ ପଠାଇଲେ। ତଦନୁପାତରେ ଅଇଁଡିଆରୁ ମହାରଣା ପୁଣି ଆସି ପହଞ୍ଚିଲେ।

ଆମେ ମନ୍ଦିର ନିର୍ମାଣ ପ୍ରସ୍ତୁତିର ଚିତ୍ର ଜାଣିବା ପାଇଁ ଏ ସବୁ ବିଚାର ଆଲୋଚନା କରୁଛେ। କେଉଁଠାରୁ ଆସୁଛି, କିଏ ପଠାଉଛି, କେମିତି ଆସୁଛି ଲେଖିବାର ଉଦ୍ଦେଶ୍ୟ କେମିତି ଶୃଙ୍ଖଳିତ ଭାବରେ ଗୋଟିଏ ପରେ ଗୋଟିଏ କାର୍ଯ୍ୟ ହୋଇଥିଲା। ସହଯୋଗ ମାନସିକତାରେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ ପ୍ରତ୍ୟେକ ଓଡ଼ିଆ।

## ଜିନିଷ ଏକ: ଉପକାର ଅନେକ
# କଲରା



**କଲରାର ସ୍ୱାଦ ପିତା ହେଲେ ମଧ୍ୟ ସେଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଆମକୁ ନୀରୋଗ ରଖିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍-ସି ମଧ୍ୟ ପ୍ରଚୁର ପରିମାଣରେ ରହିଛି। ତେବେ ଜାଣନ୍ତୁ ଏହାର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ...**

- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ପାଇଁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ଯିବାକୁ ଦିଏ ନାହିଁ।
- ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ।

ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।

- ହାର୍ଟ ଏବଂ ଡାଇବେଟିସ ରୋଗୀମାନେ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରିବା ନିହାତି ଆବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।
- ଏଥିରୁ ପ୍ରସ୍ତୁତ ଜୁସ୍ ମଧ୍ୟ ଶରୀର ପାଇଁ ବେଶ୍ ଉପକାରୀ।
- ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ମାରାତ୍ମକ ରୋଗକୁ ଏହା କିଛି ମାତ୍ରାରେ ମଧ୍ୟ କମାଇଥାଏ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ। ଏହା ସହ ଯକୃତରୁ ବାଇଲ୍ ଏସିଡ୍ କ୍ଷରଣ କରି ମେଟାବୋଲିଜିମ୍‌ରେ ପରିଣତ କରିଥାଏ।
- ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ। ଏହା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ। ଶରୀରରେ ଯଦି କ୍ୟାନ୍‌ସର୍ କୋଷ (ସେଲ୍) ବୃଦ୍ଧିକୁ କେତେକାଂଶରେ ରୋକିବାରେ ସକ୍ଷମ ହୋଇଥାଏ କଲରା।
- କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ବହୁ ଉପଯୋଗୀ
# ଏମ୍. ଆଇ. ହେଲିକପ୍ଟର



ନିକୁଞ୍ଜ ବିହାରୀ ସାହୁ

ନିକଟରେ ଭାରତର ପୂର୍ବତନ ସେନାଧ୍ୟକ୍ଷ ବିପିନ ରାୱତଙ୍କ ସମେତ ସେନାର କିଛି କର୍ମଚାରୀଙ୍କୁ ନେଇ ଯାଉଥିବା ସେନାର ଏକ ହେଲିକପ୍ଟର ତାମିଲନାଡୁ ନୀଳଗିରିର ଦୁର୍ଗମ ଜଙ୍ଗଲ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବା ଦ୍ୱାରା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରଟି ଭାରତୀୟ ବାୟୁସେନାର ଏକ MI-୧୭V-୫ ପରିବହନ ବାୟୁଯାନ ବୋଲି ଜଣାପଡ଼ିଛି। ଏହି ହେଲିକପ୍ଟର ସମ୍ପର୍କରେ କିଛି ସୂଚନା ନିମ୍ନରେ ଦିଆଗଲା।

**ବହୁ-ଉପଯୋଗୀ ଦୁର୍ଦ୍ଧର୍ଷ ହେଲିକପ୍ଟର:** ଏହା ମୁଖ୍ୟତଃ ଏକ ପରିବହନ ହେଲିକପ୍ଟର ହେଲେ ସୁଦ୍ଧା ଶତ୍ରୁ ସେନା ଉପରେ ଆକ୍ରମଣ କରିବା ଏବଂ ପ୍ରତିକୂଳ ପରିସ୍ଥିତିରେ ଆକ୍ରମଣ ତଥା ଗୋଇନ୍ଦାଗିରି ନିମନ୍ତେ ସେନା ଓ ସାମଗ୍ରୀ ତୁରନ୍ତ ପରିବହନ କରି ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚାଇବା ପାଇଁ ଏଥିରେ ଯଥେଷ୍ଟ ସୁବିଧା ରହିଛି। ଏହା ବିଶ୍ୱର ଏକ ଅତ୍ୟାଧୁନିକ ତଥା ବହୁ-ଉପଯୋଗୀ ଦୁର୍ଦ୍ଧର୍ଷ ହେଲିକପ୍ଟର। ଏଥିରେ ବିମାନଚାଳନା ନିମନ୍ତେ ଅତ୍ୟାଧୁନିକ ଯନ୍ତ୍ରମାନ ଖଞ୍ଜାଯାଇଛି; ଯାହା ସାହାଯ୍ୟରେ ଏହା ଦିନରାତି ସବୁ ସମୟରେ ପୃଥିବୀର ଯେକୌଣସି ଭୌଗୋଳିକ ତଥା ଜଳବାୟୁ ପରିସ୍ଥିତିରେ ଏବଂ ଏପରି କି ଖରାପ ପାଗରେ ମଧ୍ୟ କାର୍ଯ୍ୟ ସମ୍ପାଦନ କରିପାରିବ। ଏହି ହେଲିକପ୍ଟରକୁ ମଧ୍ୟ ବନ୍ୟା, ବାତ୍ୟା ଭଳି ଆପଦକାଳୀନ ପରିସ୍ଥିତିରେ ଯୋଗାଣ ଓ ଉଦ୍ଧାର କାର୍ଯ୍ୟରେ ବିନିଯୋଗ କରାଯାଇପାରିବ। ଏହା ଯେକୌଣସି ସ୍ଥାନରେ ବିନା ହେଲିପ୍ୟାଡରେ ଏବଂ ଏପରି କି ରାତ୍ରି ସମୟରେ ମଧ୍ୟ ଅବତରଣ କରିବା ପାଇଁ ସକ୍ଷମ। ଏହା ଉଭୟ ଯାତ୍ରୀକକ୍ଷ ଓ ତଳପଟେ ଝୁଲୁଥିବା ଝୁଲାରେ ମାଲ ପରିବହନ କରିପାରେ।

**ଉତ୍ପାଦନ ଏବଂ ଇତିହାସ:** MI-୧୭ V-୫ ହେଲିକପ୍ଟର ବିଶ୍ୱରେ ନିଜର ବହୁ-ଉପାଦେୟତା, ବିଶ୍ୱସନୀୟତା ଏବଂ କାର୍ଯ୍ୟଦକ୍ଷତା ପାଇଁ ବେଶ୍ ଜଣାଶୁଣା। MI-୮/୧୭ ଶ୍ରେଣୀ ବାୟୁଯାନର ସାମରିକ ପରିବହନ ଉପଯୋଗ ନିମନ୍ତେ ବ୍ୟବହୃତ ଏକ ପରିବର୍ତ୍ତିତ ରୂପ। ଏହା ରୁଷର କାଜାନ୍ ହେଲିକପ୍ଟର କମ୍ପାନୀ ଦ୍ୱାରା ନିର୍ମିତ। ଆମ ଦେଶର ପ୍ରତିରକ୍ଷା ବିଭାଗ ଗତ ୨୦୦୮ ମସିହାରେ ଭାରତୀୟ ବାୟୁସେନା ନିମନ୍ତେ ୮୦ଟି ହେଲିକପ୍ଟର ଯୋଗାଣ ପାଇଁ ରୁଷୀୟ କମ୍ପାନୀ ନିକଟରେ ଚୁକ୍ତି କରିଥିଲା। ଭାରତକୁ ଏହି ହେଲିକପ୍ଟରର ଯୋଗାଣ ୨୦୧୧ ମସିହାରେ ଆରମ୍ଭ ହୋଇ ୨୦୧୮ ମସିହାରେ ସମାପ୍ତ ହୋଇଥିଲା।

**ଇଞ୍ଜିନ:** ଏଥିରେ ଦୁଇଟି ଶକ୍ତିଶାଳୀ ଟର୍ବୋ ସାଫ୍ଟ ଇଞ୍ଜିନ ଖଞ୍ଜାଯାଇଛି; ଫଳରେ କୌଣସି କାରଣରୁ ଗୋଟିଏ ଇଞ୍ଜିନ ଅଚଳ ହୋଇଗଲେ ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଗନ୍ତବ୍ୟସ୍ଥଳରେ ନିରାପଦରେ ପହଞ୍ଚି ହେବ। ଏହି ଇଞ୍ଜିନଗୁଡ଼ିକ ହେଲା- TV୩-୧୧୭VM ଏବଂ VK-୨୫୦୦। ସେଥିମଧ୍ୟରୁ TV୩-୧୧୭VM ଇଞ୍ଜିନଟି ସର୍ବାଧିକ ୨୧୦୦ HP କ୍ଷମତା ପ୍ରଦାନ କରିପାରୁଥିଲାବେଳେ VK-୨୫୦୦ ଇଞ୍ଜିନ ୨୭୦୦HP କ୍ଷମତା ପ୍ରଦାନ କରିବାକୁ ସକ୍ଷମ। ଏହି ବିମାନର ସର୍ବାଧିକ ବେଗ ୨୫୦ କି.ମି./ଘଣ୍ଟା ଏବଂ ଏହା ଥରକେ ୫୮୦ କି.ମି. ଦୂରତା ପର୍ଯ୍ୟନ୍ତ ଉଡାଣ ଭରି ପାରିବ। ଏଥିରେ ଦୁଇଟି ଅତିରିକ୍ତ ଇନ୍ଧନ ଟାଙ୍କି ଖଞ୍ଜାଗଲେ ଏହାର ଅତିକ୍ରାନ୍ତ ପରିସରକୁ ୧୦୬୫ କି.ମି. ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇ ପାରିବ। ଏହା ଆକାଶରେ ସର୍ବାଧିକ ୬୦୦୦ ମିଟର ଉଚ୍ଚତାରେ ଉଡ଼ିପାରିବ।

> "ଏଥିରେ ଦୁଇଟି ଶକ୍ତିଶାଳୀ ଟର୍ବୋ ସାଫ୍ଟ ଇଞ୍ଜିନ ଖଞ୍ଜା ଯାଇଛି; ଫଳରେ କୌଣସି କାରଣରୁ ଗୋଟିଏ ଇଞ୍ଜିନ ଅଚଳ ହୋଇଗଲେ ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ଗନ୍ତବ୍ୟ ସ୍ଥଳରେ ନିରାପଦରେ ପହଞ୍ଚି ହେବ। ଏହି ଇଞ୍ଜିନଗୁଡ଼ିକ ହେଲା : TV୩-୧୧୭VM ଏବଂ VK-୨୫୦୦। ସେଥିମଧ୍ୟରୁ TV୩-୧୧୭VM ଇଞ୍ଜିନଟି ସର୍ବାଧିକ ୨୧୦୦ hp କ୍ଷମତା ପ୍ରଦାନ କରିପାରୁଥିଲା ବେଳେ VK-୨୫୦୦ ଇଞ୍ଜିନ ୨୭୦୦hp କ୍ଷମତା ପ୍ରଦାନ କରିବାକୁ ସକ୍ଷମ।"



**ଯାତ୍ରୀ ପ୍ରକୋଷ୍ଠ:** ଏହି ହେଲିକପ୍ଟରର କ୍ୟାବିନ୍ ଅପେକ୍ଷାକୃତ ପ୍ରଶସ୍ତ ଏବଂ ଏହା ମଧ୍ୟକୁ ପହଞ୍ଚିବା ନିମନ୍ତେ ଯାତ୍ରୀମାନଙ୍କ ପାଇଁ ମୁଖ୍ୟ ପାର୍ଶ୍ୱ-ପ୍ରବେଶଦ୍ୱାର ବ୍ୟତୀତ ତୁରନ୍ତ ସେନା ଏବଂ ସାମଗ୍ରୀ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ପଛପଟରେ ମଧ୍ୟ ଏକ ରାମ୍ପ (RAMP)ର ବ୍ୟବସ୍ଥା ଅଛି। ଏହା ଏକ ୩ ଜଣିଆ ଚାଳକଦଳଙ୍କ ସମେତ ସମୁଦାୟ ୩୬ଜଣ ସଶସ୍ତ୍ର ସୈନିକଙ୍କୁ ଆକାଶମାର୍ଗରେ ବହନ କରିନେଇପାରେ। ଏହି ହେଲିକପ୍ଟର ସର୍ବାଧିକ ୧୩,୦୦୦ କି.ଗ୍ରା. ଓଜନର ସାମଗ୍ରୀ ଉଠାଇ ଉଡାଣଭରିବା ସହିତ ନିଜ ତଳଭାଗରୁ ଲମ୍ବିଥିବା ଝୁଲା (SLING)ରେ ମଧ୍ୟ ୪୫୦୦ କି.ଗ୍ରା. ଓଜନର ଅତିରିକ୍ତ ଭାର ବହନ କରିପାରେ। ଏହି ହେଲିକପ୍ଟର କ୍ରାନ୍ତିମଣ୍ଡଳୀୟ, ସାମୁଦ୍ରିକ କିମ୍ବା ମରୁଭୂମି ଭଳି ବିଭିନ୍ନ ପ୍ରକାରର ପ୍ରତିକୂଳ ପରିସ୍ଥିତି ମଧ୍ୟରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ସକ୍ଷମ।

**ଚାଳକ କକ୍ଷ (COCK-PIT):** ଏହି ହେଲିକପ୍ଟରର ଚାଳକ କକ୍ଷରେ ଉଡାଣ ଓ ବିମାନଚାଳନା ସମ୍ପର୍କିତ ଅତ୍ୟାଧୁନିକ ଯନ୍ତ୍ରାବଳୀ ଯଥା ଚାରୋଟି ବହୁ-ଉପାଦେୟୀ ପ୍ରଦର୍ଶନ ପରଦା (MULTI FUNCTION DISPLAY-MFD), ରାତିରେ ଦୃଶ୍ୟ ନିମନ୍ତେ ଉପକରଣ, ପାଣିପାଗ ସମ୍ପର୍କିତ ସୂଚନା ପ୍ରଦାନ ନିମନ୍ତେ ବିମାନସ୍ଥ ରାଡାର ଏବଂ ଅଟୋ-ପାଇଲଟ ଆଦି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ସ୍ଥାନିତ ହୋଇଛି।



**ଅସ୍ତ୍ରଶସ୍ତ୍ର:** ଏହା କେବଳ ଏକ ପରିବହନ ହେଲିକପ୍ଟର ନୁହେଁ; ଏଥିରେ ମଧ୍ୟ ଅନେକ ପ୍ରକାରର ମାରଣାସ୍ତ୍ର ଖଞ୍ଜା ଯାଇପାରିବ। ଏହି ବିମାନରେ ସ୍ଥାନିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଶତ୍ରୁ ସେନା, ଟ୍ୟାଙ୍କ, ଭୂମିଗତ ଲକ୍ଷ୍ୟସ୍ଥଳୀ, ଶତ୍ରୁର ଦୁର୍ଗ, ସ୍ଥିର କିମ୍ବା ଗତିଶୀଳ ବସ୍ତୁକୁ ଆଘାତ କରିହେବ। ଏହି ହେଲିକପ୍ଟରରେ ଥିବା ମାରକ ଅସ୍ତ୍ରମାନ ହେଲା SHTURM-V କ୍ଷେପଣାସ୍ତ୍ର, S-୮ ରକେଟ, ୨୩MM ମେଶିନ୍ ଗନ୍, PKT ମେଶିନ୍‌ଗନ୍ ଏବଂ AKM ସବ୍-ମେଶିନ୍‌ଗନ୍। ରୁଷ୍ ଦ୍ୱାରା ବିକଶିତ SHTURM-V ବ୍ୟବସ୍ଥା ବେତାର ତରଙ୍ଗ ଦ୍ୱାରା ମାର୍ଗନିର୍ଦ୍ଦେଶିତ ଏକ କ୍ଷେପଣାସ୍ତ୍ର, ଯାହାକୁ ଆକାଶମାର୍ଗରୁ ପ୍ରହାର କରି ଶତ୍ରୁପକ୍ଷର କୌଣସି ଟ୍ୟାଙ୍କକୁ ଧ୍ୱଂସ କରାଯାଇପାରିବ। ସେହିପରି, S-୮ ଏକ ସ୍ୱଳ୍ପ ଦୂରଗାମୀ ରକେଟ୍, ଯାହା ୩.୬ କି.ଗ୍ରା. ଓଜନର ବିସ୍ଫୋରକ ସାମଗ୍ରୀ ବହନ କରି ନିର୍ଭୁଲ ରୂପେ ଶତ୍ରୁ ଶିବିରରେ ପ୍ରବେଶ କରିପାରିବ। ଏହାର ସ୍ୱଳ୍ପ ଓଜନ ହେତୁ ଏହାକୁ ସହଜରେ ହେଲିକପ୍ଟରରେ ଖଞ୍ଜି ଏକାଥରକେ ଅନେକ ରକେଟକୁ ଲକ୍ଷ୍ୟସ୍ଥଳୀ ଉଦ୍ଦେଶ୍ୟରେ ନିକ୍ଷେପ କରିହେବ। ଆହୁରି ମଧ୍ୟ, ୭.୬୨ MM ନଳୀ ବ୍ୟାସ ଓ ୭୭୨ MM ନଳୀ ଲମ୍ବ ବିଶିଷ୍ଟ PKT ମେଶିନ୍‌ଗନ୍ ଏକ ସ୍ୱୟଂଚାଳିତ ବନ୍ଧୁକ ଯେଉଁଥିରୁ ଏକ ମିନିଟରେ ପ୍ରାୟ ୫୦୦ ରାଉଣ୍ଡ ଗୁଳି ଅନବରତ ବର୍ଷଣ କରି ୪ କି.ମି. ଦୂରତାରେ ଥିବା ଲକ୍ଷ୍ୟସ୍ଥଳୀକୁ ଆଘାତ କରିହେବ। ଏହି ହେଲିକପ୍ଟରରୁ ଏକକାଳୀନ ୮ଟି ଲକ୍ଷ୍ୟସ୍ଥଳୀ ଉପରେ ଆକ୍ରମଣ କରିହେବ।

**ସୁରକ୍ଷା ବ୍ୟବସ୍ଥା:** ଶତ୍ରୁର ଗୁଳିଗୋଳା ଓ କ୍ଷେପଣାସ୍ତ୍ର ମାଡ଼ରୁ ରକ୍ଷା କରିବା ପାଇଁ ଏହି ହେଲିକପ୍ଟରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା ଚାଳକ କକ୍ଷ, ଇନ୍ଧନ ଟାଙ୍କି ଓ ଅସ୍ତ୍ରଶସ୍ତ୍ର ଭଣ୍ଡାର ଇତ୍ୟାଦି ଚାରିପଟେ ମୋଟା ଧାତବ ଚାଦର ସୁରକ୍ଷା ବଳୟର ଆବରଣ ଅଛି। ଏଥିରେ ଥିବା ଯୁଗ୍ମ ଇଞ୍ଜିନ୍ (TWIN ENGINE) ବ୍ୟବସ୍ଥା ଜରିଆରେ ଗୋଟିଏ ଇଞ୍ଜିନ୍ ଅଚଳ ହୋଇଗଲେ ସୁଦ୍ଧା ଅନ୍ୟ ଇଞ୍ଜିନକୁ କାର୍ଯ୍ୟକ୍ଷମ କରି ବାୟୁଯାନକୁ ନିରାପଦସ୍ଥଳୀରେ ପହଞ୍ଚାଇ ହେବ। ଏଥିରେ ସ୍ଥାନିତ ଅଟୋ-ପାଇଲଟ (AUTOPILOT) ବ୍ୟବସ୍ଥା ବିନା ତ୍ରୁଟିରେ ଚାଳକକୁ ବିମାନଚାଳନା ସମ୍ପର୍କିତ ଅନେକ ଜଟିଳ କାର୍ଯ୍ୟ ସ୍ୱୟଂଚାଳିତ ଉପାୟରେ ସମ୍ପାଦନ କରିବା ଦିଗରେ ମାର୍ଗନିର୍ଦ୍ଦେଶିତ କରିଥାଏ। ଏଥିରେ ମଧ୍ୟ ଏକ ଅତିରିକ୍ତ ସ୍ଲାଇଡିଙ୍ଗ ପ୍ରବେଶଦ୍ୱାର, ପାରାସୁଟ୍ ଅବତରଣ ବ୍ୟବସ୍ଥା, ସର୍ଚ୍ଚଲାଇଟ୍ ଏବଂ ଜଳରେ ଭାସିବା ଭଳି ସହାୟକ ଉପକରଣମାନ ସ୍ଥାନିତ ଅଛି। ଏଥିରେ ଥିବା ଜାମର୍ ବ୍ୟବସ୍ଥା ଇଞ୍ଜିନରୁ ନିର୍ଗତ ଇନଫ୍ରା-ରେଡ୍ ବିକିରଣକୁ ପ୍ରତିହତ କରେ; ଯାହାଦ୍ୱାରା ଶତ୍ରୁର କୌଣସି କ୍ଷେପଣାସ୍ତ୍ର ଏହି ଇନଫ୍ରା-ରେଡ୍ ସଙ୍କେତକୁ ଅନୁସରଣ କରି ବିମାନକୁ ଆଘାତ କରିବାକୁ ସମର୍ଥ ହୋଇ ନ ଥାଏ।

-ଏଜୁକେଶନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ: ୮୦୧୮୭୦୮୮୫୮

# ସ୍ମରଣ ଶକ୍ତି ହ୍ରାସ କରେ ଅତ୍ୟଧିକ ମିଠା



ମନଲୋଭା ଖାଦ୍ୟ ମଧ୍ୟରୁ ମିଠା ଅନ୍ୟତମ। ଅନେକେ ଲୋଭର ବଶବର୍ତ୍ତୀ ହୋଇ ଅଧିକ ପରିମାଣରେ ମିଠା ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାର ସ୍ୱାଦ ହୁଏତ ମିଠା ହୋଇପାରେ, ହେଲେ ଏହାର ପରିମାଣ ଅଧିକ ହେଲେ ତାହା ଆମ ସ୍ମରଣ ଶକ୍ତିକୁ ପ୍ରଭାବିତ କରିଥାଏ। ଅତ୍ୟଧିକ ମିଠା ଓ ସ୍ମରଣ ଶକ୍ତି ବିଷୟକୁ ନେଇ ହୋଇଥିବା ଗବେଷଣାରୁ ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏ ବିଷୟରେ ଜାଣିପାରିଛନ୍ତି। ଏହି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ଗବେଷଣା ପରିସରଭୁକ୍ତ କରିଥିଲେ। ସେମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଭାବରେ ମିଠା ଖାଇବାକୁ ଏବଂ ଅନ୍ୟ ଗ୍ରୁପ୍ ବ୍ୟକ୍ତିମାନଙ୍କୁ ମନଇଚ୍ଛା ମିଠା ଖାଇବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ତନ୍ନତନ୍ନ କରି ଅନୁଧ୍ୟାନ ମଧ୍ୟ କରିଥିଲେ। ଯେଉଁମାନେ ଆବଶ୍ୟକତାଠାରୁ ଅଧିକ ମିଠା ଖାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କ ସ୍ମରଣଶକ୍ତିରେ ତାରତମ୍ୟତା ଦେଖିବାକୁ ମିଳିଥିଲା।

# ସକାରାତ୍ମକ ମାନସିକତା ପାଇଁ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଏ ନେଇ ଆମକୁ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏହାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଏ ବିଷୟରେ ଜଣାପଡ଼ିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ (ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ଅସନ୍ତୁଳିତ ରହୁଥିଲା) ନିଜର କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦେବାକୁ ସେମାନେ ପରାମର୍ଶ ଦେଇଥିଲେ। ଯେଉଁମାନଙ୍କର କଥାବାର୍ତ୍ତା ଶୈଳୀ ନମ୍ର ରହୁଥିଲା ସେହି ଅନୁସାରେ ସେମାନଙ୍କର ମାନସିକତା ମଧ୍ୟ ସକାରାତ୍ମକ ରହୁଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମାନସିକତା ସକାରାତ୍ମକ ରହିଲେ ଜଣେ ବ୍ୟକ୍ତି କୌଣସି କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପାଦନ କରିପାରନ୍ତି ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ସର୍ଭେରୁ ମଧ୍ୟ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖେ ତେବେ ସେ ନିଜକୁ କେତେକ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବେ।

# କାର୍ଯ୍ୟଦକ୍ଷତା ବଢ଼ାଇବାର ନୂଆ ଉପାୟ



ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରନ୍ତି ତେବେ ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇପାରେ। ଏପରି ଆକଳନ କରିଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ଏକ ସର୍ଭେରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ ପ୍ରତିଦିନ କିଛି ସମୟ ପଢ଼ିବା ଦ୍ୱାରା ଆମଠାରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। 'କାର୍ଯ୍ୟଦକ୍ଷତା ଓ ପଢ଼ାପଢ଼ି' ଶୀର୍ଷକ ବିଷୟକୁ ନେଇ ହୋଇଥିବା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗ୍ରୁପ୍‌ରେ ଥିବା ବ୍ୟକ୍ତିଙ୍କୁ ସାଧାରଣ ଜୀବନଯାପନ କରିବାକୁ କୁହାଯାଇଥିବା ବେଳେ ଅନ୍ୟ ଗ୍ରୁପ୍ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ପ୍ରତିଦିନ କିଛି ସମୟ ପଢ଼ାପଢ଼ି କରିବାକୁ ପରାମର୍ଶ ଦିଆଯାଇଥିଲା। କିଛି ସପ୍ତାହ ପରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ନିୟମିତ କିଛି ସମୟ ପଢୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଛି ଜଣଙ୍କର କାର୍ଯ୍ୟଦକ୍ଷତା ବଢ଼ିଛି। ଆଗ୍ରହର ସହ ସେମାନେ ସମସ୍ତ କାର୍ଯ୍ୟକୁ କରୁଛନ୍ତି ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# କ୍ୟାଲୋରିକୁ ସନ୍ତୁଳିତ ରଖେ ରକ୍ତଦାନ

କଥାରେ ଅଛି ରକ୍ତଦାନ ମହାପୁଣ୍ୟ। ଅନେକେ ଏହାକୁ ଜୀବନର ଏକ ଅଙ୍ଗ ଭାବରେ ଧରିନେଇଥାଆନ୍ତି। ତେବେ ରକ୍ତଦାନ କରିବା ଦ୍ୱାରା ଆମ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିବ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। କାରଣ ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ଏଥିରେ ଅସନ୍ତୁଳିତ ପରିଲକ୍ଷିତ ହେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକି ଆଣିବା ସହ ଆମ ଶରୀର ପାଇଁ ଅନେକ କ୍ଷତି ପହଞ୍ଚାଏ। ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇ ନେବା ଯଥେଷ୍ଟ ଜରୁରୀ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ। ତେବେ କ୍ୟାଲୋରି ସ୍ତରକୁ ସନ୍ତୁଳିତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ଖାଇବା ଦରକାର।



# ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣଙ୍କ ଚର୍ମ ଶୁଖିଯାଉଛି, ତେବେ ପ୍ରତିଦିନ ସକାଳୁ କିଛି କିଛି ସମୟ ବାହାରେ ସୂର୍ଯ୍ୟାଲୋକରେ ଛିଡ଼ା ହୁଅନ୍ତୁ। ଏହାଦ୍ୱାରା ଚର୍ମରେ ନମନୀୟତା ବଜାୟ ରହିଥାଏ।
- ବାହାର ଜିନିଷ କିମ୍ବା ଜଙ୍କ୍ ଫୁଡ୍ କେବେ ବି ଖାଆନ୍ତୁ ନାହିଁ। ଏହା ଶରୀରରେ ଏସିଡିଟି ସୃଷ୍ଟି କରିପାରେ। ତେଣୁ, ଯଥା ସମ୍ଭବ ଏପରି ଖାଦ୍ୟଠାରୁ ନିଜକୁ ଦୂରେଇ ରଖନ୍ତୁ।
- ଖାଦ୍ୟ ତାଲିକାରେ ଶାଗଜାତୀୟ ଖାଦ୍ୟ ଏବଂ ଟଟକା ଫଳମୂଳ ସାମିଲ୍ କରନ୍ତୁ। ଏପରି ଖାଦ୍ୟ ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇଥାଏ।



- ନିଜକୁ ଅବସାଦଠାରୁ ଦୂରେଇ ରଖିବାକୁ ହେଲେ, ସାଙ୍ଗମାନଙ୍କ ସହ କିମ୍ବା ପରିବାର ସଦସ୍ୟଙ୍କ ସହ କିଛି ସମୟ ବିତାନ୍ତୁ। ଆପଣ ଚାହିଁଲେ, ସୋସିଆଲ୍ ମିଡ଼ିଆକୁ ମଧ୍ୟ ବ୍ୟବହାର କରିପାରିବେ।
- ଉଚ୍ଚ ରକ୍ତଚାପ କମାଇବାକୁ ଚାହୁଁଛନ୍ତି କି ? ତେବେ ଔଷଧ ଖାଇବା ସହ ଯୋଗ, ପ୍ରାଣାୟମ, ବ୍ୟାୟାମ ଆଦି କରିପାରନ୍ତି। ତା'ସହ ଡାକ୍ତରଙ୍କ ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ପରାମର୍ଶ କରନ୍ତୁ।
- ଯେ କୌଣସି କାର୍ଯ୍ୟକୁ ବହୁ ସମୟ ଧରି ଆଦୌ କରନ୍ତୁ ନାହିଁ। କାମ କଲା ବେଳେ ମଝିରେ ମଝିରେ ବିରତି ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୦/୨୦୨୧ Bhubaneswar, Monday, December 20/ 2021

# ଓଡ଼ିଶା ମହିଳା ଚାମ୍ପିୟନ, ପୁରୁଷଙ୍କୁ ବ୍ରୋଞ୍ଜ



କିଟ୍ ପରିସରରେ ଅନୁଷ୍ଠିତ ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ ପ୍ରତିଯୋଗିତାରେ ଚାମ୍ପିୟନ ଓଡ଼ିଶା ମହିଳା ଦଳ ଏବଂ ବ୍ରୋଞ୍ଜ ବିଜୟୀ ପୁରୁଷ ଦଳ ମୁଖ୍ୟ ଅତିଥି କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ସହ।

## ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ

ଭୁବନେଶ୍ୱର,୧୯।୧୨ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରଗ୍‌ବୀ ପାଇଁ ଖୁସି ଖବର। ଜାତୀୟ ସିନିୟର ରଗ୍‌ବୀରେ ଓଡ଼ିଶା ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ରାଜ୍ୟ ସରକାର ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ଆସୁଥିବାବେଳେ ଓଡ଼ିଶା ଦଳର ଏହି ସଫଳତା ରାଜ୍ୟର ରଗ୍‌ବୀ ପ୍ରେମୀଙ୍କ ଖୁସିକୁ ଦ୍ୱିଗୁଣିତ କରିଛି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆରଏଫ୍‌ୟୁ), ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କିଟ୍ ବିଶ୍ୱବିଦ୍ୟାଳୟ, ସୋସାଇଟି ଜେନେରାଲ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ୮ମ ସିନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଛି। ମହିଳା ବିଭାଗ ଫାଇନାଲରେ ମହାରାଷ୍ଟ୍ରକୁ ୨୦-୧୦ରେ ହରାଇ ଓଡ଼ିଶା ଚାମ୍ପିୟନ ହୋଇଛି। ସେମିଫାଇନାଲରେ ଓଡ଼ିଶା ଦଳ ୨୨-୧୦ରେ ଦିଲ୍ଲୀକୁ ଏବଂ ମହାରାଷ୍ଟ୍ର ୧୨-୦ରେ ପଶ୍ଚିମବଙ୍ଗକୁ ହରାଇ ଟାଇଟଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ ୩୦-୭ରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ଅନ୍ୟପକ୍ଷରେ ପୁରୁଷ ବିଭାଗ ଫାଇନାଲରେ ହରିୟାଣା ୨୪-୧୦ରେ ମହାରାଷ୍ଟ୍ରକୁ ହରାଇ ଚାମ୍ପିୟନ ହୋଇଛି। ସେମିଫାଇନାଲରେ ମହାରାଷ୍ଟ୍ର ୩୨-୦ରେ ଓଡ଼ିଶାକୁ ଏବଂ ହରିୟାଣା ୪୩-୦ରେ ଦିଲ୍ଲୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେମିଫାଇନାଲରେ ହାରି ଯାଇଥିବା ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀକୁ ୧୨-୧୦ରେ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି।

**ପୋଜିଶନ**

**(ମହିଳା)**
ସ୍ୱର୍ଣ୍ଣ: ଓଡ଼ିଶା
ରୌପ୍ୟ: ମହାରାଷ୍ଟ୍ର
ବ୍ରୋଞ୍ଜ: ଦିଲ୍ଲୀ

**(ପୁରୁଷ)**
ସ୍ୱର୍ଣ୍ଣ: ହରିୟାଣା
ରୌପ୍ୟ: ମହାରାଷ୍ଟ୍ର
ବ୍ରୋଞ୍ଜ: ଓଡ଼ିଶା

ଏହି ଟୁର୍ନାମେଣ୍ଟର ପୁଲ୍-୨ରେ ସ୍ଥାନ ପାଇଥିବା ଓଡ଼ିଶା ମହିଳା ଦଳ ଏହାର ପ୍ରଥମ ମ୍ୟାଚରେ ଆନ୍ଧ୍ର ପ୍ରଦେଶକୁ ୬୦-୦ ଏବଂ ଦ୍ୱିତୀୟ ମ୍ୟାଚରେ ଝାଡ଼ଖଣ୍ଡକୁ ୩୩-୦ରେ ହରାଇ ନକ୍‌ଆଉଟରେ ପ୍ରବେଶ କରିଥିଲା। ଏହାପରେ ପ୍ରି- କ୍ୱାର୍ଟର ଫାଇନାଲରେ ପଞ୍ଜାବକୁ ୬୨-୦ରେ ଏବଂ କ୍ୱାର୍ଟର ଫାଇନାଲରେ ଗୋଆକୁ ୨୭-୦ରେ ପରାସ୍ତ କରିଥିଲା। ସେହିପରି ପୁରୁଷ ବିଭାଗର ପୁଲ୍-୬ରେ ସ୍ଥାନିତ ହୋଇଥିବା ଓଡ଼ିଶା ପ୍ରଥମ ମ୍ୟାଚରେ ଗୁଜରାଟକୁ ୩୧-୫ ଓ ଦ୍ୱିତୀୟ ମ୍ୟାଚରେ ତେଲଙ୍ଗାନାକୁ ୩୦-୦ରେ ହରାଇ ନକ୍‌ଆଉଟରେ ପହଞ୍ଚିଥିଲା। ଏହି ପର୍ଯ୍ୟାୟରେ ଦଳ ପ୍ରି- କ୍ୱାର୍ଟରରେ ବିହାରକୁ ୪୦-୦ ଏବଂ କ୍ୱାର୍ଟର ଫାଇନାଲରେ ତାମିଲନାଡୁକୁ ୨୮-୧୫ରେ ହରାଇ ଦେଇଥିଲା।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା, ଅଭିନେତା ତଥା ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି ରାହୁଲ ବୋଷ, କିସ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଶାନ୍ତ କୁମାର ରାଉତରାୟ ଏବଂ ରଗ୍‌ବୀ ଇଣ୍ଡିଆର ସମ୍ପାଦକ ଗେରାଲ୍ଡ ଆଣ୍ଟୋନି ପ୍ରଭୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ପୋଡିୟମ ମଣ୍ଡନ କରିଥିବା ଦଳର ଖେଳାଳିମାନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ସରକାର ରଗ୍‌ବୀକୁ ପ୍ରୋତ୍ସାହନ ଦେଇ ଆସୁଥିବାବେଳେ ରଗ୍‌ବୀ ଇଣ୍ଡିଆ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ଏପରି ଏକ ସମ୍ମାନଜନକ ପ୍ରତିଯୋଗିତା କିଟ୍ ପରିସରରେ ଆୟୋଜନ କରିଥିବାରୁ ଅଚ୍ୟୁତ ସମସ୍ତଙ୍କୁ ଧନ୍ୟବାନ ଜଣାଇଛନ୍ତି।




# ରେଡ୍‌କୁ ହରାଇଲା ବ୍ଲୁଜ୍

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡ଼ାନୁଷ୍ଠାନ ସହିଦ ସ୍ପୋର୍ଟିଂ ପଡ଼ିଆରେ ରବିବାର ପ୍ୟାରେଣ୍ଟ୍ସ ଆସୋସିଏଶନର ଏକ ୨୫ ଓଭର ବିଶିଷ୍ଟ ମ୍ୟାଚ ରେଡ୍ ଏବଂ ବ୍ଲୁଜ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରେଡ୍‌କୁ ହରାଇ ବ୍ଲୁଜ୍ ଦଳ ଟ୍ରଫି ଗ୍ରହଣ କରିଛି। ବ୍ଲୁଜ୍ ଦଳ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୧୯୬ ରନ କରିଥିଲା। ଦଳ ପକ୍ଷରୁ ପ୍ରବୀଣ ଗ୍ରହାଚାର୍ଯ୍ୟ ସର୍ବାଧିକ ୯୬ ରନ କରିଥିଲେ। ବିପକ୍ଷ ଦଳର ଜୀତେନ୍ଦ୍ର ପ୍ରଧାନ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ୧୯୭ ରନ ବିଜୟ ଲକ୍ଷ୍ୟର ପିଛା କରି ରେଡ୍ ୧୯୦ରେ ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଆର. ମହାନ୍ତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ। କେ. ମିଶ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ, ପ୍ରବୀଣ ଗ୍ରହାଚାର୍ଯ୍ୟ ଶ୍ରେଷ୍ଠ ବ୍ୟାଟର ଓ ଭବାନୀ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ସହିଦ ସ୍ପୋର୍ଟିଂ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକ, କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି, ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ର ଏବଂ କ୍ଲବର ପୂର୍ବତନ କୋଚ୍ ରାଧେଶ୍ୟାମ ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




# ରାହୁଲ ବୋଷ ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି


ରଗ୍‌ବୀ ଇଣ୍ଡିଆ ନିର୍ବାଚନ ପରେ ନବନିର୍ବାଚିତ ସମ୍ପାଦକ ଗେରାଲ୍ଡ ଆଣ୍ଟୋନି ପ୍ରଭୁ (ବାମ) ଓ ସଭାପତି ରାହୁଲ ବୋଷ(ବାମରୁ ତୃତୀୟ)ଙ୍କ ସହ ଓଡ଼ିଶା ସଂଘ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ସଭାପତି ପ୍ରିୟଦର୍ଶୀ ମିଶ୍ର ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

**ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି):** ଇଣ୍ଡିଆନ ରଗ୍‌ବୀ ଫୁଟବଲ ୟୁନିୟନ (ଆଇଆର୍‌ଏଫ୍‌ୟୁ) ବା ରଗ୍‌ବୀ ଇଣ୍ଡିଆର ନିର୍ବାଚନ କିଟ୍‌ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଭିନେତା ତଥା ପୂର୍ବରୁ ବୋର୍ଡ ସଦସ୍ୟ ରହି ଆସିଥିବା ରାହୁଲ ବୋଷ ରଗ୍‌ବୀ ଇଣ୍ଡିଆର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ରାହୁଲ ପୂର୍ବତନ ସଭାପତି ବିକ୍ରମ ଆହୁଜାଙ୍କୁ ୨୯-୨୧ ଭୋଟ୍‌ରେ ପରାସ୍ତ କରିଛନ୍ତି। ଦୁଇଜଣଯାକ ରଗ୍‌ବୀ ଆସୋସିଏଶନ ଅଫ୍ ମହାରାଷ୍ଟ୍ରରୁ ପ୍ରତିନିଧିତ୍ୱ କରୁଥିଲେ। ସମ୍ପାଦକ ପଦ କିନ୍ତୁ ବଜାୟ ରଖିଛନ୍ତି କର୍ଣ୍ଣାଟକ ରଗ୍‌ବୀ ଫୁଟବଲ ୟୁନିୟନରୁ ପ୍ରତିନିଧିତ୍ୱ କରୁଥିବା ଗେରାଲ୍ଡ ଆଣ୍ଟୋନି ପ୍ରଭୁ। ନିର୍ବାଚନରେ ସେ ରଗ୍‌ବୀ ଆସୋସିଏଶନ ଅଫ୍ ଦିଲ୍ଲୀର ପ୍ରମୋଦ କୁମାର ଯାଦବଙ୍କୁ ପରାସ୍ତ କରିଛନ୍ତି। ଏହା ବ୍ୟତୀତ ପୁରୁଷ ଉପସଭାପତି ଭାବେ ପରବିନ୍ଦର କୁମାର (ରଗ୍‌ବୀ ଆସୋସିଏଶନ ଅଫ୍ ପଞ୍ଜାବ), ମହିଳା ଉପସଭାପତି ପାଇଁ ସନୟା ମେହଟା ବ୍ୟାସ (ବେଙ୍ଗଲ ରଗ୍‌ବୀ ଫୁଟବଲ ୟୁନିୟନ), କୋଷାଧ୍ୟକ୍ଷ ପାଇଁ ସେନ୍ଥିଲ ଭି. ତ୍ୟାଗରାଜନ (ତାମିଲନାଡୁ ରଗ୍‌ବୀ ଫୁଟବଲ ୟୁନିୟନ), ପୂର୍ଣ୍ଣ ସଦସ୍ୟ ପୁରୁଷ ପ୍ରତିନିଧିଭାବେ ଅମିତ କୁମାର ଦେ (ରଗ୍‌ବୀ ଫୁଟବଲ ଆସୋସିଏଶନ ଅଫ୍ ଉତ୍ତର ପ୍ରଦେଶ) ଏବଂ ପୂର୍ଣ୍ଣ ସଦସ୍ୟା ମହିଳା ପ୍ରତିନିଧିଭାବେ ଆନ୍ଦ୍ରିଆ କ୍ରିଜ୍‌ଲେ (ଗୋଆ ରଗ୍‌ବୀ ୟୁନିୟନ) ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅରବିନ୍ଦ କାମାଥ ରିଟର୍ନିଂ ଅଫିସରଭାବେ ଦାୟିତ୍ୱ ତୁଲାଉଥିଲେ। ନିର୍ବାଚନରେ ୨୬ଟି ପୂର୍ଣ୍ଣକାଳୀନ ଆସୋସିଏଶନ ଏବଂ ଅନୁଷ୍ଠାନର ୨ ଜଣ ଲେଖାଏ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ବିକ୍ରମ ଆହୁଜା ସଭାପତି,ଗେରାଲ୍ଡ ପ୍ରଭୁ ସମ୍ପାଦକ ଏବଂ ସନୟା ମେହେଟା ବ୍ୟାସ କୋଷାଧ୍ୟକ୍ଷ ଥିଲେ। ରାହୁଲ ଦୀର୍ଘଦିନ ଧରି ରଗ୍‌ବୀ ସହିତ ସମ୍ପୃକ୍ତ ରହି ଆସିଛନ୍ତି। ତୃଣମୂଳ ସ୍ତରରୁ ରଗ୍‌ବୀର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରି ଆସୁଛନ୍ତି। ତେଣୁ ସେ ଏବେ ରଗ୍‌ବୀ ଇଣ୍ଡିଆର ମୁଖ୍ୟ ହୋଇଥିବାରୁ ଭାରତୀୟ ରଗ୍‌ବୀ ଏକ ନୂଆ ସୋପାନରେ ପହଞ୍ଚିବା ଆଶା କରାଯାଉଛି। ରଗ୍‌ବୀ ଇଣ୍ଡିଆ ନିର୍ବାଚନରେ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରିୟଦର୍ଶୀ ମିଶ୍ର ଓ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଅଂଶଗ୍ରହଣ କରିଥିଲେ।

# ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ଇଣ୍ଟରନ୍ୟାଶନାଲ ପାଇଁ ଭାରତୀୟ ଦଳ

ଭୁବନେଶ୍ୱର, ୧୯।୧୨ (କ୍ରୀଡ଼ା ପ୍ରତିନିଧି)


ଚୌଡେ ଗୌଡ଼ା, ରମିଜ ମଲିକ ଓ ଆଦିବ ଜାଭାନମାର୍ଡି।

ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ପକ୍ଷରୁ ଭାରତୀୟ ଫାଇନାଲିଷ୍ଟଙ୍କ ନାମ ଘୋଷଣା କରାଯାଇଛି। ଏମାନେ ହେଲେ କୋଲକାତାର ରମିଜ ମଲିକ, ବେଙ୍ଗାଲୁରୁର ଚାଇଡେ ଗୌଡ଼ା ଏବଂ ପୁଣେର ଆଦିବ ଜାବାନମାର୍ଡି। ଏହି ତିନିଜଣ ଆଲ୍‌ବାନିଆରେ ହେବାକୁଥିବା ବିଏମ୍‌ଡବ୍ଲ୍ୟୁ ମୋଟୋରାଡ ଇଣ୍ଟରନ୍ୟାଶନାଲ ଜିଏସ୍ ଟ୍ରଫି-୨୦୨୨ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦେଶବ୍ୟାପୀ ଆୟୋଜିତ ମଲ୍ଟିସିଟି କ୍ୱାଲିଫାୟର ରାଉଣ୍ଡରୁ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଛି। ଏଥର ପ୍ରଥମଥର ପାଇଁ ଜଣେ ମହିଳା ଜିଏସ୍ ରାଇଡର ଆଞ୍ଚଳିକ ଯୋଗ୍ୟତା ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ରାଇଡରମାନେ ହାର୍ଡକୋର୍, ଆଡ୍‌ଭେଞ୍ଚର ରାଇଡିଂ, ଟିମ୍‌ୱର୍କ ଚ୍ୟାଲେଞ୍ଜ୍ ସମେତ ବିଭିନ୍ନ କଷ୍ଟସାଧ ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆଲ୍‌ବାନିଆରେ ଭାରତୀୟ ଦଳର ପ୍ରତିଯୋଗୀମାନେ ବ୍ରାଜିଲ, ଚାଇନା, ଫ୍ରାନ୍ସ, ଜର୍ମାନୀ, ଜାପାନ, ଲାଟିନ ଆମେରିକା, ମେକ୍ସିକୋ, ନେଦରଲାଣ୍ଡ୍ସ, ରୁଷ୍, ଦକ୍ଷିଣ ଆଫ୍ରିକା, ଦକ୍ଷିଣ ପୂର୍ବ ଏସିଆ, ଦକ୍ଷିଣ କୋରିଆ, ୟୁନାଇଟେଡ କିଙ୍ଗଡମ୍, ଆମେରିକା ଆଦି ଟିମ୍ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବେ। ପ୍ରକାଶଯୋଗ୍ୟ ଯେ, ଇଣ୍ଡିଆନ ନ୍ୟାଶନାଲ କ୍ୱାଲିଫାୟର ପ୍ରତି ଦୁଇ ବର୍ଷରେ ଥରେ ଆୟୋଜନ ହୋଇଥାଏ। ୩ୟ ସଂସ୍କରଣ ପାଇଁ ମଲ୍ଟିସିଟି କ୍ୱାଲିଫାୟର ରାଉଣ୍ଡକୁ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଓ ଭୁବନେଶ୍ୱରରେ ଆୟୋଜନ କରାଯାଇଥିଲା। ସମଗ୍ର ଦେଶରୁ ୨୫୦ରୁ ଅଧିକ ରାଇଡର ଏଥିରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ସଭାପତି ବିକ୍ରମ ପାୱା କହିଛନ୍ତି ଯେ, ''ଜିଏସ୍ ଟ୍ରଫି ହେଉଛି ପ୍ରତିଯୋଗିତାମୂଳକ ଦକ୍ଷତା ଆହ୍ୱାନ, ଟିମ୍‌ୱାର୍କ ଏବଂ ଉନ୍ନତ ଚାଳନାର ଏକ ହଲ୍‌ମାର୍କ। ଚମତ୍କାର ପ୍ରଦର୍ଶନ ସହ ଧୈର୍ଯ୍ୟ, ଚାଳନା ଦକ୍ଷତା, ଦଳଗତ ଉତ୍ସାହ ପ୍ରଦର୍ଶନ ପାଇଁ ମୁଁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛି। ଆମ ଦେଶକୁ ଅନ୍ତର୍ଜାତୀୟ ଜିଏସ୍ ଟ୍ରଫି ଆଣିବା ପାଇଁ ଚମତ୍କାର ପ୍ରଦର୍ଶନ ସହ ଧୈର୍ଯ୍ୟ, ଚାଳନା ଦକ୍ଷତା ଗୁଣ ଆବଶ୍ୟକ ଥିଲା। ଭାରତୀୟ ଦଳକୁ ଶୁଭକାମନା। ଆଗକୁ ବଢ଼ ଏବଂ ମେକ୍ ଲାଇଫ୍ ଏ ରାଇଡ୍''।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଔଷଧ ଦୋକାନରେ ଚଢ଼ାଉ

ଖୋର୍ଦ୍ଧା ଅଫିସ,୧୯।୧୨: ଖୋର୍ଦ୍ଧା ପେଟ୍ରୋଲ ପମ୍ପ ନିକଟସ୍ଥ ଔଷଧ ଦୋକାନ ଉପରେ ଡ୍ରଗ୍ସ ବିଭାଗ, ଏସ୍‌ଟିଏଫ୍ ଏବଂ ପୋଲିସ ପକ୍ଷରୁ ମିଳିତ ଭାବେ ରବିବାର ରାତିରେ ଅଚାନକ ଚଢ଼ାଉ କରାଯାଇଛି। ଦୀର୍ଘ ଏକ ଘଣ୍ଟା ଧରି ଚଢ଼ାଉ ଚାଲିଥିଲା। କେଉଁ ଉଦ୍ଦେଶ୍ୟରେ ଏହି ଚଢ଼ାଉ ହୋଇଥିଲା ଓ କଣ ଜବତ କରାଯାଇଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ଅଧିକାରୀମାନେ ବିଭିନ୍ନ ଔଷଧ ଏକ୍ସପାୟରି ତାରିଖ ଓ ରେକର୍ଡ ପତ୍ର ଯାଞ୍ଚ କରିଥିବା ଜଣାପଡ଼ିଛି। ଅନ୍ୟ ପଟେ ଖୋର୍ଦ୍ଧା ବଜାରରେ କେତେକ ଔଷଧ ଦୋକାନରେ ଏକପାଏରି ଔଷଧ ଓ କଫସିରଫ ବିକ୍ରି କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି।

### ୭ ପଞ୍ଚାୟତରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ

ଖୋର୍ଦ୍ଧା ଅଫିସ,୧୯।୧୨: ବେଗୁନିଆ ନିବାଚନମଣ୍ଡଳୀ ଅନ୍ତର୍ଗତ ୭ଟି ପଞ୍ଚାୟତରେ ଜିଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ରାଜେନ୍ଦ୍ର କୁମାର ସାହୁ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ରେ କାର୍ଡ ବଣ୍ଟନ କରିଛନ୍ତି। ଦେଉଳି, ଗୋବିନ୍ଦପୁର, ଗଡମାଣିତ୍ରି, ଡିଙ୍ଗର୍, ରାଉତପଡା, କୁଞ୍ଜୁରୀ ଓ ଦୁର୍ଗାପୁର ପଞ୍ଚାୟତରେ ଏହି କାର୍ଡ ବଣ୍ଟନ କରାଯାଇଛ। ବିଡିଓ ଲକ୍ଷ୍ମୀଧର ସାହୁ, ବ୍ଲକ୍ ଅଧକ୍ଷା ଜାନକୀ ସ୍ୱାଇଁ, ବ୍ଲକ ଉପାଧକ୍ଷା ତନୁଜା ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଶୁଭକାନ୍ତ ମହାପାତ୍ର ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବିଦ୍ୟୁତ୍ ସଂଯୋଗ ଅଭିଯାନ

ବାଲିପାଟଣା,୧୯।୧୨(ଡି.ଏନ୍.ଏ.): ବାଲିପାଟଣା ବିଦ୍ୟୁତ୍ ବିଭାଗ ପକ୍ଷରୁ ଗାଁରେ କ୍ୟାମ୍ପ କରାଯାଇ ସମସ୍ତଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ପାଇଁ ତୁରନ୍ତ ବ୍ୟବସ୍ଥା କରାଯାଇଛି। ଯେଉଁମାନଙ୍କର ଘରକୁ ବିଦ୍ୟୁତ ସଂଯୋଗ ହୋଇନାହିଁ, ସେମାନଙ୍କୁ ଚିହ୍ନଟ କରାଯାଇ ୬୫୦ଟଙ୍କା ବିନିମୟରେ ଘଟଣାସ୍ଥଳରେ ଡକ୍ୟୁମେଣ୍ଟ କରାଯାଉଛି। ଏହି ଯୋଜନା ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିବ। ଏହାଦ୍ୱାରା ବିଦ୍ୟୁତ୍ ଚୋର ଉପରେ ରୋକ ଲାଗିପାରିବ ବୋଲି କନିଷ୍ଠଯନ୍ତ୍ରୀ ମଦନ ମୋହନ ଜେନା କହିଛନ୍ତି।

### ୬୮ ୟୁନିଟ ରକ୍ତ ସଂଗ୍ରହ, ଚାରାରୋପଣ



ଖୋର୍ଦ୍ଧା ଅଫିସ,୧୯।୧୨: ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ମାଣିବନ୍ଧ ପଞ୍ଚାୟତ ଓ ଗଡମାଣିତ୍ରୀରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦଘାଟନ କରିଥିଲେ। ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। କଟକ ସେଣ୍ଟ୍ରାଲ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ୬୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ବହୁ ମହିଳା ଓ ଛାତ୍ରୀ ରକ୍ତଦାନ କରିଥିଲେ। ପ୍ରଦୀପ୍ତ କିଶୋର ଛୋଟରାୟ, ଅରକ୍ଷିତ ପାଇକରାୟ, ବିଜୟ କୁମାର ରାଉତରାୟ, ରାଜଶ୍ରୀ ରାଉତରାୟ, ବାନମ୍ବର ଧଳ, ସୂର୍ଯ୍ୟକାନ୍ତ ଖୁଣ୍ଟିଆ, ଶ୍ରୀକୁମାର ଖୁଣ୍ଟିଆ, ମାଟିଆ ବେହେରା, ଯଜ୍ଞ ନାରାୟଣ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଷେକ ସିଂ ସାମନ୍ତ, ଦୁର୍ଯ୍ୟୋଧନ ସ୍ୱାଇଁ, ଶୁଭକାନ୍ତ ମହାପାତ୍ର, ଜ୍ୟୋତି ରଞ୍ଜନ ଖାଡ଼ଙ୍ଗା, ସତ୍ୟ ପ୍ରକାଶ ସାହୁ, ଅମାନ୍ ଚମ୍ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଔଷଧୀୟ ଚାରାରୋପଣ କରାଯାଇଥିଲା।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

ବାଲୁଗାଁ,୧୯।୧୨(ଡି.ଏନ୍.ଏ.)





ଅଧିବେଶନରେ ଉପସ୍ଥିତ ଅତିଥିମାନେ।

ଟାଟା ବିଦ୍ୟୁତ୍ କମ୍ପାନୀର ମନମୁଖି କାର୍ଯ୍ୟ ତଥା ଏଥିରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କୁ ଶୋଷଣ କରାଯାଉଥିବା ନେଇ ରାଜ୍ୟ ବିଦ୍ୟୁତ୍ ଶ୍ରମିକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ରବିବାର ବାଲୁଗାଁ ଅଶୋକ ନଗରସ୍ଥିତ ବଣିକ ସଂଘ ଗୃହରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନରେ ଏନେଇ ଅସନ୍ତୋଷ ପ୍ରକାଶ ପାଇବା ସହ କର୍ମଚାରୀଙ୍କ ବିଭିନ୍ନ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଟାଟା କମ୍ପାନୀ ନେବା ପରେ ଏଥିରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଦ୍ଦେଶ୍ୟମୂଳକ ଭାବେ ଉପଭୋକ୍ତାଙ୍କୁ ହଇରାଣ ହରକତ କରାଯାଉଥିବା ଅଭିଯୋଗ ହେଉଛି। ଏଥିସହ ଶ୍ରମିକ କର୍ମଚାରୀଙ୍କୁ ଠିକ୍ ସମୟରେ ପ୍ରାପ୍ୟ ମିଳୁ ନ ଥିବା, ବେତନରେ ବୃଦ୍ଧି କରା ନ ଯିବା, ଛୁଟି ଦିବସରେ କାର୍ଯ୍ୟ କଲେ ମଧ ପ୍ରାପ୍ୟ ନ ମିଳିବା, ପଦୋନ୍ନତି ନ କରିବା, ବହୁବର୍ଷ ଧରି କାର୍ଯ୍ୟରତ ମିଟର ରିଡ଼ରଙ୍କ କୌଣସି କ୍ଷେତ୍ରରେ ଅଭିବୃଦ୍ଧି ନ ଘଟିବା ଏବଂ ପଦବୀ ବୃଦ୍ଧି ଆଦି ବିଭିନ୍ନ ସମସ୍ୟା ନେଇ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଯୁଗ୍ମ ସମ୍ପାଦକ ଦିଲୀପ ସାହୁ, ମୁଖ୍ୟ ସଙ୍ଗଠନ ସମ୍ପାଦକ ବିପିନ ସେଠୀ, କୋଷାଧକ୍ଷ ସଞ୍ଜୀବ ବେହେରା ପ୍ରମୁଖ ଯୋଗଦେଇ ଶ୍ରମିକ କର୍ମଚାରୀଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବା ସହ ଖୁବ୍‌ଶୀଘ୍ର ଟାଟା କମ୍ପାନୀକୁ ଏନେଇ ଦାବିପତ୍ର ପ୍ରଦାନ କରାଯିବ। ସମାଧାନ ନ ହେଲେ ଆନ୍ଦୋଳନ ଜୋରଦାର କରାଯିବ। ଆସନ୍ତା ୨୮ରେ ବ୍ରହ୍ମପୁରରେ ରାଜ୍ୟସ୍ତରୀୟ ଶ୍ରମିକ କର୍ମଚାରୀ ସଂଘର ଏକ ସମ୍ମିଳନୀ ହେବ ବୋଲି ସମ୍ପାଦକ ତ୍ରିପାଠୀ କହିଛନ୍ତି। ଏହି ଅବସରରେ ବାଲୁଗାଁ ଡିଭିଜନ ଓ ସବ୍‌ଡିଭିଜନ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବାଲୁଗାଁ ଡିଭିଜନ ସମ୍ପାଦକ ଭାବେ ଅଶ୍ୱିନୀ ପଲାଇ, ସହ ସମ୍ପାଦକ ଜି.ଟି.କେ. ନାଇଡୁ, ସଙ୍ଗଠନର ସମ୍ପାଦକ ବାବୁରାମ ବେହେରା, ସବଡିଭିଜନ ସମ୍ପାଦକ ଭାବେ ଶାନ୍ତନୁ ସାମନ୍ତରାୟ, ପ୍ରେମାନନ୍ଦ ଖୁଣ୍ଟିଆ ମନୋନୀତ ହୋଇଥିଲେ।



କଟକ ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟ ମଣ୍ଡଳ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

## ସଂଘବଦ୍ଧ ଆକ୍ରମଣ: ଜେଲ ଗଲେ ୨ ଅଭିଯୁକ୍ତ

ଗୋପ,୧୯।୧୨(ଡି.ଏନ୍.ଏ.)

ଅନାବାଦି ଜମି ଜବରଦଖଲକୁ ନେଇ ଶନିବାର ଅପରାହ୍ନରେ ଗୋପ ଥାନା ଅନ୍ତର୍ଗତ ଗିରିମା ଗ୍ରାମର ପଞ୍ଚୁ ମଲ୍ଲିକଙ୍କ ପରିବାର ଉପରେ ଅନ୍ୟ ଏକ ପରିବାରର ସଦସ୍ୟମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଧାରୁଆ ଅସ୍ତ୍ରରେ ଆଖି ତାଡିବାକୁ ଉଦ୍ୟମ କରିବା ସହ ଠେଙ୍ଗାରେ ମାଡ଼ ମାରିଥିଲେ। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୫୯୨, ୫୯୩/୨୧)ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ସୁକାନ୍ତ ମଲ୍ଲିକ ଓ ହେମନ୍ତ ମଲ୍ଲିକ। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ସରକାରୀ ଅନାବାଦି ଜମିକୁ ନେଇ କିଛି ବର୍ଷ ହେବ ପଞ୍ଚୁ ଏବଂ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି ଜମିକୁ ନେଇ ମଧ କୋର୍ଟରେ ମୋକଦ୍ଦମା ଚାଲିଥିଲା। ଶନିବାର ହଠାତ୍ ଅଭିଯୁକ୍ତମାନେ ପଞ୍ଚୁ, ସାଧୁ, ବିଜୁ, ଜୟନ୍ତୀ ଓ କୁନି ମଲ୍ଲିକଙ୍କୁ ତଳେ ପକାଇ ମାଡ଼ ମାରିଥିଲେ। ଏପରିକି ଅଭିଯୁକ୍ତମାନେ ପଞ୍ଚଙ୍କ ଆଖି ତାଡ଼ି ଦେବାକୁ ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ୩ ଜଣ ଗୁରୁତରଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସରେ ପଠାଇଥିଲା। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି।

## ପୂର୍ବତନ ସରପଞ୍ଚ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଅନାବରଣ

ବାରଙ୍ଗ, ୧୯।୧୨(ଡି.ଏନ୍.ଏ)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ମଧୁବନ ଗ୍ରାମର ପୂର୍ବତନ ତଥା ପ୍ରଥମ ସରପଞ୍ଚ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଡିଓ, ବ୍ଲକ ଅଧକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚଙ୍କ ସମେତ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ୱର୍ଗତ ରାଉତଙ୍କ ନିଜ ଅଞ୍ଚଳ ପ୍ରତି ଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ୱର୍ଗତ ରାଉତଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ଏକ ସ୍ମୃତି କମିଟି ଗଠନ କରି ପ୍ରତିବର୍ଷ ତାଙ୍କର ଜୟନ୍ତୀ ପାଳନ କରିବାକୁ ବିଧାୟକ କହିଥିଲେ। ଏହି ଅବସରରେ ଅନେକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେଶ ମହାନ୍ତି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ବିଶ୍ୱପ୍ରକାଶ



@ ଶିଳ୍ପା



@ ରାଜଶ୍ରୀ



@ ତୁଷାର



@ ବିକାଶ

# କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

ପିପିଲି, ୧୯।୧୨(ଡି.ଏନ.ଏ/ସ୍ୱ.ପ୍ର.)

- ଖସି ପଳାଉଥିବା ଡ୍ରାଇଭରଙ୍କୁ କାବୁ କଲେ ଲୋକେ
- ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ପିପିଲି ବାଇପାସ୍ ନିକଟରେ ରବିବାର ଏକ କାର୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିପିଲି ଏନ୍‌ଏସି ଅଧୀନ ବଣିଆ ସାହିର ବେଣୁଧର ନାୟକ (୫୫)। ଦୁର୍ଘଟଣା ଘଟାଇ କାର୍ ଡ୍ରାଇଭର ଖସି ପଳାଉଥିବାବେଳେ ତାଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଏହି ସମୟରେ ପୁରୀ ଗସ୍ତ ସାରି ଭୁବନେଶ୍ୱର ଫେରୁଥିବା ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ପୋଲିସ କଡ଼ା ସୁରକ୍ଷା ବଳୟରେ ପିପିଲି ବଜାର ପାର୍ କରାଇଥିଲା।

ସୂଚନା ଅନୁଯାୟୀ, ଅପରାହ୍ନରେ ବେଣୁଧର ବିଲରୁ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ପୁରୀରୁ ଭୁବନେଶ୍ୱର ଯାଉଥିବା ଏକ କାର୍ (ଓଡି୦୨-ଏନ୍ ୬୦୮୩) ଷଣ୍ଢଭଟଠାରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କାରଟିକୁ ଜବତ କରିଛନ୍ତି। ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ପୋଲିସ ଅବହେଳା କରିଥିବା ଅଭିଯୋଗ ଆଣି ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିଲେ। ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

# ଦେଶ ଉନ୍ନତିର କେନ୍ଦ୍ରସ୍ଥଳ ବିଦ୍ୟାଳୟ

ଜଟଣୀ,୧୯।୧୨(ଡି.ଏନ୍.ଏ.)

### 'ରୋଜା'ର ବାର୍ଷିକ ଉତ୍ସବ

ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଲୱେ ହାଇସ୍କୁଲ ପୁରାତନ ଛାତ୍ର ସଂସଦ (ରୋଜା)ର ୧୪ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ.ସଞ୍ଜୟ ଦାସ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ମୁଖ୍ୟ କାର୍ମିକ ଅଧିକାରୀ ରଞ୍ଜନ ମହାନ୍ତି(ସିନିଅର ଡିଓ), ଡା. ପ୍ରସନ୍ନ ମହାନ୍ତି ସମ୍ମାନିତ ଅତିଥି, ବକ୍ତାଭାବେ ବିଦ୍ୟାଳୟର ଅଧକ୍ଷା ସବିତା କୁମାରୀ ଯୋଗଦେଇଥିଲେ। ରଞ୍ଜିତ ଦାସ ଅତିଥି ପରିଚୟ, ସାଧାରଣ ସମ୍ପାଦକ ଡ. ତପନ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶ୍ୱନାଥ ପଟ୍ଟନାୟକ, ଦିଲୀପ ପାଣିଗ୍ରାହୀ, ପ୍ରଣତି ସ୍ୱାଇଁ ଯୋଗଦେଇଥିଲେ। ପୁରାତନ ଛାତ୍ର ରାଧାମୋହନ ପଟ୍ଟନାୟକ, ଅରୁଣ ମହାନ୍ତି, ସୁବ୍ରତ ପଣ୍ଡା, ଶଙ୍କର ନାୟକ, ଶିଶିର ପାଢ଼ୀ, ସଞ୍ଜୟ ମହାନ୍ତି, ସୁନୀଲ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଦେଶ ଉନ୍ନତିର କେନ୍ଦ୍ରସ୍ଥଳ ବିଦ୍ୟାଳୟ ବୋଲି ମତପ୍ରକାଶ ପାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ର ଅନିତ୍ୟ ସାମନ୍ତରାୟ, ସ୍ୱାଗତିକା ମହାପାତ୍ର, ସୌମ୍ୟରଞ୍ଜନ ନାୟକ, ମଧୁସ୍ମିତା ଗାଙ୍ଗୁଲି, ବିଶ୍ୱକଲ୍ୟାଣ ଜେନା, ସୁନୟନା ରଥ, ଶୁଭମ ମହାନ୍ତି, ଅଦିତି ସାହୁ, ସୋଫିଆ ବେଗମ୍, ମାଣ୍ଡେଲା ଜିର୍ଭିତା, ସ୍ୱରାଜ ବେହେରା ଓ ରିଦ୍ଧିକା ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦୁଇବର୍ଷ ପାଇଁ ନୂତନ ପରିଚାଳନା କମିଟିର ସଭାପତିଭାବେ ଡା.ପ୍ରସନ୍ନ ମହାନ୍ତି ଓ ସଭ୍ୟଭାବେ ସୁଶ୍ରୀ ପ୍ରଣତି ସ୍ୱାଇଁ, କାକୋଲି ମୁନ୍‌ସୀ, ମଳୟ ରଞ୍ଜନ ମହାନ୍ତି, ନିରଞ୍ଜନ ମିଶ୍ର, ଜିତେନ୍ଦ୍ର ପାତ୍ର, ବିଶ୍ୱନାଥ ପଟ୍ଟନାୟକ, ପ୍ରଦୀପ ତ୍ରିପାଠୀ, ଶୁଭେନ୍ଦୁ ମିଶ୍ର, ସୁନୀଲ ପାଢ଼ୀ, ପ୍ରଶାନ୍ତ ପାଢ଼ୀ, ବି.ରମେଶ କୁମାର, ସୁବ୍ରତ ପଣ୍ଡା, ରଣଜିତ୍ ଦାସ, ଅଲତାଫ୍ ହୁସେନ୍, କମଲେଶ କୁମାର, ଡା.ସଞ୍ଜୟ ଦାସ, ଶଙ୍କର ନାୟକ ନିର୍ବାଚିତ ହୋଇଥିଲେ। ଡା.ଗୌରୀପ୍ରସାଦ ସିଂହ ଧନ୍ୟବାଦ ଦେଇଥିଲେ।

## ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ

କଟକ ଅଫିସ,୧୯।୧୨

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ରବିବାର ହାଇକୋର୍ଟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ ଚିତ୍ରକର ରବିନାରାୟଣ ରଥଙ୍କ ସମେତ ଅନ୍ୟ ବିଚାରପତି ଉପସ୍ଥିତ ଥିଲେ। ଏହି ଅବସରରେ ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ଏହି କ୍ୟାଲେଣ୍ଡରରେ ରାଜ୍ୟର ବଛାବଛା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଦ୍ୱାରା ପରିବାର ଶୀର୍ଷକ ଚିତ୍ରାଙ୍କନ ସ୍ଥାନ ପାଇଛି। ଜଷ୍ଟିସ ଏସ୍.କେ. ସାହୁ ସ୍ୱାଗତ ଭାଷଣ ଓ ଜଷ୍ଟିସ ଶଶୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୪ ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲା ଓ ପରିବାର ଅଦାଲତ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତି ଜିଲାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଛାତ୍ରୀଛାତ୍ରୀଙ୍କୁ ଚୟନ କରାଯାଇଥିଲା। ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୧୨ଟି ଚିତ୍ରକୁ ଚୟନ କରାଯାଇ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଛି।




ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଲୱେ ହାଇସ୍କୁଲ ପୁରାତନ ଛାତ୍ର ସଂସଦ (ରୋଜା)ର ୧୪ତମ ବାର୍ଷିକ ଉତ୍ସବରେ ରବିବାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବଡ଼ଦିନର ଅବ୍ୟବହିତ ପୂର୍ବରୁ କଟକ ସୂତାହାଟ ଅଞ୍ଚଳର ବେକେରି କାରଖାନାରେ କେକ୍ ପ୍ରସ୍ତୁତ କରାଯାଉଛି।



ପୁରୀସ୍ଥିତ ବିଶ୍ୱୟର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବ ଫଳକ ଉନ୍ମୋଚନ କରୁଛନ୍ତି।

## ସଂକ୍ଷେପରେ

### ଭାଜପାର ସାଙ୍ଗଠନିକ ବୈଠକ

**ବେଗୁନିଆ,୧୯।୧୨(ଡି.ଏନ୍.ଏ.):** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରମୁଖ ଦଳମାନେ ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ସହ ବୈଠକ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ବେଗୁନିଆ ନିର୍ବାଚନମଣ୍ଡଳୀର ୨୨ନମ୍ବର ଜୋନରେ ଭାଜପାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପାର ପୂର୍ବତନ ସମିତି ସଭ୍ୟ ଅଜୟ ମାର୍ଥାଙ୍କ ନେତୃତ୍ୱରେ କଣ୍ଟାମଳିମ ଗ୍ରାମ ସ୍ଥିତ ଠାକୁରାଣୀଙ୍କ ପୀଠ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ନେତାଙ୍କ ପକ୍ଷରୁ କର୍ମୀମାନଙ୍କୁ ସର୍ବଦା ଅବହେଳା କରାଯାଉଛି। ଗତ ବିଧାନସଭା ନିର୍ବାଚନରେ ମନଇଚ୍ଛା ପ୍ରାର୍ଥୀ କରାଯାଇଥିବାରୁ ଦଳରେ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ବିଜେଡି ବିଜୟୀ ହୋଇଥିଲା। ଆଗାମୀ ନିର୍ବାଚନରେ ଦଳ ଜିତିବାକୁ ହେଲେ କର୍ମୀଙ୍କ ପରାମର୍ଶ ଲୋଡାଯାଉ। ଏଥିସହ ପୂର୍ବତନ ସମିତି ସଭ୍ୟ ମାର୍ଥାଙ୍କୁ ୨୨ନଂ. ଜୋନ ପାଇଁ ଜିଲାପରିଷଦ ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ଟିକେଟ ପ୍ରଦାନ କରାଯାଉ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଭାଜପାର ରାଜ୍ୟ ସଭାପତିଙ୍କୁ ଏହି ପ୍ରସ୍ତାବ ଦିଆଯାଇଛି ବୋଲି ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଦୀପକ ମହାପାତ୍ର, ପ୍ରମୋଦ ପଣ୍ଡା, ରଞ୍ଜନ ନାୟକ ପ୍ରମୁଖ କହିଛନ୍ତି।

### ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ: କିଶୋର କ୍ଲବ ବିଜୟୀ

**ଯାଁଳା,୧୯।୧୨(ଡି.ଏନ୍.ଏ.):** ଜଟଣୀ ବ୍ଲକ ଅନ୍ତର୍ଗତ ମଦନପୁର ଖେଳପଡିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଏଟିକେ ଚାମ୍ପିୟନ ଏଫ୍.ସି ରାୟପୁର(ଛତିଶଗଡ଼)କୁ ହରାଇ ଭୁବନେଶ୍ୱରର କିଶୋର କ୍ଲବ ବିଜୟୀ ହୋଇଛି। ମ୍ୟାଚର ୨୮ ମିନିଟ ଓ ୪୦ ମିନିଟରେ କିଶୋର କ୍ଲବର ଦୁର୍ଗା ମୁର୍ମୁ ୨ଟି ଗୋଲ ଦେଇ ଦଳକୁ ବିଜୟୀ କରିବା ସହ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ପ୍ରଦୀପ୍ତ କୁମାର ନାୟକ, ସୁଶାନ୍ତ ମିଶ୍ର, ଚନ୍ଦ୍ରକାନ୍ତ ବାରିକ, ଏସ୍.କେ. ବେଜ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁରେଶ କୁମାର ରାଉତରାୟ, ଅଲ ଓଡିଶା ଆଥଲେଟିକ ସମ୍ପାଦକ ସୌମ୍ୟ ରଞ୍ଜନ ପରିଜା, ପ୍ରଦୀପ୍ତ କୁମାର ବଳିୟାରସିଂହ ପ୍ରମୁଖ ଯୋଗଦେବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ବିଧାୟକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ

**ନିରାକାରପୁର, ୧୯।୧୨(ଡି.ଏନ୍.ଏ.):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନ ସ୍ମାର୍ଟ ହେଲ୍‌ଥ କାର୍ଡ ରବିବାର ଜଙ୍କିଆ ଅଞ୍ଚଳରେ ବଣ୍ଟନ କରାଯାଇଛି। ଏଥିରେ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ପ୍ରାୟ ୧୫୦ଲୋକଙ୍କୁ ହେଲଥ୍ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଜଙ୍କିଆ ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ମହେଶ ଚନ୍ଦ୍ର ରାଉତରାୟ, ମୋ ପରିବାର ସଂଯୋଜକ ଦୀପୁ ହୋତା, ଅକ୍ଷୟ ଉଦୟ ସିଂହ, ୯ନଂ.ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ସୁକାନ୍ତ କୁମାର ମଙ୍ଗରାଜ ଉପସ୍ଥିତ ଥିଲେ।

### ଚାରାରୋପଣ କାର୍ଯ୍ୟକ୍ରମ

**ଜଟଣୀ,୧୯।୧୨(ଡି.ଏନ୍.ଏ.):** ଖୋର୍ଦ୍ଧା ରୋଡ୍ ମଣ୍ଡଳ ବିଭାଗୀୟ ଯନ୍ତ୍ରୀ ଆର. ପି. ଯାଦବଙ୍କ ନେତୃତ୍ୱରେ ସୀତାରାମ ଛକ ନିକଟ ଟ୍ରାଫିକ କଲୋନୀରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ ରିଙ୍କେଶ ରୟ, ଶୁଭଲକ୍ଷ୍ମୀ ଜେନା, କଲ୍ୟାଣ ପଟ୍ଟନାୟକ, ଅଶୋକ କୁମାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ୨୦୦ରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା।

# ଶିଥିଳତା ପଛରେ ସମନ୍ୱୟ ଅଭାବ

## ପାଇକ ସ୍ମାରକୀ ନିର୍ମାଣ ପ୍ରସଙ୍ଗ

- ନକ୍ସା ପ୍ରସ୍ତୁତି ଓ ହସ୍ତାନ୍ତରରେ ବିଳମ୍ବ, ଡିପିଆର୍ ପ୍ଲାନ୍ ବାଧକ
- କେନ୍ଦ୍ର ପକ୍ଷରୁ ଆବେଦନପତ୍ର ବିଳମ୍ବକୁ ନେଇ ଅସନ୍ତୋଷ
- ପ୍ରସ୍ତାବିତ ଜମି ବିନା ମୂଲ୍ୟରେ ଯୋଗାଇବାକୁ ଦାବି

**ଖୋର୍ଦ୍ଧା ଅଫିସ,୧୯।୧୨**

୧୮୧୭ ପାଇକ ବିଦ୍ରୋହର ଦ୍ୱିଶତ ବାର୍ଷିକୀ ଅବସରରେ ବରୁଣେଇ ପାହାଡ଼ ପାଦଦେଶରେ ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାଇକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସକୁ ଦୁଇବର୍ଷ ବିତିଲାଣି ଅଥଚ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ବୋଲି ଖୋର୍ଦ୍ଧା ନାଗରିକ ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ଶିଳାନ୍ୟାସର ଦୁଇ ବର୍ଷ ପରେ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଡିସେମ୍ବର ୧୫ରେ ଜମି ହସ୍ତାନ୍ତର ଲାଗି ଜିଲା ପ୍ରଶାସନକୁ ଚିଠି ଲେଖାଯାଇଥିବା ଜଣାପଡ଼ିଛି। ପୂର୍ବରୁ ପ୍ରସ୍ତାବିତ ୧୦ଏକର ଜମିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦୀୟ ଜମି ରାଜସ୍ୱ ବିଭାଗର ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ତେବେ ପ୍ରସ୍ତାବିତ ଜମିରେ ସ୍ମାରକୀ ନିର୍ମାଣ ପାଇଁ ଦୁଇବର୍ଷ ମଧ୍ୟରେ କେନ୍ଦ୍ର ପକ୍ଷରୁ ପ୍ରାଧିକୃତ ସଂସ୍ଥା ଦ୍ୱାରା କୌଣସି ଆବେଦନ ଜିଲା ପ୍ରଶାସନ ନିକଟରେ କରାଯାଇ ନ ଥିଲା। ଜମି ବିଡିଏ ଅଧୀନରେ ରହିଛି। ବିଡିଏ ପକ୍ଷରୁ ଜମି କ୍ଲିୟରାନ୍ସ ପାଇବାକୁ ହେଲେ ସ୍ମାରକୀ ନିର୍ମାଣର ଡିପିଆର୍ ଦାଖଲ କରାଯିବା ଆବଶ୍ୟକ। ମାତ୍ର କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଡିପିଆର୍ ପ୍ରସ୍ତୁତ କରାଯାଇ ନ ଥିବା ଜଣାପଡ଼ିଛି। ଦ୍ୱିତୀୟତଃ ପ୍ରସ୍ତାବିତ ୧୦ ଏକର ଜମିର ସମ୍ପୂର୍ଣ୍ଣ ନକ୍ସା ପ୍ରସ୍ତୁତିରେ ବିଳମ୍ବ ଆଉ ଏକ କାରଣ। ଏହି ନକ୍ସା ପ୍ରାଧିକୃତ ସଂସ୍ଥାର ହସ୍ତଗତ ହୋଇ ନ ଥିବାରୁ ଡିପିଆର୍ ପ୍ଲାନ୍ ପ୍ରସ୍ତୁତ କରାଯାଇପାରିନାହିଁ ବୋଲି କୁହାଯାଉଛି। ତୃତୀୟତଃ ପ୍ରସ୍ତାବିତ ଜମିର ମୂଲ୍ୟ ୩୦ କୋଟି ରହିଛି। ଜମି ହସ୍ତାନ୍ତର ଲାଗି ଏକ ନିର୍ଦ୍ଦିଷ୍ଟ ଲିଜ୍ ଆବେଦନପତ୍ରରେ କେନ୍ଦ୍ର ସରକାର ରାଜ୍ୟକୁ ଆବେଦନ କରିବେ। କେନ୍ଦ୍ର ପକ୍ଷରୁ ଜମି ହସ୍ତାନ୍ତର ଲାଗି ଅଦ୍ୟାବଧି ଲିଜ୍ ଫର୍ମରେ ଆବେଦନ କରାଯାଇନାହିଁ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି। ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ବିନା ମୂଲ୍ୟରେ ଏହି ଜମି ଯୋଗାଇ ଦେବା ପାଇଁ ଖୋର୍ଦ୍ଧା ନାଗରିକ ମଞ୍ଚ ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଓଡ଼ିଶା ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, କଳିଙ୍ଗ ପାଇକ ସଙ୍ଗଠନ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଉପଦେଷ୍ଟା ଗବେଷକ ସତ୍ୟବାଦୀ ବଳିଆରସିଂ, ଭୀମସେନ ପ୍ରଧାନ, ବିଶ୍ୱାମିତ୍ର ଜନକଲ୍ୟାଣ ଟ୍ରଷ୍ଟ ସଭାପତି ରାମଶଙ୍କର, ନ୍ୟୁ ଥିଙ୍କିଙ୍ଗ ଫୋରମ ସଭାପତି ନରେନ୍ଦ୍ର ପୃଷ୍ଟି, ଗବେଷକ ଗୋପାଳକୃଷ୍ଣ ଦାସ, ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର, ଓକିଲ ସଂଘ ସଭାପତି ଅଜିତ ପଟ୍ଟନାୟକ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସାମାଜିକ କର୍ମୀ ଶୋଭନ ଘୋଷ, ଆଇନଜୀବୀ ଶିଶିର ପରିଡ଼ା, ଉତ୍କଳ ସାମ୍ବାଦିକ ସଂଘ ସଭାପତି ପ୍ରଭାତ ମିଶ୍ରଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଦାବି କରିଛନ୍ତି।

ଏ ନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜମି ହସ୍ତାନ୍ତର ଲାଗି ଆବେଦନ ଆସିଛି। ନିର୍ଦ୍ଦିଷ୍ଟ ଲିଜ୍ ଫର୍ମରେ ଆବେଦନ ପରେ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ‘ପ୍ରଥମ ସ୍ୱାଧୀନତା ସଂଗ୍ରାମର ପରିଚୟ ଦିଅ’

ମଞ୍ଚ ସମ୍ପାଦକ ପଟ୍ଟନାୟକ ଆହୁରି ଉଲ୍ଲେଖ କରିଛନ୍ତି, ପାଇକ ବିଦ୍ରୋହ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପ୍ରସ୍ତାବକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ଓଡ଼ିଶାବାସୀଙ୍କୁ ମର୍ମାହତ କରିଛି। ଏହି ସଂଗ୍ରାମର ଐତିହାସିକ ପୃଷ୍ଠଭୂମି, ମାତୃଭୂମି ପ୍ରତି ପାଇକ ବୀରଙ୍କ ବଳିଦାନ, ତ୍ୟାଗ, ଜାତୀୟତାବୋଧ, ରାଷ୍ଟ୍ରୀୟତା ହିଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତାର ପରିଚୟ ବହନ କରେ। ପାଇକ ବିଦ୍ରୋହର ବହୁ ଅନାଲୋଚିତ ପ୍ରସଙ୍ଗ ସମାଜ ଆଢୁଆଳରେ ରହିଯାଇଛି। ଏହାର ପୁନଃ ଲିଖନର ସମୟ ଆସିଛି।



ଦେବଦାସୀ ନୃତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ରବିବାର ଅନୁଷ୍ଠିତ ‘ପ୍ରତ୍ୟାବର୍ତ୍ତନ’ରେ କଳାକାରମାନେ ବାଘ ନୃତ୍ୟ ପରିବେଷଣ କରୁଛନ୍ତି।

## ୫୫ ବ୍ୟାଟେରି ସହ ଗାଡ଼ି ଜବତ, ୨ ଗିରଫ

**ବାଲକାଟୀ/ବାଲିଅନ୍ତା, ୧୯।୧୨ (ଡି.ଏନ.ଏ.)**

ବାଲିଅନ୍ତା ଥାନା ପୋଲିସ ଶନିବାର ରାତିରେ ପାହାଳ ଫାଣ୍ଡି ଅଞ୍ଚଳରେ ଚଢ଼ାଉ କରି ୫୫ଟି ଚୋରା ଟାୱାର ବ୍ୟାଟେରି ସହ ଏକ ଟାଟା ଏସିଇ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଲକାଟୀ ଫାଣ୍ଡି ଅନ୍ତର୍ଗତ ରଥିଯେମା ଗ୍ରାମର ପ୍ରେମାନନ୍ଦ ସାହୁ ଓ କଟକ ସଦର ତେନ୍ତୁଳିଆର ବୁଲୁ ଦାସ। ଏନେଇ ଥାନାରେ ଏକ ମାମଲା (ନଂ.୪୨୨/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ଅଭିଯୁକ୍ତ ବୁଲୁ ଏକ ଟାଟା ଏସିଇ(ଓଆର ୦୫ଏଏଚ୍ ୧୭୦୯)ରେ ୫୫ଟି ଚୋରା ଟାୱାର ବ୍ୟାଟେରି ବୋଝେଇ କରି ବିକ୍ରି ଲାଗି ନେଉଥିଲେ। ଖବରପାଇ ବାଲିଅନ୍ତା ପୋଲିସ ପହଞ୍ଚି ଚଢ଼ାଉ କରି ଗାଡି ଜବତ କରିବା ସହ ବୁଲୁଙ୍କୁ ଧରିଥିଲା। ପୋଲିସ ବୁଲୁଙ୍କୁ ପଚରାଉଚରା ବେଳେ ଏହି ବ୍ୟାଟେରି ପ୍ରେମାନନ୍ଦଙ୍କ ଠାରୁ କିଣିଥିବା କହିଥିଲେ। ଏହା ପରେ ପୋଲିସ ରଥିଯେମା ଗ୍ରାମରୁ ପ୍ରେମାନନ୍ଦଙ୍କୁ ଗିରଫ କରିଥିଲା।

## ଗୌରାଙ୍ଗ ସଭାପତି, ଦିଲୀପ ସମ୍ପାଦକ

**ବୋଲଗଡ଼,୧୯।୧୨(ଡି.ଏନ୍.ଏ.)**

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ‘ମୋ କଲେଜ ଅଭିଯାନ ସଙ୍ଗଠନ’ ପକ୍ଷରୁ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ମୋ କଲେଜ ଅଭିଯାନର ବିଭିନ୍ନ ଦିଗ ଓ ଏଥିରେ ପୁରାତନ ଶିକ୍ଷାର୍ଥୀଙ୍କ ସମ୍ପୃକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମୁଖ୍ୟ ଅତିଥିଭାବେ ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ତଥା ମୋ କଲେଜ ଅଭିଯାନର ରାଜ୍ୟ ସଂଯୋଜକ ପ୍ରଫେସର ହୃଷୀକେଶ ମହାନ୍ତି ଓ ଅଧ୍ୟାପକ ଅଜୟ କୁମାର ସାହୁ ଅନୁଷ୍ଠାନର ସର୍ବାଙ୍ଗୀନ ବିକାଶରେ ପୁରାତନ ଶିକ୍ଷାର୍ଥୀଙ୍କର ଭୌତିକ, ବୌଦ୍ଧିକ ଓ ଭାବଗତ ଦିଗ ସହିତ ଯୋଡି ହେବା ପାଇଁ ଆହ୍ୱାନ ଦେଇଥିଲେ। ପରେ ଆଲୁମ୍‌ନି କମିଟି ଗଠିତ ହୋଇଥିଲା। ସଭାପତିଭାବେ ଗୌରାଙ୍ଗ ଚମ୍ପତି, ସମ୍ପାଦକ ଦିଲୀପ କୁମାର ଦତ୍ତ ଓ କୋଷାଧ୍ୟକ୍ଷଭାବେ ନିରଞ୍ଜନ ସାହୁ ମନୋନୀତ ହୋଇଥିଲେ। ଏଥିସହ ପରିଚାଳନା ସମିତିର ସଭ୍ୟଭାବେ ଗଦାଧର ଚମ୍ପତି, ବିଭୁ ରଞ୍ଜନ ରଥ, କୃଷ୍ଣ ଚନ୍ଦ୍ର ରାଉତ, ଜୟକୃଷ୍ଣ ଦଳବେହେରା, ସୁଧାଂଶୁ ପାଲ, ପ୍ରିୟବ୍ରତ ଦାଶ, ଶ୍ରଦ୍ଧାଞ୍ଜଳି ସାହୁ, ମାନୀ ସୁବୁଦ୍ଧି, ଗୀତାଞ୍ଜଳି ଭଞ୍ଜ ମନୋନୀତ ହୋଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ରଜନୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ସୁନୀଲ କୁମାର ରଥ, ଜୟନ୍ତ ବିଶ୍ୱାଳ ଏବଂ ମୋ କଲେଜ କମିଟି ସଭ୍ୟ ଶିବରାମ ଦାଶ, ଅଚ୍ୟୁତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦନେଇ ଦାସଙ୍କ ଜୟନ୍ତୀ ସମାରୋହ

**ବୋଲଗଡ଼,୧୯।୧୨(ଡି.ଏନ୍.ଏ.)**

ବୋଲଗଡ଼ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ପରିସର ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ମିଳିତ ଆନୁକୂଲ୍ୟରେ ରବିବାର କବି ତଥା ଗୋପୀଭାଷାର ରଚୟିତା ଦନେଇ ଦାସଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋପୀନାଥ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥିଭାବେ ସାହିତ୍ୟିକ ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇ ଗୋପୀଭାଷା ଓ ମଥୁରା ମଙ୍ଗଳ କାବ୍ୟ ଉପରେ ଆଲୋଚନା କରି ରୀତିଯୁଗର ଶ୍ରେଷ୍ଠ ମଙ୍ଗଳ କାବ୍ୟ ମଥୁରା ମଙ୍ଗଳ ଓ ଗୋପୀଭାଷା ବୋଲି ଅଭିହିତ କରିଥିଲେ। ବକ୍ତାଭାବେ ପ୍ରଶାସକ ଡ.ସୁରେଶ ଛୋଟରାୟ ଯୋଗଦେଇ ଖୋର୍ଦ୍ଧା ଜିଲାରେ କବିମାନଙ୍କ ଅନ୍ତୁଡ଼ି ପୀଠ ଭାବେ ବୋଲଗଡ଼ ବ୍ଲକର ସାନପଦର ଗ୍ରାମ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଜ୍ଞାନରଞ୍ଜନ ଦାସ, ନବକିଶୋର ପଟ୍ଟନାୟକ , ହରିବନ୍ଧୁ ସାହୁ, ରବୀନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅବିନାଶ ସୁବୁଦ୍ଧି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ବଳଦୁର୍ଗ ଗୌରବ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରତିଭା ସମ୍ମାନ ଉତ୍ସବରେ ଉପସ୍ଥାପକ ଶ୍ରୀକାନ୍ତ ନାୟକ, ରଶ୍ମିରଞ୍ଜନ ମହାପାତ୍ର, ଡ.ମଧୁମିତା ଷଡ଼ଙ୍ଗୀ, ଭକ୍ତବତ୍ସଳ ପଟ୍ଟନାୟକ, କବି ଦିବ୍ୟଲୋଚନ ଭାରିମଲ୍ଲ, ଅନୁପମା ବଳିୟାରସିଂହ, ବ୍ରଜବନ୍ଧୁ ସାମନ୍ତରାୟ, ସନ୍ଧ୍ୟାରାଣୀ ରାଉତରାୟ, ଗୀତାଞ୍ଜଳି ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିମନ୍ତ୍ରିତ କବି କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶ୍ରୀକାନ୍ତ ନାୟକ ସଂଯୋଜନା କରିଥିଲେ। ବାଲ୍ମୀକି ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

## ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ ବେଳେ ଉତ୍ତେଜନା

**ପୁରୁଣା ଭୁବନେଶ୍ୱର,୧୯।୧୨(ଡି.ଏନ୍.ଏ.)**

ଭୀମଟାଙ୍ଗୀସ୍ଥିତ ୬୧ନମ୍ବର ୱାର୍ଡରେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ ବେଳେ ରବିବାର ଉତ୍ତେଜନା ପ୍ରକାଶ ପାଇଥିଲା। କୌଣସି କାରଣ ନେଇ ଉପସ୍ଥିତ ପୂର୍ବତନ ମହିଳା କର୍ପୋରେଟର ଓ ଜଣେ କର୍ମୀ ତଥା ଚଳଚ୍ଚିତ୍ର କଳାକାର ବିକାଶଙ୍କ ମଧ୍ୟରେ ବଚସା ସହ ମାରପିଟ ହୋଇଥିଲା। ପରେ ପୂର୍ବତନ ମହିଳା କର୍ପୋରେଟରଙ୍କ ପରିବାର ଲୋକେ ବିକାଶଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବେଳେ ଜୀବନ ବଞ୍ଚାଇବାକୁ ଯାଇ ସେ ଥାନାରେ ପହଞ୍ଚିଥିଲେ। ପରେ ଉଭୟଙ୍କ ମଧ୍ୟରେ ବୁଝାମଣା ହୋଇଥିବା ପୋଲିସ କହିଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ‘ଗଜପତି : ଏ କିଙ୍ଗ୍ ୱିଦାଉଟ୍ ଏ କିଙ୍ଗଡମ୍’ ପୁସ୍ତକ ଲୋକାର୍ପିତ




**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ବରିଷ୍ଠ ଅର୍ଥନୀତିଜ୍ଞ ଅଶୋକ କୁମାର ବଳଙ୍କ ଲିଖିତ ପୁସ୍ତକ ‘ଗଜପତି : ଏ କିଙ୍ଗ୍ ଉଇଦାଉଟ୍ ଏ କିଙ୍ଗ୍‌ଡମ୍’ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜୁତି ବିସ୍ତାର କରିଥିବା ଗଙ୍ଗବଂଶ ରାଜା କପିଳେନ୍ଦ୍ର ଦେବଙ୍କଠୁ ଆରମ୍ଭ କରି ଚୋଡ଼ଗଙ୍ଗଦେବଙ୍କ ପର୍ଯ୍ୟନ୍ତ ମହାରାଜାମାନେ କେବେହେଲେ ନିଜକୁ ରାଜା ବୋଲି କହୁ ନ ଥିଲେ, ବରଂ ରାଜ୍ୟକୁ ପୁରୁଷୋତମ ରାଜ୍ୟ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରାଜାର ମାନ୍ୟତା ଦେଇଥିଲେ। ଓଡିଶା ଏବଂ ଓଡିଆ ସଂସ୍କୃତି ବିଶେଷକରି ଗଜପତି ମହାରାଜଙ୍କ ଏହି ସଂସ୍କୃତି, ପରମ୍ପରା ଓ ଇତିହାସକୁ ଆଧାର କରି ଲେଖାଯାଇଥିବା ଏହି ପୁସ୍ତକରେ ଗଜପତି କପିଳେନ୍ଦ୍ରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଗଜପତିଙ୍କ ବିଷୟରେ ଗବେଷଣା ତଥା ତଥ୍ୟ ଭିତ୍ତିକ ଲେଖା ସ୍ଥାନ ପାଇଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୁଙ୍କ ମୁଖ୍ୟ ସେବକ ଗଜପତି ମହାରାଜାଙ୍କ ସମ୍ପର୍କରେ ବହୁ ନୂତନ ତଥ୍ୟ ମଧ୍ୟ ଉଲ୍ଲେଖ ହୋଇଛି। ଓଡିଶା ଇତିହାସ ସମ୍ପର୍କରେ ଜାଣିବା ଲାଗି ପାଠକପାଠିକାଙ୍କ ପାଇଁ ଏହି ପୁସ୍ତକଟି ବହୁ ଉପାଦେୟ ହେବ। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣାଲବ୍ଧ ତଥ୍ୟରୁ ଇଂଲିଶ ଭାଷାରେ ଲିଖିତ ଏହି ପୁସ୍ତକ ଆଗାମୀ ଦିନରେ ଓଡିଆ ଏବଂ ହିନ୍ଦୀ ଭାଷାରେ ପ୍ରକାଶ ପାଇବ ବୋଲି ଲେଖକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଖକ ହରପ୍ରସାଦ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ଡ. ଯତୀନ ନାୟକ, ଅଧାପକ ଡ. ସଞ୍ଜୟ ଆଚାର୍ଯ୍ୟ ଏବଂ ଶିକ୍ଷାବିତ୍ ପ୍ରୀତିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଇଚ୍ଛାପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୟଙ୍ଗଷ୍ଟାର କ୍ଲବ ଚାମ୍ପିୟନ



ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

**ବୋଲଗଡ଼,୧୯।୧୨(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଖେଳପଡ଼ିଆରେ ୩ଦିନ ଧରି ଚାଲିଥିବା ଷଷ୍ଠତମ ଇଚ୍ଛାପୁର ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମରଦାବାଡି ଟିମ୍‌କୁ ୭୪ରନରେ ହରାଇ ବୋଲଗଡ଼ର ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିତି ୟଙ୍ଗଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ମରଦାବାଡି ଟିମ୍ ୯ ଉଇକେଟ ବିନିମୟରେ ୩୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ସମିତିସଭ୍ୟ ପ୍ରଦୀପ କୁମାର ସାହୁ, ବୋଲଗଡ ସମିତି ସଭ୍ୟ ବୀର ଦାସ, ଦୁର୍ଯ୍ୟୋଧନ ସ୍ୱାଇଁ, ଦିଲୀପ ଦତ୍ତ, ପ୍ରଭାତ କୁମାର ପ୍ରଧାନ, ସଞ୍ଜୀବ ଜଗଦେବ, ବୁଲୁ ସାହ, ଶୁଭେନ୍ଦୁ ସାହୁ ଯୋଗଦେଇଥିଲେ। ବିଧାୟକ ସାହୁ ଚାମ୍ପିୟନ ଟିମକୁ ୧୦ହଜାର ଟଙ୍କା ସହିତ କପ୍ ପ୍ରଦାନ କରିଥିଲେ। ସେହିପରି ବୁଲୁ ସାହୁ ରନର୍ସଅପ ଦଳକୁ ୬୦୦୦ ଟଙ୍କା ସହ କପ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଆଲୋକସଜ୍ଜା ସହ ମେଲୋଡି କାର୍ଯ୍ୟକ୍ରମ, ଆତସବାଜି ପ୍ରଦର୍ଶନ ଓ ହାସ୍ୟ ଅଭିନେତା ସୁମନଙ୍କ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା।




ଭୁବନେଶ୍ୱର ବୁଦ୍ଧମନ୍ଦିର ପରିସରରେ ରବିବାର ଆଶ୍ରା କ୍ଲବର ବିଂଶତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିମାନେ କବି ନରେନ୍ଦ୍ର ନାଥ ଦାଶଙ୍କ ରଚିତ ଗୀତିକବିତା ପୁସ୍ତକ ‘ପ୍ରୀତି ପ୍ରମୋଦିନୀ’କୁ ଲୋକାର୍ପଣ କରୁଛନ୍ତି।




ନିମାପଡ଼ା ଆଦର୍ଶ କଲ୍‌ଚରାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁକଳା ପ୍ରତିଯୋଗିତା ସମାରୋହ ଓ ଚିତ୍ରାଙ୍କନ ପ୍ରଦର୍ଶନୀରେ ଭାଗ ନେଇଥିବା ପିଲାମାନେ।



ପୁରୀ ସୁରଜ ମଲ୍ଲ ଶାହା କଲେଜ ଆନୁକୂଲ୍ୟରେ ବାରବାଟୀଜାଗା କଲ୍ୟାଣମଣ୍ଡପରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

## ସଂକ୍ଷେପରେ

### ବିଜ୍ଞାନ ପ୍ରଚାର ସମିତିର ବାର୍ଷିକ ଉତ୍ସବ

କଟକ ଅଫିସ,୧୯।୧୨- ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦବିଜ୍ଞାନ ବକ୍ତୃତା କକ୍ଷରେ ବିଜ୍ଞାନ ପ୍ରଚାର ସମିତିର ୭୨ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ସିଦ୍ଧାର୍ଥ ଦାସ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ଅଜୟ କୁମାର ପରିଡ଼ାଙ୍କୁ ବିଜ୍ଞାନରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଫେସର ସୁଦର୍ଶନ ପଟ୍ଟନାୟକ, ପ୍ରମୋଦ କୁମାର ମିଶ୍ର, ଡ. ଜ୍ୟୋତ୍ସ୍ନା ମହାପାତ୍ର, ଡା ଆଲୋକ କାନୁନ୍‌ଗୋ, ଡ. ସଂଘମିତ୍ରା ସାମନ୍ତରାୟ, କବିତା ପାଟ୍ଟଶାଣୀ, ଡ. ପଦନ କୁମାର ଜେନାଙ୍କୁ ସମ୍ମାନିତ କରାଯାଇଛି।

### ସହରକୁ ସ୍ୱଚ୍ଛ ରଖିବା ଆମର ଦାୟିତ୍ୱ

କଟକ ଅଫିସ,୧୯।୧୨- କଟକ ବାରବାଟୀ ଦୁର୍ଗ ପାର୍ଶ୍ୱର ଉନ୍ନତୀକରଣ କରାଯାଉଛି। ହେଲେ ଏହା ସମ୍ମୁଖରେ ଆବର୍ଜନା ଜମି ରହିଛି। ଏହାକୁ ଦୃଷ୍ଟିରେ ରଖି ରବିବାର ସିଲ୍‌ଭର ସିଟି କଟକ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦୁର୍ଗ ଚତୁଃପାର୍ଶ୍ୱକୁ ସଫେଇ କରାଯାଇଥିଲା। ସହରକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଟ୍ରଷ୍ଟର ସଦସ୍ୟମାନେ କହିଛନ୍ତି। ଇତିହାସର ମୂକ ସାକ୍ଷୀ ବାରବାଟୀ ଦୁର୍ଗର ପୁନରୁଦ୍ଧାର ସହିତ ଏହାର ଚତୁଃପାର୍ଶ୍ୱକୁ ସ୍ୱଚ୍ଛ ରଖିବା ଦିଗରେ ପ୍ରଶାସନ ଓ ସ୍ଥାନୀୟଲୋକେ ସଚେତନ ହେବା ଜରୁରୀ। ଏଥିସହ ଆମର ଐତିହ୍ୟର ସୁରକ୍ଷା ଆମର ଦାୟିତ୍ୱ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ଅଭିଜିତ ପୃଷ୍ଟି କହିଛନ୍ତି।

### ଆଜାଦୀ କା ଅମୃତ ମହୋତ୍ସବ

ଚୌଦ୍ୱାର,୧୯।୧୨(ଡି.ଏନ.ଏ.)- ଚୌଦ୍ୱାର ସ୍ଥିତ କଳିଙ୍ଗ ବିଦ୍ୟାପୀଠରେ ଆଜାଦୀ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ଗୌତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କୁଇଜ୍ କାର୍ଯ୍ୟକ୍ରମରେ ନିମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରମୋଦ ନାୟକ, ସାମାଜିକ କର୍ମୀ ଅକ୍ଷୟ ରାଉତରାୟ, ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ରାଜକିଶୋର ସ୍ୱାଇଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତ୍ରିଲୋଚନ ଦାସ, ସସ୍ମିତା ମଣ୍ଡଳ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ନେତାଜୀ ଖେଳପଡ଼ିଆ, ପାଠାଗାର ଉଦ୍‌ଘାଟିତ

ଚୌଦ୍ୱାର,୧୯।୧୨(ଡି.ଏନ.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତର ବନ୍ଦାଳଠାରେ ନେତାଜୀ ସ୍ପୋର୍ଟ୍ସ ଗ୍ରାଉଣ୍ଡ ଓ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଏଥିସହ ଉକ୍ତ ସ୍ଥାନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିକୁ ବିଧାୟକ ଲୋକାର୍ପିତ କରିଥିଲେ। ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବାଇକ୍ ଶୋଭାଯାତ୍ରା ଦେବୀନଗର ଗ୍ରାମରୁ ବାହାରି ପଞ୍ଚାୟତ ପରିକ୍ରମା କରିଥିଲା। ପରେ ନେତାଜୀ ଷ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ କଟକ ବିଡାନାସୀ ଓ ଶେଖ୍‌ବଜାର ମହିଳା ଟିମ୍ ମଧରେ ଫୁଟ୍‌ବଲ ମ୍ୟାଚ୍ ହୋଇଥିଲା। ଏଥିରେ ବିଡାନାସୀ ଟିମ୍ ୧-୦ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟମାନଙ୍କ ମଧରେ ଧାବିକା ଦୁତୀ ଚାନ୍ଦ, ବ୍ଲକ ଅଧକ୍ଷା ଜୟଶ୍ରୀ ପ୍ରଧାନ, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ସମିତିସଭ୍ୟା କଳ୍ପନା ରାଉତ, ମନୋରଞ୍ଜନ ସ୍ୱାଇଁ, ଲକ୍ଷ୍ମଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ବଢୁଛି ବିଦେଶୀ ଫୁଲଚାରାର ଚାହିଦା

କଟକ ଅଫିସ,୧୯।୧୨



ଶୀତଋତୁରେ ଦେଶୀବିଦେଶୀ ଫୁଲଚାରାର ଚାହିଦା ବଢିଥାଏ। ଘର ଚତୁଃପାର୍ଶ୍ୱ ଓ ଛାତ ଉପରେ ବିଭିନ୍ନ ପ୍ରକାର ଫୁଲଚାରା ଲଗାଇବା ପାଇଁ କଟକ ସହରବାସୀ ବନ ବଳାଇଥାନ୍ତି। ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ପଶ୍ଚିମବଙ୍ଗରୁ ବ୍ୟବସାୟୀମାନେ ଆସି କଟକ ବାରବାଟୀ ଷ୍ଟାଡିୟମ ରାସ୍ତା, ଓଏମ୍‌ପି, ରାଣୀହାଟ, ଦୋଳମୁଣ୍ଡାଇ, ହାଇକୋର୍ଟ ଛକ, ଛତ୍ରବଜାର, ମଙ୍ଗଳାବାଗ, ମାତୃଭବନ ଭଳି ଅନେକ ସ୍ଥାନରେ ବିଭିନ୍ନ ଫୁଲଚାରା ବିକ୍ରି କରୁଛନ୍ତି। ସେଥିମଧ୍ୟରୁ ଗେଣ୍ଡୁ, ଚମ୍ପା, ଗଙ୍ଗଶିଉଳି, ବାଙ୍ଗାଲୋର ମନ୍ଦାର, ପୁଣେ ମନ୍ଦାର, ଶ୍ରୀଲଙ୍କା ଭୁଟାନ ଟଗର, ଅର୍କିଡ୍, ସେବତୀ, ଡାଲିଆ, ଡ୍ୟାନ୍ଥସ୍, ପିଟୁନିଆ, ଚେରି ଗୋଲ୍ଡ ଅଷ୍ଟ୍ରିଆ, ଜିନିଆ, ସାଲଭିଆ, ଜାରବେରା, ବାଙ୍ଗାଲୋର ମିନି ଡାଲିଆ ଭଳି ଫୁଲ ଅଧିକ ମାତ୍ରାରେ ବିକ୍ରି ହେଉଛି। ଦେଶୀ ଚାରା ଅପେକ୍ଷା ହାଇବ୍ରିଡ୍ ଚାରାରେ ଅଧିକ ଫୁଲ ଫୁଟୁଥିବାରୁ ଏହାର ଚାହିଦା ଅଧିକ ରହିଛି। ବିଭିନ୍ନ ଚାରାର ମୂଲ୍ୟ ୧୦ ଟଙ୍କାରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

**ପସରା ମେଲାଇଛନ୍ତି ପଶ୍ଚିମବଙ୍ଗ ବ୍ୟବସାୟୀ**

ଏହି ଚାରାଗୁଡ଼ିକ ଲଗାଇବା ପାଇଁ ପ୍ଲାଷ୍ଟିକ୍ ପାତ୍ର, ରଙ୍ଗବେରଙ୍ଗର ଝୁଲନ୍ତା କୁଣ୍ଡ ମଧ ବିକ୍ରି ହେଉଛି। ଏଗୁଡ଼ିକ କିଣିବା ପାଇଁ ଲୋକଙ୍କ ଭିଡ ଜମୁଛି। ଅନ୍ୟପକ୍ଷରେ ସରକାରୀ ସ୍ତରରେ କୌଣସି ସ୍ଥାନରେ ଚାରା ବିକ୍ରି ହେଉ ନାହିଁ। ଫଳରେ ଲୋକମାନେ ବାଧ ହୋଇ ବଜାରରୁ ଅଧିକ ଦାମ୍‌ରେ ଫୁଲଚାରା କିଣିବାକୁ ବାଧ ହେଉଛନ୍ତି। ଏହା ଉପରେ ଦୃଷ୍ଟି ଦିଆଯିବାକୁ ସେମାନେ ଦାବି କରିଛନ୍ତି।

### ଏମାନେ କୁହନ୍ତି...

“ ଖାନ୍‌ନଗର ପାର୍କ ନିକଟରେ ପୂର୍ବରୁ ସିଏମ୍‌ସି ନର୍ସରି ଥିଲା। ସେଠାରୁ ସୁଲଭ ମୂଲ୍ୟରେ ଚାରା କିଣୁଥିଲି। ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ନର୍ସରି ଭଙ୍ଗି ଦିଆଗଲା। ବର୍ତ୍ତମାନ ପର୍ଯ୍ୟନ୍ତ ନୂତନ ନର୍ସରି ଖୋଲାଯାଉନାହିଁ। ଫଳରେ ଅଧିକ ଦରରେ ବଜାରରୁ ଚାରା କିଣିବାକୁ ପଡୁଛି।

**-ଦୀପ୍ତିମୟୀ ଖଟୁଆ, ସ୍ଥାନୀୟ ବାସିନ୍ଦା**

“ କଟକରେ ବହୁବର୍ଷ ହେବ ଚାରା ବିକ୍ରି କରୁଛି। ପୂର୍ବରୁ ଏଭଳି ଚାହିଦା ନ ଥିଲା। ଏବେ ବଗିଚା ଓ ଛାତ ଉପରେ ଫୁଲଚାରା ଲଗାଇବା ପାଇଁ ଲୋକଙ୍କ ଆଗ୍ରହ ବଢୁଛି। ଏହାକୁ ଦୃଷ୍ଟିରେ ରଖି ବାହାରୁ ଚାରା ଆଣିବାକୁ ପଡୁଛି। ଫଳରେ ବିଦେଶୀ ଫୁଲଚାରାର ଦାମ ଅଧିକ ରହୁଛି।

**-ରାଜକୁମାର ସରକାର, ନର୍ସରି ମାଲିକ**

“ ସିଡିଏ ସେକ୍ଟର-୧୦ସ୍ଥିତ ଆମ୍ବ ବଗିଚାରେ ନର୍ସରି କାର୍ଯ୍ୟ ଚାଲିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେଲେ ଲୋକମାନେ ଉପକୃତ ହେବେ।

**-ଅଜୟ କୁମାର ମହାନ୍ତି, ଡେପୁଟି କମିଶନର, ସିଏମ୍‌ସି**



କଟକ ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟ ମଣ୍ଡଳ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

## ଶୀତ ଶିବିର ଉଦ୍‌ଘାଟିତ

କଣ୍ଟାପଡା, ୧୯।୧୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅଧୀନ ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ୭ ଦିନ ଧରି ଚାଲିବାକୁ ଥିବା ଶୀତ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅଧାପକ ଡ଼ ପ୍ରିୟବ୍ରତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଗଣିତ ବିଭାଗର ଅଧାପକ ମହେନ୍ଦ୍ର କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ଅଧାପକ ସନ୍ତୋଷ କୁମାର ମାଝୀ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ ଛାତ୍ର ଦିବ୍ୟସିଂହ ସେଠୀ, ବିସ୍ମୟ ପାତ୍ର, ଅମୀୟ ରାଉତଙ୍କ ସମେତ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିବାବେଳେ ରାକେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କଣ୍ଟ୍ରାକ୍ଟୁଆଲ, ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରାଯାଉ

କଟକ ଅଫିସ,୧୯।୧୨

ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରବିବାର କଟକ ମାଛୁଆ ବଜାରସ୍ଥିତ କାର୍ଯ୍ୟାଳୟରେ ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କଣ୍ଟ୍ରାକ୍ଟୁଆଲ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ବିନା କଟକଣାରେ ସ୍ଥାୟୀ କରିବା, ୧୮ ମାସର ଏରିୟର ମହଙ୍ଗା ଭତ୍ତା ସହ ୨୦୨୧ ଜୁଲାଇରୁ ୩୫ ପ୍ରତିଶତ ମହଙ୍ଗା ଭତ୍ତା ପ୍ରଦାନ, ୨୦୧୬ରୁ ସଂଶୋଧିତ ବର୍ଦ୍ଧିତ ଘରଭଡ଼ା ପ୍ରଦାନ, ଜିଲାସ୍ତରୀୟ ଅମଲାମାନଙ୍କ ପଦବୀ ପରିବର୍ତ୍ତନକୁ ସବୁସ୍ତରରେ ଲାଗୁ କରିବାରେ ରାଜ୍ୟ ସରକାର ନିଷ୍କ୍ରିୟ। ଏହାର ପ୍ରତିବାଦରେ ଆସନ୍ତା ଫେବୃୟାରୀ ୭ ତାରିଖରେ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରାଯିବ। ସେହିପରି ଆସନ୍ତା ମାର୍ଚ୍ଚ ୯ରେ ରାଜଧାନୀ ଅଭିମୁଖେ ଯିବେ। ଏହାସତ୍ତ୍ୱେ ଦାବି ପୂରଣ ନ ହେଲେ ମାର୍ଚ୍ଚ ୨୩ ଓ ୨୪ ତାରିଖରେ ସର୍ବଭାରତୀୟ ଧର୍ମଘଟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏଥିରେ ସଙ୍ଗଠନ ସଭାପତି ଲିଙ୍ଗରାଜ ମହାନ୍ତି, କାର୍ଯ୍ୟକାରୀ ସଭାପତି ସୁଦର୍ଶନ ପ୍ରଧାନ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ। ଏହି ଅବସରରେ ୟୁକୋ ବ୍ୟାଙ୍କ କର୍ମଚାରୀ ସଂଘର ସର୍ବଭାରତୀୟ ସଭାପତି ପ୍ରକାଶ ଚନ୍ଦ୍ର ରାୟ ଯୋଗଦେଇ ସମିତିର ବାର୍ଷିକ ବିଶେଷାଙ୍କ ‘ସଂଗ୍ରାମର ବାର୍ତ୍ତା’ ଉନ୍ମୋଚନ କରିଥିଲେ । କର୍ମଚାରୀ ନେତା ବସନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଜାଇକା କାର୍ଯ୍ୟ ତଦାରଖ କଲା ପ୍ରତିନିଧି ଦଳ

କଟକ ଅଫିସ, ୧୯।୧୨

ରୋଟାରୀ କ୍ଲବ୍ କଟକ ଇଷ୍ଟର ଏକ ପ୍ରତିନିଧି ଦଳ ରବିବାର ସହରର ଜାଇକା କାର୍ଯ୍ୟ ତଦାରଖ କରିଥିଲେ। ଉକ୍ତ ଟିମ୍ ସଦସ୍ୟମାନେ ମହାନଦୀ ବିହାର ମଙ୍ଗଳାଛକରୁ ଜଷ୍ଟିସ ଛକ ରାସ୍ତା ନିର୍ମାଣ, ଅପର୍ଣ୍ଣା ନଗରର ସିଦ୍ଧେଶ୍ୱର ମନ୍ଦିରରୁ ନୂଆବଜାର ପର୍ଯ୍ୟନ୍ତ ପାଇପ କନେକ୍‌ସନ ବିଳମ୍ବ ସମ୍ପର୍କରେ ଜାଇକା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜାଇକା ଇଞ୍ଜିନିୟର ଓ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ସିଭିଲ ଇନ୍ସପେକ୍ଟର ଭାସ୍କର ସାମନ୍ତ ମଙ୍ଗଳା ମନ୍ଦିର ଛକରୁ ଜଷ୍ଟିସ ଛକ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଏକ ସପ୍ତାହ ମଧରେ ଶେଷ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜାଇକାର ପାଇପ କନେକଶନ ପାଇଁ ୩ ହଜାର ଟଙ୍କା ଦେୟ ଦେବାକୁ ପଡୁଛି। ଏଥିପାଇଁ ଲୋକମାନେ ପାଇପ କନେକଶନ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି ବୋଲି ପ୍ରତିନିଧି ଦଳର ସଦସ୍ୟମାନେ କହିଛନ୍ତି। ଏହି ପରିଦର୍ଶନରେ ଅନ୍ୟମାନଙ୍କ ମଧରେ କ୍ଲବ ଉପସଭାପତି ସୁଶାନ୍ତ ପଣ୍ଡା, ଇଂ. ପ୍ରଭାକର ବସ୍ତିଆ, ସ୍ମିତି ରଞ୍ଜନ ଷଡଙ୍ଗୀ, ଜାଇକା ଡ୍ରେନେଜ କନ୍‌ଷ୍ଟ୍ରକଶନ ଇଂ. ଗୋପେସ ଶ୍ରୀବାସ୍ତବ, ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟର ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ କନ୍‌ସଲଟାଣ୍ଟ ଇଂ. ଅଜୟ ରଥ, ଇଂ. ଭାସ୍କର ଓଝା, ଓଡ଼ିଶା ସ୍ୱେରେଜ ବୋର୍ଡର ଇଂ. ଦେବାଶିଷ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରାହ୍ମଣବସ୍ତ ଜଙ୍ଗଲରେ ହାତୀ ଗୋଡ଼ରେ କ୍ଷତ

ଖୁଣ୍ଟୁଣୀ, ୧୯।୧୨(ଡି.ଏନ୍.ଏ.)

**ଚିକିତ୍ସା ପାଇଁ ଆସିଲା ବନ୍ୟପ୍ରାଣୀ ବିଶେଷଜ୍ଞ ଦଳ**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲ ନିକଟ ବରଦେଇ ଠାକୁରାଣୀ ପାଟରେ ଏକ କ୍ଷତାକ୍ତ ମାଈହାତୀକୁ ଠାବ କରାଯାଇଛି। ହାତୀଟିର ପଛପଟ ଡାହାଣ ଗୋଡ଼ରେ ବଡ଼ କ୍ଷତଚିହ୍ନ ଥିବା ଜଣାପଡ଼ିଛି। ଏହି ହାତୀକୁ ଅନ୍ୟ ଦନ୍ତାହାତୀ ଭୁସିଥିବା ଅଥବା ଜଙ୍ଗଲରେ ଖୁଣ୍ଟା ବାଜି କ୍ଷତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ଖବରପାଇ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର, ଆଠଗଡ଼ ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବ, ଏସିଏଫ ଘନଶ୍ୟାମ ମୁଦୁଲି, ଫରେଷ୍ଟର ରାକେଶ ଦଳେଇ, ସରୋଜ ପଣ୍ଡା ଓ ଦିବ୍ୟସିଂହ ପରିଡା ପ୍ରମୁଖ ହାତୀ ଟ୍ରାକରମାନଙ୍କ ସହ ଯାଇ ସତର୍କତାର ସହ ହାତୀକୁ ଠାବ କରିଥିଲେ। ହାତୀଟିର ଚିକିତ୍ସା ପାଇଁ ରବିବାର ଡ. କିଶୋର କୁମାର ସାହୁଙ୍କ ନେତୃତ୍ୱରେ ସାତକୋଶିଆ ଅଭୟାରଣ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞ ଦଳର ୪ ଜଣିଆ ଟିମ୍ ଖୁଣ୍ଟୁଣୀ ବନାଞ୍ଚଳରେ ପହଞ୍ଚିଛନ୍ତି। ହେଲେ ହାତୀଟି ଅନ୍ୟ ହାତୀମାନଙ୍କ ମଧରେ ରହିଥିବାରୁ ଟ୍ରାଙ୍କୁଲାଇଜ କରିବା କଷ୍ଟକର ହୋଇପଡୁଛି। ଅସୁସ୍ଥ ହାତୀଟି ଅନ୍ୟମାନଙ୍କଠାରୁ ଅଲଗା ହେବା ପାଇଁ ବିଶେଷଜ୍ଞ ଦଳ ଓ ଜଙ୍ଗଲ ବିଭାଗ କର୍ମଚାରୀ ଉଦ୍ୟମ ଜାରି ରଖିବେ ବୋଲି ଡିଏଫଓ ଯାଦବ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସନ୍ତୋଷ



@ ବିଶ୍ୱପ୍ରକାଶ



@ ଶିଖା



@ ରାଜଶ୍ରୀ



@ ତୁଷାର



@ ବିକାଶ

## ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ

କଟକ ଅଫିସ,୧୯।୧୨

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ରବିବାର ହାଇକୋର୍ଟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ ଚିତ୍ରକର ରବିନାରାୟଣ ରଥଙ୍କ ସମେତ ଅନ୍ୟ ବିଚାରପତି ଉପସ୍ଥିତ ଥିଲେ। ଏହି ଅବସରରେ ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ଏହି କ୍ୟାଲେଣ୍ଡରରେ ରାଜ୍ୟର ବଛାବଛା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଦ୍ୱାରା ପରିବାର ଶୀର୍ଷକ ଚିତ୍ରାଙ୍କନ ସ୍ଥାନ ପାଇଛି। ଜଷ୍ଟିସ ଏସ୍.କେ. ସାହୁ ସ୍ୱାଗତ ଭାଷଣ ଓ ଜଷ୍ଟିସ ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୪ ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲା ଓ ପରିବାର ଅଦାଲତ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତି ଜିଲାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା। ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୧୨ଟି ଚିତ୍ରକୁ ଚୟନ କରାଯାଇ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଛି।





ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଲୱେ ହାଇସ୍କୁଲ ପୁରାତନ ଛାତ୍ର ସଂସଦ (ରୋଜା)ର ୧୪ତମ ବାର୍ଷିକ ଉତ୍ସବରେ ରବିବାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବଡ଼ଦିନର ଅବ୍ୟବହିତ ପୂର୍ବରୁ କଟକ ସୁତାହାଟ ଅଞ୍ଚଳର ବେକେରୀ କାରଖାନାରେ କେକ୍ ପ୍ରସ୍ତୁତ କରାଯାଉଛି।



ପୁରୀସ୍ଥିତ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବ ଫଳକ ଉନ୍ମୋଚନ କରୁଛନ୍ତି।

# ସଂରକ୍ଷଣ ତାଲିକାକୁ ନେଇ ତେଜୁଛି ଅସନ୍ତୋଷ

**ବିଏମ୍‌ସି ପୌର ନିର୍ବାଚନ**

- ଅଭିଯୋଗପତ୍ର ଦାଖଲ କଲେ ଅସନ୍ତୁଷ୍ଟ
- କ୍ଷମତା ଛଡ଼ାଇ ନେବାକୁ ଚକ୍ରାନ୍ତ ହୋଇଥିବା କହିଲେ
- ସୀମା ନିର୍ଦ୍ଧାରଣ ଓ ମାନଚିତ୍ରରେ ତଥ୍ୟ ଭିନ୍ନ

ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପରେ ରାଜ୍ୟରେ ପୌର ନିର୍ବାଚନ ହେବ। ସମୟ ପାଖେଇ ଆସୁଥିବାବେଳେ ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ରାଜନୀତି ସରଗରମ ହେବାରେ ଲାଗିଛି। ଇତିମଧ୍ୟରେ ଗତ ୧୦ ତାରିଖରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇଛି। ତେବେ ଏହି ତାଲିକାକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଛି। ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତି ଚଳାଇଥିବା ଆଶାୟୀ ପ୍ରାର୍ଥୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ଦ୍ଧାରିତ ସମୟର ଶେଷ ଦିବସରେ ରବିବାର ବିଭାଗ ନିକଟରେ ଏକାଧିକ ଅଭିଯୋଗପତ୍ର ଦାଖଲ ହୋଇଥିବା ସୂଚନା ମିଳିଛି। ପ୍ରକାଶ ପାଇଥିବା ତାଲିକାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ବଦଳା ନ ଗଲେ ନ୍ୟାୟାଳୟର ଆଶ୍ରୟ ନେବାକୁ ମଧ୍ୟ ସେମାନେ ଚେତାବନୀ ଦେଇଛନ୍ତି। ବିଭାଗ ପକ୍ଷରୁ ପ୍ରକାଶିତ ତାଲିକା ଅନେକଙ୍କ ରାଜନୈତିକ ଜୀବନରେ ପୂର୍ଣ୍ଣଚ୍ଛେଦ ପକାଉଥିବା ପୂର୍ବତନ କର୍ପୋରେଟରମାନେ ଆଶଙ୍କା କରିଛନ୍ତି। ଉକ୍ତ ତାଲିକା ଅନୁଯାୟୀ ସଂରକ୍ଷଣ ହେଲେ ସମ୍ପୃକ୍ତ ୱାର୍ଡରେ ନିଜେ କିମ୍ବା ସମ୍ପର୍କୀୟ ନିର୍ବାଚନ ଲଢି ପାରିବେ ନାହିଁ। ତେଣୁ ସେମାନେ ବିବ୍ରତ ହୋଇପଡିଛନ୍ତି। ଏପରିକି ମହାନଗର ନିଗମରେ ଭଲ କାମ କରିଥିବା କେତେଜଣ ପୂର୍ବତନ କର୍ପୋରେଟରଙ୍କଠାରୁ କ୍ଷମତା ଛଡାଇ ନେବା ପାଇଁ ଏଭଳି ଚକ୍ରାନ୍ତ କରାଯାଇଥିବା ଅଭିଯୋଗ ହୋଇଛି। ୬୭ନଂ. ୱାର୍ଡ ଏଥର ପଛୁଆବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏ ସଂକ୍ରାନ୍ତରେ ପୂର୍ବତନ କର୍ପୋରେଟର ଦେବୀ ପ୍ରସାଦ ନନ୍ଦ ତୀବ୍ର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ସ୍ୱାଧୀନ ଭାବେ ଠିଆ ହୋଇ ନିର୍ବାଚନ ଜିତିଥିଲି। ପରେ ସରକାରୀ ଦଳରେ ସାମିଲ ହୋଇ ବହୁ କାମ କରିଛି। ଅନ୍ୟ କୌଣସି ୱାର୍ଡରୁ ନିର୍ବାଚନ ଲଢ଼ିବି ନାହିଁ। ମୋ ଭଳି ଅନେକ ଏଭଳି ଅଭିଯୋଗ ପିଟିଶନ ଦାଖଲ କରିଛନ୍ତି। ଚୂଡ଼ାନ୍ତ ତାଲିକା ଆସିବା ପରେ ଆମେ କୌଣସି ନିଷ୍ପତ୍ତି ନେବୁ। ଆବଶ୍ୟକ ପଡିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ। ଅପରପକ୍ଷେ ଆଉ କେତେଜଣ କର୍ପୋରେଟର ନିଜର ପୂର୍ବ ୱାର୍ଡକୁ ଫେରିବାକୁ ମସୁଧା କରୁଛନ୍ତି। ଚଳିତଥର ୨୧ ନମ୍ବର ୱାର୍ଡ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ତେଣୁ ପୂର୍ବତନ କର୍ପୋରେଟର ପ୍ରେମାନନ୍ଦ ଜେନା ଏଥର ନିଜର ପୁରୁଣା ୱାର୍ଡ ୧୬ରୁ ନିର୍ବାଚନ ଲଢିବେ ବୋଲି ସଂକେତ ଦେଇଛନ୍ତି। ୨୨ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ହରେକୃଷ୍ଣ ନାଏକଙ୍କ କହିବା ଅନୁଯାୟୀ, ଗତଥର ଏଠାରେ ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ ଏବେ ଏଠାରେ ଏସ୍‌ଟି ମହିଳାଙ୍କ ପାଇଁ ସଂରକ୍ଷଣ କରାଯାଇଛି। ୱାର୍ଡରେ ଜନସଂଖ୍ୟାକୁ ଦେଖି ସଂରକ୍ଷଣ ତାଲିକା ପ୍ରକାଶ କରିବା କଥା, ଯାହାକି ହୋଇନାହିଁ। କେବଳ ସେତିକି ନୁହେଁ, ସଂରକ୍ଷଣ ତାଲିକା ସହିତ ସୀମା ନିର୍ଦ୍ଧାରଣକୁ ନେଇ ମଧ୍ୟ ବିବାଦ ଦେଖାଦେଇଛି। ମଳିପଡ଼ା ଓ ଗୋଠପାଟଣା ଗ୍ରାମ ପଞ୍ଚାୟତରେ ଥିଲେ ବି ତାହାକୁ ୨୨ନମ୍ବର ୱାର୍ଡ ସହ ମିଶାଯାଇଥିବା ନେଇ ରାଜ୍ୟ ସରକାରଙ୍କ ମାନଚିତ୍ରରେ ଦର୍ଶାଯାଇଛି। ଶାମପୁର ମୌଜା ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି ଅନୁଯାୟୀ ୨୩ ନମ୍ବର ୱାର୍ଡ ଅଧୀନରେ ଆସୁଥିବାବେଳେ ମାନଚିତ୍ରରେ ୨୨ ନମ୍ବର ୱାର୍ଡରେ ଥିବା ଦର୍ଶାଯାଇଛି। ତେଣୁ ଏହାକୁ ବିରୋଧ କରି ହରେକୃଷ୍ଣ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଗତ ୩ବର୍ଷ ହେବ ପୌର ନିର୍ବାଚନ ହୋଇ ପାରୁ ନ ଥିବାରୁ ପ୍ରଶାସକଙ୍କ ଦ୍ୱାରା ବିଏମ୍‌ସି ପରିଚାଳିତ ହେଉଛି। ତେଣୁ ଏଥରର ନିର୍ବାଚନ ଉପରେ ସମସ୍ତଙ୍କର ନଜର ରହିଛି।

## ସଂକ୍ଷେପରେ

### 'ପୂଜ୍ୟପୂଜା ପରମ୍ପରା ଓଡ଼ିଆ ଜାତିର ଗର୍ବ ଆଉ ଗୌରବ'

ନିଶ୍ଚିନ୍ତକୋଇଲି,୧୯।୧୨ (ସ୍ୱ.ପ୍ର.) - ଓଡ଼ିଆ ଜାତି ସମଗ୍ର ବିଶ୍ୱ ଦରବାରରେ ତାର ପରମ୍ପରା ଓ ସଂସ୍କୃତି ପାଇଁ ଗର୍ବିତ। ପୂଜ୍ୟପୂଜା ପରମ୍ପରା ଓଡ଼ିଆ ଜାତିର ଗର୍ବ ଆଉ ଗୌରବ ବୋଲି ୨ ନେତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ସାନ୍ତପୁର ପଞ୍ଚାୟତରେ ଥିବା ଚିତ୍ରୋତ୍ପଳା ନଦୀର ଅଚ୍ୟୁତାନନ୍ଦ ସେତୁର ଆଦ୍ୟରେ ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରା ଓ ପ୍ରାନ୍ତରେ ପୂର୍ବତନ ବିଧାୟକ ମାୟାଧର ସେଠୀଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚନ କରାଯାଇଥିଲା। ଏଥିରେ ଅଭ୍ୟର୍ଥନା କମିଟିର ସଭାପତି ଭୈରବ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମୁଖ୍ୟବକ୍ତାଭାବେ ଓଡିଶା ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଓ ସମ୍ମାନିତ ଅତିଥିଭାବେ ଡାକ୍ତର ରଶ୍ମିତା ସେଠୀ ଯୋଗଦେଇ ୨ ନେତାଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସାନ୍ତପୁର ପଞ୍ଚାୟତର ନୂତନ ଗୃହର ଲୋକାର୍ପଣ ସହ କଲ୍ୟାଣମଣ୍ଡପର ଶିଳାନ୍ୟାସ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର, ସରପଞ୍ଚ ବିଜୟଲକ୍ଷ୍ମୀ ମୁଦୁଲି, ରମେଶ ଚନ୍ଦ୍ର ସ୍ୱାଇଁ ଓ ଅଚ୍ୟୁତାନନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ନୃସିଂହ ଚରଣ ମୁଦୁଲି ଧନ୍ୟବାଦ ଦେଇଥିଲେ।

### ଶିବିରରୁ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ

କଟକ ଅଫିସ,୧୯।୧୨- ଜଗତପୁର ଆଇବି ରୋଡସ୍ଥିତ ବିଜୁବାବୁ କଲୋନୀରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ମିଳିତ ଆନୁକୂଲ୍ୟରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୧୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟ ଅତିଥି ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଅନ୍ୟ ଅତିଥି ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ପୂର୍ବତନ କର୍ପୋରେଟର ଦୀପାଳିବାଳା ଭୂୟାଁ, ସାମାଜିକ କର୍ମୀ ପବିତ୍ର ଭୂୟାଁ, ତାପସ ମହାନ୍ତି, ସୁବ୍ରତ ଘଡେଇ, ବିଜୟ ଭୂୟାଁ, ଲଳିତେନ୍ଦୁ ଶତପଥୀ ଓ ବିଶ୍ୱଜିତ ମହାନ୍ତିଙ୍କ ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

### ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବ ହୋମିଓପାଥି ଚିକିତ୍ସାଳୟ

ନିଶ୍ଚିନ୍ତକୋଇଲି, ୧୯।୧୨ (ସ୍ୱ.ପ୍ର.)- ଗ୍ରାମାଞ୍ଚଳରେ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ହୋମିଓପାଥି ଚିକିତ୍ସାଳୟ ସହାୟ ହେବ ବୋଲି ରବିବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ପ୍ରକାଶ କରିଛନ୍ତି। ଜନାର୍ଦ୍ଦନପୁର ପଞ୍ଚାୟତରେ ହୋମିଓପାଥି ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟନ କରି ସେ ଏହା କହିଛନ୍ତି। କଟକ ସଦର ନିର୍ବାଚନ ମଣ୍ଡଳୀର ଜନାର୍ଦ୍ଦନପୁର ପଞ୍ଚାୟତରେ ୪ଲକ୍ଷ ଟଙ୍କା ବିନିମୟରେ ହୋମିଓପାଥି ଚିକିତ୍ସାଳୟ ଲୋକାର୍ପଣ ହୋଇଥିବାବେଳେ ୬ଲକ୍ଷ ଟଙ୍କା ବିନିମୟରେ ମିଶନ ଶକ୍ତି ଗୃହ, ଗୋଷ୍ଠୀ ଶୌଚାଳୟ, ଥଣ୍ଡାପାନୀୟ ଜଳ ପ୍ରକଳ୍ପ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ହିତାଧିକାରୀମାନଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଛି। ସେହିଭଳି ଭାବେ କଳମିଶ୍ରୀ, ବନ୍ଧୁପୁର ଓ ସାନ୍ତପୁର ପଞ୍ଚାୟତରେ ବିଜୁସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବିଡିଓ କର୍ଣ୍ଣଦେବ ସମାଦ୍ଦାର,ଅଚ୍ୟୁତାନନ୍ଦ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ ,ବ୍ଲକ ବିଜେଡି କାର୍ଯକାରୀ ସଭାପତି ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

ସାଲେପୁର,୧୯।୧୨(ଡି.ଏନ୍.ଏ.)

ବିଦ୍ୟୁତ ସଂସ୍ପର୍ଶରେ ଆସି ସାଲେପୁର ଥାନା ଅଧୀନ କୋଲଣପୁର ଗ୍ରାମର ସନ୍ତୋଷ କୁମାର ପରିଡ଼ା(୪୫)ଙ୍କ ରବିବାର ମୃତ୍ୟୁ ଘଟିଛି। ସନ୍ଧ୍ୟାରେ ଘରେ କୌଣସି କାର୍ଯ୍ୟ କରୁଥିବାବେଳେ ହଠାତ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଚିକିତ୍ସା ଲାଗି ତାଙ୍କୁ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ତୋଷଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ସାଲେପୁର ଶିକ୍ଷା ମଣ୍ଡଳ ଅଧୀନ ରାମକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ। ସନ୍ତୋଷଙ୍କ ବିୟୋଗରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅଶୋକ ଓଝା ଓ କୋଲଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ଜେନା ଶୋକବ୍ୟକ୍ତ କରିଛନ୍ତି।

### ରାମଚଣ୍ଡୀ କ୍ରିକେଟ: ଶାଳିଜଙ୍ଗା ଚାମ୍ପିୟନ

ଟିଗିରିଆ, ୧୯।୧୨ (ଡି.ଏନ୍.ଏ.)

ଟିଗିରିଆ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାମଚଣ୍ଡୀ ପଡ଼ିଆରେ ଆୟୋଜିତ ୨ୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାଳିଜଙ୍ଗାର ମା'ରାମଚଣ୍ଡୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ସମୁଦାୟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜାଗିଆପଡ଼ା ଓ ଶାଳିଜଙ୍ଗା ମଧ୍ୟରେ ହୋଇଥିଲା। ଶାଳିଜଙ୍ଗା ପ୍ରଥମେ ବ୍ୟାଟିଂ କରି ୮୩ ରନ ସଂଗ୍ରହ କରିଥିଲା। ଜବାବରେ ଜାଗିଆପଡ଼ା ସମସ୍ତ ଉଇକେଟ ହରାଇ ୬୧ ରନ୍ ସଂଗ୍ରହ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାଜପା ନେତା ବ୍ରଜେନ୍ଦ୍ର କୁମାର ରାଏ, ସମ୍ମାନିତ ଅତିଥି ଭାବେ ଭାଜପାର ଟିଗିରିଆ ମଣ୍ଡଳ ସଭାପତି ସନ୍ତୋଷ ରାଉତ, ସ୍ମୃତିରଞ୍ଜନ ଦାଶ, ସୌଭାଗ୍ୟ ମହାନ୍ତି, ପଦ୍ମଚରଣ ଦାଶ, ବିଚିତ୍ର ଜେନା ଏବଂ ରମାକାନ୍ତ ସେନାପତି ଯୋଗଦେଇଥିଲେ। ବିଶ୍ୱଜିତ୍ ଜେନା, ସଞ୍ଜୟ ରାଉତ କ୍ରୀଡା ପରିଚାଳନା କରିଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

ମାହାଙ୍ଗା,୧୯।୧୨(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ଅକରପଡ଼ା ଗ୍ରାମରେ ରବିବାର ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଚିନ୍ମୟ ସାମନ୍ତରାୟ ଓ ଦେବୀପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଉପନ୍ଦ୍ରେ ସାମନ୍ତରାୟ ସଭାପତିତ୍ୱ କରି କହିଥିଲେ, ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ପଞ୍ଚାୟତବାସୀଙ୍କ ପାଇଁ ବହୁ ଜନକଲ୍ୟାଣ କାର୍ଯ୍ୟ କରାଯାଉ ଥିଲାବେଳେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଏଥିରୁ ଫାଇଦା ନେଉଛନ୍ତି। ସମ୍ମାନିତ ଅତିଥି ଭାବେ ଅକ୍ଷୟ ସେନାପତି, ଅବସରପ୍ରାପ୍ତ ପ୍ରଶାସକ ଚିତ୍ତରଞ୍ଜନ ବହୁରା, ନାରାୟଣ ଚନ୍ଦ୍ର ମହାନ୍ତି ଓ ମନୋରଞ୍ଜନ ଦାସଙ୍କ ସମେତ ବହୁ ସଙ୍ଗଠକ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟ ସବୁ ଲୋକଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ କରିଥିଲେ। ଏହି ଅବସରରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଭାବେ ଚିନ୍ମୟ ଓ ଦେବୀପ୍ରସାଦଙ୍କ ନାମ ଘୋଷଣା କରାଯାଇଥିଲା। ଏହି ପଞ୍ଚାୟତରେ ବ୍ଲକ ବିଜେଡି ସଭାପତିଙ୍କ ଘର ହୋଇଥିଲା ବେଳେ ତାଙ୍କ ସମେତ ପଞ୍ଚାୟତସ୍ତରୀୟ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳି ନ ଥିଲା।



ଦେବଦାସୀ ନୃତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ରବିବାର ଅନୁଷ୍ଠିତ 'ପ୍ରତ୍ୟାବର୍ତ୍ତନ'ରେ କଳାକାରମାନେ ବାଘ ନୃତ୍ୟ ପରିବେଷଣ କରୁଛନ୍ତି।

## 'ଯୁବ ଆଇନଜୀବୀ ଧୈର୍ଯ୍ୟ ରଖି କାମ କରନ୍ତୁ'

କଟକ ଅଫିସ,୧୯।୧୨

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାଗୃହରେ ଆଇନଜୀବୀ ପ୍ରଫୁଲ୍ଲ କୁମାର ଧଳଙ୍କ ଶ୍ରାଦ୍ଧବାର୍ଷିକୀ ଶନିବାର ପାଳିତ ହୋଇଯାଇଛି। ପୂର୍ବତନ ବିଚାରପତି ଏ.ଏସ୍. ନାଇଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ଜେନେରାଲ ଅଶୋକ ପରିଜା ଯୋଗଦେଇଥିଲେ। ମୁଖ୍ୟବକ୍ତା ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର କହିଥିଲେ, ଯୁବ ଆଇନଜୀବୀ ଧୈର୍ଯ୍ୟ ରଖି ଅକ୍ଲାନ୍ତ ପରିଶ୍ରମ କଲେ ଭବିଷ୍ୟତରେ ସଫଳତା ପାଇପାରିବେ। ଆଇନଜୀବୀ ସୁଶ୍ରୀ ମଧୁସ୍ମିତା ଦାଶ ବେଦପାଠ, ଉପେନ୍ଦ୍ର ସାମଲ ବିବରଣୀ ପାଠ, ଆଇନଜୀବୀ ସଞ୍ଜିତ ଦାସ ସଭା ପରିଚାଳନା ଓ ବାସୁ ଦୀପନ ଧଳ ଧନ୍ୟବାଦ ଦେଇଥିଲେ। ଆଇନଜୀବୀ ଲକ୍ଷ୍ମୀଧର ବିଶ୍ୱାଳ, ଅକ୍ଷୟ ଦାସ, ମହିତୋଷ ସିହ୍ନା, ଚିନାରୀ ଆନନ୍ଦରାଓ, ସନ୍ତୋଷ ସେନାପତି, ହରିହର ଦାଶ, ନାରାୟଣ ପ୍ରସାଦ ପରିଜା, ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ୍ଲ ପାତ୍ର, ଗୋପାଳକୃଷ୍ଣ ପରିଡ଼ା, ଚତୁର୍ଭୁଜ ହୋତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## 'ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟ'

କଟକ ଅଫିସ,୧୯।୧୨

କଟକ ସାରଳା ଭବନରେ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅରୁଣ କୁମାର ପରିଚ୍ଛା ଯୋଗଦେଇ କହିଥିଲେ, ଆଧୁନିକ ଓଡ଼ିଆ କବିତାର ପ୍ରବର୍ତ୍ତକ ଥିଲେ ସଚ୍ଚି ରାଉତରାୟ। ତାଙ୍କ ରଚିତ 'ଛୋଟ ମୋର ଗାଁଟି' କବିତା ଓଡ଼ିଆ ସାହିତ୍ୟରେ ଏକ କାଳଜୟୀ କୃତୀ ବୋଲି ପରିଚ୍ଛା କହିଥିଲେ । ମୁଖ୍ୟବକ୍ତା ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଥିଲେ, ସଚ୍ଚି ରାଉତରାୟଙ୍କ କାବ୍ୟପ୍ରତିଭା ସମଗ୍ର ଭାରତୀୟ ସାହିତ୍ୟରେ ବିରଳ। ସମ୍ମାନିତ ଅତିଥି ଇଂ. ପ୍ରଭାକର ସ୍ୱାଇଁ କହିଥିଲେ, ସଚ୍ଚି ରାଉତରାୟ ବିଶ୍ୱ ସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରି ଓଡ଼ିଆ ଭାଷାରେ ଯେଉଁ କବିତା ରଚନା କରିଛନ୍ତି, ତାହା ତାଙ୍କୁ ଚିରଦିନ ଅମର କରି ରଖିବ। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀହର୍ଷ ରାଉତରାୟ, ସ୍ୱର୍ଣ୍ଣ ମିଶ୍ର, ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଏକାଡେମୀର ସଚିବ ପ୍ରବୋଧ କୁମାର ରାଉତ, ଉପସଭାପତି ଡ. ସଂଗ୍ରାମ ଜେନା, ସଦସ୍ୟା ଡ. ସୁନୀତି ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଗଜପତି : ଏ କିଙ୍ଗ୍ ୱିଦାଉଟ୍ ଏ କିଙ୍ଗଡମ୍' ପୁସ୍ତକ ଲୋକାର୍ପିତ



ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)

ବରିଷ୍ଠ ଅର୍ଥନୀତିଜ୍ଞ ଅଶୋକ କୁମାର ବଳଙ୍କ ଲିଖିତ ପୁସ୍ତକ 'ଗଜପତି : ଏ କିଙ୍ଗ୍ ୱିଦାଉଟ୍‌ଏ କିଙ୍ଗ୍‌ଡମ୍' ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜୁତି ବିସ୍ତାର କରିଥିବା ଗଙ୍ଗବଂଶ ରାଜା କପିଳେନ୍ଦ୍ର ଦେବଙ୍କଠୁ ଆରମ୍ଭ କରି ଚୋଡ଼ଗଙ୍ଗଦେବଙ୍କ ପର୍ଯ୍ୟନ୍ତ ମହାରାଜାମାନେ କେବେହେଲେ ନିଜକୁ ରାଜା ବୋଲି କହୁ ନ ଥିଲେ, ବରଂ ରାଜ୍ୟକୁ ପୁରୁଷୋତମ ରାଜ୍ୟ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରାଜାର ମାନ୍ୟତା ଦେଇଥିଲେ। ଓଡିଶା ଏବଂ ଓଡିଆ ସଂସ୍କୃତି ବିଶେଷକରି ଗଜପତି ମହାରାଜଙ୍କ ଏହି ସଂସ୍କୃତି, ପରମ୍ପରା ଓ ଇତିହାସକୁ ଆଧାର କରି ଲେଖାଯାଇଥିବା ଏହି ପୁସ୍ତକରେ ଗଜପତି କପିଳେନ୍ଦ୍ରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଗଜପତିଙ୍କ ବିଷୟରେ ଗବେଷଣା ତଥା ତଥ୍ୟ ଭିତ୍ତିକ ଲେଖା ସ୍ଥାନ ପାଇଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଓ ପ୍ରଭୁଙ୍କ ମୁଖ୍ୟ ସେବକ ଗଜପତି ମହାରାଜାଙ୍କ ସମ୍ପର୍କରେ ବହୁ ନୂତନ ତଥ୍ୟ ମଧ୍ୟ ଉଲ୍ଲେଖ ହୋଇଛି। ଓଡିଶା ଇତିହାସ ସମ୍ପର୍କରେ ଜାଣିବା ଲାଗି ପାଠକପାଠିକାଙ୍କ ପାଇଁ ଏହି ପୁସ୍ତକଟି ବହୁ ଉପାଦେୟ ହେବ। ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗବେଷଣାଲବ୍ଧ ତଥ୍ୟରୁ ଇଂଲିଶ ଭାଷାରେ ଲିଖିତ ଏହି ପୁସ୍ତକ ଆଗାମୀ ଦିନରେ ଓଡିଆ ଏବଂ ହିନ୍ଦୀ ଭାଷାରେ ପ୍ରକାଶ ପାଇବ ବୋଲି ଲେଖକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଖକ ହରପ୍ରସାଦ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ଡ. ଯତୀନ ନାୟକ, ଅଧ୍ୟାପକ ଡ. ସଞ୍ଜୟ ଆଚାର୍ଯ୍ୟ ଏବଂ ଶିକ୍ଷାବିତ୍ ପ୍ରୀତିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଲୋକ ଅଦାଲତରେ ୮୧ ମାମଲା ଫଇସଲା

କଟକ ଅଫିସ,୧୯।୧୨

ଓଡ଼ିଶା ହାଇକୋର୍ଟ ଆଇନ ସେବା କମିଟି ଆନୁକୂଲ୍ୟରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ହାଇକୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮୧ଟି ମାମଲାର ଫଇସଲା କରାଯାଇ ପୁରସ୍କାର ଓ କ୍ଷତିପୂରଣ ବାବଦକୁ ୩ କୋଟି ୮୯ ଲକ୍ଷ ୧୨ ହଜାର ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ପରାମର୍ଶଦାତା ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଳୀଧର, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଯଶୱନ୍ତ ସିଂ, କମିଟି ଅଧ୍ୟକ୍ଷ ଜଷ୍ଟିସ ସି.ଆର. ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ଜଷ୍ଟିସ ଏସ.କେ. ସାହୁ, ଏସ୍.କେ. ପାଣିଗ୍ରାହୀ, ଆର୍.କେ. ପଟ୍ଟନାୟକ, ଶଶିକାନ୍ତ ମିଶ୍ର ଓ ଜଷ୍ଟିସ ଏ.କେ. ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମାମଲାର ଶୁଣାଣି କରିଥିଲେ। ଏଥିରେ ଜେନେରାଲ ଇନ୍‌ସ୍ୟୁରାନ୍ସ, ନ୍ୟାଶନାଲ ଇନସ୍ୟୁରାନ୍ସ, ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ, ଓରିଏଣ୍ଟାଲ ଇନସ୍ୟୁରାନ୍ସ, ୟୁନାଇଟେଡ ଇନ୍‌ସ୍ୟୁରାନ୍ସ ସମେତ କେତେକ ଘରୋଇ ବୀମା କମ୍ପାନୀ ଅଧିକାରୀ ଉପସ୍ଥିତ ଥିଲେ।




ଭୁବନେଶ୍ୱର ବୁଦ୍ଧମନ୍ଦିର ପରିସରରେ ରବିବାର ଆଶ୍ରା କ୍ଲବର ବିଂଶତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିମାନେ କବି ନରେନ୍ଦ୍ର ନାଥ ଦାଶଙ୍କ ରଚିତ ଗୀତିକବିତା ପୁସ୍ତକ 'ପ୍ରୀତି ପ୍ରମୋଦିନୀ'କୁ ଲୋକାର୍ପଣ କରୁଛନ୍ତି।




ନିମାପଡ଼ା ଆଦର୍ଶ କଲ୍‌ଚରାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁକଳା ପ୍ରତିଯୋଗିତା ସମାରୋହ ଓ ଚିତ୍ରାଙ୍କନ ପ୍ରଦର୍ଶନୀରେ ଭାଗ ନେଇଥିବା ପିଲାମାନେ।



ପୁରୀ ସୁରଜ ମଲ୍ଲ ଶାହା କଲେଜ ଆନୁକୂଲ୍ୟରେ ବାରବାଟୀଜାଗା କଲ୍ୟାଣମଣ୍ଡପରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।




୧୯.୧୨.୨୦୨୧

| | |
|---|---|
| ୯,୮୦,୪୯୪ ଟଙ୍କା | |
| ସୁନା | ୪୫୦ ମିଲିଗ୍ରାମ |
| ରୁପା | ୧୦.୫୦୦ ଗ୍ରାମ |

## ସଂକ୍ଷେପରେ

### ରାମଚରିତ ମାନସ ରୌପ୍ୟ ଜୟନ୍ତୀ

ବଲଙ୍ଗା, ୧୯।୧୨(ଡି ଏନ.ଏ) ରାମଚରିତ ମାନସର ୨୫ତମ ରୌପ୍ୟ ଜୟନ୍ତୀ ବାର୍ଷିକ ଅଧିବେଶନ ବକ୍ରେଶ୍ୱର ଦେବ ମେଳଣ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୯ଦିନ ବ୍ୟାପି ଯଜ୍ଞ, ପୂଜା, ହୋମ, ରାମାୟଣ ପଠନ, ନାମ ସଂକୀର୍ତ୍ତନ ଏବଂ ପ୍ରବଚନ ଆଦି ଅନୁଷ୍ଠିତ ହୋଇଥିଲା। ରବିବାର ଗୋଧୂଳି ଲଗ୍ନରେ ପୂର୍ଣ୍ଣାହୁତି ଓ ଚରୁ ପ୍ରସାଦ ସେବନ କରାଯାଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ମିଶ୍ର, ବସନ୍ତ ଦାସ, ଅଯୋଧ୍ୟା ନାଥ ଦାଶ, ବିଶ୍ୱନାଥ ଦାଶ, ଶେଷଦେବ ରଥ ପ୍ରମୁଖଙ୍କ ଦ୍ୱାରା ଯଜ୍ଞ ଓ ପୂଜାର୍ଚ୍ଚନା ସମ୍ପୂର୍ଣ୍ଣ ହୋଇଛି। ସାଧୁ, ସନ୍ଥ, ବିଭିନ୍ନ ସ୍ଥାନର ମଠାଧୀଶ ସ୍ୱକଲ୍ୟାଣ ନିମନ୍ତେ ପ୍ରାର୍ଥନା କରିଥିଲେ। ରାମ ଦୟା ପରିଷଦ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ବିଶ୍ୱ ଶାନ୍ତି ଗୀତା ମହାଯଜ୍ଞ

ବଲଙ୍ଗା,୧୯।୧୨(ଡି.ଏନ୍.ଏ.): ବଲଙ୍ଗା ଥାନା ଅଧୀନ ଅଲାରପୁର ଗ୍ରାମରେ ପରମେଶ୍ୱର ଧାମ ସେବା ସଂସ୍ଥାନର ବାର୍ଷିକ ବିଶ୍ୱ ଶାନ୍ତି ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଧାର୍ମିକ ଉତ୍ସବ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର୍ ଆସୋସିଏଶନ ସଭାପତି ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଏମ୍ପି ଡ. ପ୍ରସନ୍ନ ପାଟଶାଣୀ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଅମ୍ବୁଜ ମୋହନ ଦାଶ, ମୂରଲୀଧର ପ୍ରଧାନ, କଣାସ ବଡ଼ ଓ ସାନ ମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସ, ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବ୍ରାହ୍ମଣ, ପଣ୍ଡିତ, ଖବରଦାତା ରାଜକିଶୋର ଦାଶ, ମାନସ ରଞ୍ଜନ ଦାଶ, ରଜତ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍ଥାର ମୁଖ୍ୟ ମହାମଣ୍ଡଳେଶ୍ୱର ମହନ୍ତ ଗୋବିନ୍ଦ ଦାଶଙ୍କ ସମ୍ପାଦନାରେ ମୁଖପତ୍ର ଅଲାରାଣୀ ଉନ୍ମୋଚିତ ହୋଇଥିଲା।

### ୧୯୯୪ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ପିପିଲି, ୧୯।୧୨ (ଡି.ଏନ୍.ଏ): ତେଇଶିପୁର ହାଇସ୍କୁଲର ୧୯୯୪ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସତ୍ୟବାଦୀସ୍ଥିତ ସିଦ୍ଧବକୁଳ ବନ ନିକଟ ବକୁଳବାଟିକାରେ ଅନୁଷ୍ଠିତ ହୋଇଯାଇଛି। ୭୦ରୁ ଊର୍ଦ୍ଧ୍ୱ ସାଙ୍ଗସାଥି ବିଦ୍ୟାଳୟ ଜୀବନର ସ୍ମୃତିକୁ ମନେ ପକାଇଥିଲେ। ଦିବଂଗତ ସାଥିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାହ୍ନୁ ଚରଣ ସେନାପତି, ପ୍ରଶାନ୍ତ ପରିଡ଼ା, କୈଳାଶ ପାତ୍ର, ଜିତେନ୍ଦ୍ର ରଥ, ମନୋରଞ୍ଜନ ପାହାଡ଼ସିଂହ, ବିଜୟ ମହାପାତ୍ର, ପ୍ରସନ୍ନ ପରିଡ଼ା, ରଶ୍ମିରଞ୍ଜନ ଦାଶ, ପ୍ରଶାନ୍ତ ଦାଶ, ନିହାର ରଞ୍ଜନ ରାୟ, ସୂର୍ଯ୍ୟ ନାରାୟଣ ଦାଶ, ରବି ନାରାୟଣ ପଣ୍ଡା, ଶକୁନ୍ତଳା ମହାପାତ୍ର, ତୁଳସୀ ସାହୁ, ସଞ୍ଜୁକ୍ତା ମହାପାତ୍ର, ସଚଳା ବେହେରା, ମିନାରାଣୀ ସାହୁ, ସୁଷମା ନାୟକ, ସୁଶିଳା ନାୟକ, ସଞ୍ଜୁକ୍ତା ଦାଶ, ପ୍ରତିମା ରଥ ପ୍ରମୁଖ ଯୋଗଦେଇଥିଲେ।

# ଚିକିତ୍ସା ରାଶି ତାଲିକା ପରିବର୍ତ୍ତନ କରାଯାଉ




ଓଡ଼ିଶା ଘରୋଇ ଡାକ୍ତରଖାନା ସଂଘର ଦଶମ ବାର୍ଷିକ ଅଧିବେଶନରେ ମଞ୍ଚାସୀନ ଅତିଥି।

## ଦାବି କଲା ଘରୋଇ ଡାକ୍ତରଖାନା ସଂଘ

ପୁରୀ ଅଫିସ,୧୯।୧୨

ଘରୋଇ ଡାକ୍ତରଖାନାଗୁଡ଼ିକର ବିନା ସହଯୋଗରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଫଳ ରୂପାୟନ ସମ୍ଭବପର ନୁହେଁ। ରାଜ୍ୟ ସରକାର ଘରୋଇ ଡାକ୍ତରଖାନାଗୁଡ଼ିକ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବହୁ ବକେୟା ରାଶି ଘରୋଇ ଡାକ୍ତରଖାନାଗୁଡ଼ିକୁ ମିଳିବା ବାକି ଅଛି। ସରକାରୀ ଗାଇଡଲାଇନ ଅନୁଯାୟୀ ହିତାଧିକାରୀଙ୍କୁ ଘରୋଇ ଡାକ୍ତରଖାନା ପକ୍ଷରୁ ସବୁ ପ୍ରକାର ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଉଥିଲେ ମଧ୍ୟ ସରକାରଙ୍କ ପାଖରେ ଅର୍ଥ ପଡ଼ିରହୁଛି। ଏହି ଅର୍ଥ ବୋଝ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ରବିବାର ଅନୁଷ୍ଠିତ ଓଡ଼ିଶା ଘରୋଇ ଡାକ୍ତରଖାନା ସଂଘର ଦଶମ ବାର୍ଷିକ ଅଧିବେଶନରେ ମତ ପ୍ରକାଶ ପାଇଛି। ସେହିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଥିବା ରେଫରାଲ୍ ବ୍ୟବସ୍ଥା ପରିବର୍ତ୍ତନ ଲାଗି ସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯିବ, ଯାହାଦ୍ୱାରା ଅଧିକରୁ ଅଧିକ ହିତାଧିକାରୀ ଚିକିତ୍ସା ସେବା ପାଇପାରିବେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନେକ ସାଧାରଣ ରୋଗ ଅନ୍ତର୍ଭୁକ୍ତ ହୋଇନାହିଁ। ଅନେକ ରୋଗର ଚିକିତ୍ସା ପାଇଁ ସ୍ୱଳ୍ପ ପରିମାଣର ଚିକିତ୍ସା ରାଶି ରହିଛି, ଯେଉଁଥିରେ ସଂପୃକ୍ତ ରୋଗର ଚିକିତ୍ସା କରିବା କଷ୍ଟସାଧ୍ୟ। ଯେପରି କି, ଏକ ଶିଶୁ ପ୍ରସବ ପାଇଁ ଘରୋଇ ଡାକ୍ତରଖାନାକୁ ମିଳୁଥିବା ୧୫ ହଜାର ଟଙ୍କାରେ ଚିକିତ୍ସା କରିବା କଷ୍ଟ। ଏହି ଦର ତାଲିକା ସଂଶୋଧନ ହେବା ସହ ଅନେକ ରୋଗକୁ ତାଲିକାରେ ସାମିଲ କରାଯାଉ। ଘରୋଇ ଡାକ୍ତରଖାନା ସଂଘର ସଦସ୍ୟମାନେ ଏଭଳି ପ୍ରସ୍ତାବ ଉପରେ ଏକମତ ହୋଇଥିବାବେଳେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଭାରତୀୟ ମେଡିକାଲ ସଂଘର ଓଡ଼ିଶା ଶାଖା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅଜୟ କୁମାର ମିଶ୍ର, କୃପାସିନ୍ଧୁ ପଣ୍ଡା, ସୁବ୍ରତ ଜେନା, ରାଜେଶ ମିଶ୍ର, ନିବେଦିତା ପାଣି ଏବଂ ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ।



କଟକ ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ମହାନଦୀ ଉତ୍ସବର ରବିବାର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟ ମଣ୍ଡଳ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀନୃତ୍ୟ ପରିବେଷଣ କରୁଛନ୍ତି।

## 'ଅହମିକା, ଭ୍ରାନ୍ତ ଧାରଣାରୁ ଦୂରେଇଲେ ଶାନ୍ତି ମିଳିବ'

ପୁରୀ ଅଫିସ, ୧୯।୧୨

ବୌଦ୍ଧିକ ଅନୁଷ୍ଠାନ ବୈଧିଚକ୍ରର ମାସିକ ପାଠଚକ୍ର ରବିବାର ପୁରୀ ଗାନ୍ଧୀପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଇଂ. ଗିରିଜା ଶଙ୍କର ପାଢୀ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଉତ୍କଳ ବିଦ୍ୱତ ପରିଷଦର ସଭାପତି ମନୋଜ ରଥ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସତ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ 'ପାରିବାରିକ ଜୀବନରେ ଶାନ୍ତି' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ରମାବଲ୍ଲଭ ମହାପାତ୍ର କହିଥିଲେ, ଅନ୍ୟକୁ ଦୁଃଖ ଦେଇ କୌଣସି ବ୍ୟକ୍ତି ସୁଖ ପାଇ ନ ଥାଏ। ଜୀବନରେ ଶାନ୍ତି ପାଇବାକୁ ହେଲେ ସମସ୍ତ ପ୍ରକାରର ତୃଷ୍ଣା, ଅହମିକା ଓ ଭ୍ରାନ୍ତ ଧାରଣାରୁ ନିଜକୁ ଦୂରେଇ ରଖିବାକୁ ପଡ଼ିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପାସକ ଉମେଶ ଚନ୍ଦ୍ର ଦାଶ ବୁଦ୍ଧ ବନ୍ଦନା ଗାନ କରିଥିଲେ। ବାସୁଦେବ ସାହୁ, ବିଚିତ୍ର ରଞ୍ଜନ ମହାପାତ୍ର, ଦୟାନିଧି ପଣ୍ଡା, ସାରଙ୍ଗଧର ଷଡ଼ଙ୍ଗୀ ଏବଂ ବିଶ୍ୱନାଥ ମିଶ୍ର ପ୍ରମୁଖ ଯୋଗଦେଇ ବୈଦ୍ଧ ଦର୍ଶନର ଅନୁଶୀଳତା ଓ ଶୀଳଯୁକ୍ତ ଜୀବନଚର୍ଯ୍ୟା ଉପରେ ଗୁରୁତ୍ୱାରୋପ କରିଥିଲେ। କୋଷାଧ୍ୟକ୍ଷ ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

## 'ଅହଂକାର ମୁକ୍ତ, ଶୃଙ୍ଖଳିତ ହୁଅ'

### ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପିତ

ପୁରୀ ଅଫିସ, ୧୯।୧୨

ଶିକ୍ଷା, ସାହିତ୍ୟ, କଳା, ସଂସ୍କୃତି, ଧର୍ମ, ଐତିହ୍ୟରେ ଉତ୍କୃଷ୍ଟ ଉତ୍କଳ ପରି ତୁମେମାନେ ଉତ୍କୃଷ୍ଟ ଓ ଶ୍ରେଷ୍ଠ ହୁଅ। ଜଳ, ଅଗ୍ନି, ବାୟୁ, ଭୂମି ଓ ଆକାଶ ପରି ଅଂହକାରମୁକ୍ତ ଓ ଶୃଙ୍ଖଳିତ ହେବା ସହ ଶିକ୍ଷାକୁ ମନ୍ତ୍ର ଭାବେ ଗ୍ରହଣ କର। ଈଶ୍ୱର, ମାତାପିତା, ଧର୍ମ ଓ ଗୁରୁଙ୍କୁ ଭଲ ପାଇବା ସହ ସମର୍ପିତ ହୁଅ। ତେବେ ତୁମେ ଭଲ ମଣିଷ ହୋଇପାରିବ ବୋଲି ରବିବାର ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି ଆହ୍ୱାନ ଦେଇଛନ୍ତି। ବିଶ୍ୱମ୍ଭର ବିଦ୍ୟାପୀଠ ଆଲୁମନି ଟ୍ରଷ୍ଟ ଆନୁକୁଲ୍ୟରେ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଆୟୋଜିତ ୭୫ତମ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦୃଢ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ସମ୍ପନ୍ନ ହେବାକୁ ପରାମର୍ଶ ଦେଇଥିଲେ। କଥାକାର ବଦ୍ରି ମିଶ୍ରଙ୍କ ସଂଯୋଜନାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ଅଧିବକ୍ତା ବିଭୂ ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର ହୋତା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ ମହାନ୍ତିଙ୍କ ସମେତ ଟ୍ରଷ୍ଟ ସଭାପତି ଟି.ବାନାମ୍ବର ପାତ୍ର, ପ୍ରଧାନ ଶିକ୍ଷକ ସୁଶିଲ କୁମାର ବ୍ରହ୍ମା ଏବଂ ସମ୍ପାଦକ ସୌମେନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ପଦ୍ମନାଭ ଦାଶ, ସ୍ୱର୍ଗତ ଦିବାକର ତ୍ରିପାଠୀ, ରଘୁନାଥ ମହାପାତ୍ର, ପୂର୍ବତନ ଶିକ୍ଷକ ବସନ୍ତ କୁମାର ମିଶ୍ର ଚନ୍ଦ୍ରଶେଖର ପାଣି, ଗୋପିନାଥ ଦାଶ, ଶ୍ରେଷ୍ଠ ପୁରାତନ ଛାତ୍ର ଭାବେ ଶରତ କୁମାର ଦାଶ ଏବଂ ସତ୍ୟବାଦୀ ମିଶ୍ରଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ମହାପାତ୍ର, ବିଶ୍ୱନାଥ ମିଶ୍ର, ତନ୍ମୟ ଚାଟାର୍ଜୀ, ଶ୍ୟାମ ପ୍ରକାଶ ସେନାପତି, ବିଜୟ ମହାପାତ୍ର, ମଧୁସୂଦନ ମିଶ୍ର, ନାରାୟଣ ଦାଶ, ଅରବିନ୍ଦ ଦାଶ, ଦେବାଶିଷ ମିଶ୍ର, ସଚ୍ଚିନନ୍ଦନ ଦାସ, ସନ୍ତୋଷ ପାତ୍ର, ସଞ୍ଜୀବ ରଥଶର୍ମା ପ୍ରମୁଖ ପରିଚାଳନା କରିଥିଲେ। ଟ୍ରଷ୍ଟ ଉପସଭାପତି ରବିନ୍ଦ୍ର ନାଥ ସେନାପତି ଧନ୍ୟବାଦ ଦେଇଥିଲେ। ସେହିଭଳି ୨୦୦୨ ଆଲୁମିନି ପକ୍ଷରୁ ସ୍ୱାଧୀନ କୁମାର ପଣ୍ଡା ମୋ ସ୍କୁଲ ଯୋଜନାକୁ ୫୧ ହଜାର ଟଙ୍କା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ନାଟକ, ସଙ୍ଗୀତ, ମାଲଖମ୍ବ, ସାହିଯାତ, ଲୋକନୃତ୍ୟ ପରିବେଷଣ କରିଥିଲେ।

## ଭ୍ୟାନିଟ ଲୁଟ୍ ଉଦ୍ୟମ, ୨ ଯୁବକ ଧରାପଡ଼ିଲେ

ଗୋପ,୧୯।୧୨(ଡି.ଏନ୍.ଏ.)

ଗୋପ–ନିମାପଡ଼ା ରାସ୍ତାର ବିଶରପୁର ନିକଟରେ ଏକ ଅଟୋରେ ବସିଥିବା ଜଣେ ମହିଳାଙ୍କ ଭ୍ୟାନିଟ ଲୁଟ୍ ଉଦ୍ୟମ ଘଟଣାରେ ଗୋପ ଥାନା ପୋଲିସ ରବିବାର ୨ଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ଶିଶୋ ଗ୍ରାମର ଜଣେ ମହିଳା ଝିଅର ହଷ୍ଟେଲ ଆଡ୍‌ମିଶନ ଲାଗି ଅଟୋରେ ନିମାପଡ଼ା ଯାଉଥିଲେ। ବିଶରପୁର ନିକଟରେ ୩ଜଣ ଯୁବକ ଏକ ବାଇକ୍‌ରେ ଆସି ମହିଳାଙ୍କ ଭ୍ୟାନିଟ ବ୍ୟାଗ ଛଡାଇ ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଅଟୋ ଚାଳକ ଅଭିଯୁକ୍ତଙ୍କ ବାଇକକୁ ଧକ୍କା ଦେଇଥିଲେ। ଫଳରେ ଅଭିଯୁକ୍ତମାନେ ରାସ୍ତାରେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଦୁଇ ଅଭିଯୁକ୍ତଙ୍କୁ କାବୁ କରିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଖବରପାଇ ପୋଲିସ ପହଞ୍ଚି ୨ଅଭିଯୁକ୍ତଙ୍କୁ ଥାନାକୁ ନେଇଥିଲା। ଖୁବଶୀଘ୍ର ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି।

## ଶ୍ରୀଜଗନ୍ନାଥ ସେନା ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର

ପୁରୀ ଅଫିସ, ୧୯।୧୨

ଓମିକ୍ରନ୍ ଓ ଡେଲଟା କରୋନା ସଂକ୍ରମଣ ରୋକିବା ନେଇ ରବିବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ମହାମାରୀ କରୋନା ନୂଆ ରୂପରେ ବିଶ୍ୱରେ କାୟା ବିସ୍ତାର କରିବାରେ ଲାଗିଲାଣି। ତେଣୁ ବେଳ ଥାଉ ଥାଉ ଜନସାଧାରଣଙ୍କୁ ସଚେତନ ଓ ସତର୍କ କରିବା ଆବଶ୍ୟକ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆଗକୁ ଓମିକ୍ରନ୍ ଓ ଡେଲ୍‌ଟା ଭାଇରସ୍‌ର ମିଳନରେ ଏକ ନୂତନ ଭାରିଆଣ୍ଟ ସୃଷ୍ଟି ହେବ। ଏହା କ୍ଷୀପ୍ର ଗତିରେ ସଂକ୍ରମଣ କରିବ। ତେଣୁ ଏହାକୁ ରୋକିବା ଦିଗରେ ଜନସାଧାରଣଙ୍କୁ ସଚେତନ ଓ ସତର୍କ କରାଇବା ପାଇଁ ସରକାରଙ୍କୁ ରାଜ୍ୟପାଳ ନିର୍ଦ୍ଦେଶ ଦେବାକୁ ଶ୍ରୀଜଗନ୍ନାଥ ସେବା ପକ୍ଷରୁ ନିବେଦନ କରାଯାଇଛି। ସଚେତନତା ରଥ ପରିକ୍ରମା କରାଯିବା ସହ ମାସ୍କ ପରିଧାନ ବାଧ୍ୟତା ମୂଳକ କରାଯାଉ ବୋଲି ଶ୍ରୀଜଗନ୍ନାଥ ସେନା ଦାବି କରିଛି। ସେହିପରି ମାର୍କେଟ ଅଞ୍ଚଳର ଜନଗହଳି ରୋକାଯାଉ, ଆଂଶିକ ଭାବେ ଶଟଡାଉନ କରାଯିବା ସହ ବାହାର ଦେଶରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଉ ବୋଲି ଦାବି କରାଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ବିଶ୍ୱପ୍ରକାଶ



@ ଶିଳ୍ପା



@ ରାଜଶ୍ରୀ



@ ତୁଷାର



@ ବିକାଶ

## ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ

କଟକ ଅଫିସ,୧୯।୧୨

କଟକସ୍ଥିତ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ରବିବାର ହାଇକୋର୍ଟ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମ ବିଭୁଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ବିଶିଷ୍ଟ ଚିତ୍ରକର ରବିନାରାୟଣ ରଥଙ୍କ ସମେତ ଅନ୍ୟ ବିଚାରପତି ଉପସ୍ଥିତ ଥିଲେ। ଏହି ଅବସରରେ ଜୁଡିସିଆଲ କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ଏହି କ୍ୟାଲେଣ୍ଡରରେ ରାଜ୍ୟର ବଛାବଛା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଦ୍ୱାରା ପରିବାର ଶୀର୍ଷକ ଚିତ୍ରାଙ୍କନ ସ୍ଥାନ ପାଇଛି। ଜଷ୍ଟିସ ଏସ୍.କେ. ସାହୁ ସ୍ୱାଗତ ଭାଷଣ ଓ ଜଷ୍ଟିସ ଶଶୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଗତ ନଭେମ୍ବର ୧୪ ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲା ଓ ପରିବାର ଅଦାଲତ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ସପ୍ତମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରତି ଜିଲାରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାବେ ଛାତ୍ରୀଛାତ୍ରୀଙ୍କୁ ଚୟନ କରାଯାଇଥିଲା। ପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମୋଟ୍ ୧୨ଟି ଚିତ୍ରକୁ ଚୟନ କରାଯାଇ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଛି।




ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଲୱେ ହାଇସ୍କୁଲ ପୁରାତନ ଛାତ୍ର ସଂସଦ (ରୋଜା)ର ୧୪ତମ ବାର୍ଷିକ ଉତ୍ସବରେ ରବିବାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।



ବଡ଼ଦିନର ଅବ୍ୟବହିତ ପୂର୍ବରୁ କଟକ ସୁତାହାଟ ଅଞ୍ଚଳର ବେକେରି କାରଖାନାରେ କେକ୍ ପ୍ରସ୍ତୁତ କରାଯାଉଛି।



ପୁରୀସ୍ଥିତ ବିଶ୍ୱମ୍ଭର ବିଦ୍ୟାପୀଠର ୭୫ତମ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବ ଫଳକ ଉନ୍ମୋଚନ କରୁଛନ୍ତି।

**ସଂକ୍ଷେପରେ**

## ସଂଘବଦ୍ଧ ଆକ୍ରମଣ: ଜେଲ ଗଲେ ୨ ଅଭିଯୁକ୍ତ

**ଗୋପ,୧୯।୧୨(ଡି.ଏନ୍.ଏ.):** ଅନାବାଦି ଜମି ଜବରଦଖଲକୁ ନେଇ ଶନିବାର ଅପରାହ୍ନରେ ଗୋପ ଥାନା ଅନ୍ତର୍ଗତ ଗିରିମା ଗ୍ରାମର ପଞ୍ଚୁ ମଲ୍ଲିକଙ୍କ ପରିବାର ଉପରେ ଅନ୍ୟ ଏକ ପରିବାରର ସଦସ୍ୟମାନେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଅଭିଯୁକ୍ତମାନେ ଧାରୁଆ ଅସ୍ତ୍ରରେ ଆଖି ତାଡିବାକୁ ଉଦ୍ୟମ କରିବା ସହ ଠେଙ୍ଗାରେ ମାଡ଼ ମାରିଥିଲେ। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୫୯୨, ୫୯୩/୨୧)ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ହେଲେ ସୁକାନ୍ତ ମଲ୍ଲିକ ଓ ହେମନ୍ତ ମଲ୍ଲିକ। ଜାମିନ ନାମଞ୍ଜୁର ପରେ ଏମାନଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନାଥାଉ କି, ସରକାରୀ ଅନାବାଦି ଜମିକୁ ନେଇ କିଛି ବର୍ଷ ହେବ ପଞ୍ଚୁ ଏବଂ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି ଜମିକୁ ନେଇ ମଧ କୋର୍ଟରେ ମୋକଦ୍ଦମା ଚାଲିଥିଲା। ଶନିବାର ହଠାତ୍ ଅଭିଯୁକ୍ତମାନେ ପଞ୍ଚୁ, ସାଧୁ, ବିଜୁ, ଜୟନ୍ତୀ ଓ କୁନି ମଲ୍ଲିକଙ୍କୁ ତଳେ ପକାଇ ମାଡ଼ ମାରିଥିଲେ। ଏପରିକି ଅଭିଯୁକ୍ତମାନେ ପଞ୍ଚଙ୍କ ଆଖି ତାଡ଼ି ଦେବାକୁ ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ୩ ଜଣ ଗୁରୁତରଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରରକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି।

## ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ

**ନିମାପଡ଼ା,୧୯।୧୨(ଡି.ଏନ୍.ଏ.):** ନିମାପଡ଼ା କଲେଜ ୧୯୮୨ ମସିହା ଗ୍ରାଜୁଏଶନ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ସମାରୋହ ରବିବାର କୋଣାର୍କ ନିକଟ ରାମଚଣ୍ଡୀ ଯୋଶେଫ୍ ଗାର୍ଡେନରେ ଅନୁଷ୍ଠିତ ହୋଇଯାଇଛି। ପର୍ଶୁରାମ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇବା ସହ ଭାବର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ବ୍ୟାଚର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ପର୍ଶୁରାମ ମହାପାତ୍ର ସଭାପତି ଓ ପରିଚାଳନା କମିଟିର ସଭ୍ୟଭାବେ ବିଚିତ୍ରାନନ୍ଦ ପାତ୍ର, ପ୍ରମୋଦ କୁମାର ରାୟ, ରଣଜିତ୍ ସାହୁ, ବୀଣାପାଣି ପଣ୍ଡା, ସୁବାସ ମହାନ୍ତି, ଭାଗ୍ୟଧର ପ୍ରଧାନ, ନିରଞ୍ଜନ ପଣ୍ଡା, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଜେଡିରେ ମିଶିଲେ ଶତାଧିକ କର୍ମୀ

**ପିପିଲି,୧୯।୧୨(ସ୍ୱ.ପ୍ର.):** ପିପିଲି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ଉପସ୍ଥିତିରେ କଂଗ୍ରେସ ଦଳର ପୂର୍ବତନ ଜିଲାପରିଷଦ ସଭ୍ୟ ସୁଶାନ୍ତ କୁମାର ମଲ୍ଲିକଙ୍କ ସମେତ ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ସାମିଲ ହୋଇଥିବା ସମସ୍ତ କର୍ମୀଙ୍କୁ ମନ୍ତ୍ରୀ ଦାଶ ଓ ବିଧାୟକ ମହାରଥୀ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୨୩ନଂ. ଜୋନ ପାଇଁ ସୁଶାନ୍ତ ବିଜେଡିର ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ହେଉଛି। ଏଥିସହ ସଂପୁର, ଦୁର୍ଗାଦାସପୁର, ମଙ୍ଗଳପୁର ପଞ୍ଚାୟତର ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡି ଦଳରେ ସାମିଲ ହୋଇଥିଲେ। ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ବିଜେଡିରେ ମିଶିଥିବା କର୍ମୀଙ୍କ ନାମ ଘୋଷଣା କରିଥିଲେ। ନାରାୟଣ ସ୍ୱାଇଁ, ସତ୍ୟଜିତ ରାୟଚୌଧୁରୀ, ଧରଣୀଧର ସାହୁ, କିଶୋର ଛୋଟରାୟ, ବିଶ୍ୱଜିତ ଦାଶ, ଯୁଧିଷ୍ଠିର ସ୍ୱାଇଁ, ଆର୍ତ୍ତବନ୍ଧୁ ସାମନ୍ତରାୟ, ଜ୍ୟୋସ୍ନାରାଣୀ ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

# ସମାଜ ଗଠନରେ ସହାୟକ ହୋଇଛି ପାଲା ସଂସ୍କୃତି

**ସାକ୍ଷୀଗୋପାଳ,୧୯।୧୨(ଡି.ଏନ୍.ଏ.)**



ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ୪ର୍ଥ ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ୪ର୍ଥ ବାର୍ଷିକ ସମ୍ମିଳନୀ ରବିବାର ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ପାଲା ସାହିତ୍ୟ, ସଂସ୍କୃତିର ବାର୍ତ୍ତାବହ ସାଜିଛି ବୋଲି କହିଥିଲେ। ପାଲାଗାୟକ ଓ ସହଯୋଗୀଙ୍କ ଦାବି, ପାଲାଗାୟକ ପରିଷଦ ଓ ସଂକୀର୍ତ୍ତନ ପରିଷଦ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ୧୦ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦେବାକୁ ବିଧାୟକ ସାମନ୍ତରାୟ ଘୋଷଣା କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହଲ୍ଲାଦ ଘଟୁଆରୀ, ପୁରୀ ଜିଲା ଅଖଣ୍ଡ ପାଲାଗାୟକ ପରିଷଦ ସଭାପତି ଲକ୍ଷ୍ମୀଧର ଦାସ, ରାଜ୍ୟ ସମ୍ପାଦକ ବସନ୍ତ ରାଉତ, ସତ୍ୟବାଦୀ ଉପଶାଖାର ପ୍ରତିଷ୍ଠାତା ସଭାପତି ଗବେଷକ ସଚ୍ଚିଦାନନ୍ଦ ମହାପାତ୍ର, ଉପଦେଷ୍ଟା ନିରଞ୍ଜନ ବାହିନୀପତି, ପ୍ରଭାତ କୁମାର ସାହୁ, ସୁନୀଲ କୁମାର ପଣ୍ଡା, ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ରାଉତରାୟ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ସମାଜ ଗଠନରେ ସହାୟକ ହୋଇଛି ବୋଲି କହିଥିଲେ। ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ବିବରଣୀ ପାଠ କରିଥିବା ବେଳେ ସଭାପତି ବିଶ୍ୱନାଥ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଜ୍ୟୋତିର୍ବିଦ ଦେବୀ ପ୍ରସାଦ ମହାପାତ୍ର ସଂଯୋଜନା, ବିଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସକାଳେ ଗୁରୁପୂଜନ ସହିତ ପାଲା ପରିବେଷଣ କରିଥିଲେ। ଏହି ଅବସରରେ ସାହିତ୍ୟ ସାଧକ, ସାମାଜିକ କର୍ମୀ ଓ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ଲାଷ୍ଟିକ ମୁକ୍ତ କୋଣାର୍କ ଗଠନ ପାଇଁ ଆହ୍ୱାନ

**କୋଣାର୍କ,୧୯।୧୨(ଡି.ଏନ୍.ଏ.)**

ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଗୋପ ଓ କୋଣାର୍କ ବନ ବିଭାଗର ମିଳିତ ସହଯୋଗରେ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଥିବା ନବଗ୍ରହ ପୀଠ ଓ ଚନ୍ଦ୍ରଭାଗା ବେଳାମାର୍ଗର ସାହୁଖଣତାଠାରୁ ତେଲୁଗୁ ବସ୍ତି ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇଥିଲେ। ସେବକ ସଭାପତି ଆଲୋକ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫ୍ରେଣ୍ଡସ କ୍ଲବର ସଭାପତି ରାମକୃଷ୍ଣ ମହାନ୍ତି, ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା, ସତ୍ୟସାଇ ସେବା ସଙ୍ଗଠନର ଆବାହକ ବାମଦେବ ଆଲୁକ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ କୋଣାର୍କ ଗଠନ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ବେଳାଭୂମିରେ ପଡିଥିବା ପ୍ଲାଷ୍ଟିକ ବୋତଲ, ପଲିଥିନ୍ ଓ ଆବର୍ଜନାକୁ ସେବକ କର୍ମୀମାନେ ସଫେଇ କରିଥିଲେ। ସୌମ୍ୟରଞ୍ଜନ ମହାପାତ୍ର, କ୍ଷେତ୍ର ମୋହନ ମହାନ୍ତି, ନୀଳମଣି ପ୍ରଧାନ, ସୁଜିତ ମୁଖୀ, ନିରଞ୍ଜନ ତ୍ରିପାଠୀ, ନିହାର ରଞ୍ଜନ ବାରିକ, କେଦାର ନାଥ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କାର୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ

**ପିପିଲି, ୧୯।୧୨(ଡି.ଏନ.ଏ/ସ୍ୱ.ପ୍ର.)**

ପୁରୀ-ଭୁବନେଶ୍ୱର ୩୧୬ନଂ. ଜାତୀୟ ରାଜପଥର ପିପିଲି ବାଇପାସ୍ ନିକଟରେ ରବିବାର ଏକ କାର୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିପିଲି ଏନ୍‌ଏସି ଅଧୀନ ବଣିଆ ସାହିର ବେଣୁଧର ନାୟକ (୫୫)। ଦୁର୍ଘଟଣା ଘଟାଇ କାର୍ ଡ୍ରାଇଭର ଖସି ପଳାଉଥିବାବେଳେ ତାଙ୍କୁ ଲୋକେ କାବୁ କରି ପୋଲିସ୍ ଜିମା ଦେଇଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ଏହି ସମୟରେ ପୁରୀ ଗସ୍ତ ସାରି ଭୁବନେଶ୍ୱର ଫେରୁଥିବା ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ପୋଲିସ କଡ଼ା ସୁରକ୍ଷା ବଳୟରେ ପିପିଲି ବଜାର ପାର୍ କରାଇଥିଲା।

ସୂଚନା ଅନୁଯାୟୀ, ଅପରାହ୍ନରେ ବେଣୁଧର ବିଲରୁ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ପୁରୀରୁ ଭୁବନେଶ୍ୱର ଯାଉଥିବା ଏକ କାର୍ (ଓଡି୦୨-ଏନ୍ ୬୦୮୩) ଷଣ୍ଢଭଟଠାରେ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ଜୀବନ ଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ କାରଟିକୁ ଜବତ କରିଛନ୍ତି। ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ପୋଲିସ ଅବହେଳା କରିଥିବା ଅଭିଯୋଗ ଆଣି ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିଲେ। ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।


ଦେବଦାସୀ ନୃତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ରବିବାର ଅନୁଷ୍ଠିତ 'ପ୍ରତ୍ୟାବର୍ତ୍ତନ'ରେ କଳାକାରମାନେ ବାଘ ନୃତ୍ୟ ପରିବେଷଣ କରୁଛନ୍ତି।

# ପୁରୀ ଚାମ୍ବର ଅଫ୍ କମର୍ସର ପ୍ଲେଜ୍ ନାଇଟ୍ କାର୍ଯ୍ୟକ୍ରମ

**ପୁରୀ ଅଫିସ, ୧୯।୧୨**

ପୁରୀ ଚାମ୍ବର ଅଫ୍ କମର୍ସର ପ୍ଲେଜ୍ ନାଇଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମ୍ବାଦ ସମ୍ପାଦକ ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗୀୟ ଫଟୋ ସାମ୍ବାଦିକ ଲୋକନାଥ ପାତ୍ରଙ୍କ ସହଧର୍ମିଣୀ ମମତା ପତିଙ୍କୁ ଅନୁଷ୍ଠାନ ପକ୍ଷରୁ ୫୦ହଜାର ଟଙ୍କା ରାଶି ପ୍ରଦାନ କରାଯିବା ସହ ବିଧାୟକ ପଟ୍ଟନାୟକ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ପୁରୀ ଚାମ୍ବର ଅଫ କମର୍ସର ସଭାପତି ବିଜୟ ପତି ପୁରୀର ଛୋଟ ଓ ବଡ ବ୍ୟବସାୟୀଙ୍କ ଅସୁବିଧା ସମ୍ପର୍କରେ ଅବଗତ କରାଇବା ସହ ଶ୍ରୀଜଗନ୍ନାଥ ମନ୍ଦିର ବନ୍ଦ ହେବା ଯୋଗୁ ବ୍ୟବସାୟୀମାନେ କ୍ଷତି ସହୁଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବୀ ପ୍ରସନ୍ନ ନନ୍ଦ, କିଶନ ଲାଲ ପଣ୍ଡା, ହେକ୍ଟର ମିଶ୍ର ଏବଂ ଅଜୟ ଅଗ୍ରୱାଲା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ସିଡିଏସ ଜେନରାଲ ବିପିନ୍ ରାୱତ ଏବଂ ୧୨ ଜଣ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଭକ୍ତ ଚରଣ ଦାସ ଧନ୍ୟବାଦ ଦେଇଥିଲେ।

# ମୋ କନ୍‌ଷ୍ଟିଚ୍ୟୁଏନ୍ସି ୱେବସାଇଟ୍ ଶୁଭାରମ୍ଭ

**ପିପିଲି,୧୯।୧୨(ସ୍ୱ.ପ୍ର.)**

ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ଦ୍ୱାରା ରବିବାର ମୋ କନଷ୍ଟିଚ୍ୟୁଏନ୍ସି ୱେବସାଇଟ୍‌ର ଶୁଭାରମ୍ଭ ହୋଇଛି। ବିଜେଡି କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମହାରଥୀ ଏହି ୱେବସାଇଟ୍ ମାଧ୍ୟମରେ ସାଧାରଣ ଲୋକେ ଅଭିଯୋଗ କରିବା ସହ ସମାଧାନ ପାଇପାରିବେ ବୋଲି କହିଥିଲେ। ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ କେଉଁ ସ୍ଥାନରେ କ'ଣ କାର୍ଯ୍ୟକାରୀ ହେଉଛି ତାହା ମଧ୍ୟ ଲୋକେ ଦେଖିପାରିବେ। ଇଂ.ପବିତ୍ର ପ୍ରଧାନ ଓ ସୂର୍ଯ୍ୟକାନ୍ତ ବିଶ୍ୱାସ ଏହି ୱେବସାଇଟ୍‌କୁ ତିଆରି କରିଥିବା କରିଛନ୍ତି।

# 'ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯାଉ'

**ପୁରୀ ଅଫିସ, ୧୯।୧୨**

**ଦେବ ସେନାର ପ୍ରାଦେଶିକ କାର୍ଯ୍ୟକାରିଣୀ ବୈଠକ**

ସର୍ବଭାରତୀୟ ହିନ୍ଦୁ ସଙ୍ଗଠନ ଦେବ ସେନାର ପ୍ରାଦେଶିକ କାର୍ଯ୍ୟକାରିଣୀ ବୈଠକ ରବିବାର ପୁରୀ ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ମଠାଧୀଶ ଡ. ବିଜୟ ନାରାୟଣ ରାମାନୁଜ ଦାସ ଉଦଘାଟନ କରିଥିଲେ। ଏଥିରେ ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଘେନୁରାମ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବ ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ବ୍ରିଜଭୂଷଣ ସୈନୀ ଯୋଗଦେଇ ୧୯୪୭ ମସିହା ଅଗଷ୍ଟ ୧୪ ମଧ୍ୟରାତ୍ରରେ ଭାରତ ବିଭାଜନ ହେବା ସମୟରୁ ହିନ୍ଦୁ ରାଷ୍ଟ୍ର ହୋଇସାରିଛି, ମାତ୍ର କେବଳ ସରକାରୀ ଘୋଷଣା ବାକି ରହିଛି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଜଗଜିତ୍ ଶର୍ମା, ଉତ୍ତରପ୍ରଦେଶର ସନ୍ଥ ପ୍ରକୋଷ୍ଠ ଅଧ୍ୟକ୍ଷ ଯୋଗେନ୍ଦ୍ର ଯୋଗୀ ଏବଂ ଅଜୟ କୌଶିକ ପ୍ରମୁଖ ଯୋଗଦେଇଥିଲେ। ଭାରତକୁ କେନ୍ଦ୍ର ସରକାର ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରନ୍ତୁ ବୋଲି ଦାବି କରାଯାଇଥିଲା। ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ଦୁଇଶହରୁ ଉର୍ଦ୍ଧ୍ୱ ପଦାଧିକାରୀ ଉପସ୍ଥିତ ଥିଲେ। ଦେବସେନାର ପୁରୀ ଜିଲା ସଭାପତି ନାରାୟଣ ଦାଶ, ରାଜ୍ୟ ପ୍ରମୁଖ ମହାସଚିବ ପ୍ରକାଶ ଚନ୍ଦ୍ର ମିଶ୍ର, ମହାସଚିବ ସତ୍ୟବ୍ରତ ସାମଲ, ସଙ୍ଗଠନ ସଚିବ ଶରତ ଚନ୍ଦ୍ର ପରିଡ଼ା, କୋଷାଧ୍ୟକ୍ଷ ଅଜିତ ପାଣିଗ୍ରାହୀ, ରଞ୍ଜନ ସାମନ୍ତସିଂହାର ଏବଂ ମନୋରଞ୍ଜନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଗଜପତି: ଏ କିଙ୍ଗ୍ ୱିଦାଉଟ୍ ଏ କିଙ୍ଗଡମ୍' ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ବରିଷ୍ଠ ଅର୍ଥନୀତିଜ୍ଞ ଅଶୋକ କୁମାର ବଳଙ୍କ ଲିଖିତ ପୁସ୍ତକ 'ଗଜପତି : ଏ କିଙ୍ଗ୍ ୱିଦାଉଟ୍ ଏ କିଙ୍ଗଡମ୍' ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ରାଜୁତି ବିସ୍ତାର କରିଥିବା ଗଙ୍ଗବଂଶ ରାଜା କପିଳେନ୍ଦ୍ର ଦେବଙ୍କଠୁ ଆରମ୍ଭ କରି ଚୋଡ଼ଗଙ୍ଗଦେବଙ୍କ ପର୍ଯ୍ୟନ୍ତ ମହାରାଜାମାନେ କେବେହେଲେ ନିଜକୁ ରାଜା ବୋଲି କହୁ ନ ଥିଲେ, ବରଂ ରାଜ୍ୟକୁ ପୁରୁଷୋତ୍ତମ ରାଜ୍ୟ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ରାଜାର ମାନ୍ୟତା ଦେଇଥିଲେ। ଓଡିଶା ଏବଂ ଓଡିଆ ସଂସ୍କୃତି ବିଶେଷକରି ଗଜପତି ମହାରାଜଙ୍କ ଏହି ସଂସ୍କୃତି, ପରମ୍ପରା ଓ ଇତିହାସକୁ ଆଧାର କରି ଲେଖାଯାଇଥିବା ଏହି ପୁସ୍ତକରେ ଗଜପତି କପିଳେନ୍ଦ୍ରଙ୍କଠାରୁ ଆରମ୍ଭ କରି ବର୍ତ୍ତମାନର ଗଜପତିଙ୍କ ବିଷୟରେ ଗବେଷଣା ତଥା ତଥ୍ୟ ଭିତ୍ତିକ ଲେଖା ସ୍ଥାନ ପାଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁଙ୍କ ମୁଖ୍ୟ ସେବକ ଗଜପତି ମହାରାଜାଙ୍କ ସମ୍ପର୍କରେ ବହୁ ନୂତନ ତଥ୍ୟ ମଧ୍ୟ ଉଲ୍ଲେଖ ହୋଇଛି। ଓଡିଶା ଇତିହାସ ସମ୍ପର୍କରେ ଜାଣିବା ଲାଗି ପାଠକପାଠିକାଙ୍କ ପାଇଁ ଏହି ପୁସ୍ତକଟି ବହୁ ଉପାଦେୟ ହେବ। ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗବେଷଣାଲବ୍ଧ ତଥ୍ୟରୁ ଇଂଲିଶ ଭାଷାରେ ଲିଖିତ ଏହି ପୁସ୍ତକ ଆଗାମୀ ଦିନରେ ଓଡିଆ ଏବଂ ହିନ୍ଦୀ ଭାଷାରେ ପ୍ରକାଶ ପାଇବ ବୋଲି ଲେଖକ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଲେଖକ ହରପ୍ରସାଦ ଦାଶ, ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂଲିଶ ପ୍ରଫେସର ଡ. ଯତୀନ ନାୟକ, ଅଧ୍ୟାପକ ଡ. ସଞ୍ଜୟ ଆଚାର୍ଯ୍ୟ ଏବଂ ଶିକ୍ଷାବିତ୍ ପ୍ରୀତିଶ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ମହାବିଦ୍ୟାଳୟସ୍ତରୀୟ କୁସ୍ତି ପ୍ରତିଯୋଗିତା

**ପୁରୀ ଅଫିସ,୧୯।୧୨**

ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୁରଜମଲ୍ଲ ଶାହା କଲେଜ ଆନୁକୁଲ୍ୟରେ ଆନ୍ତଃମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତା ବାରବାଟି ଯାଗା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୫୦ କେଜି ମହିଳା ବର୍ଗରେ ସୁରଜମଲ୍ଲ ଶାହା କଲେଜର ସୁପ୍ରିୟା ମହାପାତ୍ର ଏବଂ ୫୩ କେଜି ବର୍ଗରେ ଆଲୋକ ରଶ୍ମି ଗୁରୁ ପ୍ରଥମ ହୋଇଛନ୍ତି। ସେହିଭଳି ୬୧ କେଜି ପୁରୁଷ ବର୍ଗରେ ଜ୍ୟୋତି ଜୀବନ ଜେନା ଏବଂ ୬୫ କେଜି ବର୍ଗରେ ଅଭିଷେକ ସାହୁ ପ୍ରଥମ ହୋଇଛନ୍ତି। ଉଭୟ ପୁରୁଷ ଓ ମହିଳା ବର୍ଗରେ ୭୯, ୭୪, ୭୦, ୫୭ ଓଜନ ଶ୍ରେଣୀରେ ମଧ୍ୟ ପ୍ରତିଯୋଗୀ ଚୟନ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ କଲେଜର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାକୁ ଶ୍ୟାମସୁନ୍ଦର ମହାପାତ୍ର, କୃଷ୍ଣଚନ୍ଦ୍ର ଦାଶ, କୃଷ୍ଣମୋହନ ପାତ୍ର ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଚୟନ ହୋଇଥିବା ପ୍ରତିଯୋଗୀମାନେ ଚୌଧୁରୀ ଦେବୀଲାଲ ବିଶ୍ୱବିଦ୍ୟାଳୟ ଓ ହରିୟାଣା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେବେ।

# ରାଜ୍ୟସ୍ତରୀୟ ଶିଶୁକଳା ପ୍ରତିଯୋଗିତା ସମାରୋହ

**ନିମାପଡ଼ା,୧୯।୧୨(ଡି.ଏନ୍.ଏ.)**

**୫୦ ଶିଶୁ ଶିଳ୍ପୀ ପୁରସ୍କୃତ**

ନିମାପଡ଼ା ଆଦର୍ଶ କଲଚରାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରବିବାର ରାଜ୍ୟସ୍ତରୀୟ ଶିଶୁକଳା ପ୍ରତିଯୋଗିତା ସମାରୋହ ଓ ଚିତ୍ରାଙ୍କନ ପ୍ରଦର୍ଶନୀ ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଭୁବନେଶ୍ୱର କଳିଙ୍ଗ ଆର୍ଟ କଲେଜର ଅଧ୍ୟକ୍ଷ ତାରାକ୍ରାନ୍ତ ପରିଡ଼ା, ଓଡ଼ିଶା ଶିଳ୍ପୀ ମହାସଂଘର ଉପସଭାପତି ଶରତ କୁମାର ପ୍ରଧାନ, ଚିତ୍ରଶିଳ୍ପୀ ରବୀନ୍ଦ୍ର ବେହେରା, ପିପିଡବ୍ଲ୍ୟୁଓର ସଭାପତି ଗଗନ ବିହାରୀ ଦାଶ, ଲିଟିଲ ଷ୍ଟାର ଗ୍ରୁପର ସମ୍ପାଦକ ସୁମନ୍ତ ମହାରଣା, ଆଦର୍ଶ କଲଚରାଲ ଏଜୁକେଶନ ଟ୍ରଷ୍ଟର ସଭାପତି ମୁରଲୀଧର ବେହେରା, ପ୍ରଜ୍ଞା ପରିମିତା ପରିଡ଼ା, ଚିତ୍ରଶିଳ୍ପୀ ଶାରଦା ପ୍ରସନ୍ନ ବେହେରା ପ୍ରମୁଖ ଯୋଗଦେଇ ଶିଶୁ ଚିତ୍ରଶିଳ୍ପୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଜିଲାର ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ଶିଶୁଶିଳ୍ପୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନନ୍ୟା ପଟ୍ଟନାୟକ, ଅର୍‌ମାନ ସ୍ୱୟଂପ୍ରକାଶ, ଅନିନ୍ଦିତା ମହାରଣା, ଗୌରବ ଦାସ, ଅଖିଳେଶ ଦତ୍ତ, ସାଇଶ୍ରେଷ୍ଠା ଶତପଥୀଙ୍କ ସମେତ ୫୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗୀତ ଗୁରୁ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ସ୍ୱାଗତ ସଙ୍ଗୀତ ଓ ଶାସ୍ତ୍ରୀୟ ସଙ୍ଗୀତ ପରିବେଷିତ ହୋଇଥିଲା। ଉତ୍ସବ ସ୍ଥଳରେ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ସମାରୋହରେ ବହୁ ଚିତ୍ରଶିଳ୍ପୀ, ସଙ୍ଗୀତ କଳାପ୍ରେମୀ ଯୋଗଦେଇଥିଲେ।



ଭୁବନେଶ୍ୱର ବୁଦ୍ଧମନ୍ଦିର ପରିସରରେ ରବିବାର ଆଶ୍ରା କ୍ଲବର ବିଂଶତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିମାନେ କବି ନରେନ୍ଦ୍ର ନାଥ ଦାଶଙ୍କ ରଚିତ ଗୀତିକବିତା ପୁସ୍ତକ 'ପ୍ରୀତି ପ୍ରମୋଦିନୀ'କୁ ଲୋକାର୍ପଣ କରୁଛନ୍ତି।



ନିମାପଡ଼ା ଆଦର୍ଶ କଲ୍‌ଚରାଲ ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ରବିବାର ଆୟୋଜିତ ରାଜ୍ୟସ୍ତରୀୟ ଶିଶୁକଳା ପ୍ରତିଯୋଗିତା ସମାରୋହ ଓ ଚିତ୍ରାଙ୍କନ ପ୍ରଦର୍ଶନୀରେ ଭାଗ ନେଇଥିବା ପିଲାମାନେ।


ପୁରୀ ସୁରଜ ମଲ୍ଲ ଶାହା କଲେଜ ଆନୁକୂଲ୍ୟରେ ବାରବାଟୀଜାଗା କଲ୍ୟାଣମଣ୍ଡପରେ ଆୟୋଜିତ ଆନ୍ତଃମହାବିଦ୍ୟାଳୟ କୁସ୍ତି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।